

facebook.com/odishabhaskar
twitter.com/odishabhaskar
GET IT ON Google Play · Download on the App Store



# ଓଡ଼ିଶା ଭାସ୍କର

ODISHA BHASKAR

ଯାହା ଆପଣଙ୍କ କଥା କହେ


ଗ୍ରାମ୍ୟ ଅର୍ଥନୀତିକୁ ସୁଦୃଢ଼ କରୁଛି ମନରେଗା | ୬

ତନ୍ ୩ରେ ନଜର ଆସିବେ କିଆରା | ୮


RNI Regd. No.ORI ORI 2004/12956 Postal Regd. No. BN/294/21-232 Published Simultaneously from Bhubaneswar, Angul & Berhampur. www.odishabhaskar.com

ଏକବିଂଶତମ ବର୍ଷ ସଂଖ୍ୟା-୩୩୦ Vol. 21 No-330 28 FEBRUARY 2025 FRIDAY BHUBANESWAR ଶୁକ୍ରବାର, ୨୮ ଫେବୃଆରୀ ୨୦୨୫ ପୃଷ୍ଠା-୮ ମୂଲ୍ୟ: ୭.୦୦


## ସଂକ୍ଷେପରେ...

### ଜନଶୁଣାଣିରେ ୧୦୦୦ ଜଣଙ୍କୁ ପଞ୍ଜିକରଣ ଅନୁମତି

ଭୁବନେଶ୍ୱର, ୨୭।୨ (ଭାସ୍କର ନ୍ୟୁଜ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମାର୍ଚ୍ଚ ୩ ସୋମବାର ତାଙ୍କ ଅଭିଯୋଗ ପ୍ରକୋଷ୍ଠରେ ଅଭିଯୋଗର ଶୁଣାଣି କରିବେ। ଏଥିପାଇଁ ଅନଲାଇନ ପଞ୍ଜିକରଣ ୨୮ ତାରିଖ ପୂର୍ବାହ୍ନରୁ ଆରମ୍ଭ ହେବ। ଏହି ଶୁଣାଣିରେ ସାମିଲ ହେବାପାଇଁ ସର୍ବାଧିକ ୧୦୦୦ଜଣ ପଞ୍ଜିକରଣ କରିପାରିବେ ବୋଲି ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

### ଲୋକସଭା ଆସନ ସଂଖ୍ୟା ବୃଦ୍ଧି ସମ୍ଭାବନା

ନୂଆଦିଲ୍ଲୀ, ୨୭।୨: ଲୋକସଭା ଆସନ ବୃଦ୍ଧି ନେଇ ଚିନ୍ତା କରାଯାଉଥିବା ସୂଚନା ଦେଇଛନ୍ତି କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ। ସେ କହିଛନ୍ତି, ଏଥିପାଇଁ ଆସନ୍ତାବର୍ଷ ସୀମା ପୁନଃନିର୍ଦ୍ଧାରଣ କରାଯିବାର ସମ୍ଭାବନା ରହିଛି। ତେବେ ଏହି ଆସନ ବୃଦ୍ଧି ଫଳରେ ଦକ୍ଷିଣ ଭାରତର ତାମିଲନାଡୁ, କର୍ଣ୍ଣାଟକ ଓ ତେଲଙ୍ଗାନା ଲୋକସଭା ଆସନ ସଂଖ୍ୟା ହ୍ରାସ ପାଇବା ନେଇ ଚିନ୍ତା କରିଛନ୍ତି ୩ ମୁଖ୍ୟମନ୍ତ୍ରୀ। ତେବେ ଶାହ କହିଛନ୍ତି ଯେ କେହି ବି ଗୋଟିଏ ସିଟ୍ ହରାଇବେ ନାହିଁ। ଅନ୍ୟପକ୍ଷରେ ଓଡ଼ିଶାର ୨୧ଟି ଲୋକସଭା ଆସନ ୨୮କୁ ବୃଦ୍ଧିର ସମ୍ଭାବନା ରହିଛି।

## ମହାକୁମ୍ଭ ଅସୁବିଧା ନେଇ କ୍ଷମା ମାଗିଲେ ମୋଦୀ

# ମହାକୁମ୍ଭ ଏକତାର ମହାଯଜ୍ଞ



**ସମସ୍ତ ଶ୍ରଦ୍ଧାଳୁଙ୍କୁ ଦେଲେ ଧନ୍ୟବାଦ**

**ସାଂସ୍କୃତିକ ଏକତା, ଅଖଣ୍ଡତାର ପ୍ରତୀକ**

**ଗିନିଜ ଅଫ୍ ୱାର୍ଲ୍ଡ ରେକର୍ଡରେ କୁମ୍ଭମେଳା ସଫେଇ**

ନୂଆଦିଲ୍ଲୀ, ୨୭।୨: ଉତ୍ତରପ୍ରଦେଶର ପ୍ରୟାଗରାଜରେ ଗତ ଜାନୁଆରୀ ୧୩ ତାରିଖରୁ ଆରମ୍ଭ ହୋଇଥିବା ମହାକୁମ୍ଭ ମେଳା ଗତ ୨୬ ତାରିଖରେ ଉଦ୍‌ଯାପିତ ହୋଇଛି। ଦୀର୍ଘ ୪୫ଦିନ ଧରି ଚାଲିଥିବା ଏହି ଐତିହାସିକ ସମାରୋହରେ କୋଟି କୋଟି ଭକ୍ତ ବିଶ୍ୱାସ ଓ ଭକ୍ତିର ସହ ତ୍ରିବେଣୀ ସଙ୍ଗମରେ ପବିତ୍ର ସ୍ନାନ କରିଥିଲେ। ମହାକୁମ୍ଭ ଶେଷ ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏହାକୁ ଏକତାର ମହାଯଜ୍ଞ ଭାବେ ଆଖ୍ୟା ଦେଇଛନ୍ତି। ସେ କହିଥିଲେ, ଏହି ଦିବ୍ୟ କାର୍ଯ୍ୟକ୍ରମରେ ସାମିଲ ହୋଇଥିବା ସମସ୍ତ ଶ୍ରଦ୍ଧାଳୁଙ୍କୁ ମୁଁ ଅନ୍ତରରୁ ଧନ୍ୟବାଦ ଅର୍ପଣ କରୁଛି। ଏଥିସହ ଭକ୍ତମାନଙ୍କୁ ହୋଇଥିବା ଅସୁବିଧା ନେଇ ସେ କ୍ଷମା ପ୍ରାର୍ଥନା କରିଥିଲେ। ସେ କହିଥିଲେ, ଏତେବଡ଼ କାର୍ଯ୍ୟକ୍ରମ ଆୟୋଜନ କରିବା ଆଦୌ ସହଜ ନଥିଲା। ମୁଁ ଗଙ୍ଗାମାତାଙ୍କୁ ପ୍ରାର୍ଥନା କରୁଛି, ଯଦି ଆମ ପୂଜାରେ କୌଣସି ତ୍ରୁଟି ଅଛି ତେବେ ଆମକୁ କ୍ଷମା ଦିଅନ୍ତୁ। ମୋ ପାଇଁ ଈଶ୍ୱରଙ୍କ ସ୍ୱରୂପ ଜନସାଧାରଣ। ଯଦି ସେମାନଙ୍କ ସେବା କରିବାରେ ବିଫଳ ହୋଇଛି ତେବେ ମୁଁ ସେମାନଙ୍କଠାରୁ କ୍ଷମା ମାଗୁଛି। ମୋଦୀ ଆହୁରି କହିଥିଲେ ଯେ ୧୪୦ କୋଟି ଦେଶବାସୀଙ୍କ ବିଶ୍ୱାସ ଯଦି ଗୋଟିଏ ସ୍ଥାନରେ ଏକାଠି ହୁଏ, ତେବେ ସେହି ଦୃଶ୍ୟ ଅବିସ୍ମରଣୀୟ ହୋଇ ଯାଇଥାଏ। ଏହି ଉତ୍ସବ କେବଳ ଧାର୍ମିକ ନୁହେଁ, ଆମ ସାଂସ୍କୃତିକ ଏକତା ଓ ଅଖଣ୍ଡତାର ପ୍ରତୀପ। ଯେତେବେଳେ ଏକ ରାଷ୍ଟ୍ର ଶତାବ୍ଦୀର ପୁରୁଣା ଦାସତ୍ୱକୁ ଭାଙ୍ଗି ଆଗକୁ ବଢେ ଏବଂ ନୂତନ • ପୃଷ୍ଠା ୫ ଦେଖନ୍ତୁ

## ଯୋଗୀଙ୍କ ଘୋଷଣା

### ପ୍ରୟାଗରାଜ ସଫେଇ କର୍ମଚାରୀଙ୍କୁ ୧୦ହଜାର ବୋନସ



ପ୍ରୟାଗରାଜ, ୨୭।୨ : ବିଶ୍ୱର ସବୁଠାରୁ ବଡ ଧାର୍ମିକ ଏବଂ ଆଧ୍ୟାତ୍ମିକ ସମାଗମ ମହାକୁମ୍ଭର ଅନ୍ତିମ ସ୍ନାନପର୍ବ ମହାଶିବରାତ୍ରି ସହ ଶେଷ ହୋଇଛି। ଏହି ଅବସରରେ ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟ ନାଥ ପ୍ରୟାଗରାଜରେ ପହଞ୍ଚି ଗଙ୍ଗାର ଅରଇଲଘାଟ ସଫା କରିଥିଲେ। ଏହାପରେ ଯୋଗୀ ମହାକୁମ୍ଭରେ ଲୋକଙ୍କୁ ସେବା ଯୋଗାଉଥିବା ସଫେଇ କର୍ମଚାରୀ, ସ୍ୱାସ୍ଥ୍ୟକର୍ମୀ, ନାବିକମାନଙ୍କୁ ପୁରସ୍କାର ଦେବାକୁ ଘୋଷଣା କରିଛନ୍ତି। ମହାକୁମ୍ଭରେ ସେବା ଯୋଗାଉଥିବା ସଫେଇ କର୍ମଚାରୀଙ୍କୁ ୧୦ହଜାର ଟଙ୍କାର ବୋନସ ଦେବାକୁ ଘୋଷଣା କରିଛନ୍ତି ଯୋଗୀ ଆଦିତ୍ୟନାଥ। ସେ କହିଛନ୍ତି, ମହାକୁମ୍ଭ ଚାଲିଥିବା ବେଳେ ପ୍ରତ୍ୟେକ ଦିନ କୋଟିକୋଟି ଲୋକ ଆସି ପହଞ୍ଚୁଥାନ୍ତି। ଏତେ ବିଶାଳ ସମାଗମ ବିଶ୍ୱ ମଧ୍ୟରେ ଆଉ କେଉଁଠି କେବେବି ହୋଇନଥିଲା। ଅନ୍ୟପକ୍ଷରେ ଗୁରୁବାର ସକାଳେ ଯୋଗିଜୀ ଏବଂ ତାଙ୍କର ଦୁଇ ଉପମୁଖ୍ୟମନ୍ତ୍ରୀ ପ୍ରୟାଗରେ ପହଞ୍ଚି ସଫେଇ କାର୍ଯ୍ୟରେ ସାମିଲ ହୋଇଥିଲେ।

# ଆଉ ନାହାନ୍ତି 'ଦଣ୍ଡା ବାଳୁଙ୍ଗା'



ନୂଆଦିଲ୍ଲୀ/ଭୁବନେଶ୍ୱର, ୨୭।୨ (ବ୍ୟୁରୋ): ଲିଭିଗଲେ ଓଡ଼ିଆ ଚଳଚ୍ଚିତ୍ର ଜଗତର ଅମୂଲ୍ୟ ରତ୍ନ। ଯାହାଙ୍କ ଅଭିନୟ ଯାଦୁଗରୀରେ ପ୍ରେକ୍ଷାଳୟରେ ଦର୍ଶକ ଝୁମି ଉଠିବା ସହ ତାଳିମାଡ଼ରେ ପ୍ରକମ୍ପିତ କରୁଥିଲେ, ସେହି ଲୋକପ୍ରିୟ ତଥା ଓଡ଼ିଆ ସିନେମା ଜଗତର ବରିଷ୍ଠ ଓ ଲୋକପ୍ରିୟ ଅଭିନେତା ଉତ୍ତମ ମହାନ୍ତି ଆଉ ନାହାନ୍ତି। ତାଙ୍କ ପରଲୋକ ନେଇ ଚଳଚ୍ଚିତ୍ର ନିର୍ଦ୍ଦେଶକ ଚିନ୍ମୟ ଦାସ ପଟ୍ଟନାୟକ ସୂଚନା ଦେଇଛନ୍ତି। ନୂଆଦିଲ୍ଲୀର ମେଦାନ୍ତ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ଗୁରୁବାର ରାତିରେ ତାଙ୍କର ପରଲୋକ ଘଟିଛି। ମୃତ୍ୟୁବେଳକୁ ତାଙ୍କୁ ୬୬ବର୍ଷ ବୟସ ହୋଇଥିଲା। ସେ ଦୀର୍ଘଦିନ ଧରି ଲିଭର ସିରୋସିସ୍ ରୋଗରେ ପୀଡ଼ିତ ଥିଲେ। ତାଙ୍କ ବିୟୋଗରେ ଓଡ଼ିଆ ଚଳଚ୍ଚିତ୍ର ଜଗତରେ ଶୋକର ଛାୟା ଖେଳିଯାଇଛି। ସେ ଓଡ଼ିଆ ସମେତ ବେଙ୍ଗଲୀ ଓ ହିନ୍ଦୀ ଚଳଚ୍ଚିତ୍ରରେ ଅଭିନୟ କରି ବେଶ୍ ପ୍ରସିଦ୍ଧି ଲାଭ କରିଥିଲେ। ତାଙ୍କର ନିଖୁଣ ଓ କଳାତ୍ମକ ଅଭିନୟ ପାଇଁ ସେ ଓଲିଉଡ୍‌ରେ ନିଜର ସ୍ୱତନ୍ତ୍ର ସ୍ଥାନ ଦଖଲ କରିବା ସହ ୧୯୮୦ ଦଶକରେ ଓଡ଼ିଆ ଚଳଚ୍ଚିତ୍ରରେ ରାଜ କରୁଥିଲେ। ୧୯୭୭ ମସିହାରେ ସାଧୁ ମେହେରଙ୍କ ନିର୍ଦ୍ଦେଶିତ ଅଭିମାନ ଚଳଚ୍ଚିତ୍ର ଜରିଆରେ ସେ ଅଭିନୟ ଯୁଗରେ ପାଦ ଥାପିଥିଲେ। ୧୩୦ରୁ ଅଧିକ ଓଡ଼ିଆ ଚଳଚ୍ଚିତ୍ରରେ ସେ ନିଜର ପାରଦର୍ଶିତା ପ୍ରଦର୍ଶନ କରିଥିବାବେଳେ ୩୦ରୁ ୪୦ ବେଙ୍ଗଲୀ ଚଳଚ୍ଚିତ୍ରରେ ଅଭିନୟ କରି ଦର୍ଶକଙ୍କ ନିକଟରେ ନିଜର ଦବ୍‌ଦବା ଜାହିର କରିବାରେ ସମର୍ଥ ହୋଇଥିଲେ। ତାଙ୍କ ଅଭିନୀତ ଉଦଣ୍ଡୀ ସୀତା, ଦଣ୍ଡାବାଳୁଙ୍ଗା, ଜୋରଦାର ମୁଲକ ତାର, ଦେଖ୍ ଖବର- ରଖ ନଜର, ଲକ୍ଷ୍ମଣ ରେଖା, ସେଇ ଝିଅଟି, ପରଦେଶୀ ଚଢେଇ, ନିଝୁମ ରାତିର ସାଥୀ, ଫୁଲ ଚନ୍ଦନ, ସାରା ଆକାଶ ଆଦି ଚଳଚ୍ଚିତ୍ର ଓ ଟିଭି ସିରିଏଲରେ ସେ ନିଜର ନିଖୁଣ ଅଭିନୟ ପ୍ରଦର୍ଶନ କରିବାରେ ସଫଳ ହୋଇଥିଲେ। ହିନ୍ଦୀ ଚଳଚ୍ଚିତ୍ର ନୟା ଜହରରେ ସେ ନିଜର

**ମୁଖ୍ୟମନ୍ତ୍ରୀଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତିଙ୍କ ଶୋକ ପ୍ରକାଶ**

**ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ଶେଷକୃତ୍ୟ ସମ୍ପନ୍ନ ପାଇଁ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ**

ଅଭିନୟ ଦକ୍ଷତା ପାଇଁ ବେଶ୍ ପରିଚିତ ଥିଲେ। ୧୯୫୮ ମସିହା ଡିସେମ୍ବର ୨୩ ତାରିଖରେ ବାରିପଦାରେ ଜନ୍ମଗ୍ରହଣ କରିଥିବା ଉତ୍ତମ ଓଡ଼ିଆ କଥାଚିତ୍ର ଅଭିନେତ୍ରୀ ଅପରାଜିତାଙ୍କୁ ବିବାହ କରିଛନ୍ତି। ତାଙ୍କ ପୁଅ ବାବୁସାନ୍ ମଧ୍ୟ ଜଣେ ଭଲ ଅଭିନେତା। ତାଙ୍କର ନିଖୁଣ ଅଭିନୟ ପାଇଁ ସେ ବହୁ ପୁରସ୍କାର ଓ ସମ୍ମାନରେ ସମ୍ମାନିତ ହୋଇଛନ୍ତି। ୧୯୯୯ ମସିହାରେ ସେ ଜୟଦେବ ପୁରସ୍କାର ପାଇଥିବାବେଳେ ୨୦୦୬ରେ ଇନ୍ଦିରା ଗାନ୍ଧୀ ପ୍ରିୟଦର୍ଶିନୀ ପୁରସ୍କାର, ୨୦୦୮ରେ ଫିଟ୍‌ଫାଟ୍ ବାଇସସ୍କୋପରେ ଶ୍ରେଷ୍ଠ ଅଭିନେତା ପୁରସ୍କାର, ୨୦୧୨ରେ ଓଡ଼ିଶା ଲିଜେଣ୍ଡ ପୁରସ୍କାର ପାଇବା ସହ ୧୯୯୧ରେ ତୋ ବିନୁ ଅନ୍ୟ ଗତି ନାହିଁ ଚଳଚ୍ଚିତ୍ରର ଶ୍ରେଷ୍ଠ ସହଅଭିନେତା ଭାବେ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ହାସଲ କରିଥିଲେ। ଏହାବ୍ୟତୀତ ୧୯୮୪ରେ ଦଣ୍ଡାବାଳୁଙ୍ଗାର ଶ୍ରେଷ୍ଠ ଅଭିନେତା, ୧୯୮୩ରେ ଝିଅଟି ସୀତାପରିର ଶ୍ରେଷ୍ଠ ଅଭିନେତା ଏବଂ ୧୯୮୨ରେ ଫୁଲଚନ୍ଦନ ପାଇଁ • ପୃଷ୍ଠା ୫ ଦେଖନ୍ତୁ




ଓଡ଼ିଶା ଭାସ୍କର
ODISHA BHASKAR

# ରାଜ୍ୟ ଖବର





ଢେଙ୍କାନାଳ(ଭାସ୍କର ନ୍ୟୁଜ): ଢେଙ୍କାନାଳ ଜିଲ୍ଲା ତୁମୁସିଂଗା ଥାନା ଅଁଳାବେରେଣୀ ଗ୍ରାମ ମେଡିକାଲ ଛକ ନିକଟରେ ଥିବା ଗୋପୀ ଭାଇ ସୁନା ଅଳଙ୍କାର ଦୋକାନକୁ ସର୍ଟର ତାଡି ଲୁଟ କରାଯାଇଥିବା ଅଭିଯୋଗ ହୋଇଛି। ଲକ୍ଷାଧିକ ଟଙ୍କାର ସୁନା ଓ ରୂପା ଅଳଙ୍କାର ଲୁଟ ହୋଇଥିବା ସୁନା ଦୋକାନର ମାଲିକ ଗୋପୀନାଥ ପୃଷ୍ଟି ପ୍ରକାଶ କରିଛନ୍ତି।ଯଦିଓ ତୁମୁସିଂଗା ପୋଲିସ ପହଂଚି ତଦନ୍ତ ଆରମ୍ଭ କରିଦେଇଛି। ସନ୍ଧାନି କୁକୁର ସହାୟତାରେ ପୋଲିସ ତଦନ୍ତ କରିଥିବା ବେଳେ ସାଇଂଟିଫିକ ଟିମ ପହଞ୍ଚିଲା ପରେ ପ୍ରକୃତ ଆକଳନ ସାମ୍ନାକୁ ଆସିବ। ବିଳମ୍ବିତ ରାତିରେ ସୁନା ଦୋକାନକୁ ଦୁର୍ବୃତମାନେ ଲୁଟ କରିଥିବା ଜଣାପଡିଛି। ଗତ କାଲି ଶିବରାତ୍ରୀ ଥିବା କାରଣରୁ ଗୋପୀନାଥ ଅପରାହ୍ନ ୫ଟା ସମୟରେ ଦୋକାନ ବନ୍ଦ କରି ଘରକୁ ପଳେଇ ଯାଇଥିଲେ। ଗୁରୁବାର ସକାଳୁ ଆସି ଦୋକାନ ଖୋଲିବାକୁ ଯାଉଥିବା ବେଳେ ଦୋକାନର ସର୍ଟର କେହି ଦୁର୍ବୃତ ତାଡି ଦେଇଥିବା ଦେଖିବାକୁ ପାଇଥିଲେ। ଯାହାକୁ ନେଇ ସେ ତୁମୁସିଂଗା ପୋଲିସକୁ ଖବର ଦେଇଥିଲେ। ଏ ନେଇ ତନାଘନା ଆରମ୍ଭ କରି ଦେଇଛି ତୁମୁସିଂଗା ପୋଲିସ। ଦୋକାନରେ ପ୍ରାୟ ୫ ଲକ୍ଷ ଟଙ୍କାର ସୁନା ଓ ରୂପା ଅଳଙ୍କାର ସହିତ ୧ହଜାର ଟଙ୍କା ନଗଦ କ୍ୟାସ ଥିବା ମାଲିକ ଗୋପୀନାଥ ଅଭିଯୋଗରେ ଦର୍ଶାଇଛନ୍ତି। ନିକଟରେ ମାର୍କେଟ ପାଖରେ ଥିବା ବ୍ୟାଙ୍କ ଅଫ ବରୋଦାର ଏଟିଏମ ତାଡି ଲୁଟ କରି ବିଫଳ ହୋଇଥିଲେ ଦୁର୍ବୃତ। ଏବେ ଚୋରିକୁ ନେଇ ଆତଙ୍କିତ ଅଛନ୍ତି ସ୍ଥାନୀୟ ବାସିନ୍ଦା। ତୁରନ୍ତ ପଦକ୍ଷେପ ନେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

## ଚନ୍ଦ୍ରଶେଖରଙ୍କ ଭୋର ୪.୩୫ ମିନିଟ୍‌ରେ ଉଠିଲା ମହାଦୀପ

ଢେଙ୍କାନାଳ(ଭାସ୍କର ନ୍ୟୁଜ): ରାଜ୍ୟ ପ୍ରସିଦ୍ଧ ପୂଣ୍ୟତୀର୍ଥ ଶ୍ରୀ ଶ୍ରୀ ଚନ୍ଦ୍ରଶେଖର ଜୀଉଙ୍କ କପିଳାସ ପୀଠରେ ଗୁରୁବାର ଭୋର୍ ୪ଟା ୩୫ ମିନିଟ୍‌ରେ ମନ୍ଦିର ଚୂଡ଼ାକୁ ମହାଦୀପ ଉଠିଛି। ଏହି ସମୟରେ ହରହର ମହାଦେବ ଏବଂ ଓ ନମଃ ଶିବାୟ ଧ୍ୱନି ସହ ଭଜନ କୀର୍ତ୍ତନ, ହରିବୋଲ ହୁଳହୁଳିରେ ପୀଠ ପରିସର ପ୍ରକମ୍ପିତ ହୋଇଉଠିଥିଲା। ଶ୍ରୀ ଶ୍ରୀ ଚନ୍ଦ୍ରଶେଖର ଜୀଉଙ୍କୁ ରାତ୍ରର ଚାରିପ୍ରହରରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା କରାଯାଇଥିଲା। ରାତ୍ରର ବିଳମ୍ବିତ ପ୍ରହରରେ ରାଜପୁରୋଧା ଓ ସମସ୍ତ ପୂଜକଙ୍କ ଦ୍ୱାରା ମହାରୁଦ୍ରାଭିଷେକ ଅନୁଷ୍ଠିତ ହୋଇଥିଲା। ପ୍ରଭୁ ଚନ୍ଦ୍ରଶେଖରଙ୍କୁ । ବିଭିନ୍ନ ସୁନା ଅଳଙ୍କାରରେ ସଜିତ କରାଯାଇ ନାଗାଭରଣ ବେଶ କରାଯାଇଥିବା ବେଳେ ମାନ୍ତ ପାର୍ବତୀଙ୍କୁ ରାଜରାଜେଶ୍ୱରୀ ବେଶ କରାଯାଇଥିଲା। ଏହି ବେଶରେ ମା ପାର୍ବତୀ



ବେଶ ଚମକି ଉଠିଥିଲେ । ବେଶକୁ ଦେଖିବା ପାଇଁ ଶ୍ରଦ୍ଧାଳୁଙ୍କ ମନରେ ଉତ୍କଣ୍ଠା କହିଲେ ନସରେ। ଢେଙ୍କାନାଳ ରାଜ ପରିବାରର ଯୁବରାଜ ଅମରଜ୍ୟୋତି ସିଂହଦେଓଙ୍କ ସମେତ ଅନ୍ୟ ସଦସ୍ୟମାନେ ଚନ୍ଦ୍ରଶେଖରଙ୍କର ତୃତୀୟ ପ୍ରହର ସ୍ନାନ ଓ ଚାରିପୂଜାରେ ଅଂଶଗ୍ରହଣ କରି ପୂଜାର୍ଚ୍ଚନା କରିଥିଲେ। ରାଜପରିବାରର ପୂଜାନୀତି ସମାପନ ପରେ ଭୋର ୩,୫୫ମିନିଟ୍ ସମୟରେ ମହାଦୀପ ମନ୍ଦିର ଚତୃର୍ପାର୍ଶ୍ୱରେ ତିନିଥର ବେଢ଼ା ପରିକ୍ରମା କରାଯାଇ ୪ଟା ୩୫ମିନିଟ ସମୟରେ ସେବାୟତ ଘୃତପୂର୍ଣ୍ଣ ମହାଦୀପକୁ ନେଇ ମନ୍ଦିର ଚୂଡାକୁ ଉଠାଇଥିଲେ। କପିଳାସ ପୀଠରେ ଉଜାଗର ରହି ଜାଗର ଜାଳୁଥିବା ଲକ୍ଷ ଲକ୍ଷ ଭକ୍ତଙ୍କ ଓଁ ନମଃ ଶିବାୟ, ଚନ୍ଦ୍ରଶେଖରାୟ ନମଃ, ହରିବୋଲ, ହୁଳହୁଳି ଦେଇ ଅଂଚଳକୁ ପ୍ରକମ୍ପିତ କରିଥିଲେ। ମହାଦୀପ ମନ୍ଦିର ଚୂଡ଼ାରେ ତିନିଥର ନ୍ତପରିକ୍ରମା କରାଯାଇ ସ୍ଥାପନ କରାଯାଇଥିଲା। ତା ପରେ ପରେ ହରିହର, ଭେଟ, ନିତ୍ୟଧୂପ ଓ ପହଡନୀତି ପୂଜାପଣ୍ଡାଙ୍କ ଦ୍ୱାରା କରାଯାଇଥିଲା। ଯୋଗୀମାନଙ୍କ ଦ୍ୱାରା ଯୋଗୀ ବେଶ ଓ ପରେ ବଡସିଂହାର ବେଶ କରାଯାଇଥିଲା। ଏହି ଅବସରରେ ମନ୍ଦିରର ଉତ୍ତର ପାର୍ଶ୍ୱରେ ବୃହତ ପିତଳ ଝାଡବୃକ୍ଷ ସ୍ଥାପନ କରାଯାଇ ଦୀପ ପ୍ରଜ୍ୱଳିତ କରାଯାଇଥିଲା ପୀଠରେ ଶ୍ରଦ୍ଧାଳୁଙ୍କ ମନରେ ଭକ୍ତି ଆଣିବା ପାଇଁ ଚନ୍ଦ୍ରଶେଖର କଳା ପରିଷଦ ପକ୍ଷରୁ ରାତିତମାମ ଭଜନ ସମାରୋହ ଅନୁଷ୍ଠିତ ହୋଇଥିଲା।

## କରଞ୍ଜିଆର ବିଭିନ୍ନ ଶୈବପୀଠରେ ମହାଶିବରାତ୍ରୀ ପାଳିତ



କରଞ୍ଜିଆ(ଭାସ୍କର ନ୍ୟୁଜ): ମୟୂରଭଞ୍ଜ ଜିଲ୍ଲା ପାଞ୍ଚପିଢ଼ ଉପଖଣ୍ଡ ର ବିଭିନ୍ନ ଶୈବପୀଠ ମାନଙ୍କରେ ବୁଧବାର ଦିନ ମହାଶିବରାତ୍ରୀ ଆଡମ୍ବର ସହକାରେ ପାଳିତ ହୋଇଛି । କରଞ୍ଜିଆ ସହରର ଶ୍ରୀ ଶ୍ରୀ ପୂର୍ଣ୍ଣେଶ୍ୱର ମହାଦେବ ମନ୍ଦିର, ବାଉନାଶାଳ ଶିବ ମନ୍ଦିର, ସିଙ୍ଗଡେଶ୍ୱର ମହାଦେବ ମନ୍ଦିର, ବଡଦେଉଳୀ ଶିବ ମନ୍ଦିର, ରସମତଳା ସ୍ଥିତ ରସିକେଶ୍ୱର ଶିବ ମନ୍ଦିର, ଉଆଁରା ଶିବ ମନ୍ଦିର, ମାଣିକଛକ ସିଦ୍ଧେଶ୍ୱର ମନ୍ଦିର, ବ୍ରହ୍ମେଶ୍ୱର ମହାଦେବ ମନ୍ଦିର, ଗୋଶାଳାସ୍ଥିତ ଅଙ୍କୁରେଶ୍ୱର ମନ୍ଦିର, ବାଇପାସ୍ ଛକସ୍ଥିତ କୃପାଳୁ ମହାଦେବ, ସର୍ବେଶ୍ୱର ମହାଦ୍ୱେ ମନ୍ଦିର, କାଳେଶ୍ୱର ମହାଦେବ ପ୍ରଭୃତି ମନ୍ଦିର ସାଜସଜ୍ଜାରେ ଝଲସି ଉଠୁଛି। ସହେ ପାଞ୍ଚ ବର୍ଷ ପୁରାତନ ଶ୍ରୀ ଶ୍ରୀ ପୂର୍ଣ୍ଣେଶ୍ୱର ମହାଦେବ ମନ୍ଦିରରେ ଭକ୍ତମାନଙ୍କ ପ୍ରବଳ ଭିଡ଼ ହେବାରୁ ମନ୍ଦିର ପରିଚାଳନା କମିଟି ସଦସ୍ୟ ଓ ସ୍ଥାନୀୟ ପୋଲିସର ମିଳିତ ସହଯୋଗରେ କଚେରୀ ଛକଠାରୁ ଏନଏସି ଛକ ପର୍ଯ୍ୟନ୍ତ ବ୍ୟାରିଗେଡ୍ କରାଯାଇ ଯାନବାହନ ଚଳାଚଳ ରାତି ୧୦ ଘଟିକା ଯାଏଁ ବନ୍ଦ ରଖାଯାଇଥିଲା । ଶ୍ରଦ୍ଧାଳୁ ମାନେ ସୁରୁଖୁରୁରେ ଦୀପ ଜାଳିବା ପାଇଁ କମିଟି ପକ୍ଷରୁ ସମସ୍ତ ଆନୁଷଙ୍ଗିକ ବ୍ୟବସ୍ଥା କରାଯାଇଥିଲା । ଏଠାରେ ଭୋର ପ୍ରାୟ ୨ ଘଟିକା ୪୦ ମିନିଟ ପୂର୍ବରୁ ମହାଦୀପ ଉଠିବା ନେଇ ଓ କର୍ତ୍ତା ଭାବେ ସୁଧୀର ଭରୁକା ଚଳିତ ବର୍ଷର କାର୍ଯ୍ୟଭାର ତୁଲାଇଥିବା କମିଟି ପକ୍ଷରୁ ସୂଚନା ଦିଆଯାଇଛି। କମିଟି ପକ୍ଷରୁ ଉପସଭାପତି ଭାଗବତ ଚନ୍ଦ୍ର ଦାସ, ସମ୍ପାଦକ ତପନ କୁମାର ସାହୁ, ସୁନିଲ କୁମାର ସାହୁ, ଅରୁଣ ବେହେରାଙ୍କ ସମସ୍ତ କର୍ମକର୍ତ୍ତା ମାନେ ଆଜିର ସମସ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ପୂର୍ବ ବିବାଦରୁ ଘର ପୋଡ଼ିଲେ ଦୁର୍ବୃତ୍ତ

ନିମାପଡ଼ା(ଭାସ୍କର ନ୍ୟୁଜ): ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଜଣେ ବ୍ୟକ୍ତିଙ୍କ ଘରେ ନିଆଁ ଲଗାଇଲେ ଦୁର୍ବୃତ୍ତ । ଧାନ ଚାଉଳ ସମେତ ଆସବାବପତ୍ର ପୋଡ଼ି ପାଉଁଶ ହୋଇଥିବା ବେଳେ ବିପନ୍ନ ଏବେ ଥାନାରେ ଅଭିଯୋଗ କରି ନ୍ୟାୟ ଭିକ୍ଷା କରୁଛନ୍ତି। ଏପରିକି ଛତୁ ଫସଲ ମଧ୍ୟ ଉଜାଡ଼ି ଦେଇଛନ୍ତି। କେତେକ ଯୁବକ ଭୋଜିଭାତ କରି ଗରିବଙ୍କ ଅନିଷ୍ଟ କରିଥିବା ବେଳେ ଏମାନଙ୍କ ବିରୁଦ୍ଧରେ ଆଇନଗତ ପଦକ୍ଷେପ ନେବାପାଇଁ ଦାବି ହୋଇଛି। ପୁରୀ ଜିଲ୍ଲା ନିମାପଡ଼ା ଥାନା ଅରିକ୍ଷେଇ ଚାଉଳିଆପାଟଣା ଗ୍ରାମର ସୁକାନ୍ତ ବେହେରାଙ୍କ ପ୍ରତି ଇର୍ଷାପରାୟଣ ହୋଇ ତାଙ୍କର ଅନିଷ୍ଟ କରି ଚାଲିଛନ୍ତି। ଏପରିକି ସୁକାନ୍ତଙ୍କ ରୋଷେଇ ଘରେ ନିଆଁ ଲଗାଇ ଦେବାରୁ ଦୁଇ ବଖରା ଚାଳ ଘର ପୋଡ଼ି ପାଉଁଶ ହେବା ସହ ବାସନକୁସନ, ଧାନଚାଉଳ ପୋଡ଼ିନଷ୍ଟ ହୋଇଯାଇଛି। ଏ ନେଇ ସୁକାନ୍ତ ନିମାପଡ଼ା ଥାନାରେ ଅଭିଯୋଗ କରି ନ୍ୟାୟ ଭିକ୍ଷା କରିଛନ୍ତି । ଏ ସଂପର୍କରେ ନିମାପଡ଼ା ଥାନାଧିକାରୀ ବାମଦେବ ସ୍ୱାଇଁଙ୍କ ନିକଟରେ ଅଭିଯୋଗ କରି ନ୍ୟାୟ ଭିକ୍ଷା କରିଛନ୍ତି।

## ଉପ-ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ୧୨ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ବ୍ୟୟରେ ୨ ପ୍ରକଳ୍ପ ଶିଳାନ୍ୟାସ




ନିମାପଡ଼ା(ଭାସ୍କର ନ୍ୟୁଜ୍): ନିମାପଡ଼ା ନିର୍ବାଚନ ମଣ୍ଡଳୀରେ ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ମାରାଥନ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଜେପି ସରକାର ଲୋକମାନଙ୍କ ସାଥୀରେ ରହି ବିକାଶ କରୁଥିବାରୁ ଲୋକମାନେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି, ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡ଼ାଙ୍କୁ ଧନ୍ୟବାଦ ଦେଇଛନ୍ତି । ସୂଚନା ଅନୁଯାୟୀ, ବାରବାଟି ପଡ଼ିଆ ନିମାପଡ଼ା ବିଜ୍ଞାପିତ ଅଞ୍ଚଳ ପକ୍ଷରୁ ଏକ ସ୍ୱର୍ଗରଥର ଉଦ୍‌ଘାଟନ ଉପ-ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ହୋଇଯାଇଛି । କାର୍ଯ୍ୟକ୍ରମରେ ବିଜ୍ଞାପିତ ଅଂଚଳ ପରିଷଦ ଅଧକ୍ଷା ସସ୍ମିତା ସାହୁ, କାଉନସିଲର ନିରନ ନାୟକ, ମୀନଲତା ମହାନ୍ତି, ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ, କର୍ମଚାରୀ ବିଜୟ ଗ୍ରହାଚାର୍ଯ୍ୟ ସମେତ ସମସ୍ତ କାଉନସିଲର ଯୋଗ ଦେଇଥିଲେ । ଏହି ପରିପ୍ରେକ୍ଷୀରେ ନିମାପଡ଼ା ପଞ୍ଚାୟତ ସମିତି ବିଜୁ ପଟ୍ଟନାୟକ ସଭାଗୃହରେ ଭତା ବଣ୍ଟନ କାର୍ଯ୍ୟକ୍ରମ ଉପ-ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଅନୁଷ୍ଠିତ ହୋଇଯାଇଛି। ପୂର୍ତ୍ତ ବିଭାଗ ଚାରିଛକ-ଗୋପ ମୁଖ୍ୟ ରାସ୍ତାର ଉନ୍ନତୀକରଣ ପାଇଁ ଗୁରୁବାର ତମ୍ପାଳୋ ଛକରେ ଉପ-ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଶିଳାନ୍ୟାସ ହୋଇଯାଇଛି। ୬ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ବ୍ୟୟ କରାଯାଇ ଉକ୍ତ ରାସ୍ତାର ଉନ୍ନତୀକରଣ ହେବ। ଏହି ରାସ୍ତା ଦେଇ ଦେଶ ବିଦେଶର ପର୍ଯ୍ୟଟକମାନେ କୋଣାର୍କ, ପୁରୀ ଆଦି ସ୍ଥାନକୁ ଯାତାୟତ କରିଥାନ୍ତି । ଦେଶର ବିକାଶ ପାଇଁ ମହିଳାମାନେ ଭାଗିଦାରୀ ହୁଅନ୍ତୁ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି । ମହିଳାମାନେ ବିକାଶ ପାଇଁ ଲେଖା ଶ୍ରୀମତି ପରିଡ଼ାଙ୍କୁ ଦେଉଥିବାରୁ ଶ୍ରୀମତି ପରିଡ଼ା ଖୁସି ହେବା ସହିତ ବର୍ଷା ଦିନ ପୂର୍ବରୁ ରାସ୍ତା କାମ ୩ ମାସ ମଧ୍ୟରେ ସାରିବାକୁ ବିଭାଗୀୟ ଅଧିକାରୀଙ୍କୁ ସେ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ନିମାପଡ଼ା ଜଳସେଚନ ବିଭାଗ ଗୋପ ଶାଖା କୁଣ୍ଡେଇ କେନାଲ ବନ୍ଧର ଶ୍ରୀକୋଇଲି ଠାରୁ ଓଡ଼ଗାଁ ପର୍ଯ୍ୟନ୍ତ ୨ କି.ମି. ରାସ୍ତା ଉଭୟ ପାର୍ଶ୍ୱ ୬ କୋଟି ୪୦ ଲକ୍ଷ ଟଙ୍କା ବ୍ୟୟ କରାଯାଇ ସିମେଣ୍ଟ କଂକ୍ରିଟ୍ ଲଗିନ୍ ଓସିସି ଠିକା ସଂସ୍ଥା ଦ୍ୱାରା କରାଯିବା ପାଇଁ ଶିଳାନ୍ୟାସ କରାଯାଇଛି। ସେହିପରି ଜଳ ସଂପଦ ବିଭାଗ ଶ୍ରୀକୋଇଲି ଠାରୁ ଆଲୁଦଣ୍ଡା, ବହାରଣା କି.ମି. ପର୍ଯ୍ୟନ୍ତ କେନାଲ ବନ୍ଧ ରାସ୍ତା ଓ ଶ୍ରୀକୋଇଲି ଠାରୁ ଅଟେଇଗୁଡ଼ା ରାସ୍ତା କାମ ଖୁବ୍‌ଶ୍ରୀଘ ଆରମ୍ଭ ହେବ ବୋଲି ଶ୍ରୀମତି ପରିଡ଼ା ସୂଚନା ଦେଇଛନ୍ତି। ଶିଳାନ୍ୟାସ ଉତ୍ସବରେ ସାଂସଦଙ୍କ ବ୍ଲକ୍ ପ୍ରତିନିଧି ପୂର୍ଣ୍ଣଚନ୍ଦ୍ର ଓଝା, ଚାରିଛକ ବିଜେପି ମଣ୍ଡଳ ସଭାପତି ପ୍ରଭାତ କୁମାର ନାୟକ, ନାରୀନେତ୍ରୀ ମୀନଲତା ମହାନ୍ତି, ତିଳୋତମା ବାରିକ, ଦୁର୍ଯ୍ୟୋଧନ ମହାନ୍ତି, ଲକ୍ଷ୍ମୀଧର ହାତୀ, ଦୁଃଖିଶ୍ୟାମ ସ୍ୱାଇଁ, ପୂର୍ବତନ ସରପଂଚ ଭଗବାନ ମିଶ୍ର, କୈଳାସ ଚନ୍ଦ୍ର କର, ଭକ୍ତବନ୍ଧୁ ବିଶ୍ୱାଳ, ବ୍ରଜ ମୋହନ ନାୟକ, ଛଣିଜଙ୍ଗ ସରପଂଚ ଅଜୟ କୁମାର ପରିଡ଼ା, ପୂର୍ବତନ ସରପଂଚ କୃଷ୍ଣଚନ୍ଦ୍ର ସ୍ୱାଇଁ, ଅରକ୍ଷିତ ଭୋଇ, ସଂଜୟ ବାରିକ, କୃଷ୍ଣଚନ୍ଦ୍ର ନାୟକ ପୂର୍ତ୍ତ ଅଧୀକ୍ଷଣ ଯନ୍ତ୍ରୀ ବୈକୁଣ୍ଠ ନାଥ ଦଳାଇ, ସହକାରୀ ଯନ୍ତ୍ରୀ ତୁଷାର ହେମ୍ବ୍ରମ, ସହକାରୀ ଯନ୍ତ୍ରୀ ରାକେଶ କୁମାର ସାହୁ, କାକଟପୁର ସହକାରୀ ଯନ୍ତ୍ରୀ ତପନ କୁମାର ନାୟକ, କନିଷ୍ଠ ଯନ୍ତ୍ରୀ ରବୀନ୍ଦ୍ର କୁମାର ଧଣ୍ଡପତି ପ୍ରମୁଖ ଉପସ୍ଥିତ ଥିଲେ।

## ଜାତୀୟ ବିପର୍ଯ୍ୟୟ ପରିଚାଳନା କମାଣ୍ଡାଣ୍ଟଙ୍କ ପାରାଦ୍ୱୀପ ଗସ୍ତ



ପାରାଦ୍ୱୀପ(ଭାସ୍କର ନ୍ୟୁଜ): ଆସନ୍ତା ୨୮ରେ ହେବାକୁ ଥିବା ରାଜ୍ୟସ୍ତରୀୟ ରାସାୟନିକ ବିପର୍ଯ୍ୟୟ ମକ୍ ଏକ୍ସରସାଇଜ୍ ଆୟୋଜନକୁ ଦୃଷ୍ଟିରେ ରଖି ଜାତୀୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ କମାଣ୍ଡାଣ୍ଟ ଆଦିତ୍ୟ କୁମାର ଗତ ୨୬ତାରିଖରେ ପାରାଦୀପର ପିପିଏଲ୍ ଏବଂ ଇଫ୍‌କୋ ପରିଦର୍ଶନ କରିଥିଲେ। ସେ ଏଡିଏମ୍ ପାରାଦୀପ, ଜିଲ୍ଲା ଜରୁରିକାଳୀନ ଅଧିକାରୀ, ଜଗତସିଂହପୁର, ପାରାଦୀପର ଫ୍ୟାକ୍ଟ୍ରିଆଣ୍ଡ ବଏଲର ଉପନିର୍ଦ୍ଦେଶକ, ତହସିଲଦାର କୁଜଙ୍ଗ, ଅଗ୍ନିଶମ ଅଧିକାରୀ, ଏନ୍‌ଡିଆରଏଫ୍ ଓ ଓଡ୍ରାଫ ଟିମ୍ ସହ ଆଲୋଚନା କରିଥିଲେ। ଜରୁରିକାଳୀନ ପରିସ୍ଥିତିରେ ବିପର୍ଯ୍ୟସ୍ତ ଲୋକମାନଙ୍କୁ କିପରି ତୁରନ୍ତ ବିପଦମୁକ୍ତ ସ୍ଥାନକୁ ସ୍ଥାନାନ୍ତର ତଥା ରିଲିଫ୍ ଯୋଗାଣ, ରିଲିଫ୍ କ୍ୟାମ୍ପ ଆଦିକାର୍ଯ୍ୟକ୍ରମ ବିଷୟରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। ଫେବୃଆରୀ ୨୮ରେ ହେବାକୁ ଥିବା ମକ୍‌ଡ୍ରିଲ୍‌ର ବ୍ୟାପକ ପ୍ରସ୍ତୁତି ବିଷୟରେ ବିସ୍ତୃତ ଆଲୋଚନା ସହ ପିପିଏଲ୍ ଓ ଇଫ୍‌କୋ ପ୍ଲାଣ୍ଟ ପରିଦର୍ଶନ କରିଥିଲେ।

## ଦେଢଶୁର ଟାଙ୍ଗିଆ ଚୋଟରେ ଭାଇବୋହୂ ଗୁରୁତର

ନିମାପଡା(ଭାସ୍କର ନ୍ୟୁଜ): ନିମାପଡା ବ୍ଲକ ଡେଣୁଆଁ ପଞ୍ଚାୟତରେ ଦେଢଶୁର କୁରାଢୀ ଚୋଟରେ ଭାଇବୋହୂ ଗୁରୁତର ଆହତ ହୋଇ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା ହେଉଛନ୍ତି। ଦେଢଶୁର ଥାନାରେ ଆତ୍ମସମର୍ପଣ କରିଥିବା ଜଣାପଡିଛି। ଘଟଣା ନିମାପଡାରେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଥିବା ବେଳେ ପୋଲିସ୍ ତଦନ୍ତ ଜାରି ରଖିଛି। ନିମାପଡା ଥାନା ଡେଣୁଆଁ ଆଳିପିଙ୍ଗଳ ଗ୍ରାମର ବଡଭାଇ ପବିତ୍ର ବେହେରା ସହ ସାନ ଭାଇ ବିଚିତ୍ରାନନ୍ଦଙ୍କ ବିବାଦ ଲାଗି ରହିଥିଲା। ବିବାଦ ଦୀର୍ଘଦିନ ହେବ ଚାଲିଥିବା ବେଳେ କାଠଚିରାକୁ କେନ୍ଦ୍ରକରି ପାଟିତୁଣ୍ଡ ହୋଇଥିଲା। ବିଚିତ୍ରଙ୍କ ପତ୍ନୀ ସୁପ୍ରଭା ବେହେରା ସେଠାରେ ଠିଆ ହୋଇଥିବା ବେଳେ ପୂର୍ବ ଯୋଜନା ଅନୁଯାୟୀ ଦେଢଶୁର ପବିତ୍ର ବେହେରା ଏକ ଟାଙ୍ଗିଆ ଆଣି ଭାଇବୋହୂ ସୁପ୍ରଭା ବେହେରାଙ୍କ ମୁଣ୍ଡକୁ ଚୋଟ ମାରିଥିଲା। ରକ୍ତ ଜୁଡୁବୁଡୁ ହୋଇ ସୁପ୍ରଭା ତଳେ ପଡିଥିବା ବେଳେ ପରିବାର ଲୋକେ ଚିକିତ୍ସା ପାଇଁ ନିମାପଡା ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ।

## ମହିଳାଙ୍କୁ ଯୁବକର ଛୁରାମାଡ

ଗୋପ(ଭାସ୍କର ନ୍ୟୁଜ): ଗୁରୁବାରଭୋର୍ ସମୟରେ ଗୋପ ଥାନା ଅର୍ନ୍ତଗତ ରାହାଙ୍ଗୋରଡା ପଞ୍ଚାୟତ ଖଣ୍ଡାସାହି ଗ୍ରାମରେ ଜଣେ ମହିଳାଙ୍କୁ ଅର୍ତ୍କିତ ଭାବରେ ଜଣେ ଯୁବକ ଛୁରାମାଡ କରିଥିବା ଜଣାପଡିଛି। ମହିଳା ଜଣଙ୍କ ଗୁରୁତର ହୋଇ ଗୋପ ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି। ପ୍ରକାଶ ଯେ କିଛି ଦିନ ଧରି ଖଣ୍ଡାସାହି ଗ୍ରାମର ବିଜୟ କୁମାର ବେହେରା ନାମକ ଜଣେ ଯୁବକ ସେହି ଗ୍ରାମର ଛବିରାଣୀ ମହାପାତ୍ରଙ୍କୁ ମନ୍ଦ ଉଦ୍ଦେଶ୍ୟ ରଖି ହଇରାଣ କରୁଥିଲା। ଭୋର୍ ସମୟରେ ମହିଳା ଜଣଙ୍କ ଘର କାମ କରୁଥିବା ବେଳେ ସଂପୃକ୍ତ ଯୁବକ ଘରେ ପଶି ମହିଳାଙ୍କ ଶରୀରର ବିଭିନ୍ନ ସ୍ଥାନରେ ଛୁରି ମାରି ହତ୍ୟା ଉଦ୍ୟମ କରିଥିବା ଅଭିଯୋଗ କରିଛନ୍ତି। ଏଠାରେ ସୂଚନାଯୋଗ୍ୟ ଯେ ପୂର୍ବରୁ ଯୁବକ ଜଣଙ୍କ ମହିଳା ଫଟୋ ଭାଇରାଲ୍ କରି ଜେଲ ଯାଇଥିବା ମଧ୍ୟ ମହିଳା ଜଣଙ୍କ କହିଛନ୍ତି। ମହିଳାଙ୍କ ସ୍ୱାମୀ ଭୁବନେଶ୍ୱରରେ ପୁଅ ସହ ରହୁଥିବା ବେଳେ ମହିଳା ଘରେ ରହୁଛନ୍ତି । ଗୋପ ଥାନାରେ ମହିଳା ଅଭିଯୋଗ କରିବା ପରେ ଥାନାଧିକାରୀ ପ୍ରଶାନ୍ତ କୁମାର ପଢ଼ିହାରୀ ଘଟଣାକୁ ଗୁରୁତର ଭାବେ ନେବା ସହ ଯୁବକକୁ ଧରିବା ନିମନ୍ତ ସମ୍ପୃକ୍ତ ବିଭିନ୍ନ ସ୍ଥାନରେ ଚଢାଉ ଜାରି ରଖିଛନ୍ତି

## ଜିନ୍ଦଲ୍ ଫାଉଣ୍ଡେସନ୍ ପକ୍ଷରୁ ଚକ୍ଷୁ ପରୀକ୍ଷା ଶିବିର




ଯୋଡ଼ା/ବଡ଼ବିଲ(ଭାସ୍କର ନ୍ୟୁଜ): ଜିନ୍ଦଲ ଷ୍ଟିଲ ଏଣ୍ଡ ପାୱାର (ଜେଏସପି)ର ସାମାଜିକ ସଂସ୍ଥା ଜିନ୍ଦଲ ଫାଉଣ୍ଡେସନ ପକ୍ଷରୁ କାଶିଆ ଆଇରନ ଏଣ୍ଡ ଡୋଲାମାଇଟ ଖଣି ଅଞ୍ଚଳରେ ଏକ ଦୁଇ ଦିନିଆ ଚକ୍ଷୁ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। ଏଲଭିପିଇଆଇ ସହଭାଗିତାରେ ଜିନ୍ଦଲ ଫାଉଣ୍ଡେସନର ଦୃଷ୍ଟି କାର୍ଯ୍ୟକ୍ରମ ଅଧୀନରେ ଅନୁଷ୍ଠିତ ଏହି ପରୀକ୍ଷଣ ଶିବିରକୁ ଭଦ୍ରାସାହି ସରପଞ୍ଚ ପ୍ରମିଳା ନାଏକ ଓ କାଶିଆ ମାଇନ୍ସ ୟୁନିଟ୍ ହେଡ୍ ପ୍ରମୋଦ କୁମାର ପାତ୍ର ଉଦଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟ ବରିଷ୍ଠ ଅଧିକାରୀମାନେ ମଧ୍ୟ ଉପସ୍ଥିତ ଥିଲେ। ଏହି ଶିବିରର ମୋଟ ୪୦୫ଜଣଙ୍କର ଚକ୍ଷୁ ପରୀକ୍ଷା କରାଯାଇଥିଲା। ସେମାନଙ୍କ ମଧ୍ୟରୁ ୩୧୦ଜଣଙ୍କୁ ଚଷମା ପ୍ରଦାନ କରାଯାଇଥିବା ବେଳେ ୪୧ଜଣଙ୍କର ମୋତିଆବିନ୍ଦୁ ଅସ୍ତ୍ରୋପଚାର ପାଇଁ ଚିହ୍ନଟ କରାଯାଇଛି। ଜିନ୍ଦଲ ଫାଉଣ୍ଡେସନ ସହଯୋଗରେ ସେମାନଙ୍କର ଅସ୍ତ୍ରୋପଚାର କରାଯିବ। ଏହି ଶିବିରରେ ସେରେଣ୍ଡା ଓ ଭଦ୍ରାସାହି ପଞ୍ଚାୟତର ୧୦ଟି ଗ୍ରାମର ବାସିନ୍ଦାଙ୍କ ସମେତ ସ୍ଥାନୀୟ ଅଞ୍ଚଳର ଡ୍ରାଇଭର ଓ ଖଣିରେ କାମ କରୁଥିବା କର୍ମଚାରୀଙ୍କ ଚକ୍ଷୁ ପରୀକ୍ଷଣ ହୋଇଥିଲା। ପାରିପାର୍ଶ୍ୱିକ ଅଞ୍ଚଳର ସାମାଜିକ ବିକାଶକୁ ଜିନ୍ଦଲ ଷ୍ଟିଲ ଏଣ୍ଡ ପାୱାର ସର୍ବାଧିକ ପ୍ରାଥମିକତା ଦେଉଥିବା ବେଳେ ଜିନ୍ଦଲ ଫାଉଣ୍ଡେସନ ଏହି ଲକ୍ଷ୍ୟ ହାସଲ କରିବା ପାଇଁ କାମ କରିଆସୁଛି। ସ୍ଥାନୀୟ ଅଞ୍ଚଳରେ କୃଷି, ସ୍ୱାସ୍ଥ୍ୟ, ଶିକ୍ଷା, ସଂସ୍କୃତି ଓ କ୍ରୀଡ଼ାର ବିକାଶ ପାଇଁ ଜିନ୍ଦଲ ଫାଉଣ୍ଡେସନ ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରୁଛି।

## ସେବାୟତଙ୍କ ପରଲୋକ

କାକଟପୁର(ଭାସ୍କର ନ୍ୟୁଜ): ମା' ମଙ୍ଗଳ ଙ୍କ ସେବାୟତ ତଥା ଅବସର‌ପ୍ରାପ୍ତ ଶିକ୍ଷକ ସାଧୁ ଚରଣ ଦୀକ୍ଷିତ(୮୬)ଙ୍କ ବାସଭବନରେ ପରଲୋକ ହୋଇଯାଇଛି । ସେ କିଛିଦିନ ହେଲା ବାର୍ଦ୍ଧକ୍ୟ ଜନିତ ରୋଗରେ ପୀଡିତ ଥିଲେ । ତାଙ୍କ ଚାକିରୀ ଜୀବନରେ ଓଥକା ପ୍ରାଇମେରୀ ସ୍କୁଲରେ ଦୀର୍ଘ ୨୮ ବର୍ଷ କାଳ ଶିକ୍ଷାଦାନ କରି ଉଚ୍ଚକୋଟିର ପ୍ରଶଂସା ପାଇଥିବା ବେଳେ ଅମୂଣିଆ ପାଟଣା କାଳିଆ ଗରୁଡ଼ ପ୍ରାଇମେରୀ ସ୍କୁଲକୁ ବଦଳି ହେବା ପରେ ସେଠାରେ ଶିକ୍ଷାଦାନ କରି ଅବସର ନେଇଥିଲେ । ପରେ ମଙ୍ଗଳା ମନ୍ଦିରର ବହୁ ଉନ୍ନତିମୂଳକ କାମ ହାତକୁ ନେଇ ବେଶ ପ୍ରଶଂସା ସାଉଁଟିଥିଲେ । ମୃତ୍ୟୁ ଖବର ପ୍ରଚାରିତ ହେବା କ୍ଷଣି ତାଙ୍କର ବହୁ ପୁରାତନ ଛାତ୍ର, ବିଶିଷ୍ଟ ବ୍ୟକ୍ତି ଶେଷ ଦର୍ଶନ କରିବାକୁ ବାସ ଭବନରେ ପହଞ୍ଚି ଥିଲେ । ପୁତ୍ର ଆଶିଷ, ମାନସ ଓ ଜ୍ୱାଇଁ ତୋଫାନ, ପରିବାର, ବନ୍ଧୁବର୍ଗ, ସେବାୟତ ଉପସ୍ଥିତ ଥିଲେ । ପୁତ୍ର ଆଶିଷ ମୁଖାଗ୍ନି ଦେଇଥିଲେ ।

### ନକଲି ପରୀକ୍ଷାର୍ଥୀ ଧରାପଡିବା ଘଟଣା

## ପ୍ରଧାନଶିକ୍ଷୟିତ୍ରୀ ଓ ଶିକ୍ଷୟିତ୍ରୀଙ୍କୁ କାରଣ ଦର୍ଶାଅ ନୋଟିସ୍

ନିମାପଡା(ଭାସ୍କର ନ୍ୟୁଜ): ନିମାପଡା ନହନ୍ତରା ହାଇସ୍କୁଲରେ ନକଲି ପରୀକ୍ଷାର୍ଥୀ ଧରାପଡିବା ଘଟଣାକୁ ନେଇ ଏବେ ହରଡଘଣାରେ ସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ । ପ୍ରଧାନଶିକ୍ଷୟିତ୍ରୀଙ୍କୁ ଶିକ୍ଷା ବିଭାଗ କାରଣ ଦର୍ଶାଇ ନୋଟିସ୍ ଜାରି କରିଥିବା ବେଳେ ସହକାରୀ ଶିକ୍ଷକଙ୍କୁ ମଧ୍ୟ କାରଣ ଦର୍ଶାଅ ନୋଟିସ୍ ଜାରି ହୋଇଛି । ଏପରି ଘଟଣା ଏବେ ନିମାପଡାରେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଥିବା ବେଳେ ନକଲି ପରୀକ୍ଷାର୍ଥୀଙ୍କ ପାଇଁ ନିମାପଡା ସବେତ ପୁରୀ ଜିଲ୍ଲା ଶିକ୍ଷା ବିଭାଗ ନିନ୍ଦିତ ହୋଇଛି । ମିଳିଥିବା ସୂଚନା ଅନୁଯାୟୀ ପୁରୀ ଜିଲ୍ଲା ନିମାପଡା ବ୍ଲକ୍ ନହନ୍ତରା ନୋଡାଲ ହାଇସ୍କୁଲରେ ଜଣେ ସଂଖ୍ୟାଲଘୁ ସଂପ୍ରଦାୟର ଛାତ୍ର ପାଇଁ ସତ୍ୟବାଦୀ ଥାନା ଡାଙ୍ଗୁରା ଗ୍ରାମର ରାଜା ଭୋଇ ଇଂଲିଶ ପରୀକ୍ଷା ଦେଉଥିବା ବେଳେ ଧରାପଡି ଗିରଫ ହୋଇଛନ୍ତି । କିପରି ନକଲି ବିଦ୍ୟାର୍ଥୀ ପରୀକ୍ଷା ଦେଲେ କିପରି ଜଣାପଡିଲା ନାହିଁ, ଆଡମିଟ୍ କାର୍ଡ ପାଇଲେ କେଉଁଠାରୁ ପରୀକ୍ଷା ଦାୟିତ୍ୱରେ ଅଧିକ୍ଷକ ଏଥିପାଇଁ ସଂପୂର୍ଣ୍ଣ ଦାୟୀ ବୋଲି ଶିକ୍ଷା ବିଭାଗ ଜାଣିବା ପରେ ଅଧୀକ୍ଷକ ପୁଷ୍ପାଞ୍ଜଳି ସେଠୀ ଓ ସହକାରୀ ଶିକ୍ଷକ ତପସ୍ୱିନୀ ସ୍ୱାଇଁଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି କରିଛନ୍ତି । ତୁରନ୍ତ ନୋଟିସ୍‌ର ଜବାବ ଦେବାକୁ ମଧ୍ୟ ତାଗିଦ କରାଯାଇଛି । ପ୍ରତ୍ୟେକ ପରୀକ୍ଷା କେନ୍ଦ୍ରରେ ସଠିକ୍ ଯାଞ୍ଚ ଆବଶ୍ୟକ ବୋଲି ମତପ୍ରକାଶ ପାଇଛି ।

**MANAPPURAM FINANCE LTD.**

CIN : L65910KL1992PLC006623
Registered Office: W - 4/ 638A, Manappuram House, P.O. Valapad, Thrissur - 680 567, Kerala, India

### ନିଲାମୀ ସୂଚନା

ବିଶେଷ ରୂପେ ବନ୍ଧକ କର୍ତ୍ତା ଏବଂ ସର୍ବସାଧାରଣଙ୍କୁ ସୂଚୀତ କରାଇ ଦିଆଯାଉଛି ଯେ, ନିମ୍ନ ଖାତାରେ ରଖାଯାଇଥିବା ବନ୍ଧକ ସୁନା ଅଳଙ୍କାରର ସାର୍ବଜନିକ ନିଲାମ ନିମ୍ନଲିଖିତ ଶାଖାରେ 17.03.2025 ତାରିଖ ଦିନ ସକାଳ 10 ଘଟିକା ଠାରୁ ଆରମ୍ଭ ହେବାର ପ୍ରସ୍ତାବ ରଖାଯାଇଛି । ଆମେ ସେହି ବାକିଆର ଗ୍ରାହକଙ୍କ ସ୍ୱର୍ଣ୍ଣ ଅଳଙ୍କାର ନିଲାମ କରୁଛୁ ଯେଉଁମାନଙ୍କୁ ପଞ୍ଜୀକୃତ ପତ୍ର ଜରିଆରେ ସୂଚୀତ କରାଇବା ପରେ ମଧ୍ୟ ସେମାନେ ସେମାନଙ୍କ ଋଣ ରାଶି ପଇଠ କରିବାରେ ବିଫଳ ହୋଇଛନ୍ତି । ନିଲାମ ନ କରାଯାଇଥିବା ସାମଗ୍ରୀକୁ କୌଣସି ପୂର୍ବ ସୂଚନା ବ୍ୟତୀତ ଯେକୌଣସି ଅନ୍ୟ ଦିନରେ ନିଲାମ କରାଯିବ । ନିଲାମର ସ୍ଥାନ କିମ୍ବା ତାରିଖରେ ପରିବର୍ତ୍ତନ (ଯଦି କିଛି ହୁଏ) କୌଣସି ପୂର୍ବ ସୂଚନା ବ୍ୟତୀତ ନିଲାମ କେନ୍ଦ୍ରରେ ତଥା ୱେବ୍‌ସାଇଟ୍‌ରେ ପ୍ରଦର୍ଶିତ କରାଯିବ ।

ବନ୍ଧକ ସୂଚୀ :

ଅନୁଗୁଳ, ଆଠମଲିକ, 138810700007375, 7404, 7455, 138810730008059, 8072, ବଅଁରପାଳ, 136160700020396, 0421, 0452, 136160730063075, 3155, ବାଇ ପାସ୍ ଛକ, ତାଳଚେର, 133420700037263, 7333, 7343, 7352, 7362, 7410, 133420730033256, 3377, 3395, 3533, ସଙ୍କର ସିନେମା ରୋଡ୍, 110850700060948, 0954, 0957, 1053, 110850730054485, 4535, 4735, 110850750000164, 0196, ବଲାଙ୍ଗିର , ବଲାଙ୍ଗୀର, ଓଡ଼ିଶା, 127480700059819, 9842, 9855, ମେଡିକାଲ୍ କଲେଜ୍ ରୋଡ୍, ବଲାଙ୍ଗୀର, 138790700006643, 6678, 138790730019819, ପଟ୍ଟନାଗଡ଼, 138760730051907, ବାଲେଶ୍ୱର, ଏଫ୍.ଏମ୍. କଲେଜ୍ ରୋଡ୍, ବାଲେଶ୍ୱର, 132010700037308, 7334, 132010730030009, 132010750000116, ଜଳେଶ୍ୱର, 134990700035590, 5627, 134990730046343, 134990780000231, ଜାଦୁରଙ୍ଗ, ଓଡ଼ିଶା, 133310700024364, 4430, 133310730032936, 2991, 3076, ମୋତିଗଞ୍ଜ ବଜାର, ବାଲେଶ୍ୱର, 134530700031151, 1158, 1188, 1189, 1196, 1310, 1321, 134530730027943, 7957, 8020, 8134, 134530750000180, ନୀଳଗିରି ସନତ, ଓଡ଼ିଶା, 126810700051558, 1576, 1607, 1608, 126810730045651, 7342, 7520, 7522, 7636, 7639, 7658, ପୋଲିସ୍ ଲାଇନ୍ ଛକ, 112340700069784, 112340700074636, 4637, 4638, 4640, 4653, 4656, 4681, 4689, 4737, 4742, 4753, 4761, 4793, 112340730075548, 5568, 5588, 5590, 5696, 5699, 5727, 5728, 112340750000104, 0115, 0127, ସୋରୋ ଷ୍ଟେସନ୍ ରୋଡ୍, 137580700005515, 5523, 5547, 137580750000102, ବରଗଡ଼, ବରଗଡ଼, ଅତାବିରା, 139130750000105, ବରଗଡ଼, ଓଡ଼ିଶା, 125190730021332, ବରପାଲି, 138980730016433, ଭାଟଲି ଛକ, ବରଗଡ଼, ଓଡ଼ିଶା, 133440700045824, 5848, 5888, 5896, 5911, 5947, 5961, 5972, 5998, 6016, 6063, 6080, 6089, 6090, 133440730018089, ପଦ୍ମପୁର, 137710700007351, ଭଦ୍ରକ, ଅଗରପଡ଼ା, ଭଦ୍ରକ, 139330700007450, 7452, ବାସୁଦେବପୁର, 137600700008213, 137600730048198, ଚାନ୍ଦବାଲି, ଭଦ୍ରକ, 139320730075823, 139320750000247, 0275, ଧାମନଗର, 137440700010606, 0619, 0651, 0659, 137440730035699, 5738, କଚେରୀ ବଜାର, 111990700098292, 8329, 8341, 8524, 111990730071024, 111990750000213, କଟକ, ଆଠଗଡ଼, 137020700011120, 1123, 1138, 1143, ବକ୍ସକବାଟି ରୋଡ୍, 109360700054547, ବାଙ୍କି, 137530700007737, ଚଣ୍ଡି ମନ୍ଦିର, ଓଡ଼ିଶା, 119790700046035, 6046, ଚୌଧୁରୀ ବଜାର, 112470700050285, 0398, 112470730037557, ଚୌଦ୍ୱାର, କଟକ, 121520700055225, ଗନ୍ଧରପୁର, ଓଡ଼ିଶା, 124480700034887, 4907, 4938, 124480730030610, ଜଗତପୁର, ଓଡ଼ିଶା, 116700700058302, କେନ୍ଦ୍ରାପଡ଼ା, 114570700056197, 6215, 6222, 6236, 6239, 6270, 114570730084223, 4297, 4357, 4499, ଲକ୍ଷ୍ମୀସାଗର ଛକ, ଭୁବନେଶ୍ୱର, 120460700048722, 8730, 8868, 120460730072421, 2459, 2467, 2566, 2597, 2599, 2979, 2980, 120460780001340, 1378, 1382, ମହାନଦୀ ବିହାର, 131580750000114, ନୟାବଜାର, କଟକ, 118530700039920, 118530700040072, ନିଆଳୀ, 135000700048751, 8753, 8757, 8782, 8813, 8819, 8834, 8887, 8893, 8948, 8967, 8969, ନୂଆପାଟଣା, 113820700032102, 2145, ସାଲେପୁର, 115650700051202, 1224, 115650730083618, 3657, ସତୀଚଉରା ଛକ, 110980700052551, 2566, 2586, 110980730042681, 2770, ଢେଙ୍କାନାଳ, କାମାକ୍ଷା ନଗର, 138910730040318, କାଞ୍ଚନ ବଜାର, 116110700047232, 7261, 7306, 7322, 7329, 7334, 7348, 116110730083521, ଷ୍ଟେଶନ୍ ବଜାର, ଢେଙ୍କାନାଳ, 138670700004002, 4034, 138670750000091, 0102, ଗଞ୍ଜାମ, ଆସ୍କା ରୋଡ୍, 110540700050652, 0655, 0698, 0722, 0726, 0731, 0755, 0803, 110540730069154, ଆସ୍କା, ଲକ୍ଷ୍ମୀ ବଜାର, 115990700044719, 115990730123980, 9627, ବ୍ରହ୍ମପୁର 1, 108500700048741, 108500730059029, ବ୍ରହ୍ମପୁର ପୁରୁଣା ବସ୍ ଷ୍ଟାଣ୍ଡ, 109090700048122, 8175, 109090730074789, 109090750000364, 0378, 0382, ଭଞ୍ଜନଗର, 136170730085128, 5362, ବିଗ୍ ବଜାର, 108910700042407, ଛତ୍ରପୁର, ଓଡ଼ିଶା, 128060700047609, 7618, ଗୋସାଣିଗାଁ, ଓଡ଼ିଶା, 129230700046808, 6811, 6842, 6853, 6855, 6856, 6942, 6945, 6985, 7007, 129230730083665, 3937, ପୁରୁଷୋତ୍ତମପୁର, 136150730059385, 9473, 136150750000236, ଜଗତସିଂହପୁର, ଦୁର୍ଗା ବଜାର, 111100700095621, 5622, 5643, 5659, 5664, 5739, 5754, 5772, 5790, 111100730113767, 3773, 3835, 3892, 4006, 4024, 4037, 4072, 4074, 4144, 4186, 4329, 4343, 4344, 4408, 111100750000306, 0339, ଜଗମରା, ଓଡ଼ିଶା, 133300700039940, 9952, 9960, 133300700040037, 0071, 0150, 133300730042595, 133300750000163, ଜଗତସିଂହପୁର ବସ୍ ଷ୍ଟାଣ୍ଡ, 138530700006355, 6380, ଜଗତସିଂହ ପୁର, ଓଡ଼ିଶା, 126530700047766, 7810, 126530730049529, 9546, 9602, 9604, 9638, 9656, 9700, 9732, 9800, 126530750000182, କୃଷ୍ଣନନ୍ଦପୁର, 138740700005118, 138740730041820, ମଣିଜଙ୍ଗା, ପାରାଦୀପ, 139120700005578, 5590, 5599, 5611, 5671, 139120730045890, 5924, 6107, 6155, 6423, ପାରାଦୀପ, 137120700008622, 137120730084886, ଯାଜପୁର, ବ୍ରହ୍ମବରଦା, 138780700005054, ଚଣ୍ଡିଖୋଲ, ଓଡ଼ିଶା, 116880700049630, 9707, 9712, 9714, 9729, 116880730072786, 2840, 3067, ଯାଜପୁର ରୋଡ୍, 115520700069817, 115520700071638, 1680, 1689, 1752, 1754, 1762, 1770, 1779, 1810, 1813, 1819, 1826, 115520730123988, 4072, 115520750000394, 115520780000203, ଯାଜପୁର ଟାଉନ୍, ଓଡ଼ିଶା, 119780700058184, 8199, 8212, 119780730097480, 7483, 7654, ଯାଜପୁର, ହରିପୁର, 138580700005565, 5582, 5606, 5618, 5630, 5678, 5682, 138580730036903, 6917, 6952, ଝାରସୁଗୁଡ଼ା, ବ୍ରଜରାଜନଗର, 137150700019347, 9360, 9387, 137150730036700, 6806, 6908, ଝାରସୁଗୁଡ଼ା, 119440700088853, 119440730064954, 119440750000322, କଳାହାଣ୍ଡି, ଭବାନୀପାଟଣା, 138230730018037, କେସିଙ୍ଗା, 138840730037661, 7910, ମଦନପୁର ରାମପୁର, 138650730032725, ମୁଖିଗୁଡ଼ା ଜଇପାଟଣା, 138560700005442, 5510, 5547, କେନ୍ଦ୍ରାପଡ଼ା, କାକଟ ଛକ, କେନ୍ଦ୍ରାପଡ଼ା, 127860730084938, 5154, 127860750000257, କେଶପୁର ବଜାର, କେନ୍ଦ୍ରାପଡ଼ା, 138450700005093, 138450730034287, ପଟ୍ଟାମୁଣ୍ଡାଇ, 139150700003833, 3858, 139150750000046, ପଟ୍ଟାମୁଣ୍ଡାଇ, ଓଡ଼ିଶା, 128180700048429, 8460, 8513, 8518, 128180730144782, ରାମନଗର, ମହାକାଳପଡ଼ା, 139040730063150, କେନ୍ଦୁଝର, ଆନନ୍ଦପୁର, 138250700006889, 6916, 138250730048117, 8351, 8650, 8817, ବରବିଲ, 138410700005221, 138410730023665, ଯୋଡ଼ା (ଜୋଡ଼ା), 138380700006121, 6138, 6172, 138380730012109, 2250, କେନ୍ଦୁଝର, 137430700007478, 7502, 7504, 7514, 7520, 7521, 7543, 137430730045780, 6037, 6061, ଖୋର୍ଦ୍ଧା, ଅଶୋକ ନଗର, ଓଡ଼ିଶା, 112130700035532, 5550, 5553, 5581, 5602, 112130730036745, ବାଲୁଗାଁ, ଓଡ଼ିଶା, 126000700056002, 6044, 126000730102929, 126000750000295, ବାଣପୁର, 138210700008892, 8957, ବାପୁଜୀ ନଗର ଭୁବନେଶ୍ୱର, 127030700053140, 3198, 3212, 3220, 3226, 3228, 3262, 3326, 3347, 127030730074498, 4653, 4865, କଲେଜ୍ ରୋଡ୍, ଜଟଣୀ, 138690700005123, 5136, 138690730038557, 138690750000014, ଜଟଣୀ, ଖୋର୍ଦ୍ଧା, 118650700071349, 1452, 1536, 1539, 118650750000125, ଖଣ୍ଡଗିରି ଛକ, ଓଡ଼ିଶା, 128380700061270, 1295, 1348, 1399, 1427, 1434, 1438, 1441, 1464, 1473, 1492, 128380730087078, 7100, 7182, 7186, 7319, 7320, 128380780001618, 1625, 1639, ଖୋର୍ଦ୍ଧା, 111850700133365, 3415, 111850730106923, 6932, 7114, 111850780002309, 2313, 2355, ଖୋର୍ଦ୍ଧା ମେନ୍ ରୋଡ୍, 138090700007295, 7308, ନୟାପଲୀ, 111050700088795, 111050730113517, 3588, 3604, 3978, ପଟିଆ, ଭୁବନେଶ୍ୱର, 138540700006297, ରସୁଲଗଡ଼ ଛକ, ଭୁବନେଶ୍ୱର, 119030700049865, 9924, 9926, 119030700050006, 0017, 0039, 0058, 119030730123578, 3582, 3777, 4020, ସହୀଦ ନଗର, 111430700064904, 4906, 4917, 4951, 4977, 4990, 5000, 5006, 5020, 5042, 5051, 5060, 5080, 5090, 5092, 5094, 111430730075860, 5993, 6033, 6034, 6145, 6263, 6389, 111430780000270, କୋରାପୁଟ, ଜୟପୁର, 138700700006035, 6063, 138700730027227, କୋରାପୁଟ, 139070700007159, 7162, 7236, 7256, କୋଟପାଡ଼, 138620750000167, ସୁନାବେଡ଼ା, 138610700008414, 8420, ମୟୂରଭଞ୍ଜ, ଜଶିପୁର, 139220700004187, 4218, 4253, 139220730010085, 0265, 139220780000182, କରଞ୍ଜିଆ, 138180700007224, 7254, କେସି ସର୍କଲ୍, 111710700038082, 8106, 111710730046822, ରାଇରଙ୍ଗପୁର, 137540730012524, 2571, ଷ୍ଟେଶନ୍ ରୋଡ୍ ବାରିପଦା, 135290700027276, 7278, 7315, 7316, 7317, 7326, 7339, 7343, 7372, 135290730041322, 1393, 1464, 135290750000122, ଉଦଳା, 137550700009232, 9250, 137550730018957, 9006, 9066, ନବରଙ୍ଗପୁର, ନବରଙ୍ଗପୁର, 137700700006913, ଉମର୍‌କୋଟ୍, 137650700006914, ନୟାଗଡ଼, ପିତବଳୁଡି ରୋଡ୍, ନୟାଗଡ଼, 128560700038530, 8547, 8607, 8608, 128560730066027, 6028, 6044, ରାଣାପୁରଗଡ଼ା, 139000700007807, 7808, 7812, 7816, 7834, 139000730054488, ନୂଆପଡ଼ା, ଖରିଆର, 138360730010601, ଫୁଲବାଣି, ଫୁଲବାଣି, 137890700007047, 7051, 7087, ପୁରୀ, ଡେଲାଙ୍ଗ, 137720700013855, 3935, 137720730041144, ଜଟଣୀ ରୋଡ୍, ପିପିଲି, 137420700010733, 0749, ନିମାପଡ଼ା, 137570730083151, 3325, ନିମାପଡ଼ା, ପୁରୀ, 129180700078064, 8125, 8156, 8157, 8158, 8178, 8194, 129180730100067, 0074, 0088, 0666, ପିପିଲି, ଓଡ଼ିଶା, 121150700096990, 6994, 7006, 7009, 7018, 7030, 7059, 7119, 7126, 121150730057511, ପୁରୀ, ଅଠରନଳା, 137950700009201, 9202, 9244, 9274, 9297, 137950730039711, ପୁରୀ, ଓଡ଼ିଶା, 115180700073657, 3658, 3716, 3721, 3810, 3839, 3869, 115180730111788, 2774, ରାୟଗଡ଼ା, ନାଲ୍‌କୋ ଛକ, ଅନୁଗୁଳ, 139310700004723, 4734, ରାୟଗଡ଼ା, 137870700005403, 137870750000173, ଷ୍ଟେଶନ୍ ରୋଡ୍, ଗୁଣୁପୁର, 138900700005096, 5103, 5124, 5135, 5149, 5153, 5174, 138900730008292, ସମ୍ବଲପୁର, ଅଇଁଠାପଲ୍ଲୀ, ସମ୍ବଲପୁର, 129150700044072, 4112, 4123, 4169, 4194, 4211, 129150730029938, 129150730030001, ଧନୁପାଲି, ସମ୍ବଲପୁର, 128210700045854, 5884, 5904, 5975, 128210730020628, 0651, 0660, 0755, 0810, କ୍ଷେତ୍ରାଜପୁର, ସମ୍ବଲପୁର, 139450700005616, ରେଙ୍ଗାଲି, 138870730023208, ସୁନ୍ଦର ଗଡ , ଫର୍ଟିଲାଇଜର୍ ଟାଉନ୍ ରାଉରକେଲା, 138260700010199, 138260730010906, କୋୟେଲ୍ ନଗର, ଓଡ଼ିଶା, 123590700065148, 5151, 5207, 5232, 5239, 5259, 5320, 123590730048944, 8987, 9007, 9076, 9108, 9205, 123590750000285, ରାଜଗଙ୍ଗପୁର, ସୁନ୍ଦରଗଡ଼, 137590700007334, 7335, 7384, 7391, 7398, 7444, 137590750000145, 0156, ରାଉରକେଲା, ଓଡ଼ିଶା, 122490700078414, 8418, 8426, 8472, 8473, 8481, 8485, 8487, 8534, 8571, 8610, 122490730042392, 2558, ସୁନ୍ଦରଗଡ଼ - ହସ୍ପିଟାଲ୍ ରୋଡ୍, 118860700060980, 118860750000136, ଭେଦବ୍ୟାସ, ରାଉରକେଲା, 139460700002960, 2997,

ଉପରୋକ୍ତ ନିଲାମିରେ ଅଂଶଗ୍ରହଣ କରିବାକୁ ଚାହୁଁଥିବା ବ୍ୟକ୍ତି ନିମ୍ନଲିଖିତ ଅନୁପାଳନ କରିବା ଜରୁରୀ :- ଇଚ୍ଛୁକ ବୋଲିଦାତା ଇଏମ୍‌ଡି ରୂପେ ଟ.10,000/- ଜମା କରିବା ଜରୁରୀ । (ଅସଫଳ ବୋଲିଦାତାଙ୍କୁ ଫେରସ୍ତ କରାଯିବ) ନିଲାମି ଦିନ ହିଁ ନଗଦ ରୂପେ ଫେରସ୍ତ କରାଯିବ । ବୋଲିଦାତାମାନେ ବୈଧ ଆଇଡି କାର୍ଡ / ପ୍ୟାନ୍ କାର୍ଡ ପାଖରେ ରଖିବା ଜରୁରୀ । ଅଧିକ ଜାଣିବା ନିମନ୍ତେ ଦୟାକରି 8089292353 ନମ୍ବରକୁ ଯୋଗାଯୋଗ କରନ୍ତୁ ।

ଅଧିକୃତ ଅଧିକାରୀ
ମଣପୁରମ୍ ଫାଇନାନ୍ସ ଲିମିଟେଡ ଉଦ୍ଦେଶ୍ୟରେ

## ଷଣ୍ଡ ମଠରେ ଅଷ୍ଟମପ୍ରହର ନାମ ସଂକୀର୍ତ୍ତନ



ରଘୁନାଥପୁର(ଭାସ୍କର ନ୍ୟୁଜ): ଜଗତସିଂହପୁର ଜିଲ୍ଲା ରଘୁନାଥପୁର ବ୍ଲକ ଅଧିନସ୍ଥ ବରାଗୋଳ ପଞ୍ଚାୟତର ଷଣ୍ଡ ସମାଧି ନିକଟରେ ପ୍ରତି ବର୍ଷ ଅଷ୍ଟମ ପ୍ରହର ନାମଜଜ୍ଞ ଚାଲୁ ରହିଛି। ପ୍ରତିବର୍ଷ ଭଳି ଚଳିତ ବର୍ଷ ଅଞ୍ଚଳର ସମସ୍ତ ଜନସାଧାରଣଙ୍କ ସହାୟତାରେ ପବିତ୍ର ମହାଶିବରାତ୍ରୀ ବୁଧବାରରେ ଏହାର ସୁବାଧିବାସ କରାଯାଇ ଗୁରୁବାର ଅହୋରାତ୍ର ନମଯଜ୍ଞ କରାଯାଇଛି । ଏହି କାର୍ଯ୍ୟକ୍ରମରେ ଅଞ୍ଚଳର ଶହଶହ ଭକ୍ତ ଶ୍ରଦ୍ଧାଳୁ ଆସି ସାମିଲି ହରିନାମ ରସପାନ କରି କୃତାର୍ଥଲାଭ କରିଥିଲେ। ଏଥିରେ କର୍ତ୍ତା ଭାବେ ପ୍ରଦୀପ କୁମାର ମହାନ୍ତି କାର୍ଯ୍ୟ ନିର୍ବାକ କରିଥିଲେ । ଅଞ୍ଚଳର ବହୁ କୀର୍ତ୍ତନ ମଣ୍ଡଳୀ ଯୋଗ ଦେଇଥିବା ବେଳେ ଶୁକ୍ରବାର ନଗର ପ୍ରରିକ୍ରମାକରି ନଗର କୀର୍ତ୍ତନ ସାରିଲାପରେ ଦଧି ହାଣ୍ଡି ଭଙ୍ଗା କାର୍ଯ୍ୟକ୍ରମ ମଠ ପରିସରରେ ହେବ ।

## ମହାଶିବରାତ୍ରୀରେ ଚଳଚଞ୍ଚଳ ଶୈବପୀଠ

ଜଗତସିଂହପୁର(ଭାସ୍କର ନ୍ୟୁଜ): ଜଗତସିଂହପୁର ଜିଲ୍ଲାରେ ମହାଶିବରାତ୍ରୀ ଉପଲକ୍ଷେ ଜିଲ୍ଲାର ସମସ୍ତ ଶୈବପୀଠ ଗୁଡିକ ଚଳଚଞ୍ଚଳ ହୋଇପଡିଥିଲା। ଦିନତମାମ ଶିବ ଆରାଧନା ଓ ପୂଜନରେ ଭକ୍ତମାନଙ୍କ ଭିଡ଼ ଦେଖିବାକୁ ମିଳିଥିଲା। ଭିନ୍ନ ଭିନ୍ନ ପୀଠରେ ଭିନ୍ନ ଭିନ୍ନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିବା ଦେଖାଯାଇଥିଲା। କେଉଁଠି ହରିନାମ ତ କେଉଁଠି ଚର୍ତୁର୍ଥ ପ୍ରହରୀ ନାମଯଜ୍ଞ ଚାଲିଥିଲା। କେତେକ ମହାଦେବଙ୍କ ପୀଠରେ ରୁଦ୍ରଭିଷେକ କରାଯାଇଥିଲା। ସକାଳ ଠାରୁ ମହାଦେବଙ୍କ ପୀଠରେ ଦର୍ଶନ ପାଇଁ ଭକ୍ତଙ୍କ ଲମ୍ବା ଲାଇନ ଦେଖାଯାଇଥିଲା। ତେବେ ସମସ୍ତ ପୀଠରେ ମହାଦୀପ ରାତ୍ର ୧୦ ଘଣ୍ଟିକାରେ ଉଠିଥିଲା ଓ ଭକ୍ତ ମାନେ ମହାଶିବରାତ୍ରି ଓଷା ରଖି ନିର୍ଜଳ ଉପବାସ ରହି ଶିବ ଆରାଧନାରେ ମଗ୍ନ ରହିଥିଲେ। ଜିଲ୍ଲାର ମୁଚକୁନ୍ଦ ମହାଦେବ, ଗଡେଶ୍ୱର ମହାଦେବ, ବାବା ଗୋରେଖନାଥ ପୀଠ, ନୀଳକଣ୍ଠେଶ୍ୱର ମହାଦେବ, କାଳେଶ୍ୱର ମହାଦେବ, ଗ୍ରାମେଶ୍ୱର ମହାଦେବ ଓ ସମଙ୍ଗ ସ୍ଥିତ ବିଶ୍ୱନାଥ ମହାଦେବ ମନ୍ଦିର ଭଳି ପୀଠମାନଙ୍କରେ ମହାଦୀପ ଉଠିବା ପର୍ଯ୍ୟନ୍ତ ବିଭିନ୍ନ ଆଧାତ୍ମିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।

# ଓଡ଼ିଶା ଭାସ୍କର

ODISHA BHASKAR

ଯାହା ଆପଣଙ୍କ କଥା କହେ

facebook.com/odishabhaskar
twitter.com/odishabhaskar
GET IT ON Google Play | Download on the App Store




ଆସନ୍ତା ବର୍ଷ ଆରମ୍ଭ ହେବ ଶାହାରୁଖଙ୍କ 'ପଠାନ ୨'ର ସୁଟିଂ | ୮



ଭୂତୁଣୀ ରୂପରେ ମୌନୀ ରାୟ | ୮


RNI Regd. No.ORI ORI 2004/12956 Postal Regd. No. BN/294/21-232 Published Simultaneously from Bhubaneswar, Angul & Berhampur. www.odishabhaskar.com

ଏକବିଂଶତମ ବର୍ଷ ସଂଖ୍ୟା-୩୩୦ Vol. 21 No-330 28 FEBRUARY 2025 FRIDAY BHUBANESWAR ଶୁକ୍ରବାର, ୨୮ ଫେବୃଆରୀ ୨୦୨୫ ପୃଷ୍ଠା-୮ ମୂଲ୍ୟ: ୭.୦୦


## ଓଡ଼ିଶାରେ ନଡ୍ଡା, ବିମାନବନ୍ଦରରେ ଭବ୍ୟ ସ୍ୱାଗତ



ଭୁବନେଶ୍ୱର, ୨୭।୨(ଭାସ୍କର ନ୍ୟୁଜ): ଦୁଇଦିନିଆ ଓଡ଼ିଶା ଗସ୍ତରେ ଆସିଥିବା ବିଜେପିର ରାଷ୍ଟ୍ରୀୟ ଅଧ୍ୟକ୍ଷ ତଥା କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଜେପି ନଡ୍ଡା ଗୁରୁବାର ସନ୍ଧ୍ୟାରେ ଭୁବନେଶ୍ୱର ବିମାନବନ୍ଦରରେ ପହଞ୍ଚିବା ପରେ ତାଙ୍କୁ ରାଜ୍ୟ ବିଜେପି ପକ୍ଷରୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ ବିଜେପି ରାଜ୍ୟସଭାପତି ମନମୋହନ ସାମଲ ଶ୍ରୀ ନଡ୍ଡାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ଏହାପରେ ଶ୍ରୀ ନଡ୍ଡା କୋଣାର୍କ ଗସ୍ତରେ ଯାଇଥିବା ସୂଚନା ମିଳିଛି। ସେ ରାତିରେ କୋଣାର୍କର ଇକୋ-ରିଟ୍ରିଟ୍‌ରେ ରାତ୍ରୀଯାପନ କରିବେ ଏବଂ ଶୁକ୍ରବାର ସକାଳେ ପୁରୀରେ ଆୟୋଜିତ ଜାତୀୟ ସ୍ୱାସ୍ଥ୍ୟମିଶନର ଏକ କାର୍ଯ୍ୟକ୍ରମରେ ଯୋଗ ଦେଇ ସନ୍ଧ୍ୟାରେ ଦିଲ୍ଲୀ ଫେରିଯିବେ। ଏଥିସହ ରାଜ୍ୟ ବିଜେପି ସଭାପତି ମନୋନୟନ ନେଇ ଆଲୋଚନା କରିବାର ମଧ୍ୟ କାର୍ଯ୍ୟକ୍ରମ ଥିବା ସୂଚନା ମିଳିଛି।

### ମାଲକାନଗିରି ଘଟଣା ଯାଜପୁରରେ ପୁନରାବୃତ୍ତି

## ମା' ହେଲେ ଦଶମଶ୍ରେଣୀ ଛାତ୍ରୀ

ଯାଜପୁର, ୨୭।୨(ଭାସ୍କର ନ୍ୟୁଜ): ମାଲକାନଗିରି ଜିଲ୍ଲା ଚିତ୍ରକୋଣ୍ଡା ଅଞ୍ଚଳରେ ଜଣେ ଦଶମଶ୍ରେଣୀ ଛାତ୍ରୀ ପୁତ୍ର ସନ୍ତାନ ଜନ୍ମଦେବା ଘଟଣା ସାରା ରାଜ୍ୟରେ ଆଲୋଡ଼ନ ସୃଷ୍ଟି କରିଥିବାବେଳେ ସମାନ ସ୍ଥିତି ଯାଜପୁର ଜିଲ୍ଲାରେ ଦେଖିବାକୁ ମିଳିଛି। ଯାଜପୁର ଜିଲ୍ଲା ବରୀ ଅଞ୍ଚଳର ଜଣେ ୧୦ମ ଶ୍ରେଣୀ ଛାତ୍ରୀ ମାଟ୍ରିକ ପରୀକ୍ଷା ଚାଲିଥିବା ସମୟରେ ଶିଶୁକନ୍ୟାର ମାଆ ହେବା ଘଟଣା ଚର୍ଚ୍ଚାର ବିଷୟ ପାଲଟିଛି। ଏହି ୧୦ମ ଶ୍ରେଣୀ ଛାତ୍ରୀଜଣକ ପୂର୍ବରୁ ଦୁଇଟି ବିଷୟରେ ମାଟ୍ରିକ ପରୀକ୍ଷା ଦେଇଥିଲେ। ତେବେ ବୁଧବାର ଦିନ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ିଯିବାରୁ ତାଙ୍କୁ ବରୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ସେ ଏକ ଶିଶୁକନ୍ୟା ଜନ୍ମ ଦେଇଥିଲେ। ତେବେ ତାଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଯାଜପୁର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଶିଶୁ ସୁରକ୍ଷା ଅଧିକାରୀ ଖବର ପାଇବା ପରେ ଘଟଣାର ତଦନ୍ତ ଆରମ୍ଭ କରିଛନ୍ତି। ଛାତ୍ରୀଜଣକ ନିଜ ଘରୁ ସ୍କୁଲକୁ ଯାତାୟତ କରୁଥିବାବେଳେ ଆଡମିଟ୍ କାର୍ଡ ନେବାପରେ ଆଉ ସ୍କୁଲକୁ ଆସିନଥିଲେ। ତେବେ ପ୍ରଶ୍ନ ଉଠୁଛି ୩ ଦିନ ଭିତରେ ରାଜ୍ୟରେ ସମାନ ପ୍ରକାରର ଦୁଇଟି ଘଟଣା ଘଟିଥିଲେ ମଧ୍ୟ ସ୍ଥାନୀୟ ଅଙ୍ଗନୱାଡ଼ି କର୍ମୀ, ସ୍କୁଲ ଶିକ୍ଷକ, ବିଶେଷକରି ଛାତ୍ରୀଙ୍କ ପରିବାରବର୍ଗ କିପରି ଜାଣିପାରିଲେ ନାହିଁ, ସେ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

## ନୌସେନା ଜାହାଜ ବିଧ୍ୱଂସୀ କ୍ଷେପଣାସ୍ତ୍ରର ସଫଳ ପରୀକ୍ଷଣ



ବାଲେଶ୍ୱର/ଚାନ୍ଦିପୁର, ୨୭।୨(ଭାସ୍କର ନ୍ୟୁଜ): ବାଲେଶ୍ୱର ଜିଲ୍ଲା ଚାନ୍ଦିପୁରସ୍ଥିତ ସମନ୍ୱିତ ପରୀକ୍ଷଣ ରେଞ୍ଜରୁ ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମିତ ନୌସେନା ଜାହାଜ ବିଧ୍ୱଂସୀ କ୍ଷେପଣାସ୍ତ୍ରର ପ୍ରଥମ ପରୀକ୍ଷଣ ସଫଳ ହୋଇଛି। ଡିଆରଡିଓ ଏବଂ ଭାରତୀୟ ନୌସେନା ପକ୍ଷରୁ ଏହି ପରୀକ୍ଷଣ କରାଯାଇଥିଲା। ନୌସେନାର ଏକ ହେଲିକପ୍ଟର ଜରିଆରେ କ୍ଷେପଣାସ୍ତ୍ରର ଫ୍ଲାଇଟ୍ ଟେଷ୍ଟ କରାଯାଇଥିଲା। ପରୀକ୍ଷଣବେଳେ ସମସ୍ତ ନିର୍ଦ୍ଧାରିତ ଲକ୍ଷ୍ୟ ମଧ୍ୟ ହାସଲ ହୋଇଥିବା ଡିଆରଡିଓ ବୈଜ୍ଞାନିକମାନେ ସୂଚନା ଦେଇଛନ୍ତି। ଭାରତୀୟ ନୌସେନା ପାଇଁ ଏହା ହେଉଛି ଆକାଶମାର୍ଗରୁ ନିକ୍ଷେପ କରାଯାଇପାରୁଥିବା ସ୍ୱଦେଶୀ ଜାହାଜ ବିଧ୍ୱଂସୀ କ୍ଷେପଣାସ୍ତ୍ର। ପରୀକ୍ଷଣ ସମୟରେ କ୍ଷେପଣାସ୍ତ୍ରଟି ନିର୍ଦ୍ଧାରିତ ସାମୁଦ୍ରିକ ମାର୍ଗରେ ଗତି କରିଥିଲା ଏବଂ ନିର୍ଦ୍ଧାରିତ ଲକ୍ଷ୍ୟକୁ ସଠିକ ଭାବେ ଭେଦ କରିବାରେ ସଫଳ ହୋଇଥିଲା। ଏହାସହିତ ନିୟନ୍ତ୍ରଣ, ମାର୍ଗଦର୍ଶନ ଓ ମିଶନ ଆକଳନକୁ ସଠିକ ଭାବେ କାର୍ଯ୍ୟକାରୀ କରିଥିଲା। ପରୀକ୍ଷଣ ରେଞ୍ଜର ବିଭିନ୍ନ ସ୍ଥାନରେ ଏବଂ ଇମ୍ପାକ୍ଟ ପଏଣ୍ଟରେ ଲାଗିଥିବା ସେନସର୍ସ କ୍ଷେପଣାସ୍ତ୍ରର ଗତିପଥକୁ ନିୟନ୍ତ୍ରଣ କରିଥିଲା ଏବଂ ସମସ୍ତ ଘଟଣାକୁ ରେକର୍ଡ ମଧ୍ୟ କରିଥିଲା। ଏହି କ୍ଷେପଣାସ୍ତ୍ରରେ ବହୁ ଅତ୍ୟାଧୁନିକ ଜ୍ଞାନକୌଶଳ ଖଞ୍ଜାଯାଇଛି। ଏଥିରେ ହେଲିକପ୍ଟର ପାଇଁ ସ୍ୱଦେଶୀ ଭାବେ ବିକଶିତ ଏକ ଲଞ୍ଚର ସଂଯୋଗ କରାଯାଇଛି। ପରୀକ୍ଷଣ ସମୟରେ ଡିଆରଡିଓ ଓ ଭାରତୀୟ ନୌସେନାର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

### ବାଲି ମାଫିଆଙ୍କୁ ଚେତାବନୀ ଦେଲେ ରାଜସ୍ୱମନ୍ତ୍ରୀ

## ଅମାନିଆ ହେଲେ କାର୍ଯ୍ୟାନୁଷ୍ଠାନ



ରାଉରକେଲା, ୨୭।୨(ଭାସ୍କର ନ୍ୟୁଜ): ରାଜ୍ୟରେ ବାଲି ମାଫିଆମାନେ ମାତିଛନ୍ତି। ସରକାରୀ ସମ୍ପତ୍ତି ଲୁଟି ଲାଭବାନ ହେଉଛନ୍ତି। ଏ ନେଇ ବାରମ୍ବାର ଅଭିଯୋଗ ମଧ୍ୟ ହେଉଛି। ଏହି ବାଲି ମାଫିଆମାନଙ୍କ ଉପରେ ସରକାର ମଧ୍ୟ କଡ଼ା ନଜର ରଖିଛନ୍ତି। ତେଣୁ ସେମାନେ ଏଣିକି ସତର୍କ ରହିବା ଦରକାର। ବାଲି ଚୋରଙ୍କୁ କୌଣସି ପରିସ୍ଥିତିରେ କ୍ଷମା ଦିଆଯିବ ନାହିଁ ବୋଲି ଗୁରୁବାର ରାଉରକେଲା ହକି ଭିଲେଜରେ ଆୟୋଜିତ ବୁଦ୍ଧିଜୀବୀ ସମ୍ମିଳନୀରେ ମୁଖ୍ୟବକ୍ତା ଭାବେ ଯୋଗଦେଇ କହିଛନ୍ତି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ। ସେ କହିଛନ୍ତି, ବାଲି ମାଫିଆମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଆରମ୍ଭ ହୋଇ ସାରିଛି। ଏଣିକି ବାଲି ଚୋରା ଚାଲାଣକୁ ରୋକିବା ପାଇଁ ନୂଆ ଆଇନ ଅଣାଯାଉଛି। ଏଥିରେ କଠୋର ଦଣ୍ଡର ବ୍ୟବସ୍ଥା ମଧ୍ୟ କରାଯାଇଛି। ପୂର୍ବରୁ ବାଲିଖାଦାନ ରାଜସ୍ୱ ବିଭାଗ ଅଧୀନରେ ରହିଥିବାବେଳେ ପୂର୍ବ ସରକାର ଏହାକୁ ଖଣି ବିଭାଗରେ ରଖିଥିଲେ। ସେ ଆହୁରି କହିଥିଲେ ଯେ ନୂଆ ସରକାର ଆସିବାର ୮ ମାସ ଭିତରେ ବାଲିରୁ ଆସୁଥିବା ରାଜସ୍ୱରେ ବୃଦ୍ଧି ଘଟିଛି। ଆଗକୁ ବାଲିଭଳି ଉତ୍ସରୁ ଆସୁଥିବା ରାଜସ୍ୱ ବୃଦ୍ଧି ପାଇଁ ବାଲି ମାଫିଆଙ୍କ ବିରୋଧରେ କଠୋର ପଦକ୍ଷେପ ନିଆଯିବ ବୋଲି ସେ ଚେତାଇ ଦେଇଥିଲେ। ସେ ଆହୁରି କହିଥିଲେ ଯେ ରାଜ୍ୟର ୩୧୭ ତହସିଲରେ ୨୭୧୧ଟି ଆରଆଇ କାର୍ଯ୍ୟାଳୟ ରହିଛି। ସେଥିରେ ମୋଟ ୩୬୬୫ ଆରଆଇ, ୩୧୦୧ ଏଆରଆଇ ଓ ୨୭୮୯ ଅମିନ ନିଯୁକ୍ତ ହେବା କଥା। ତେବେ ସାରା ରାଜ୍ୟରେ ଏବେ ମୋଟ ୨୫୬୪ ଆରଆଇ, ୧୫୩୨ ଏଆରଆଇ ଓ ୧୩୮୮ ଅମିନ ରହିଛନ୍ତି। ତେବେ କଟକ ଜିଲ୍ଲାରେ ସର୍ବାଧିକ ୮୨ଟି ଆରଆଇ ପଦବୀ ଖାଲି ପଡ଼ିଥିବା ସେ ସୂଚନା ଦେଇଛନ୍ତି।

## ଖୋର୍ଦ୍ଧାରେ ବିସ୍ଫୋରଣ, ୩ ଗୁରୁତର

ଖୋର୍ଦ୍ଧା, ୨୭।୨(ଭାସ୍କର ନ୍ୟୁଜ): ଗୁରୁବାର ପୂର୍ବାହ୍ନରେ ଖୋର୍ଦ୍ଧା ଶିଳ୍ପାଞ୍ଚଳ ଥାନା ଅନ୍ତର୍ଗତ କୁମାରବସ୍ତିରେ ଏକ ବଡ଼ଧରଣର ବିସ୍ଫୋରଣ ଘଟିଛି। ଏଥିରେ ୩ଜଣ ଗୁରୁତର ହୋଇଥିବା ସୂଚନା ମିଳିଛି। ସ୍ଥାନୀୟ ଲୋକେ କହିଛନ୍ତି ଯେ ଗ୍ରାମର ତାପସ ମଙ୍ଗରାଜଙ୍କ ଘରେ ଏହି ବିସ୍ଫୋରଣ ଘଟିଛି। ଏହା ବୋମା ବିସ୍ଫୋରଣ। ତେବେ ପୋଲିସ ଏହାକୁ ବାଣ ବିସ୍ଫୋରଣ ବୋଲି କହିଥିବାବେଳେ ଏ ନେଇ ତଦନ୍ତର ଆବଶ୍ୟକତା ରହିଛି ବୋଲି ଗ୍ରାମବାସୀ କହିଛନ୍ତି। ଗୁରୁତର ୩ଜଣଙ୍କ ମଧ୍ୟରୁ ୨ଜଣଙ୍କୁ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଥିବାବେଳେ ଅନ୍ୟଜଣଙ୍କୁ ଖୋର୍ଦ୍ଧା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଏହି ଘଟଣାପରେ ଗ୍ରାମବାସୀ ଭୟଭୀତ ହୋଇଯାଇଛନ୍ତି। ସମ୍ଭବତଃ ମଙ୍ଗରାଜଙ୍କ ପରିବାରରେ ବୋମା ପ୍ରସ୍ତୁତ ହେଉଥିବା ସନ୍ଦେହ କରାଯାଉଛି। ପୋଲିସ ଏ ନେଇ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।






ତୁମେ ଭଗବାନଙ୍କୁ ସେପର୍ଯ୍ୟନ୍ତ ବିଶ୍ୱାସ କରିପାରିବ ନାହିଁ,
ଯେପର୍ଯ୍ୟନ୍ତ ତୁମେ ନିଜେ ନିଜକୁ ବିଶ୍ୱାସ ନକରିଛ।

-ସ୍ୱାମୀ ବିବେକାନନ୍ଦ



କାହିଁରୁ ମୁଁ ଥିଲି ଆସି କାଳ -ସ୍ରୋତେ ଭାସି
ଶୂନ୍ୟହସ୍ତେ ପୁଣି ଯିବି କାହିଁ ?
କୁଟୁମ୍ବାଦି ବନ୍ଧୁ ବିତ୍ତ ଧରମ ବ୍ୟତୀତ
ମୋ' ସାଙ୍ଗେ କେହି ତ' ଯିବେ ନାହିଁ ।

- ଖଗେଶ୍ୱର ସେଠ୍



# ବିଜେପିର ବିହାର ଦଖଲ ରଣନୀତି
## ନୀତିଶଙ୍କ ଭବିଷ୍ୟତକୁ ନେଇ ଅନିଶ୍ଚିତତା

ନିକଟରେ ଅନୁଷ୍ଠିତ ହୋଇଥିବା ଦିଲ୍ଲୀ ବିଧାନସଭା ନିର୍ବାଚନରେ ବିଜେପି ନିଜର ଦବ୍‌ଦବା ପ୍ରଦର୍ଶନ କରିବା ପରେ ଏବେ ବିହାର ଦଖଲ କରିବାକୁ ଅଭିଯାନ ଆରମ୍ଭ କରିଛି। ଯଦିଓ ଚଳିତ ବର୍ଷ ଶେଷ ଆଡ଼କୁ ସମ୍ଭବତଃ ନଭେମ୍ବର ମାସରେ ନିର୍ବାଚନ ଅନୁଷ୍ଠିତ ହେବାର ସମ୍ଭାବନା ରହିଛି, ତଥାପି ଏବେ ଠାରୁ କେନ୍ଦ୍ରର କ୍ଷମତାସୀନ ଦଳ ନିଜର ରଣନୀତି ପ୍ରସ୍ତୁତ କରିବା ସଙ୍ଗେ ସଙ୍ଗେ ତୁଙ୍ଗ ରାଷ୍ଟ୍ରୀୟ ନେତାମାନେ ବିହାରକୁ ଘନ ଘନ ଗସ୍ତ କରି ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ ବା ଉଦ୍‌ଘାଟନ କରୁଥିବାର ଦେଖାଯାଉଛି। ବିହାର ବିଧାନସଭା ନିର୍ବାଚନ ଉଭୟ ଏନ୍‌ଡିଏ ଏବଂ ବିରୋଧୀ 'ଇଣ୍ଡିଆ' ମେଣ୍ଟ ପାଇଁ ଯଥେଷ୍ଟ ଗୁରୁତ୍ୱ ବହନ କରୁଛି। ଏହାରି ଭିତରେ ଶୁକ୍ରବାର ଦିନ ରାଜ୍ୟ ବିଧାନସଭା ବଜେଟ୍ ଅଧିବେଶନ ଆରମ୍ଭ ହେଉଥିବା ବେଳେ ତା'ର ଦୁଇଦିନ ପୂର୍ବରୁ ବୁଧବାର ରାଜ୍ୟ ମନ୍ତ୍ରିମଣ୍ଡଳର ସଂପ୍ରସାରଣ କରାଯାଇଛି। ଏଥିରେ କେବଳ ବିଜେପି କୋଟାରୁ ସାତଜଣ ବିଧାୟକ ମନ୍ତ୍ରୀ ଭାବରେ ଶପଥ ନେଇଛନ୍ତି। ଏହି ମନ୍ତ୍ରୀମାନଙ୍କୁ ମିଶାଇ ନୀତିଶ କୁମାର ସରକାରରେ ମନ୍ତ୍ରୀଙ୍କ ସଂଖ୍ୟା ୩୬ରେ ପହଞ୍ଚିଛି। ବର୍ତ୍ତମାନ ସ୍ଥିତିରେ ବିହାର ରାଜନୀତିରେ ବିଜେପିର ପ୍ରଭାବ ବୃଦ୍ଧି ପାଉଥିବାର ଲକ୍ଷ୍ୟ କରାଯାଉଛି। ମନ୍ତ୍ରିମଣ୍ଡଳର ଶପଥ ଗ୍ରହଣ ପୂର୍ବରୁ ନୀତିଶ ମନ୍ତ୍ରିମଣ୍ଡଳରେ ରାଜସ୍ୱ ମନ୍ତ୍ରୀ ରୂପେ କାର୍ଯ୍ୟ କରୁଥିବା ବିଜେପି ରାଜ୍ୟ ସଭାପତି ଦିଲ୍ଲୀପ ଜୟସ୍ୱାଲ୍ ମନ୍ତ୍ରୀ ପଦରୁ ଇସ୍ତଫା ପ୍ରଦାନ କରିଥିଲେ। ଦଳର 'ଏକ ବ୍ୟକ୍ତି- ଏକ ପଦବୀ' ନୀତିକୁ ସମ୍ମାନ ଜଣାଇ ସେ ମନ୍ତ୍ରୀପଦ ଛାଡିଛନ୍ତି। ଜେଡିୟୁ ସୁପ୍ରିମୋ ତଥା ମୁଖ୍ୟମନ୍ତ୍ରୀ ନୀତିଶ୍ କୁମାର ରାଜନୀତି କ୍ଷେତ୍ରରେ ଜଣେ ବିଶ୍ୱାସଯୋଗ୍ୟ ବା ଭରସାଯୋଗ୍ୟ ବ୍ୟକ୍ତି ହୋଇନଥିବାରୁ ତାଙ୍କର ଭବିଷ୍ୟତ ଗତିବିଧି ଉପରେ ରାଜନୈତିକ ମହଲର ଦୃଷ୍ଟି ନିବଦ୍ଧ ରହିଛି। ଅତୀତରେ ସେ ବାରମ୍ବାର ମେଣ୍ଟ ବଦଳ କରିଥିବାର ଦୃଷ୍ଟାନ୍ତ ରହିଛି ଏବଂ ୨୦୨୪ ଜାନୁଆରୀ ମାସରେ ଇଣ୍ଡିଆ ମେଣ୍ଟ ଛାଡ଼ି ପୁଣି ବିଜେପି ମେଣ୍ଟକୁ ଫେରି ମୁଖ୍ୟମନ୍ତ୍ରୀ ହୋଇଛନ୍ତି। ଗତ ସପ୍ତାହରେ ତାଙ୍କ ପୁଅ ରାଜନୀତିରେ ପ୍ରବେଶ କରିଥିବା ଖବର ପ୍ରକାଶିତ ହୋଇଛି ଏବଂ ବିଧାନସଭା ନିର୍ବାଚନରେ ସେ ସକ୍ରିୟ ଭୂମିକା ଗ୍ରହଣ କରିପାରନ୍ତି ବୋଲି ଆଶା କରାଯାଉଛି। ନୀତିଶକୁମାର ନିର୍ବାଚନ ପୂର୍ବରୁ ବିଜେପି ହାତ ଛାଡ଼ି 'ଇଣ୍ଡିଆ' ମେଣ୍ଟରେ ଯୋଗଦେଇ ପାରନ୍ତି ବୋଲି ମଝିରେ ମଝିରେ ଚର୍ଚ୍ଚା ଜୋର୍ ଧରୁଛି। କାରଣ ମହାରାଷ୍ଟ୍ର ନିର୍ବାଚନରେ ବିଜେପି ବିପୁଳ ଜିତାପଟ୍ ହାସଲ କରିବା ପରେ ଶିବସେନା ନେତା ଏକନାଥ ସିନ୍ଦେଙ୍କୁ ମୁଖ୍ୟମନ୍ତ୍ରୀ ନକରି ଏହି ପଦବୀ ନିଜ ହାତରେ ରଖିବା ଫଳରେ ନୀତିଶ କୁମାର ମଧ୍ୟ ବିହାରରେ ସେହି ଆଶଙ୍କା କରୁଛନ୍ତି। ତେବେ ପ୍ରଧାନମନ୍ତ୍ରୀ ମୋଦି, ଗୃହମନ୍ତ୍ରୀ ଅମିତ ଶାହ ଏବଂ ଦଳର ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡା ଇତିମଧ୍ୟରେ ରାଜ୍ୟକୁ ଗସ୍ତ କରି ତାଙ୍କ ମନରୁ ଆଶଙ୍କା ଦୂର କରିବାକୁ ଉଦ୍ୟମ କରିଛନ୍ତି। ନିର୍ବାଚନ ପରେ ନୀତିଶ ହିଁ ମୁଖ୍ୟମନ୍ତ୍ରୀ ହେବେ ବୋଲି ତାଙ୍କୁ ଆଶ୍ୱାସନା ଦିଆଯାଇଛି। ତିନିଦିନ ପୂର୍ବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗସ୍ତରେ ଆସି ପି.ଏମ୍. କିଷାନର ୧୯ତମ କିସ୍ତି ବାବଦ ଅର୍ଥ ବିହାରରୁ ହିଁ ସାରା ଦେଶକୁ ପଠାଇଥିଲେ। ସେହିପରି ଗୋଟିଏ ସୋଫାରେ ଜେ.ପି. ନଡ୍ଡାଙ୍କ ସହ ନିଭୃତ ଆଲୋଚନାରୁ ବିଜେପି-ଜେଡି(ୟୁ) ମେଣ୍ଟରେ ସବୁକିଛି ଠିକ୍‌ଠାକ୍ ଥିବାର ବାର୍ତ୍ତା ପ୍ରଦାନ କରାଯାଇଛି। ରାଜନୈତିକ ମହଲର ଆକଳନ ଅନୁଯାୟୀ ବିହାରରେ ଆଗୁଆ ନିର୍ବାଚନ କରାଯିବାର ମଧ୍ୟ ସମ୍ଭାବନା ରହିଛି। କାରଣ ହରିଆନା, ମହାରାଷ୍ଟ୍ର ଓ ଦିଲ୍ଲୀ ବିଧାନସଭା ନିର୍ବାଚନରେ ଆଶାତୀତ ସଫଳତା ହାସଲ କରିଥିବା ବିଜେପି କେନ୍ଦ୍ର ବଜେଟରେ ମଧ୍ୟ ବିହାରକୁ ଫୋକସ୍‌ରେ ରଖି ରାଜ୍ୟ ପାଇଁ ଅନୁଦାନ ଅଜାଡି ଦେଇଛି। ଏହି ସୁଯୋଗରେ ବିଜେପି ନେତୃତ୍ୱାଧୀନ ମେଣ୍ଟ ପୁଣିଥରେ ଅଧିକ ଆସନ ଦଖଲ କରି ଶାସନକୁ ଫେରିବାର ଉଜ୍ଜ୍ୱଳ ସମ୍ଭାବନା ରହିଛି। ତେବେ ନିର୍ବାଚନରେ ବିଜୟ ହାସଲ କରିବା ପରେ ନୀତିଶଙ୍କ ମୁଣ୍ଡରେ ସୁନା କଳସ ଢଳାଯିବ ନା ମହାରାଷ୍ଟ୍ର ଢ଼ାଞ୍ଚାରେ ବିଜେପି ମୁଖ୍ୟମନ୍ତ୍ରୀ କ୍ଷମତାସୀନ ହେବେ, ତାହା କେବଳ ଭବିଷ୍ୟତ ହିଁ କହିବ।

# ଏକତାର ମହାକୁମ୍ଭ - ନୂଆ ଯୁଗର ଆରମ୍ଭ



**ନରେନ୍ଦ୍ର ମୋଦୀ**
**ପ୍ରଧାନମନ୍ତ୍ରୀ**

ପବିତ୍ର ସହର ପ୍ରୟାଗରାଜରେ ମହାକୁମ୍ଭ ସଫଳତାର ସହ ସମାପନ ହୋଇଛି। ଏକତାର ଏକ ବିଶାଳ ମହାଯଜ୍ଞ ସମ୍ପନ୍ନ ହୋଇଛି। ଗୋଟିଏ ରାଷ୍ଟ୍ରର ଚେତନା ଜାଗ୍ରତ ହେଲେ, ଶହ ଶହ ବର୍ଷ ପୁରୁଣା ପରାଧୀନତାର ମାନସିକତାରୁ ମୁକ୍ତ ହେଲେ, ଦେଶରେ ନୂତନ ଶକ୍ତିର ସଂଚାର ହୋଇଥାଏ। ଏହାର ପରିଣାମ ଜାନୁଆରୀ ୧୩ରୁ ପ୍ରୟାଗରାଜରେ ଆରମ୍ଭ ହୋଇଥିବା 'ଏକତା କା ମହାକୁମ୍ଭ' (ଏକତାର ମହାକୁମ୍ଭ)ରେ ଦେଖିବାକୁ ମିଳିଥିଲା।

୨୨ ଜାନୁଆରୀ ୨୦୨୪ରେ, ଅଯୋଧ୍ୟାରେ ରାମ ମନ୍ଦିରର ପ୍ରାଣ ପ୍ରତିଷ୍ଠା ସମୟରେ, ମୁଁ ଦେବ ଭକ୍ତି ଏବଂ ଦେଶ ଭକ୍ତି ବିଷୟରେ କହିଥିଲି। ପ୍ରୟାଗରାଜରେ ମହାକୁମ୍ଭ ସମୟରେ, ସାଧୁ, ସନ୍ଥ, ମହିଳା, ଶିଶୁ, ଯୁବକ, ବରିଷ୍ଠ ନାଗରିକ ଏବଂ ସମାଜର ସମସ୍ତ ବର୍ଗର ଲୋକମାନେ ଏକାଠି ହୋଇଥିଲେ। ମହାକୁମ୍ଭରେ ଆମେ ରାଷ୍ଟ୍ରର ଜାଗ୍ରତ ଚେତନାକୁ ଦେଖିଛୁ। ଏହା ଥିଲା ଏକତାର ମହାକୁମ୍ଭ, ଯେଉଁଠି ୧୪୦ କୋଟି ଭାରତୀୟଙ୍କ ଆସ୍ଥା ଏହି ପବିତ୍ର ଅବସର ପାଇଁ ଏକ ସମୟରେ, ଗୋଟିଏ ସ୍ଥାନରେ ଏକତ୍ରିତ ହୋଇଥିଲା।

ପ୍ରୟାଗରାଜର ଏହି ପବିତ୍ର ଅଞ୍ଚଳ ହେଉଛି ଶୃଙ୍ଗବେରପୁର। ଏହା ଏକତା, ସୌହାର୍ଦ୍ଦ୍ୟ ଏବଂ ପ୍ରେମର ଏକ ପବିତ୍ର ଭୂମି, ଯେଉଁଠାରେ ପ୍ରଭୁ ଶ୍ରୀରାମ ଓ ନିଶାଦରାଜଙ୍କ ମଧ୍ୟରେ ସାକ୍ଷାତ ହୋଇଥିଲା। ସେମାନଙ୍କର ଏହି ସାକ୍ଷାତ ଭକ୍ତି ଓ ସଦ୍ଭାବନାର ସଙ୍ଗମ ଥିଲା। ଆଜି ମଧ୍ୟ ପ୍ରୟାଗରାଜ ଆମକୁ ସେହି ଭାବନା ସହ ପ୍ରେରଣା ଦେଉଛି।

୪୫ ଦିନ ଧରି ମୁଁ ଦେଶର କୋଣ ଅନୁକୋଣରୁ କୋଟି କୋଟି ଲୋକଙ୍କୁ ସଙ୍ଗମକୁ ଯିବାଆସିବା କରୁଥିବାର ଦେଖିଲି। ସଙ୍ଗମସ୍ଥଳରେ ଭାବପ୍ରବଣତାର ତରଙ୍ଗ ବୃଦ୍ଧି ପାଇବାରେ ଲାଗିଥିଲା। ପ୍ରତ୍ୟେକ ଭକ୍ତ ସଙ୍ଗମରେ ବୁଡ଼ ପକାଇବାର ଆକାଂକ୍ଷା ନେଇ ଆସିଥିଲେ । ଗଙ୍ଗା, ଯମୁନା ଏବଂ ସରସ୍ୱତୀଙ୍କ ପବିତ୍ର ସଙ୍ଗମ ପ୍ରତ୍ୟେକ ତୀର୍ଥଯାତ୍ରୀଙ୍କୁ ଉତ୍ସାହ, ଶକ୍ତି ଏବଂ ଆତ୍ମବିଶ୍ୱାସରେ ଭରିଦେଇଥିଲା।

ପ୍ରୟାଗରାଜର ଏହି ମହାକୁମ୍ଭ ଆଧୁନିକ ପ୍ରବନ୍ଧନ ବା ମ୍ୟାନେଜମେଣ୍ଟ ପେସାଦାର, ଯୋଜନା ଏବଂ ନୀତି ବିଶେଷଜ୍ଞଙ୍କ ପାଇଁ ଏକ ଅଧ୍ୟୟନର ବିଷୟ। ବିଶ୍ୱର କୌଣସି ସ୍ଥାନରେ ଏହି ବ୍ୟାପକତାର କୌଣସି ସମାନ୍ତରାଳ ଉଦାହରଣ ନାହିଁ।

ପ୍ରୟାଗରାଜରେ ନଦୀ ସଙ୍ଗମ କୂଳରେ କୋଟି କୋଟି ଲୋକ କିପରି ଏକାଠି ହେଲେ, ତାହା ବିଶ୍ୱ ଆଶ୍ଚର୍ଯ୍ୟର ସହ ଦେଖିଲା। ଏହି ଲୋକମାନଙ୍କ ପାଖରେ କୌଣସି ଆନୁଷ୍ଠାନିକ ନିମନ୍ତ୍ରଣ ନଥିଲା, କେତେବେଳେ ଯିବେ ସେ ବିଷୟରେ କୌଣସି ପୂର୍ବ ସୂଚନା ନଥିଲା। ତଥାପି କୋଟି କୋଟି ଲୋକ ନିଜ ଇଚ୍ଛାରେ ମହାକୁମ୍ଭ ଅଭିମୁଖେ ବାହାରିଥିଲେ ଏବଂ ପବିତ୍ର ଜଳରାଶିରେ ବୁଡ଼ ପକାଇବାର ଆନନ୍ଦ ଅନୁଭବ କରିଥିଲେ।

ପବିତ୍ର ସ୍ନାନ ପରେ ଅପାର ଆନନ୍ଦ ଏବଂ ସନ୍ତୋଷ ପ୍ରଦାନ କରୁଥିବା ସେହି ମୁହଁ ଗୁଡ଼ିକୁ ମୁଁ ଭୁଲି ପାରିବି ନାହିଁ। ମହିଳା, ବୟସ୍କ, ଦିବ୍ୟାଙ୍ଗ ଭାଇ ଓ ଭଉଣୀ-ସମସ୍ତେ ସଙ୍ଗମରେ ପହଞ୍ଚିବାର ରାସ୍ତା ଖୋଜି ବାହାର କଲେ।

ଭାରତର ଯୁବକମାନଙ୍କ ବିପୁଳ ଅଂଶଗ୍ରହଣକୁ ଦେଖିବା ମୋ ପାଇଁ ବିଶେଷ ଭାବରେ ହୃଦୟସ୍ପର୍ଶୀ ଥିଲା। ମହାକୁମ୍ଭରେ ଯୁବପିଢ଼ିର ଉପସ୍ଥିତି ଏକ ଗଭୀର ବାର୍ତ୍ତା ଦେଉଛି ଯେ ଭାରତର ଯୁବବର୍ଗ ଆମର ଗୌରବମୟ ସଂସ୍କୃତି ଏବଂ ଐତିହ୍ୟର ପଥପ୍ରଦର୍ଶକ ହେବେ। ସେମାନେ ଏହାର ସଂରକ୍ଷଣ ଦିଗରେ ସେମାନଙ୍କର ଦାୟିତ୍ୱକୁ ବୁଝନ୍ତି ଏବଂ ଏହାକୁ ଆଗକୁ ନେବା ପାଇଁ ପ୍ରତିଶ୍ରୁତିବଦ୍ଧ।

ଏହି ମହାକୁମ୍ଭ ପାଇଁ ପ୍ରୟାଗରାଜରେ ପହଞ୍ଚୁଥିବା ଲୋକଙ୍କ ସଂଖ୍ୟା ନିଃସନ୍ଦେହରେ ନୂତନ ରେକର୍ଡ ସୃଷ୍ଟି କରିଛି। କିନ୍ତୁ ଶାରୀରିକ ଭାବେ ଉପସ୍ଥିତ ଥିବା ଲୋକମାନଙ୍କ ବ୍ୟତୀତ, ପ୍ରୟାଗରାଜରେ ପହଞ୍ଚି ପାରୁନଥିବା କୋଟି କୋଟି ଲୋକ ମଧ୍ୟ ଏହି ଅବସରରେ ଭାବପ୍ରବଣତାର ସହ ଗଭୀର ଭାବେ ଜଡ଼ିତ ଥିଲେ। ତୀର୍ଥଯାତ୍ରୀମାନେ ନେଇ ଆସୁଥିବା ପବିତ୍ର ଜଳ ଲକ୍ଷ ଲକ୍ଷ ଲୋକଙ୍କ ପାଇଁ ଆଧ୍ୟାତ୍ମିକ ଆନନ୍ଦର ଉତ୍ସ ପାଲଟିଥିଲା। ମହାକୁମ୍ଭରୁ ଫେରୁଥିବା ଅନେକଙ୍କୁ ସେମାନଙ୍କ ଗ୍ରାମରେ ସମ୍ମାନର ସହ ସ୍ୱାଗତ କରାଯାଇଥିଲା, ସମାଜ ଦ୍ୱାରା ସମ୍ମାନିତ କରାଯାଇଥିଲା।

ଗତ କିଛି ସପ୍ତାହ ମଧ୍ୟରେ ଯାହା ଘଟିଛି ତାହା ଅଭୂତପୂର୍ବ ଏବଂ ଆଗାମୀ ଶତାବ୍ଦୀ ପାଇଁ ଏକ ମୂଳଦୁଆ ପକାଇଛି।

ସମସ୍ତଙ୍କ କଳ୍ପନା ଠାରୁ ଯଥେଷ୍ଟ ଅଧିକ ସଂଖ୍ୟକ ଭକ୍ତ ପ୍ରୟାଗରାଜରେ ପହଞ୍ଚିଥିଲେ। କୁମ୍ଭର ପୂର୍ବ ଅଭିଜ୍ଞତାକୁ ଆଧାର କରି ପ୍ରଶାସନ ଉପସ୍ଥାନର ଆକଳନ କରିଥିଲା।

ଆମେରିକାର ପ୍ରାୟ ଦୁଇଗୁଣ ଜନସଂଖ୍ୟା ଏହି ଏକତାର ମହାକୁମ୍ଭରେ ଅଂଶଗ୍ରହଣ କରିଥିଲେ।

ଆଧ୍ୟାତ୍ମିକ ବିଦ୍ୱାନମାନେ ଯଦି କୋଟି କୋଟି ଭାରତୀୟଙ୍କ ଉତ୍ସାହୀ ଅଂଶଗ୍ରହଣକୁ ବିଶ୍ଳେଷଣ କରନ୍ତି, ତେବେ ସେମାନେ ଦେଖିବେ ଯେ ଭାରତ ନିଜର ଐତିହ୍ୟକୁ ନେଇ ଗର୍ବିତ ଏବଂ ବର୍ତ୍ତମାନ ଦେଶ ଏକ ନୂତନ ଶକ୍ତି ସହିତ ଆଗକୁ ବଢୁଛି। ଏହା ଏକ ନୂତନ ଯୁଗର ପ୍ରାରମ୍ଭ ଏବଂ ଏହି ମହାକୁମ୍ଭ ନୂତନ ଭାରତର ଭବିଷ୍ୟତ ଲେଖିବ ବୋଲି ମୋର ବିଶ୍ୱାସ ରହିଛି ।

ହଜାର ହଜାର ବର୍ଷ ଧରି, ମହାକୁମ୍ଭ ଭାରତର ଜାତୀୟ ଚେତନାକୁ ସୁଦୃଢ଼ କରିଛି। ଅତୀତରେ ପ୍ରତ୍ୟେକ ପୂର୍ଣ୍ଣ କୁମ୍ଭରେ ସନ୍ଥ, ବିଦ୍ୱାନ ଏବଂ ଚିନ୍ତାନାୟକମାନେ ନିଜ ସମୟର ସମାଜର ସ୍ଥିତି ଉପରେ ବିଚାରବିମର୍ଶ କରୁଥିବା ଦେଖିବାକୁ ମିଳୁଥିଲା। ସେମାନଙ୍କ ବିଚାରର ପ୍ରତିଫଳନ ଦେଶ ଏବଂ ସମାଜକୁ ଏକ ନୂତନ ଦିଗ ପ୍ରଦାନ କରୁଥିଲା। ପ୍ରତି ଛଅ ବର୍ଷରେ, ଅର୍ଦ୍ଧକୁମ୍ଭ ସମୟରେ, ଏହି ବିଚାରଗୁଡ଼ିକର ସମୀକ୍ଷା କରାଯାଇଥିଲା। ୧୪୪ ବର୍ଷ ଧରି ଚାଲିଥିବା ୧୨ଟି ପୂର୍ଣ୍ଣ କୁମ୍ଭ ଘଟଣା ପରେ, ପୁରୁଣା ପରମ୍ପରାକୁ ପରିତ୍ୟାଗ କରାଯାଉଥିଲା, ନୂତନ ଚିନ୍ତାଧାରାକୁ ଗ୍ରହଣ କରାଯାଇଥିଲା ଏବଂ ସମୟ ସହିତ ଆଗକୁ ବଢ଼ିବା ପାଇଁ ନୂତନ ପରମ୍ପରା ସୃଷ୍ଟି କରାଯାଇଥିଲା।

୧୪୪ ବର୍ଷ ପରେ, ଏହି ମହାକୁମ୍ଭରେ, ଆମର ସନ୍ଥମାନେ ପୁନର୍ବାର ଭାରତର ବିକାଶ ପାଇଁ ଏକ ନୂତନ ବାର୍ତ୍ତା ଦେଇଛନ୍ତି । ସେହି ବାର୍ତ୍ତା ହେଉଛି - ବିକଶିତ ଭାରତ ।

ଏହି ଏକତାର ମହାକୁମ୍ଭରେ ପ୍ରତ୍ୟେକ ତୀର୍ଥଯାତ୍ରୀ, ଧନୀ ହୁଅନ୍ତୁ ଅବା ଗରିବ, ଯୁବ ହୁଅନ୍ତୁ ଅବା ବୃଦ୍ଧ, ଗାଁ ଅବା ସହରରୁ, ଭାରତ ହେଉ କି ବିଦେଶ, ପୂର୍ବ ହେଉ କି ପଶ୍ଚିମ, ଉତ୍ତର ହେଉ କି ଦକ୍ଷିଣ, ଜାତି, ଧର୍ମ ଏବଂ ବିଚାର ନିର୍ବିଶେଷରେ ଏକାଠି ହୋଇଥିଲେ। ଏହା 'ଏକ ଭାରତ ଶ୍ରେଷ୍ଠ ଭାରତ' ପରିକଳ୍ପନାର ପ୍ରତିମୂର୍ତ୍ତି ଥିଲା, ଯାହା କୋଟି କୋଟି ଲୋକଙ୍କ ମଧ୍ୟରେ ଆତ୍ମବିଶ୍ୱାସ ଭରିଥିଲା। ଏବେ ଆମକୁ ଏକ ବିକଶିତ ଭାରତ ନିର୍ମାଣର ଲକ୍ଷ୍ୟ ପାଇଁ ସମାନ ଭାବନା ନେଇ ଏକାଠି ହେବାକୁ ପଡ଼ିବ।

ମୋର ଗୋଟିଏ କଥା ମନେ ପଡୁଛି । ଭଗବାନ ଶ୍ରୀକୃଷ୍ଣ ଛୋଟ ଥିବା ସମୟରେ ନିଜ ପାଟିରେ ମା' ଯଶୋଦାଙ୍କୁ ସମ୍ପୂର୍ଣ୍ଣ ବ୍ରହ୍ମାଣ୍ଡର ଚିତ୍ର ଦେଖାଇଥିଲେ। ସେହିପରି, ଏହି ମହାକୁମ୍ଭରେ ଭାରତ ଓ ବିଶ୍ୱର ଲୋକମାନେ ଭାରତର ସାମୂହିକ ଶକ୍ତିର ବ୍ୟାପକ ସମ୍ଭାବନାକୁ ଦେଖିଛନ୍ତି। ଏବେ ଆମକୁ ଏହି ଆତ୍ମବିଶ୍ୱାସର ସହିତ ଆଗକୁ ବଢ଼ିବାକୁ ହେବ ଏବଂ ଏକ ବିକଶିତ ଭାରତ ଗଠନ ଦିଗରେ ନିଜକୁ ସମର୍ପିତ କରିବାକୁ ହେବ।

ଏହାପୂର୍ବରୁ ଭକ୍ତି ଆନ୍ଦୋଳନର ସନ୍ଥମାନେ ସମଗ୍ର ଭାରତରେ ଆମର ସାମୂହିକ ସଂକଳ୍ପର ଶକ୍ତିକୁ ଚିହ୍ନଟ କରିଥିଲେ ଏବଂ ପ୍ରୋତ୍ସାହିତ କରିଥିଲେ। ସ୍ୱାମୀ ବିବେକାନନ୍ଦଙ୍କ ଠାରୁ ଆରମ୍ଭ କରି ଶ୍ରୀ ଅରବିନ୍ଦଙ୍କ ପର୍ଯ୍ୟନ୍ତ ପ୍ରତ୍ୟେକ ମହାନ ଚିନ୍ତାନାୟକ ଆମକୁ ଆମ ସାମୂହିକ ସଂକଳ୍ପର ଶକ୍ତି ବିଷୟରେ ସ୍ମରଣ କରାଇ ଦେଇଥିଲେ। ଏପରିକି ମହାତ୍ମା ଗାନ୍ଧୀ ମଧ୍ୟ ସ୍ୱାଧୀନତା ଆନ୍ଦୋଳନ ସମୟରେ ଏହା ଅନୁଭବ କରିଥିଲେ। ସ୍ୱାଧୀନତା ପରେ, ଯଦି ଏହି ସାମୂହିକ ଶକ୍ତିକୁ ସଠିକ୍ ଭାବରେ ସ୍ୱୀକୃତି ଦିଆଯାଇଥାନ୍ତା ଏବଂ ସମସ୍ତଙ୍କ କଲ୍ୟାଣକୁ ପ୍ରୋତ୍ସାହିତ କରିବା ଦିଗରେ ଏହାର ଉପଯୋଗ କରାଯାଇଥା'ନ୍ତା, ତେବେ ଏହା ଗୋଟିଏ ନୂତନ ଭାବେ ସ୍ୱାଧୀନ ରାଷ୍ଟ୍ର ପାଇଁ ଏକ ମହାଶକ୍ତି ହୋଇପାରିଥାନ୍ତା। ଦୁର୍ଭାଗ୍ୟବଶତଃ, ପୂର୍ବରୁ ଏହା କରାଯାଇ ନଥିଲା। କିନ୍ତୁ ବର୍ତ୍ତମାନ, ଏକ ବିକଶିତ ଭାରତ ପାଇଁ ଲୋକମାନଙ୍କର ଏହି ସାମୂହିକ ଶକ୍ତି ଯେପରି ଭାବେ ଏକାଠି ହେଉଛି, ତାହା ଦେଖି ମୁଁ ଆନନ୍ଦିତ ।

ବେଦ ଠାରୁ ଆରମ୍ଭ କରି ବିବେକାନନ୍ଦଙ୍କ ପର୍ଯ୍ୟନ୍ତ, ପ୍ରାଚୀନ ଶାସ୍ତ୍ରଠାରୁ ଆରମ୍ଭ କରି ଆଧୁନିକ ଉପଗ୍ରହ ପର୍ଯ୍ୟନ୍ତ, ଭାରତର ମହାନ ପରମ୍ପରା ଏହି ରାଷ୍ଟ୍ରକୁ ରୂପ ଦେଇଛି । ଜଣେ ନାଗରିକ ଭାବେ ମୁଁ ପ୍ରାର୍ଥନା କରୁଛି ଯେ ଆମେ ଆମର ପୂର୍ବପୁରୁଷ ଏବଂ ସନ୍ଥମାନଙ୍କ ସ୍ମୃତିରୁ ନୂତନ ପ୍ରେରଣା ପାଇବା। ଏହି ଏକତାର ମହାକୁମ୍ଭ ଆମକୁ ନୂତନ ସଂକଳ୍ପ ସହିତ ଆଗକୁ ବଢିବାରେ ସାହାଯ୍ୟ କରୁ। ଆସନ୍ତୁ ଏକତାକୁ ଆମର ମାର୍ଗଦର୍ଶକ ନୀତି କରିବା । ''ରାଷ୍ଟ୍ରର ସେବା ହେଉଛି ଈଶ୍ୱରଙ୍କ ସେବା'', ଆସନ୍ତୁ ଆମେ ଏହି ବୁଝାମଣା ସହିତ କାର୍ଯ୍ୟ କରିବା ।

କାଶୀରେ ମୋର ନିର୍ବାଚନ ପ୍ରଚାର ସମୟରେ, ମୁଁ କହିଥିଲି, ''ମା' ଗଙ୍ଗା ମୋତେ ଡାକିଛନ୍ତି ।'' ଏହା କେବଳ ଏକ ଭାବପ୍ରବଣତା ନଥିଲା, ବରଂ ଆମର ପବିତ୍ର ନଦୀଗୁଡ଼ିକର ସ୍ୱଚ୍ଛତା ପ୍ରତି ଦାୟିତ୍ୱର ଏକ ଆହ୍ୱାନ ମଧ୍ୟ ଥିଲା। ପ୍ରୟାଗରାଜରେ ଗଙ୍ଗା, ଯମୁନା ଏବଂ ସରସ୍ୱତୀଙ୍କ ସଙ୍ଗମ ସ୍ଥଳରେ ଠିଆ ହୋଇ ମୋର ସଂକଳ୍ପ ଆହୁରି ଦୃଢ଼ ହୋଇଗଲା। ଆମ ନଦୀଗୁଡ଼ିକର ସ୍ୱଚ୍ଛତା ଆମ ନିଜ ଜୀବନ ସହିତ ଗଭୀର ଭାବେ ଜଡ଼ିତ। ବଡ଼ ହେଉ କିମ୍ବା ଛୋଟ, ଆମ ନଦୀଗୁଡ଼ିକୁ ଜୀବନଦାୟିନୀ ମା' ଭାବେ ସମ୍ମାନ କରିବା ଆମର ଦାୟିତ୍ୱ। ଏହି ମହାକୁମ୍ଭ ଆମକୁ ଆମ ନଦୀଗୁଡ଼ିକର ସ୍ୱଚ୍ଛତା ଦିଗରେ କାର୍ଯ୍ୟ କରିବା ପାଇଁ ପ୍ରେରଣା ଦେଇଛି।

ମୁଁ ଜାଣେ ଯେ ଏତେ ବଡ଼ କାର୍ଯ୍ୟକ୍ରମ ଆୟୋଜନ କରିବା ସହଜ କାମ ନଥିଲା। ଯଦି ଆମର ଭକ୍ତିରେ କୌଣସି ତ୍ରୁଟି ଥାଏ ତେବେ ଆମକୁ କ୍ଷମା କରନ୍ତୁ ବୋଲି ମୁଁ ମା' ଗଙ୍ଗା, ମା' ଯମୁନା ଏବଂ ମା' ସରସ୍ୱତୀଙ୍କୁ ପ୍ରାର୍ଥନା କରୁଛି । ମୁଁ ଜନତା ଜନାର୍ଦ୍ଦନ, ଜନସାଧାରଣଙ୍କୁ ଦେବତ୍ୱର ପ୍ରତିମୂର୍ତ୍ତି ଭାବେ ଦେଖୁଛି। ଯଦି ସେମାନଙ୍କ ସେବା କରିବା ପାଇଁ ଆମ ପ୍ରୟାସରେ କୌଣସି ତ୍ରୁଟି ରହିଛି, ତେବେ ମୁଁ ଜନସାଧାରଣଙ୍କୁ କ୍ଷମା ପ୍ରାର୍ଥନା କରୁଛି।

ଭକ୍ତି ଭାବନା ନେଇ କୋଟି କୋଟି ଲୋକ ମହାକୁମ୍ଭକୁ ଆସିଥିଲେ। ସେମାନଙ୍କର ସେବା କରିବା ମଧ୍ୟ ଏକ ଦାୟିତ୍ୱ ଥିଲା ଯାହା ସମାନ ଭକ୍ତିର ଭାବନା ସହିତ କାର୍ଯ୍ୟକାରୀ ହୋଇଥିଲା। ଜଣେ ସାଂସଦ ଭାବେ ମୁଁ ଗର୍ବର ସହ କହିପାରିବି ଯେ ଯୋଗୀ ଜୀଙ୍କ ନେତୃତ୍ୱରେ ପ୍ରଶାସନ ଏବଂ ଲୋକମାନେ ମିଳିତ ଭାବେ ଏହି ଏକତାର ମହାକୁମ୍ଭକୁ ସଫଳ କରିବା ପାଇଁ କାର୍ଯ୍ୟ କରିଥିଲେ। ରାଜ୍ୟ ହେଉ କିମ୍ବା କେନ୍ଦ୍ର, ସେଠାରେ କୌଣସି ଶାସକ କିମ୍ବା ପ୍ରଶାସକ ନଥିଲେ। ଏହା ପରିବର୍ତ୍ତେ ସମସ୍ତେ ଜଣେ ଉତ୍ସର୍ଗୀକୃତ ସେବକ ଥିଲେ। ସଫେଇ କର୍ମଚାରୀ, ପୁଲିସ, ଡଙ୍ଗାଚାଳକ, ଡ୍ରାଇଭର, ଖାଦ୍ୟ ପରିବେଷଣ କରୁଥିବା ଲୋକ- ସମସ୍ତେ ଅକ୍ଳାନ୍ତ ପରିଶ୍ରମ କରିଥିଲେ। ଅନେକ ଅସୁବିଧାର ସମ୍ମୁଖୀନ ହେବା ସତ୍ତ୍ୱେ ପ୍ରୟାଗରାଜର ଲୋକମାନେ ଯେଉଁଳି ଭାବେ ତୀର୍ଥଯାତ୍ରୀମାନଙ୍କୁ ଖୋଲା ହୃଦୟରେ ସ୍ୱାଗତ କରିଥିଲେ, ତାହା ବିଶେଷ ଭାବେ ପ୍ରେରଣାଦାୟୀ ଥିଲା। ମୁଁ ସେମାନଙ୍କୁ ଏବଂ ଉତ୍ତର ପ୍ରଦେଶର ଜନସାଧାରଣଙ୍କୁ ହୃଦୟରୁ କୃତଜ୍ଞତା ଓ ଧନ୍ୟବାଦ ଜ୍ଞାପନ କରୁଛି।

ଆମ ଦେଶର ଉଜ୍ଜ୍ୱଳ ଭବିଷ୍ୟତ ଉପରେ ମୋର ସର୍ବଦା ଅତୁଟ ବିଶ୍ୱାସ ରହିଛି। ଏହି ମହାକୁମ୍ଭକୁ ଦେଖିବା ଦ୍ୱାରା ମୋର ବିଶ୍ୱାସ ଅନେକ ଗୁଣ ବୃଦ୍ଧି ପାଇଛି।

୧୪୦ କୋଟି ଭାରତୀୟ ଯେଉଁଭଳି ଭାବେ ଏକତାର ମହାକୁମ୍ଭକୁ ଏକ ବିଶ୍ୱସ୍ତରୀୟ ସମାରୋହରେ ପରିଣତ କରିଛନ୍ତି, ତାହା ବାସ୍ତବରେ ଚମତ୍କାର। ଆମ ଲୋକମାନଙ୍କ ସମର୍ପଣ, ଭକ୍ତି ଏବଂ ପ୍ରୟାସ ଦ୍ୱାରା ଅନୁପ୍ରାଣିତ ହୋଇ, ମୁଁ ଖୁବଶୀଘ୍ର ଦ୍ୱାଦଶ ଜ୍ୟୋତିର୍ଲିଙ୍ଗଙ୍କ ମଧ୍ୟରେ ପ୍ରଥମ ଶ୍ରୀ ସୋମନାଥଙ୍କୁ ଦର୍ଶନ କରିବି । ତାଙ୍କୁ ଏହି ଶ୍ରଦ୍ଧାରୂପୀ ସଂକଳ୍ପ ପୁଷ୍ପ ସମର୍ପଣ କରି ପ୍ରତ୍ୟେକ ଭାରତୀୟଙ୍କ ପାଇଁ ପ୍ରାର୍ଥନା କରିବି। ଦେଶବାସୀଙ୍କ ମଧ୍ୟରେ ଏକତାର ଏହି ଅବିରତ ଧାରା ପ୍ରବାହିତ ହୋଇ ଚାଲିବା ପାଇଁ କାମନା କରିବି ।

ମହାକୁମ୍ଭର ଭୌତିକ ସ୍ୱରୂପ ମହାଶିବରାତ୍ରୀ ଉପଲକ୍ଷେ ସଫଳତାର ସହ ସମାପ୍ତ ହୋଇଥାଇପାରେ, କିନ୍ତୁ ଗଙ୍ଗାର ଶାଶ୍ୱତ ପ୍ରବାହ ପରି ମହାକୁମ୍ଭ ଜାଗ୍ରତ କରିଥିବା ଆଧ୍ୟାତ୍ମିକ ଶକ୍ତି, ଜାତୀୟ ଚେତନା ଏବଂ ଏକତା ଆମକୁ ଆଗାମୀ ଅନେକ ପିଢ଼ି ପର୍ଯ୍ୟନ୍ତ ପ୍ରେରଣା ଯୋଗାଇବ ।

# ସ୍ୱାବଲମ୍ବୀ ଭାରତ



**ଡ. ସୁନୀତି ମୁଣ୍ଡ୍**
**ଭୁବନେଶ୍ୱର, ମୋ : ୯୭୭୮୩୧୧୫୩୩**

**ବିକଶିତ ଓଡ଼ିଶାର ଚିତ୍ର**

ଦିନ ଥିଲା ଆମ ଦେଶ ଅନେକ ସାମଗ୍ରୀ ଓ ସେବା ପାଇଁ ବିଶ୍ୱର ଅନ୍ୟ ରାଷ୍ଟ୍ରଗୁଡିକ ଉପରେ ନିର୍ଭର କରୁଥିଲା। ଏ ବାବଦରେ ରାଜକୋଷରୁ କୋଟି କୋଟି ଟଙ୍କା ବ୍ୟୟ କରିବାକୁ ପଡୁଥିଲା। ତେବେ କେନ୍ଦ୍ର ସରକାରଙ୍କର ଦୂରଦର୍ଶୀ ଯୋଜନା ଓ ପ୍ରୟାସ ଯୋଗୁ ଏବେ ଭାରତ ଅନେକ ସାମଗ୍ରୀ ନିଜ ଦେଶରେ ତିଆରି କରିବା ସହିତ ବିଦେଶକୁ ରପ୍ତାନି କରୁଛି। ଏହାଦ୍ୱାରା ବିପୁଳ ବୈଦେଶିକ ବିନିମୟ ମୁଦ୍ରା ଉପାର୍ଜନ ହେବା ସହିତ ଦେଶ ଏସବୁ ଆମଦାନୀ କରିବାରେ ବ୍ୟୟ କରୁଥିବା ଅର୍ଥ ସଞ୍ଚୟ କରାଯାଇପାରୁଛି। ତାହାସହିତ ଦେଶରେ ଲକ୍ଷ ଲକ୍ଷ ଯୁବବର୍ଗ ଓ ଜନସାଧାରଣଙ୍କୁ କର୍ମନିଯୁକ୍ତି ମିଳିପାରିଛି। ମୋଟ ଉପରେ ଦେଶର ଅର୍ଥନୀତି ମଜଭୁତ ହେଉଛି। ଯାହାଫଳରେ ସରକାର ବହୁ ଜନକଲ୍ୟାଣକାରୀ କାର୍ଯ୍ୟକ୍ରମ ହାତକୁ ନେଇପାରୁଛନ୍ତି। ସରକାରଙ୍କ ପକ୍ଷରୁ ଶିଳ୍ପାୟନକୁ ଗୁରୁତ୍ୱ ଦିଆଯିବା ଦ୍ୱାରା ଦେଶରେ ଶତାଧିକ ବୃହତ୍ ଶିଳ୍ପ ସ୍ଥାପନ ହୋଇପାରିଛି ଏବଂ ଆହୁରି ଅନେକ ସ୍ଥାପନ ହେବାକୁ ଯାଉଛି। ଅନୁରୂପ ଭାବରେ ଏମ୍‌ଏସ୍‌ଏମ୍‌ଇକୁ ମଧ୍ୟ ପ୍ରାଧାନ୍ୟ ଦିଆଯାଉଛି। ଏହି କ୍ଷେତ୍ର ଏକ ଅଗ୍ରଣୀ ନିଯୁକ୍ତି ପ୍ରଦାନକାରୀ ବ୍ୟବସ୍ଥା ହୋଇଥିବାବେଳେ ଦେଶର ଅର୍ଥନୀତିରେ ମଧ୍ୟ ଏହାର ଉଲ୍ଲେଖନୀୟ ଅବଦାନ ରହିଛି। ତାହାସହିତ ଷ୍ଟାର୍ଟ ଅପ୍‌କୁ ପ୍ରୋତ୍ସାହନ ଦିଆଯାଇ ଦେଶର ଅଧିକରୁ ଅଧିକ ଯୁବବର୍ଗ ଯେଭଳି ନିଜର ଉଦ୍ୟୋଗ ସ୍ଥାପନ କରି ନିଯୁକ୍ତି ପ୍ରଦାନକାରୀ ହେବେ ଏବଂ ତାହାସହିତ ଦେଶର ବିକାଶରେ ନିଜର ଅବଦାନ ରଖିବେ, ତାହାକୁ ପ୍ରାଧାନ୍ୟ ଦିଆଯାଉଛି। ସେଥିପାଇଁ ଷ୍ଟାର୍ଟ ଅପ୍‌ଗୁଡିକୁ ଋଣ ସୁବିଧା ଏବଂ ସରକାରୀ ପ୍ରୋତ୍ସାହନ ଯୋଗାଇ ଦିଆଯାଉଛି। ଏସବୁ ପଛରେ ସୂଚନା ପ୍ରଯୁକ୍ତି (ଆଇଟି)ର ପ୍ରମୁଖ ଭୂମିକା ରହିଛି। ଆମ ଦେଶରେ ମଧ୍ୟ ଆଇଟି କ୍ଷେତ୍ରର ବିକାଶ ଘଟିଚାଲିଛି। ବିଶ୍ୱର ସମସ୍ତ ପ୍ରମୁଖ ଆଇଟି କମ୍ପାନୀ ଭାରତରେ ସେମାନଙ୍କର କେନ୍ଦ୍ର ସ୍ଥାପନ କରିଛନ୍ତି। ଏହା ମଧ୍ୟ ଭାରତର ଲକ୍ଷାଧିକ କୁଶଳୀ ଯୁବବର୍ଗଙ୍କୁ ନିଯୁକ୍ତି ସୁଯୋଗ ଯୋଗାଇଦେବା ସହିତ ସେମାନଙ୍କୁ ଆର୍ଥିକ ଦୃଷ୍ଟିରୁ ସଶକ୍ତ କରୁଛି। ସେଥିପାଇଁ ଦେଶର ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ ଆଇଟି ଶିକ୍ଷା ପ୍ରଦାନକାରୀ ପ୍ରତିଷ୍ଠାନଗୁଡିକ ସ୍ଥାପନ କରାଯାଇଛି। କହିବାକୁ ଗଲେ ଆଇଟି କ୍ଷେତ୍ରରେ ଭାରତ ଏକ ପ୍ରମୁଖ ସ୍ଥଳ ପାଲଟିଛି। ଆଇଟି ଓ ଆଇଟିଇଏସ୍ ରପ୍ତାନି କରି ଭାରତ ବିପୁଳ ଉପାର୍ଜନ ମଧ୍ୟ କରୁଛି। କେବଳ ଶିଳ୍ପ ବା ଆଇଟି ନୁହେଁ, କୃଷି ଠାରୁ ନେଇ ମହାକାଶ ଗବେଷଣା, ପ୍ରତିରକ୍ଷା ଆଦି ସମସ୍ତ କ୍ଷେତ୍ରରେ ଭାରତ ଯେଭଳି ସ୍ୱାବଲମ୍ବୀ ହୋଇପାରିବ, ସେ ଦିଗରେ କେନ୍ଦ୍ର ସରକାର ଯଥେଷ୍ଟ ଦୃଷ୍ଟି ଦେଉଛନ୍ତି। ଏ ଦିଗରେ 'ମେକ୍ ଇନ ଇଣ୍ଡିଆ' ଏବଂ 'ଭୋକାଲ ଫର୍ ଲୋକାଲ' ପ୍ରମୁଖ ଭୂମିକା ଗ୍ରହଣ କରୁଛି। ପ୍ରତିରକ୍ଷା କ୍ଷେତ୍ରରେ ଭାରତ ନିଜ ଦେଶରେ ଅନେକ ସାମଗ୍ରୀ ଉତ୍ପାଦନ କରି ସେସବୁରେ ସ୍ୱାବଲମ୍ବୀ ହେବା ସହିତ ବିଶ୍ୱର ଏକ ଅଗ୍ରଣୀ ରପ୍ତାନିକାରୀ ରାଷ୍ଟ୍ର ଭାବରେ ଉଭା ହେବାକୁ ଯାଉଛି। ସେହିଭଳି କୃଷିଜାତ ସାମଗ୍ରୀ ଆମ ଦେଶ ପୂର୍ବରୁ ରପ୍ତାନି କରୁଥିବାବେଳେ ଏବେ ତାହାର ପରିମାଣ ବୃଦ୍ଧି ପାଇଛି ଏବଂ ତାହାକୁ ମୂଲ୍ୟଯୁକ୍ତ କରାଯାଇ ଦେଶର କୃଷକ ଓ କୃଷି ସହିତ ସଂପୃକ୍ତ ଜନସାଧାରଣ କିଭଳି ଅଧିକ ଫାଇଦା ପାଇପାରିବେ ଏବଂ ସ୍ୱାବଲମ୍ବୀ ହେବେ, ସେଥିପାଇଁ ସରକାରଙ୍କ ପକ୍ଷରୁ ଅନେକ ଯୋଜନା କାର୍ଯ୍ୟକାରୀ କରାଯାଉଛି। ଦେଶକୁ ସବୁ କ୍ଷେତ୍ରରେ ସ୍ୱାବଲମ୍ବୀ କରିବା ପାଇଁ ଭିତ୍ତିଭୂମି ବିକାଶକୁ ଅଗ୍ରାଧିକାର ଦିଆଯାଉଛି। କେନ୍ଦ୍ର ସରକାରଙ୍କ ପ୍ରଚେଷ୍ଟାରେ ଦେଶରେ ହଜାର ହଜାର କିଲୋମିଟର ଜାତୀୟ ରାଜପଥ, ରେଳପଥ ନିର୍ମାଣ କରାଯିବା ସହିତ ଶତାଧିକ ନୂତନ ବିମାନ ବନ୍ଦର, ସାମୁଦ୍ରିକ ବନ୍ଦର ନିର୍ମାଣ, ପୂର୍ବରୁ ରହିଥିବା ବିମାନ ବନ୍ଦର ଓ ସାମୁଦ୍ରିକ ବନ୍ଦରଗୁଡିକର ଆଧୁନିକୀକରଣ କରାଯାଉଛି। ଏହାଦ୍ୱାରା ଗମନାଗମନ ଏବଂ ସାମଗ୍ରୀ ପରିବହନ ବ୍ୟବସ୍ଥାରେ ଉଲ୍ଲେଖନୀୟ ପ୍ରଗତି ଘଟିଛି। ଜଳବାୟୁ ପରିବର୍ତ୍ତନ ମୁକାବିଲା ସାରା ବିଶ୍ୱ ପାଇଁ ଚିନ୍ତାଜନକ ବିଷୟ ହୋଇଥିବାବେଳେ ଭାରତ ଅକ୍ଷୟ ଶକ୍ତିରୁ ବିଦ୍ୟୁତ୍ ଉତ୍ପାଦନକୁ ଗୁରୁତ୍ୱ ଦେଉଛି। ସେଥିପାଇଁ ବାସଗୃହ ଠାରୁ ନେଇ ସରକାରୀ ଦପ୍ତରଗୁଡିକ ଯେଭଳି ସୌରଶକ୍ତିରେ ପରିଚାଳିତ ହୋଇପାରିବ, ସେଥିପାଇଁ ସରକାରଙ୍କ ପକ୍ଷରୁ ପ୍ରୋତ୍ସାହନ ଯୋଗାଇ ଦିଆଯାଉଛି। ସମ୍ପ୍ରତି ଭାରତ ବିଦ୍ୟୁତ୍ ଉତ୍ପାଦନରେ ସ୍ୱାବଲମ୍ବୀ ହେବା ସହିତ ପଡ଼ୋଶୀ ରାଷ୍ଟ୍ରକୁ ମଧ୍ୟ ବିଦ୍ୟୁତ୍ ଶକ୍ତି ବିକ୍ରି କରୁଛି। ଆମ ରାଜ୍ୟରେ ମଧ୍ୟ ଅନେକ ଘରୋଇ ସଂସ୍ଥା ସୌର ଶକ୍ତି ପ୍ରକଳ୍ପ ସ୍ଥାପନ କରିଛନ୍ତି। ଭାରତ ସର୍ବାଧୁନିକ ସ୍ୱାସ୍ଥ୍ୟସେବା ଯୋଗାଣ, ଶିକ୍ଷା ଆଦି କ୍ଷେତ୍ରରେ ମଧ୍ୟ ସ୍ୱାବଲମ୍ବୀ ହୋଇପାରିଛି। ପ୍ରତିବର୍ଷ ବିଦେଶରୁ ହଜାର ହଜାର ଛାତ୍ରଛାତ୍ରୀ ଭାରତକୁ ଅଧ୍ୟୟନ ଓ ଗବେଷଣା ନିମନ୍ତେ ଆସୁଛନ୍ତି। ଅନୁରୂପ ଭାବରେ ପଡ଼ୋଶୀ ରାଷ୍ଟ୍ରଗୁଡିକରୁ ବିଭିନ୍ନ ରୋଗରେ ଆକ୍ରାନ୍ତ ଭାରତକୁ ଆସି ସୁଲଭ ମୂଲ୍ୟରେ ଅତ୍ୟାଧୁନିକ ଚିକିତ୍ସା ସୁବିଧା ପାଇପାରୁଛନ୍ତି। ବିଶେଷକରି ମହିଳାମାନଙ୍କୁ ସ୍ୱାବଲମ୍ବୀ କରିବା ସକାଶେ ଭାରତ ସରକାରଙ୍କର ଅନେକ ଯୋଜନା କାର୍ଯ୍ୟକାରୀ ହେଉଛି। ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଗୁଡିକୁ ସଶକ୍ତ କରିବା ପାଇଁ ସେମାନଙ୍କୁ କୋହଳ ହାରରେ ଅଥବା ସୁଧ ମୁକ୍ତ ଋଣ ଯୋଗାଣ ଠାରୁ ନେଇ ସେମାନଙ୍କ ଦ୍ୱାରା ଉତ୍ପାଦିତ ସାମଗ୍ରୀଗୁଡିକର ବିକ୍ରିବଟା ନିମନ୍ତେ ସରକାର ପ୍ରୋତ୍ସାହନ ଯୋଗାଇ ଦେଉଛନ୍ତି। ଶୀଘ୍ର ନଷ୍ଟ ହୋଇଯାଉଥିବା ଫଳ, ପନିପରିବା ଆଦି ସଂରକ୍ଷିତ ରଖିବା ସକାଶେ ଶୀତଳ ଭଣ୍ଡାର ନିର୍ମାଣ, ଉକ୍ତ ଉତ୍ପାଦଗୁଡିକର ପ୍ରକ୍ରିୟାକରଣକୁ ସରକାରୀ ପ୍ରୋତ୍ସାହନ ଯୋଗାଇ ଦିଆଯାଉଛି। ଜନସାଧାରଣଙ୍କୁ ଆର୍ଥିକ ଦୃଷ୍ଟିରୁ ସଶକ୍ତ କରିବା ସକାଶେ ସମସ୍ତଙ୍କର ଯେଭଳି ବ୍ୟାଙ୍କରେ ଜମାଖାତା ରହିବ, ସେଥିପାଇଁ ସରକାର ପ୍ରଧାନମନ୍ତ୍ରୀ ଜନ ଧନ ଆକାଉଣ୍ଟ ଖୋଲିବା ବ୍ୟବସ୍ଥା କରାଯାଇଛି। କେନ୍ଦ୍ର ସରକାରଙ୍କ ପକ୍ଷରୁ କୃଷକ ପରିବାରଗୁଡିକୁ ପ୍ରତିବର୍ଷ ସହାୟତା ରାଶି ଯୋଗାଇ ଦିଆଯାଉଛି। ସେମାନଙ୍କ ଦ୍ୱାରା ଉତ୍ପାଦିତ ବିଭିନ୍ନ ଫସଲ ପାଇଁ ସର୍ବନିମ୍ନ ସହାୟକ ମୂଲ୍ୟ ନିର୍ଦ୍ଧାରଣ କରାଯାଉଛି। ଏହାଦ୍ୱାରା କୃଷକ ଏବଂ କୃଷି କ୍ଷେତ୍ର ସହିତ ସଂପୃକ୍ତ ଲୋକ ଲାଭବାନ ଓ ସ୍ୱାବଲମ୍ବୀ ହେବାକୁ ସରକାର ଲକ୍ଷ୍ୟ ରଖିଛନ୍ତି। ଅନୁରୂପ ଭାବରେ ମତ୍ସ୍ୟଚାଷ, ଗୋପାଳକ, କୁକୁଡା ପାଳନ କରୁଥିବା ବ୍ୟକ୍ତିଙ୍କୁ ଋଣ ଏବଂ ଅନ୍ୟାନ୍ୟ ପ୍ରୋତ୍ସାହନ ଦିଆଯାଇ ସରକାର ଦେଶକୁ ଦୁଗ୍ଧ ଉତ୍ପାଦ, କୁକୁଡା ମାଂସ ଓ ଅଣ୍ଡା ଉତ୍ପାଦନରେ ସ୍ୱାବଲମ୍ବୀ କରିବାକୁ ପ୍ରୟାସ କରୁଛନ୍ତି।

# ଜାତୀୟ ସବୁଜ ଅଦାଲତର ଭୂମିକା



**ଯୁଧିଷ୍ଠିର ମହାରଣା**
**ଆଇନଜୀବୀ**
**ଓଡ଼ିଶା ହାଇକୋର୍ଟ, କଟକ**

ସାଧାରଣତଃ ଆମେ ବାୟୁ, ଜଳ, ଶବ୍ଦ ପ୍ରଦୂଷଣର ଭୟାବହତା ବିଷୟରେ ଭଲଭାବେ ଜାଣିଛେ। ମୁଖ୍ୟତଃ କଳକାରଖାନା, ଖଣି ଖାଦାନ, ଯାନବାହାନ, ଶୀତତପ ନିୟନ୍ତ୍ରଣ ଯନ୍ତ୍ର ପ୍ରଭୃତିରୁ ନିର୍ଗତ ବାୟୁ ପ୍ରଦୂଷଣ ସୃଷ୍ଟି କରେ। ଅପରପକ୍ଷରେ ଜଣେ ମଣିଷ ପାଇଁ ଦିନକୁ ୧୦ରୁ ୧୫ ଲିଟର ଶୁଦ୍ଧ ବାୟୁ ଆବଶ୍ୟକ। ଏହାର ଅଭାବରେ ଗତ କରୋନା ସମୟରେ କିପରି ହଜାର ହଜାର ରୋଗୀଙ୍କ ମୃତ୍ୟୁ ଘଟିଥିଲା ତାହା ବିଷୟରେ ଆମେ ଜାଣିଛେ। ବାୟୁ ପ୍ରଦୂଷଣ ଯୋଗୁଁ ବିଭିନ୍ନ ପ୍ରକାର ମାରାତ୍ମକ ରୋଗ ମଧ୍ୟ ସୃଷ୍ଟି ହୁଏ। ସେହିପରି ଜଣଙ୍କ ପାଇଁ ଦିନକୁ ୩ରୁ ୫ ଲିଟର ବିଶୁଦ୍ଧ ପାନୀୟ ଜଳର ଆବଶ୍ୟକତା ହୁଏ। ମାତ୍ର ଜଳ ବିଭିନ୍ନ କାରଣରୁ ପ୍ରଦୂଷିତ ହୋଇ ଜୀବଜଗତ ପାଇଁ ଆଉ ଏକ ମୁଖ୍ୟ ସମସ୍ୟା ସୃଷ୍ଟି କରୁଛି। ଶିଳ୍ପରୁ ବର୍ଜ୍ୟଜଳ, ସାର, କୀଟନାଶକ ପଦାର୍ଥ, ଲୋକମାନଙ୍କର ବ୍ୟବହୃତ ଆବର୍ଜନା ଇତ୍ୟାଦି ନଦୀନାଳରେ ମିଶି ଜଳ ପ୍ରଦୂଷଣ ସୃଷ୍ଟି ହୁଏ। ଏହାଦ୍ୱାରା ବିଭିନ୍ନ ସଂକ୍ରାମକ ଓ ପ୍ରାଣଘାତୀ ରୋଗ ସୃଷ୍ଟି ହୁଏ। ଗ୍ରାମାଞ୍ଚଳ ଅପେକ୍ଷା ସହରାଞ୍ଚଳରେ ଏହି ସମସ୍ୟା ଅଧିକ ଦୃଷ୍ଟି ଗୋଚର ହୁଏ। ସେହିପରି କଳ-କାରଖାନା, ଖଣି-ଖାଦାନମାନଙ୍କରୁ ସୃଷ୍ଟ ଶବ୍ଦ ରକ୍ତଚାପ ବୃଦ୍ଧି ସହିତ ଶ୍ରବଣ ଓ ହୃଦ୍‌ଘାତ ସମସ୍ୟା ସୃଷ୍ଟି କରେ। ମଣିଷ ବ୍ୟତୀତ ପ୍ରାଣୀମାନେ ମଧ୍ୟ ଶବ୍ଦ ପ୍ରଦୂଷଣର ଶିକାର ହୁଅନ୍ତି।

ପ୍ରଦୂଷଣ ନିୟନ୍ତ୍ରଣ ପାଇଁ କଳକାରଖାନା ଓ ଖଣିଖାଦାନର ମାଲିକ, ଠିକାଦାର, ସରକାରୀ, ବେସରକାରୀ ଅନୁଷ୍ଠାନ, ବ୍ୟକ୍ତିବିଶେଷଙ୍କ ପ୍ରମୁଖ ଭୂମିକା ରହିଥିବା ବେଳେ ଏ ଦିଗରେ ଉଦ୍ୟମ ସମୁଦ୍ରକୁ ଶଙ୍ଖେ ପରି। ସର୍ବୋପରି ପ୍ରଦୂଷଣ ଗ୍ରାମ, ସହର, ଜିଲ୍ଲା, ରାଜ୍ୟ, ଦେଶର ସୀମା ସରହଦକୁ ମାନେ ନାହିଁ। ପ୍ରଦୂଷଣ ନିୟନ୍ତ୍ରଣ ପାଇଁ ବହୁ ନିୟମ କାନୁନ ଅଛି। ସେଗୁଡ଼ିକ ମଧ୍ୟରେ ଜାତୀୟ ପରିବେଶ ଆଇନ, ଜଳ ପ୍ରଦୂଷଣ ଆଇନ, ବାୟୁ ପ୍ରଦୂଷଣ ଆଇନ, ବନ୍ୟଜନ୍ତୁ ଆଇନ, ଜଙ୍ଗଲ ସଂରକ୍ଷଣ ଆଇନ, ଭାରତୀୟ ପିଙ୍ଗଳ କୋଡ୍ ଅନ୍ୟତମ। ପ୍ରଦୂଷଣ ନିୟନ୍ତ୍ରଣ ଏବଂ ଏ ସମ୍ପର୍କିତ ଆଇନ କାନୁନ ତଦାରଖ ପାଇଁ କେନ୍ଦ୍ର ଓ ରାଜ୍ୟସ୍ତରରେ ପ୍ରଦୂଷଣ ବୋର୍ଡ଼ ମଧ୍ୟ ଗଠନ କରାଯାଇଛି।

ସରକାରୀ ସଂସ୍ଥା, ମ୍ୟୁନିସିପାଲଟି, ଜିଲ୍ଲାପାଳ, ତହସିଲଦାର, ବେସରକାରୀ ଅନୁଷ୍ଠାନ, କ୍ଷତିଗ୍ରସ୍ତ ଅଞ୍ଚଳର ଯୁବକ ସଂଘ କିମ୍ବା ବ୍ୟକ୍ତିବିଶେଷ ପ୍ରଦୂଷଣ ସୃଷ୍ଟିକାରୀଙ୍କ ବିରୁଦ୍ଧରେ ସ୍ଥାନୀୟ ଅଦାଲତରେ ମାମଲା ଦାୟର କରି ପ୍ରତିକାର ଲୋଡ଼ି ପାରିବେ। ମାତ୍ର ମାମଲା ଖର୍ଚ୍ଚ ଓ ସମୟ ଦୃଷ୍ଟିରୁ ଠିକ୍ ସମୟରେ ଅନେକେ ମାମଲା କରିପାରନ୍ତି ନାହିଁ। ଗୋଟିଏ ମାମଲାର ଫଇସଲା ହେବାକୁ ବର୍ଷ ବର୍ଷ ବିତିଯାଏ। କେତେକ ସ୍ଥଳରେ ମାମଲାର ରାୟ ପ୍ରକାଶ ହେବା ପରେ ତାହାକୁ ଚ୍ୟାଲେଞ୍ଜ କରି ପୁନଃ ବିଚାର ଆବେଦନ କରାଯାଉଥିବା ଦେଖାଯାଏ। ଏହି ଜଟିଳ ପ୍ରକ୍ରିୟାରେ ଅନେକ ସମୟ ଚାଲିଯାଇଥାଏ। ଅନେକ ଧନଜୀବନ ମଧ୍ୟ କ୍ଷତି ଘଟିଥାଏ। ପରିବେଶର ପ୍ରଭୂତ କ୍ଷତି ସାଧନ ହୁଏ। ଏହି ସମସ୍ୟାକୁ ଦୃଷ୍ଟିରେ ରଖି ବିଭିନ୍ନ ସମୟରେ ଦେଶର ନ୍ୟାୟାଧୀଶମାନେ ଦେଇଥିବା ପରାମର୍ଶ ଆଧାରରେ କେନ୍ଦ୍ର ସରକାର ସଂସଦର ଅନୁମୋଦନକ୍ରମେ ନୂତନ ଜାତୀୟ ସବୁଜ ଅଦାଲତ ସ୍ଥାପନ କରିଛନ୍ତି। ଏହା ୧୮.୧୦.୨୦୧୨ରୁ କାର୍ଯ୍ୟକାରୀ ହୋଇଆସୁଛି। ଏହି ଅଦାଲତ ଭାରତର ଜଙ୍ଗଲ ସମ୍ପଦ, ଅନ୍ୟାନ୍ୟ ପ୍ରାକୃତିକ ସମ୍ପଦର ସୁରକ୍ଷା, ବିଭିନ୍ନ ଅନୁଷ୍ଠାନ ଓ ବ୍ୟକ୍ତି ବିଶେଷଙ୍କୁ ପରିବେଶ ସୁରକ୍ଷା ପାଇଁ ଆଇନଗତ ଅଧିକାର ପ୍ରଦାନ କରିବା ସହ ପ୍ରଦୂଷଣ ନିୟନ୍ତ୍ରଣ, ପ୍ରଦୂଷଣଜନିତ କ୍ଷୟକ୍ଷତିର ଭରଣା, ପରିବେଶ ସମସ୍ୟାର ତ୍ୱରିତ ଫଇସଲା ଆଦି କରିଥାଏ। ଏହି ଅଦାଲତମାନଙ୍କର ଦଣ୍ଡ ବ୍ୟବସ୍ଥା ବହୁତ କଠୋର। ରାଜଧାନୀ ନୂଆଦିଲ୍ଲୀ ଠାରେ ସବୁଜ ଅଦାଲତର ମୁଖ୍ୟ କାର୍ଯ୍ୟାଳୟ ଥିବାବେଳେ ଭୋପାଳ, ପୁନେ, ଚେନ୍ନାଇ ଓ କୋଲକାତାରେ ଆଞ୍ଚଳିକ ଶାଖା କାର୍ଯ୍ୟାଳୟମାନ ରହିଛି। ଓଡ଼ିଶାର ଏ ସମ୍ପର୍କିତ ମାମଲା କୋଲକାତା ସବୁଜ ଅଦାଲତ ଅଧୀନରେ ଆସୁଛି। କାର୍ଯ୍ୟରତ କିମ୍ବା ଅବସରପ୍ରାପ୍ତ ସର୍ବୋଚ୍ଚ କିମ୍ବା ଉଚ୍ଚନ୍ୟାୟାଳୟର ନ୍ୟାୟାଧୀଶମାନେ ଏମାନଙ୍କର ସଭାପତି ଓ ନ୍ୟାୟାଧୀଶ ପଦରେ ନିଯୁକ୍ତ ପାଆନ୍ତି। ସେହିପରି ସ୍ୱନାମଧନ୍ୟ ଓକିଲ ଓ ଉଚ୍ଚ ସରକାରୀ ଅଧିକାରୀମାନେ ଏହାର ସଦସ୍ୟ ରୂପେ କାର୍ଯ୍ୟ କରନ୍ତି। ଏହି ଅଦାଲତରେ ଯେ କୌଣସି ଅନୁଷ୍ଠାନ, ବ୍ୟକ୍ତିବିଶେଷ, ପ୍ରଦୂଷଣ ସୃଷ୍ଟିକାରୀ ଅନୁଷ୍ଠାନ, ସରକାର, ସରକାରୀ କର୍ମଚାରୀ, ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼ ଆଦିଙ୍କ ବିରୁଦ୍ଧରେ ନୋଟିସ ଦେଇ ନିର୍ଦ୍ଦିଷ୍ଟ ସମୟରେ ସବୁଜ ଅଦାଲତରେ ବିନା ଓକିଲ ଖର୍ଚ୍ଚରେ ମାମଲା ଦାୟାର କରାଯାଇପାରିବ।

ଜାତୀୟ ସବୁଜ ଅଦାଲତର କେତୋଟି ଉଲ୍ଲେଖନୀୟ ଆଦେଶ ବିଷୟରେ ବର୍ତ୍ତମାନ ସଂକ୍ଷିପ୍ତ ଆଲୋଚନା କରିବା। ଢ଼େଙ୍କାନାଳ ଜିଲ୍ଲା କଙ୍କଡାହାଡ଼ ତହସିଲରେ ଥିବା ଏକ ପଥର ଖଣି ମାଲିକ ଅନୁମତି ଠାରୁ ଅଧିକ ଉତ୍ତୋଳନ, ବେଆଇନ ବ୍ଲାଷ୍ଟିଙ୍ଗ, ବେଆଇନ ଗଛକଟା, ଅତ୍ୟଧିକ ଧୂଳି ବାୟୁ ପ୍ରଦୂଷଣ ସୃଷ୍ଟି କରିବା ଅଭିଯୋଗର ସବୁଜ ଅଦାଲତ ବିଚାର କରି ପାଞ୍ଚ କୋଟି ଟଙ୍କାର ଜୋରିମାନା ଆଦେଶ ପ୍ରଦାନ କରିଛନ୍ତି। ସମ୍ବଲପୁର ଜିଲ୍ଲାର ଏକ ଓପନ କାଷ୍ଟ କୋଇଲା ଖଣିରେ ଧାର୍ଯ୍ୟ ପରିମାଣ ଠାରୁ ଅଧିକ ଉତ୍ତୋଳନ, ଖଣି କାମ ଶେଷ ହେବାପରେ ଖୋଲା ଜାଗାକୁ ନପୋତିବା, ବୃକ୍ଷରାଜିର ନଷ୍ଟ, ଖଣି ଚାରିପଟେ ସବୁଜ ବଳୟ ସୃଷ୍ଟି ନକରିବା, ଭୟଙ୍କର ବାୟୁ ପ୍ରଦୂଷଣ ସୃଷ୍ଟି ଆଦି ଅଭିଯୋଗ ଆଧାରରେ ସବୁଜ ଅଦାଲତ ୧୦ କୋଟି ଟଙ୍କା ଜୋରିମାନା ଆଦେଶ ଦେଇଛନ୍ତି। ପୁନଶ୍ଚ ଜନୈକ ତହସିଲଦାରଙ୍କ ବେଆଇନ ଭାବେ ନଦୀରୁ ବାଲୁକା ଉତ୍ତୋଳନ ଅଭିଯୋଗ ବିରୋଧରେ ତୁରନ୍ତ ନିକଟସ୍ଥ ଥାନାରେ ମାମଲା ଦାଏର କରିବାକୁ ସବୁଜ ଅଦାଲତ ସମ୍ପୃକ୍ତ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ସୁବର୍ଣ୍ଣରେଖା ନଦୀରେ ବେଆଇନ ବାଲୁକା ଖନନ ବିଷୟରେ ଠିକାଦାରଙ୍କୁ ସୁହାଇଲା ପରି ଅନୁସନ୍ଧାନ ରିପୋର୍ଟ ଦିଆଯାଇଥିବା ଅଭିଯୋଗ ଆସିବା ପରେ ପୁନର୍ବାର ଉପଗ୍ରହ ସୂଚନାରେ ଏକ ବିଜ୍ଞାନଭିତ୍ତିକ ମିଳିତ ଅନୁସନ୍ଧାନ ରିପୋର୍ଟ ଜିଲ୍ଲା ଖଣି ଅଧିକାରୀ, ରାଜ୍ୟ ପ୍ରଦୂଷଣ ବୋର୍ଡ଼ ଓ ଅନ୍ୟ ସରକାରୀ ଅଧିକାରୀଙ୍କୁ ନେଇ ତୁରନ୍ତ ପ୍ରଦାନ କରିବାକୁ ସବୁଜ ଅଦାଲତ ଆଦେଶ ଦେଇଛନ୍ତି।



ଭୁବନେଶ୍ୱର(ଭାସ୍କର ନ୍ୟୁଜ): ପବିତ୍ର ମହାଶିବରାତ୍ରି ପରେ ଏକାମ୍ର କ୍ଷେତ୍ରର ଆରାଧ୍ୟ ଦେବତା ମହାପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ପୀଠରେ ଏକ ସ୍ୱେଚ୍ଛାକୃତ ଶ୍ରମଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ମହାଶିବରାତ୍ରିରେ ଭକ୍ତ ଓ ଶ୍ରଦ୍ଧାଳୁମାନେ ଛାଡ଼ି ଯାଇଥିବା ଦୀପ, ବେଲପତ୍ର, ଫୁଲ, କୁଡୁଆ, ପଲିଥିନ୍ ଆଦିକୁ ମନ୍ଦିର ପରିସର ମଧ୍ୟରୁ ସ୍ୱେଚ୍ଛାସେବୀ ମାନେ ପରିଷ୍କାର ପରିଚ୍ଛନ୍ନ କରିଥିଲେ । ଶିବିରକୁ ପୂରିଛି ୨୩ ବର୍ଷ । ସୂଚନାଯୋଗ୍ୟ, ଝାଡୁ ଓ ଝୁଡ଼ିର ଏ ନିଆରା ନିରନ୍ତର, ନିରବଚ୍ଛିନ୍ନ ସେବା ୨୦୦୩-୨୦୨୫ ମସିହା ଦୀର୍ଘ ବର୍ଷ ଧରି ଜାରି ରହିଛି । ପରିବେଶ, ପରିମଳ ଏବଂ ଜାତୀୟ ଐତିହ୍ୟ ଓ କୀର୍ତ୍ତିରାଜିର ସୁରକ୍ଷା ସହ ଆଧ୍ୟାତ୍ମିକ ଚିନ୍ତାଧାରାରେ ଜନସାଧାରଣଙ୍କୁ ଉଦ୍ରେକ କରିବା ଉଦ୍ଦେଶ୍ୟରେ ସାମାଜିକ କର୍ମୀ ସୁଶାନ୍ତ ସାହୁ ବିଭିନ୍ନ ସାମାଜିକ ସଙ୍ଗଠନର ସଦସ୍ୟଙ୍କୁ ଏକତ୍ରିତ କରି ଶିବିର ଆୟୋଜନ କରିଆସୁଛନ୍ତି । ଚଳିତବର୍ଷ ଧଉଳି ଚାରୁକଳା ମହାବିଦ୍ୟାଳୟ ଏନ୍ଏସ୍ଏସ୍ର ଛାତ୍ରଛାତ୍ରୀ, ମିଁସିଂ ଫାଉଣ୍ଡେସନ୍, ସୁରେନ୍ଦ୍ର ନାଥ ଜେନା ଟ୍ରଷ୍ଟ, ବୁଲ୍ସଆଇ, ଚିନ୍ମୟୀ ଫାଉଣ୍ଡେସନ୍, ମାଇଣ୍ଡ ଏମ୍ପାୱାରମେଣ୍ଟ ଫାଉଣ୍ଡେସନ୍ ସମେତ ମାରୱାଡ଼ି ମହିଳା ସମିତି, ଜୁନାଗଡ଼ର କର୍ମୀମାନେ ସାମିଲ୍ ହୋଇଥିଲେ । ଶିବିରକୁ ଧଉଳି ଚାରୁକଳା ମହାବିଦ୍ୟାଳୟର ଅଧ୍ୟକ୍ଷ ପଞ୍ଚାନନ ସାମଲ, ଜାତୀୟ ସେବା ଯୋଜନାର କାର୍ଯ୍ୟକ୍ରମ ଅଧିକାରୀ ଚନ୍ଦନ କୁମାର ସାମଲ, ସାମାଜିକ କର୍ମୀ ଗୋପୀମୋହନ ପଟ୍ଟନାୟକ ପ୍ରମୁଖ ସହଯୋଗ କରିଥିଲେ ।

# ଚର୍ଚ୍ଚାରେ ଶ୍ରୀଲିଙ୍ଗରାଜ ମନ୍ଦିରର ଅଘଟଣ

## ମଶାଲରେ ଅଧିକ ଘିଅର ପରିମାଣ ହେଲା କାଳ: ସମ୍ପାଦକ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ମହାଦୀପ ଉଠାଇବା ବେଳେ ଲିଙ୍ଗରାଜ ମନ୍ଦିରରେ ସେବାୟତ ପଡ଼ିଯିବା ଘଟଣାରେ ପ୍ରତିକ୍ରିୟା ରଖିଛନ୍ତି ସମର୍ଥା ସେବାୟତ ସମ୍ପାଦକ ପ୍ରଶାନ୍ତ ସମର୍ଥା । ସେ କହିଛନ୍ତି କାଳ ହେଲା ଅଧିକ ଘିଅ । ମଶାଲରେ ଅଧିକ ଘିଅର ପରିମାଣ ହେଲା କାଳ । ତେଣୁ ସେବାୟତ ଯୋଗେନ୍ଦ୍ର ସମର୍ଥା ଗତକାଲି ନିଜ ଉପରୁ ନିୟନ୍ତ୍ରଣ ହରାଇ ଦେଇଥିଲେ। ଫଳରେ ପଡ଼ି ଯାଇଥିଲେ । ବର୍ତ୍ତମାନ ଯୋଗେନ୍ଦ୍ର ସମର୍ଥାଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ରହିଛି ।

## ମୁଖ୍ୟମନ୍ତ୍ରୀ ଓ ମନ୍ତ୍ରୀଙ୍କ ସମୀକ୍ଷାକୁ ନେଇ ପ୍ରଶ୍ନ ଉଠାଇଲେ ସୋଫିଆ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଶ୍ରୀଲିଙ୍ଗରାଜ ମନ୍ଦିରରେ ମହାଦୀପ ଅଘଟଣ ନେଇ କଂଗ୍ରେସ ବିଧାୟିକା ସୋଫିଆ ଫିର୍ଦୋଷ ପ୍ରତିକ୍ରିୟା ରଖିଛନ୍ତି । ମୁଖ୍ୟମନ୍ତ୍ରୀ ଓ ମନ୍ତ୍ରୀଙ୍କ ସମୀକ୍ଷା ବୈଠକକୁ ନେଇ ପ୍ରଶ୍ନ ଉଠାଇଛନ୍ତି ସୋଫିଆ । କୌଣସି ବଡ କାର୍ଯ୍ୟକ୍ରମ ହେଲେ ମୁଖ୍ୟମନ୍ତ୍ରୀ ଓ ମନ୍ତ୍ରୀ ସମୀକ୍ଷା କରୁଛନ୍ତି । କିନ୍ତୁ ଅଘଟଣ ଲଗାତାର ଭାବେ ଘଟୁଛି । ତା ଅର୍ଥ ସରକାର ଠିକ୍ ଭାବେ ସମୀକ୍ଷା କରୁନାହାଁନ୍ତି ବୋଲି ସୋଫିଆ କହିଛନ୍ତି ।



## ଘିଅର ମାତ୍ରା ଅଧିକ ଥିବା ମାନିଲେ ବ୍ରାହ୍ମଣ ନିଯୋଗ ସଭାପତି

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଲିଙ୍ଗରାଜ ମନ୍ଦିର ଅଘଟଣ ଘଟଣାରେ ପ୍ରତିକ୍ରିୟା ରଖିଛନ୍ତି ବ୍ରାହ୍ମଣ ନିଯୋଗ ସଭାପତି ନାରାୟଣ ମହାପାତ୍ର । ବୟସଟା ବାଧକ ନୁହେଁ। ଏହା ଏକ ଦୁର୍ଘଟଣା। ଘିଅର ମାତ୍ରା ଅଧିକ ଥିବା ମାନିଲେ ବ୍ରାହ୍ମଣ ନିଯୋଗ ସଭାପତି । ନିଯୋଗ ମାନେ କେହି କାହାକୁ ଅବହେଳା କରନ୍ତି ନାହିଁ । ପ୍ରଶାସନିକ ସ୍ତରରେ ନିଜ ଅଭିଯୋଗ କର୍ତ୍ତୃପକ୍ଷଙ୍କ ପାଖରେ ଜଣାନ୍ତୁ। ସ୍ୱତଃଲିପି ପାଇଁ ଆଇନମନ୍ତ୍ରୀଙ୍କ ସହ ଆଲୋଚନା କରିଥିବା କହିଛନ୍ତି । ଏକ ଆର୍ଡିନାନ୍ସ ଜାରି ହେବ, ଜଣେ ଜଜ ରହିବେ ଓ ଜଣେ ନିର୍ବିବାଦୀୟ ବ୍ୟକ୍ତି ରହିବେ ଓ ଅତି ଶୀଘ୍ର ସ୍ୱତଃଲିପି ଆସିବ ବୋଲି ଆଇନମନ୍ତ୍ରୀ ପ୍ରତିଶ୍ରୁତି ଦେଇଥିବା ସେ କହିଛନ୍ତି ।

## ଠାକୁରଙ୍କ କାମକୁ ନେଇ ରାଜନୀତି କରାନଯାଉ: ବାବୁ ସିଂ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଠାକୁରଙ୍କ କାମକୁ ନେଇ ରାଜନୀତି କରାନଯାଉ ବୋଲି ବାବୁ ସିଂ କହିଛନ୍ତି । କାଦୁଅ ଫିଙ୍ଗା ରାଜନୀତି ବନ୍ଦ କରନ୍ତୁ। ମେୟର କଣ ପ୍ରଶାସନର ଅଂଶ ନୁହଁନ୍ତି କି ବୋଲି ସେ ପ୍ରଶ୍ନ ଉଠାଇଛନ୍ତି ? ମେୟର କାଲି ମୋ ସହିତ ଲିଙ୍ଗରାଜ ମନ୍ଦିରରେ ପାଖାପାଖି ଦୁଇ ଘଂଟା ଥିଲେ। ବ୍ୟବସ୍ଥାର ତଦାରଖ ବି କରୁଥିଲେ। ଯଦି ତାଙ୍କ ନଜରରେ ତ୍ରୁଟି ଦେଖାଗଲା ତାହାଲେ ସେ କହିଲେନି କାହିଁକି? ଠାକୁରଙ୍କ କାମକୁ ନେଇ ରାଜନୀତି କରାନଯାଉ। ବିରୋଧୀ କେବଳ ବସି ନାହାଁନ୍ତି ଆଙ୍ଗୁଠି ଦେଖାଇବା ପାଇଁ। ଦଳ ମତ ନିର୍ବିଶେଷରେ ସମସ୍ତେ ସହଯୋଗ କରିବା କଥା। କେଉଁ ନିଯୋଗ ଭିତରେ ଫାଟ ଥିଲା ମୁଁ ଅବଗତ ନାହିଁ ବୋଲି ବାବୁ ସିଂ କହିଛନ୍ତି ।

## ସମର୍ଥା ସେବାୟତଙ୍କୁ ଭେଟିଲେ ମେୟର
## ବାଲି ନପଡିବା ଘଟଣାର ତଦନ୍ତ ଦାବି

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଲିଙ୍ଗରାଜ ମନ୍ଦିରରେ ମହାଦୀପ ଉଠାଇବା ବେଳେ ଅଘଟଣ ଘଟଣା । ସମର୍ଥା ସେବାୟତଙ୍କୁ ଭେଟିଲେ ମେୟର ସୁଲୋଚନା ଦାସ। ମେୟର ତାଙ୍କୁ ଭେଟି ତାଙ୍କର ସ୍ୱାସ୍ଥ୍ୟାବସ୍ଥା ବୁଝିବା ସହ ଦୁର୍ଘଟଣା ସମ୍ପର୍କରେ ବୁଝିଥିଲେ। ମନ୍ଦିର ଚଢିବା ବାଟରେ ବାଲି ପଡିନଥିବା ଘଟଣା ତଦନ୍ତ ହେଉ ବୋଲି ମେୟର କହିଛନ୍ତି। ବର୍ଷ ବର୍ଷ ଧରି ସମର୍ଥା ସେବାୟତ ଜୀବନକୁ ବାଜି ଲଗାଇ ଦେଉଳ ଉପରକୁ ଯାଆନ୍ତି। ହେଲେ ତାଙ୍କ ପାଇଁ ବୀମା ମଧ୍ୟ ନାହିଁ। ସେଥିପ୍ରତି ପ୍ରଶାସନ ଗୁରୁତ୍ୱ ଦେଉ ବୋଲି ମେୟର ଦାବି କରିଛନ୍ତି । ଯାହାର ତଦନ୍ତ ଆବଶ୍ୟକତା ରହିଛି ବୋଲି ମେୟର କହିଛନ୍ତି।

## ଦିଅଁଙ୍କୁ ଉପବାସ ରଖିବାର ପରିଣାମ: ଆହତ ସେବାୟତଙ୍କ ପୁଅ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଲିଙ୍ଗରାଜ ମନ୍ଦିରରେ ହୋଇଥିବା ଅଘଟଣକୁ ନେଇ ପ୍ରତିକ୍ରିୟା ରଖିଲେ ଆହତ ସେବାୟତଙ୍କ ପୁଅ। ଦିଅଁଙ୍କୁ ଉପବାସ ରଖିବାର ଏ ପରିଣାମ ବୋଲି କ୍ଷୋଭ ପ୍ରକାଶ କଲେ। ବାବାଙ୍କ ସ୍ୱାସ୍ଥ୍ୟାବସ୍ଥା ଠିକ ଅଛି ବୋଲି କହିଲେ ପୁଅ ସମର୍ଥ। ଲିଙ୍ଗରାଜ ମନ୍ଦିର ସେବାୟତଙ୍କ ପାଇଁ ଥିବା ଆଇନକୁ ଠିକ ଭାବେ ପାଳନ କରାଯାଉ। ଗତକାଲି ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଭେଟି ସ୍ୱାସ୍ଥ୍ୟାବସ୍ଥା ବୁଝିଛନ୍ତି। ଗତକାଲି ବିଧାୟକ ବାବୁ ସିଂ, ମେୟର ସୁଲୋଚନା ଦାସ ଭେଟି ବୁଝିଛନ୍ତି।

## ଗତ ୨୪ ବର୍ଷରେ ଏଭଳି ଅଘଟଣ ଦେଖିବାକୁ ମିଳିନଥିଲା: ବିଜେଡ଼ି

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଲିଙ୍ଗରାଜ ମନ୍ଦିରରେ ମହାଦୀପ ନେବା ବେଳେ ସେବାୟତ ଖସିପଡିବା ଘଟଣାରେ ପ୍ରତିକ୍ରିୟା ରଖିଛନ୍ତି ବିଜେଡି ବିଧାୟକ ଅନନ୍ତ ନାରାୟଣ ଜେନା । ସେ କହିଛନ୍ତି ଯେ, ଆଗକୁ ବଡ ବିପଦ ଆସୁଛି। ମହାପ୍ରଭୁ ଚେତେଇ ଦେଲେଣି। ପ୍ରଥମେ ବଡ ଠାକୁର ବଳଭଦ୍ର ପଡିଲେ । ଆଉ ଗତକାଲି ଶ୍ରୀ ଲିଙ୍ଗରାଜଙ୍କ ମହାଦୀପ ନେଇ ଯାଉଥିବା ସେବାୟତ ଗଳିପଡିଲେ। ମହାପ୍ରଭୁ ସତର୍କ କରୁଛନ୍ତି, ସଜାଗ ନରହିଲେ ଆଗକୁ ବଡ ବିପଦ ଆସିବ। ଗତ ୨୪ ବର୍ଷ ରେ ଏଭଳି ଅଘଟଣ ଦେଖିବାକୁ ମିଳିନଥିଲା। ୮ ମାସର ସରକାରରେ ଏଭଳି ଘଟଣା ଦେଖିବାକୁ ମିଳୁଛି। ସରକାର ସମସ୍ତଙ୍କୁ ନେଇ ଚାଲୁନାହାଁନ୍ତି।

# ଲିଙ୍ଗରାଜ ଭଜନ ମଣ୍ଡପର ପୁନରୁଦ୍ଧାର ପାଇଁ ଶୁଭ ଦେଲେ ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର(ଭାସ୍କର ନ୍ୟୁଜ): ପବିତ୍ର ଶିବରାତ୍ରୀରେ ଏକାମ୍ର ସାଂସ୍କୃତିକ ପ୍ରକାଶନୀ ପକ୍ଷରୁ ଆୟୋଜିତ ଜାତୀୟସ୍ତରୀୟ ଭଜନ ସମାରୋହରେ ମୁଖ୍ୟ ଅତିଥି ଭାବେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗ ଦେଇଥିଲେ। ଏହି ଅବସରରେ ଶ୍ରୀ ମାଝୀ ଲିଙ୍ଗରାଜ ଭଜନ ମଣ୍ଡପର ପନରୁଦ୍ଧାର ପାଇଁ ନଡ଼ିଆ ବାଡ଼େଇ ଶୁଭ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଆଇନ ଓ ପୂର୍ତ୍ତ ବିଭାଗ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ସାଂସଦ ଅପରାଜିତା ଷଡ଼ଙ୍ଗୀ, ଅନୁଷ୍ଠାନର ଉପସଭାପତି ବିଧାୟକ ବାବୁ ସିଂ, ବିଏମ୍ସି ମେୟର ସୁଲୋଚନା ଦାସ, ବିଜେପିର ପୂର୍ବତନ ରାଜ୍ୟ ଉପସଭାପତି ତଥା ଅନୁଷ୍ଠାନର ଉପସଭାପତି ସମୀର ମହାନ୍ତି, ଶିବାନନ୍ଦ ରାୟ, ଜଗନ୍ନାଥ ପ୍ରଧାନ, ରଶ୍ମୀ ମହାପାତ୍ର, ମନ୍ମଥ ରାଉତରାୟ, କର୍ପୋରେଟର ବିରଞ୍ଚି ନାରାୟଣ ମହାସୁଆର ପ୍ରମୁଖ ଅଭିଭାଷଣ ପ୍ରଦାନ କରିଥିଲେ। ଅନୁଷ୍ଠାନର ସଭାପତି ତଥା ପୂର୍ବତନ ବିଧାୟକ ସୁରେଶ କୁମାର ରାଉତରାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାରେ ଅନୁଷ୍ଠାନର ସାଧାରଣ ସମ୍ପାଦକ ତଥା ବରିଷ୍ଠ ସାମ୍ବାଦିକ ସନତ ମିଶ୍ର ବାର୍ଷିକ ବିବରଣୀ ପାଠ କରିଥିଲେ। ଏହାପରେ ମୁମ୍ବାଇ ପ୍ରସିଦ୍ଧ କଣ୍ଠଶିଳ୍ପୀ ଉଷା ଉଥପ, ଅନୁରାଧା ପଡ଼ୱାଲ, ଅଭିଜିତ ଘୋଷାଲ, କୁମାର ସଞ୍ଜୟ, ବିଶିଷ୍ଟ ପାଣିପାଗ ବିଶେଷଜ୍ଞ ଡ. ମୃତ୍ୟୁଞ୍ଜୟ ମହାପାତ୍ର, ସଂସ୍କୃତି ବିଶ୍ୱବିଦ୍ୟାଳୟର କୁଳପତି ପ୍ରସନ୍ନ କୁମାର ସ୍ୱାଇଁ, ପ୍ରବଚକ ଜିତୁ ଦାସ, ଏମ୍ଜିଏମ୍ର ସିଏମ୍ଡ଼ି ତଥା ଓସିଏର ସଭାପତି ପଙ୍କଜ ଲୋଚନ ମହାନ୍ତି, ବଇଆ କୋରାଖାଇ ଭାଗବତ ସାହୁ, ସଂଗଠକ ଡ. ଚିନ୍ମୟନନ୍ଦ ବଡ଼ଜେନା, ପରିବେଶବିତ୍ ଡ. ବଦ୍ରିନାଥ ପଟ୍ଟନାୟକ, ଓକିଲ ସଂଘ ସମ୍ପାଦକ ଦୀପକ ଦାଶ, ଆଇନଜୀବୀ ସତ୍ୟରଞ୍ଜନ ସେନାପତି, ବରିଷ୍ଠ ଡାକ୍ତର ଶଙ୍କର ଆଚାର୍ଯ୍ୟ, ଚଳଚ୍ଚିତ୍ର ଗବେଷକ ମାଧବାନନ୍ଦ ବେହୁରା, ଡ. ତିରୁପତି ପାଣିଗ୍ରାହୀ, ଶ୍ରୀବତ୍ସ ପତି, ଶିକ୍ଷାବିତ୍ ତଥା ୮ ନମ୍ବର ଡିଏଭି ସ୍କୁଲ୍ର ଅଧ୍ୟକ୍ଷା ଇପ୍ସିତା ଦାସ ପ୍ରମୁଖ ୨୩ ଜଣଙ୍କୁ ଏକାମ୍ରଶ୍ରୀ ସମ୍ମାନ ପ୍ରଦାନ କରାଯାଇଥିଲା। ଏହାକୁ କୋଷାଧ୍ୟକ୍ଷ ରତିକାନ୍ତ ମହାସୁଆର, ଲଲାଟେନ୍ଦୁ ମହାନ୍ତି, ଯୁଗ୍ମ ସମ୍ପାଦକ ତଥା ବରିଷ୍ଠ ସାମ୍ବାଦିକ ପ୍ରଦ୍ୟୁମ୍ନ କୁମାର ମହାନ୍ତି, ମୁଖପାତ୍ର ଲିଙ୍ଗରାଜ ସହୁ, ସୁଧୀର ରଞ୍ଜନ ଜେନା, ଗଣେଶ ପାଲ, ବାବନ ଚନ୍ଦ୍ର ମହାପାତ୍ର, କେଦାରନାଥ ମହାପାତ୍ର, ପ୍ରମୋଦ କୁମାର ଦାସ, ପ୍ରତାପ ପଟ୍ଟନାୟକ ଓ ବିଶ୍ୱନାଥ ମହାପାତ୍ର ପ୍ରମୁଖ ପରିଚାଳନା କରିଥିଲେ।

# ମାନବାଧିକାର କର୍ମୀ ସମାଜର ଜାଗ୍ରତ ପ୍ରହରୀ: ଜଷ୍ଟିସ ଷଡ଼ଙ୍ଗୀ




ଭୁବନେଶ୍ୱର(ଭାସ୍କର ନ୍ୟୁଜ): ମାନବାଧିକାର କର୍ମୀମାନେ ସମାଜର ପରିବର୍ତ୍ତନରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଥାନ୍ତି। ସେମାନଙ୍କ ନିଷ୍ଠା ଓ ଉଦ୍ୟମ ବଳରେ ବହୁ ପୀଡ଼ିତ ନ୍ୟାୟ ପାଇବାରୁ ସକ୍ଷମ ହୋଇପାରୁଛନ୍ତି ବୋଲି ଗୁରୁବାର ଭୁବନେଶ୍ୱର ବୁଦ୍ଧମନ୍ଦିର ସଭାଗୃହରେ ଅନୁଷ୍ଠିତ ଓଡ଼ିଶା ମାନବାଧିକାର ସମ୍ମେଳନ କାର୍ଯ୍ୟକ୍ରମ ଅବସରରେ ମୁଖ୍ୟ ଅତିଥି ରୂପେ ଉପସ୍ଥିତ ହୋଇ ଜାତୀୟ ମାନବାଧିକାର ଆୟୋଗର ସଦସ୍ୟ ଡଃ ଜଷ୍ଟିସ ବିଦ୍ୟୁତ୍ ରଞ୍ଜନ ଷଡ଼ଙ୍ଗୀ ମତବ୍ୟକ୍ତ କରିଥିଲେ। ହ୍ୟୁମାନ ରାଇଟ୍ସ ଫ୍ରଣ୍ଟ ଇଣ୍ଡିଆର ଅଧ୍ୟକ୍ଷ ମନୋଜ ଜେନା ସଭାରେ ସଭାପତିତ୍ୱ କରି ଉପସ୍ଥିତ ମାନବାଧିକାର କର୍ମୀଙ୍କୁ ତୃଣମୂଳ ସ୍ତରରେ ଘଟୁଥିବା ମାନବାଧିକାର ଉଲଙ୍ଘନ ଘଟଣାକୁ ସାମନାକୁ ଆଣି ପୀଡ଼ିତଙ୍କୁ ନ୍ୟାୟ ପାଇଁ କାର୍ଯ୍ୟ କରିବାକୁ ଆହ୍ୱାନ ଦେଇଥିଲେ। ବରିଷ୍ଠ ସାମ୍ବାଦିକ ରବି ଦାସ କହିଥିଲେ ଯେ, ମାନବାଧିକାର କ୍ଷେତ୍ରରେ ନ୍ୟାୟ ପାଇଥିବା ଅନେକ ଉଦାହରଣ ସମ୍ପର୍କିତ ସନ୍ଦର୍ଭକୁ ପ୍ରକାଶନ ପୁସ୍ତକ ମାଧ୍ୟମରେ ସମସ୍ତ ପଞ୍ଚାୟତ ଓ ସହରାଞ୍ଚଳ ଲୋକ ପ୍ରତିନିଧିଙ୍କୁ ସଚେତନତା କରାଇପାରିଲେ ସେମାନେ ମଧ୍ୟ ସାଧାରଣ ଲୋକଙ୍କୁ ନ୍ୟାୟ ପ୍ରଦାନ କ୍ଷେତ୍ରରେ ସହାୟକ ହୋଇପାରିବେ। ପୂର୍ବତନ ମହିଳା ଆୟୋଗ ଅଧ୍ୟକ୍ଷା ଲୋପାମୁଦ୍ରା ମହାନ୍ତି ଲକ୍ଷ ଲକ୍ଷ ମହିଳା ନିଖୋଜ ହେବା ଏକ ବଡ଼ ସମସ୍ୟା ହୋଇଛି, ତାକୁ ଜାତୀୟ ମାନାବଧିକାର କମିଶନ ଗୁରୁତ୍ୱ ଦେଇ ପଦକ୍ଷେପ ନେବା ପାଇଁ ସୁପାରିଶ କରିବାକୁ ଅନୁରୋଧ କରିଥିଲେ। ବରିଷ୍ଠ ସାମ୍ବାଦିକ ଅକ୍ଷୟ ସାହୁ କହିଲେ ଯେ, ମାନବାଧିକାର କର୍ମୀମାନେ ସମସ୍ତ ସତ୍ୟ ଘଟଣାର ଏକ ପ୍ରବନ୍ଧାତ୍ମକ ଲିଖନ ମାଧ୍ୟମରେ ନିଜ ପାଖରେ ରଖନ୍ତୁ। ବରିଷ୍ଠ ଅଧିବକ୍ତା ତଥା ଆଇନ ସେବା ସଂସ୍ଥା କ୍ଲାପର ସଭାପତି ବିକାଶ ଦାସ ଅନ୍ୟତମ ଅତିଥି ଭାବେ ଯୋଗଦେଇ ଦେଇଥିଲେ। ଓଡ଼ିଶା ଅଭିଭାବକ ମହାସଂଘର ଅଧ୍ୟକ୍ଷ ବାସୁଦେବ ଭଟ୍ଟ କମିଶନ ଯେତେବେଳେ କାହାକୁ ନ୍ୟାୟ ପ୍ରଦାନ କରୁଛନ୍ତି, ସେତେବେଳେ ପିଲାର ଶିକ୍ଷା ଗ୍ରହଣ ପାଇଁ ସେଥିରେ ସ୍ୱତନ୍ତ୍ର ଧ୍ୟାନ ଦେଇ ସୁପାରିଶ ଦେବା ଉଚିତ୍। ହ୍ୟୁମାନ ରାଇଟ୍ସ ଫ୍ରଣ୍ଟ ଇଣ୍ଡିଆର ଆବାହକ ରାଜୀବ ପଟ୍ଟନାୟକ ସ୍ୱାଗତ ଭାଷଣ ଦେଇଥିଲେ ଓ ରାଜ୍ୟ ଟେନ୍ରି ସଂଯୋଜିକା ମନୀଷ ଦାସ ପଟ୍ଟନାୟକ ସମ୍ମେଳନର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ବିସ୍ତୃତ ବିବରଣୀ ରଖିଥିଲେ।

## ମାର୍ଚ୍ଚ ୧ରୁ ନିଶୁଳ୍କ ପ୍ରାଣୀଙ୍କ ନିଃଶୁଳ୍କ ଚିକିତ୍ସା ସୁବିଧା

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ରାଜ୍ୟର ଜନ ସାଧାରଣଙ୍କ ଅନୁରୋଧକୁ ସମ୍ମାନ ଜଣାଇ ଲୋକଙ୍କ ସରକାର ଯୁଗାନ୍ତକାରୀ ପଦକ୍ଷେପ ଗ୍ରହଣ କରିଛନ୍ତି । ଗାଈ, ବଳଦ, ମଇଁଷି, ଛେଳି, ମେଣ୍ଢା ଆଦି ପ୍ରାଣୀଙ୍କ ଚିକିତ୍ସା ଓ ଟୀକାକରଣ ଉପରୁ ୟୁଜର୍ସ ଫି ଛାଡ଼ କରାଯାଇଛି । ମାର୍ଚ୍ଚ ୧ ରୁ ଏହି ନିଃଶୁଳ୍କ ଚିକିତ୍ସା ସୁବିଧା ପାଇବେ ରାଜ୍ୟବାସୀ । ଏନେଇ ମତ୍ସ୍ୟ ଓ ପଶୁ ସଂପଦ ବିକାଶ ମନ୍ତ୍ରୀ ଗୋକାଳନନ୍ଦ ମଲିକ ସୂଚନା ଦେଇଛନ୍ତି । ସେ କହିଛନ୍ତି ଦେୟମୁକ୍ତ ସାର୍ବଜନୀନ ପ୍ରାଣୀଚିକିତ୍ସା ଓ ପ୍ରାଣୀସମ୍ପଦର ସୁରକ୍ଷାକୁ ପ୍ରାଥମିକତା ଦେଇ ଆମେ ଏହି ନିଷ୍ପତ୍ତି ନେଇଛୁ । ମୋର ବିଶ୍ୱାସ ଏହି ନିଷ୍ପତି ନିଶ୍ଚିତ ଭାବରେ ଗୋପାଳକ ତଥା ପ୍ରାଣୀସମ୍ପଦ ବିଭାଗ ପ୍ରତି ଇଚ୍ଛା ରଖୁଥିବା ଚାଷୀ ଭାଇ ଓ ଭଉଣୀମାନଙ୍କ ପାଇଁ ସହାୟକ ହେବ।

## ଜେପି ନଡ୍ଡାଙ୍କ ଗସ୍ତ ନେଇ ଉତ୍ସାହିତ ରାଜ୍ୟ ବିଜେପି

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେପି ନଡ୍ଡାଙ୍କ ଗସ୍ତକୁ ନେଇ ଉତ୍ସାହିତ ରାଜ୍ୟ ବିଜେପି। ଆସନ୍ତାକାଲି ରାଜ୍ୟ ଅତିଥି ଭବନରେ ନଡ୍ଡା ଅଢେଇ ଘଣ୍ଟା ରହିବେ । ଏନେଇ ସୂଚନା ଦେଇଛନ୍ତି ରାଜ୍ୟ ବିଜେପି ଉପସଭାପତି ବିରଞ୍ଚି ତ୍ରିପାଠୀ । ବିଜେପିର ରାଜ୍ୟ ନେତୃତ୍ୱଙ୍କୁ ଭେଟି ଆଲୋଚନା କରିବେ। ସଂଗଠନ ଆଉ ସରକାର ସମନ୍ୱୟ ନେଇ କରିବେ ଆଲୋଚନା।

## ନବନିର୍ମିତ ଲାଇବ୍ରେରୀ ଗୁରୁଜୀଙ୍କ ଦ୍ୱାରା ଉଦ୍‌ଘାଟିତ



ଭୁବନଶ୍ୱର(ଭାସ୍କର ନ୍ୟୁଜ): ଶିରିଡ଼ିଠାରେ ଶ୍ରୀସାଇବାବା ସଂସ୍ଥାନ ଟ୍ରଷ୍ଟ ଦ୍ୱାରା ନବନିର୍ମିତ ଲାଇବ୍ରେରୀକୁ ଗୁରୁଜୀ ଡ. ଚନ୍ଦ୍ରଭାନୁ ଶତପଥୀ ଗୁରୁବାର ଉଦ୍‌ଘାଟନ କରିଛନ୍ତି। ଏହା ସହିତ ସଂସ୍ଥାନର ଅନୁରୋଧକ୍ରେମ ଗୁରୁଜୀ ଦୀଘର୍ବଷର୍ର ଯତ୍ନ ସହକାରେ ସାଇତି ରଖିଥିବା ଶହେବର୍ଷ ତଳର ପୁରୁଣା ଦୁର୍ଲଭ ସାଇ ସାହିତ୍ୟ ସଂକ୍ରାନ୍ତ ପତ୍ରପତ୍ରିକାକୁ ସଂସ୍ଥାନକୁ ଦାନ କରିଛନ୍ତି। ଏହି ଉପଲେକ୍ଷ ସଂସ୍ଥାନ ପରିସର ସଭାକକ୍ଷରେ ଗୁରୁବାର ପୂର୍ବାହ୍ନରେ ଏକ ସଂକ୍ଷିପ୍ତ ସଭାର ଆୟୋଜନ କରାଯାଇଥିଲା। ଶ୍ରୀସାଇବାବା ସଂସ୍ଥାନ ପକ୍ଷରୁ ପ୍ରକାଶିତ ମାସିକ ପତ୍ରିକା 'ସାଇଲୀଳା'ର ଯେଉଁ ୧୫ ବର୍ଷର ପୁରୁଣା ସଂଖ୍ୟାଗୁଡ଼ିକ ସଂସ୍ଥାନ ନିକଟରେ ଉପଲବ୍ଧ ନଥିଲା, ସେହି ସଂଖ୍ୟାଗୁଡ଼ିକର ଉଭୟ ମୁଦ୍ରଣ ଓ ଡିଜିଟାଲ ସଂସ୍କରଣ ଗୁରୁଜୀ ଡ. ଶତଥୀ ସଂସ୍ଥାନକୁ ପ୍ରଦାନ କରିଥିଲେ। ଏହା ସହିତ ଶ୍ରୀସାଇବାବାଙ୍କ ଜୀବନ କାଳରେ ପ୍ରକାଶ ପାଉଥିବା 'ଶ୍ରୀସାଇନାଥ ପ୍ରଭା'ର ୧୯୧୯ ମସିହାର ସଂସ୍କରଣକୁ ସଂସ୍ଥାନକୁ ପ୍ରଦାନ କରିଥିଲେ। ପୂର୍ବରୁ ଶ୍ରୀସାଇବାବାଙ୍କ ମହାପ୍ରୟାଣର ଶହେବର୍ଷ ପୂର୍ତ୍ତି ଅବସରରେ ୨୦୧୭ ମସିହାରେ ଗୁରୁଜୀ ଶ୍ରୀସାଇନାଥ ପ୍ରଭାର ୧୯୧୬ ବର୍ଷର ସଂସ୍କରଣକୁ ସଂସ୍ଥାନକୁ ପ୍ରଦାନ କରିଥିଲେ। ସିଇଓ ଗୋରକ୍ଷ ଗାଡ଼ିଲକର, ଆଇ.ଏ.ଏସ. ବିଶ୍ୱବ୍ୟାପୀ ସାଇଲୀଳାର ପ୍ରଚାର ଓ ପ୍ରସାରରେ ଗୁରୁଜୀଙ୍କ ମହତ୍ତ୍ୱପୂର୍ଣ୍ଣ ଅବଦାନର ଭୂୟସୀ ପ୍ରଶଂସା କରି ସଂସ୍ଥାନ ପକ୍ଷରୁ ତାଙ୍କୁ ଉପଢ଼ୌକନ, ମାନପତ୍ର ଓ ବାବାଙ୍କର ପ୍ରତିମା ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ଏହିସବୁ ବିରଳ ଓ ଦୁଷ୍ପ୍ରାପ୍ୟ ପୁସ୍ତକ ଗୁରୁଜୀ ସଂସ୍ଥାନକୁ ପ୍ରଦାନ କରିଥିବାରୁ ଗଭୀର କୃତଜ୍ଞତା ଜ୍ଞାପନ କରିଥିଲେ। ଏହାଦ୍ୱାରା ଅଗଣିତ ସାଇଭକ୍ତ ଉପକୃତ ହେବେ ବୋଲି ସେ କହିଥିଲେ। ଉତ୍ସବରେ ବରିଷ୍ଠ ଆଇଏଏସ., ବିଚାର ବିଭାଗୀୟ ଅଧିକାରୀଙ୍କ ସମେତ ସଂସ୍ଥାନର ପଦାଧିକାରୀ ଏବଂ ଗଣମାଧ୍ୟମର ପ୍ରତିନିଧିମାନେ ଉପସ୍ଥିତ ଥିଲେ।

## 'ଆଚାର୍ଯ୍ୟ ହରିହର ଦାସ ଗାନ୍ଧିବାଦୀ ଓ ମଣିଷ ପଣିଆର ଉଜ୍ଜଳ ଉଦାହରଣ'




ଭୁବନେଶ୍ୱର(ଭାସ୍କର ନ୍ୟୁଜ): ପୁଣ୍ୟାତ୍ମା ଆଚାର୍ଯ୍ୟ ହରିହର ଦାସଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ପାଳିତ ହୋଇଛି । ସୂଚନା ଓ ଲୋକ ସମ୍ପର୍କ ବିଭାଗ ଓ ଆଚାର୍ଯ୍ୟ ବିହାର ପରିଷଦ ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମ ସ୍ଥାନୀୟ ଜୟଦେବ ଭବନରେ ଅନୁଷ୍ଠିତ ହୋଇଛି । ସୂଚନା ଓ ଲୋକ ସମ୍ପର୍କ ବିଭାଗ ନିର୍ଦ୍ଦେଶକ ସରୋଜ କୁମାର ସାମଲ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଆଚାର୍ଯ୍ୟଙ୍କ ନିରାଡ଼ମ୍ବର ଜୀବନଶୈଳୀ ଓ ନିଷ୍ଠାପର ସେବାର ପଟାନ୍ତର ନାହିଁ ବୋଲି ଅଭିହିତ କରିଥିଲେ । ପୁରୀ ଜିଲ୍ଲାର ସତ୍ୟବାଦୀର ଶ୍ରୀରାମଚନ୍ଦ୍ରପୁର ଗ୍ରାମରେ ସେ ଜନ୍ମ ଗ୍ରହଣ କରିଥିଲେ । ଶିକ୍ଷା, ସଂସ୍କାର ଓ ସହାନୁଭୂତିର ମୂର୍ତ୍ତିବନ୍ତ ପ୍ରତୀକ ଥିଲେ । ଜଣେ ଗାନ୍ଧିବାଦୀ, ସଂଗ୍ରାମୀ, ସଂସ୍କାରକ, ଛାତ୍ର ବତ୍ସଳ ଶିକ୍ଷକ ଓ ମଣିଷ ପଣିଆର ଉଜ୍ଜଳ ଉଦାହରଣ ବୋଲି ଶ୍ରୀ ସାମଲ ଅଭିହିତ କରିଥିଲେ । ସତ୍ୟବାଦୀ ବକୁଳ ବନବିଦ୍ୟାଳୟର ଅନ୍ୟତମ ଆଦର୍ଶ ଶିକ୍ଷକ ଆଚାର୍ଯ୍ୟ ହରିହର ନିଜର ସ୍ୱାଭିମାନ ଓ ମୂଲ୍ୟବୋଧ ତଥା ଓଡ଼ିଶାର ଉନ୍ନତି ପାଇଁ ଜୀବନବ୍ୟାପୀ ତ୍ୟାଗ ନିମନ୍ତେ ସ୍ମରଣୀୟ ରହିବେ ବୋଲି ସେ ଉଲ୍ଲେଖ କରିଥିଲେ । ସେହିଭଳି ଅନ୍ୟତମ ଅତିଥି ଭାବେ ଯୋଗଦେଇ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ ପୂର୍ବତନ କୁଳପତି ପ୍ରଫେସର କୈଳାଶ ଚନ୍ଦ୍ର ମିଶ୍ର ହରିହରଙ୍କ ଜୀବନୀ, ସାଧନା ଓ ମଣିଷ ପଣିଆର ଅବତାରଣା କରିଥିଲେ । ଅନ୍ୟପକ୍ଷରେ ବିଶିଷ୍ଟ ଶିକ୍ଷାବିତ ତଥା ଶ୍ୟାମ ପ୍ରସାଦ ମୁଖାର୍ଜୀ ଫାଉଣ୍ଡେସନ ସଭାପତି ଡଃ ପୂର୍ଣ୍ଣ ଚନ୍ଦ୍ର ମଲ୍ଲିକ୍, ବିଶିଷ୍ଟ ଲେଖକ ତଥା ନାବାର୍ଡର ପୂର୍ବତନ ଅଧିକାରୀ ଶଙ୍କର ନାରାୟଣ ମଲ୍ଲିକ ପ୍ରମୁଖ ଯୋଗଦେଇ ଆଚାର୍ଯ୍ୟଙ୍କ ତ୍ୟାଗ ଓ ସେବା ଉପରେ ଆଲୋକପାତ କରିଥିଲେ । ପ୍ରାରମ୍ଭରେ ବିଭାଗୀୟ ବୈଷୟିକ ନିର୍ଦ୍ଦେଶକ ସୁରେନ୍ଦ୍ର ନାଥ ପରିଡା ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଆଚାର୍ଯ୍ୟ ବିହାର ପରିଷଦ ସଭାପତି ଭାଗବତ ପ୍ରସାଦ ଦାସ ଧନ୍ୟବାଦ ଅର୍ପଣ କରିଥିଲେ । ବିଭାଗୀୟ ଉପ ନିର୍ଦ୍ଦେଶିକା ସୁଚେତା ପ୍ରିୟଦର୍ଶିନୀ, ଲୋକ ସମ୍ପର୍କ ଅଧିକାରୀ ସୁଶ୍ରୀ ରୋଜାଲିନ ସାହୁ ଓ ପ୍ରମୋଦିନୀ ଟେଟେ ମଞ୍ଚ ପରିଚାଳନା କରିଥିଲେ ।

## ବିଦ୍ୟୁତ୍ ଦେୟ ୧ ପଇସା ବୃଦ୍ଧି କଲେ ରାଜ୍ୟବ୍ୟାପି ଆନ୍ଦୋଳନ: କଂଗ୍ରେସ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟରେ ଏକ ସାମ୍ବାଦିକ ସମ୍ମିଳନୀରେ ବରିଷ୍ଠ କଂଗ୍ରେସ ନେତା ତଥା ପୂର୍ବତନ ଅର୍ଥମନ୍ତ୍ରୀ ପଞ୍ଚାନନ କାନୁନଗୋ କହିଛନ୍ତି ଯେ ଯଦି ବିଦ୍ୟୁତ ଦେୟ ୧ ପଇସା ବୃଦ୍ଧି କରାଯିବ ତେବେ ରାଜ୍ୟବ୍ୟାପି ଆନ୍ଦୋଳନ ହେବେ। ସାଧାରଣ ବିଦ୍ୟୁତ ଖାଉଟିଙ୍କ ସ୍ୱାର୍ଥ ରକ୍ଷାପାଇଁ କଂଗ୍ରେସ ପ୍ରତିଶୃତିବଦ୍ଧ ବୋଲି ଶ୍ରୀ କାନୁନଗୋ ଘୋଷଣା କରିଛନ୍ତି। ସେ କହିଲେ ଯେ ବିଜେପି କ୍ଷମତାକୁ ଆସିଲେ ତୁରନ୍ତ ୩୦୦ ୟୁନିଟ ବିଜୁଳି ମାଗଣା ଯୋଗାଇ ଦେବ ବୋଲି ନିର୍ବାଚନୀ ଘୋଷଣା କରାଯାଇଥିଲା। ପୁଣି ବିଜେପି ପକ୍ଷରୁ କୁହାଗଲା ଯେ 'ପ୍ରଧାନମନ୍ତ୍ରୀ ସୂର୍ଯ୍ୟଘର ମୋଫତ ବିଜୁଳି ଯୋଜନା' ମାଧ୍ୟମରେ ଖାଉଟିଙ୍କୁ ବିଜୁଳି ଯୋଗାଇ ଦିଆଯିବ। ୮ ମାସର ଶାସନ ପରେ ବି କ୍ଷମତାସୀନ ବିଜେପି ସରକାର ନିଜ ପ୍ରତିଶୃତିରେ ବିଫଳ ହୋଇଛନ୍ତି। ୩୦୦ ୟୁନିଟ ମାଗଣା ବିଜୁଳି ଦେବା ପରିବର୍ତ୍ତେ ଏବେ ବିଜୁଳି ଦେୟ ୟୁନିଟ ପିଛା ୧୨.୪୨ ପଇସା ବୃଦ୍ଧି ପାଇଁ ଓଇଆରସିଙ୍କ ପାଖରେ ଟିପିସିଓଡିଏଲର ପ୍ରସ୍ତାବ ଦୁର୍ଭାଗ୍ୟଜନକ।

## ଓଡ଼ିଶୀ ଡ୍ୟାନ୍ସ କ୍ରିଏସନ୍‌ର ସଙ୍ଗୀତ ଓ ନୃତ୍ୟ ମହୋତ୍ସବ
# ମନ ମୋହିଲା ଓଡ଼ିଶୀ ନୃତ୍ୟ



ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଗୁରୁବାର ରବୀନ୍ଦ୍ରମଣ୍ଡପରେ ଓଡ଼ିଶୀ ଡ୍ୟାନ୍ସ କ୍ରିଏସନ୍ ପକ୍ଷରୁ ସଙ୍ଗୀତ ଓ ନୃତ୍ୟ ମହୋତ୍ସବ ୩ୟ 'ଛନ୍ଦବିଭା' ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମ ପ୍ରସିଦ୍ଧ ମର୍ଦ୍ଦଳ ବାଦକ ଗୁରୁ ଧନେଶ୍ୱର ସ୍ୱାଇଁ, ଓଡ଼ିଶୀ ନୃତ୍ୟ ଶିଳ୍ପୀ ପଦ୍ମଶ୍ରୀ ଡଃ ଅରୁଣା ମହାନ୍ତି, ସଂସ୍କୃତି ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ପ୍ରସନ୍ନ କୁମାର ସ୍ୱାଇଁ, ନୃତ୍ୟ ଗୁରୁ ସ୍ନେହ ପ୍ରଭା ସାମନ୍ତରାୟ. ଅତିଥିଭାବେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମକୁ ଆରମ୍ଭ କରିଥିଲେ। ପରେ ଅତିଥି ଙ୍କୁ ମାନପତ୍ର ଉପଢୋକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ଗୁରୁ ଶର୍ମିଳା ବିଶ୍ୱାସ, ଗୁରୁ ରାମହରି ଦାସ ଓ ପ୍ରଫେସର ଜଗନ୍ନାଥ କୁଅଁରଙ୍କୁ 'ଛନ୍ଦବିଭା ସମ୍ମାନ'ରେ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମ ଆରମ୍ଭରେ କଲିକତାର ପ୍ରସିଦ୍ଧ ଓଡ଼ିଶୀ ନୃତ୍ୟ ଗୁରୁ ଶର୍ମିଳା ବିଶ୍ୱାସ ଓ ରିତୁପର୍ଣ୍ଣା ଘୋଷଙ୍କ ଦ୍ୱାରା ଅଷ୍ଟପଦୀ ସଖୀ ହେ କେଶୀ ମଥନ ମୁଦା ରମ୍ ଓଡ଼ିଶୀ ନୃତ୍ୟ ପରିବେଷଣ କରି ଉପସ୍ଥିତ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରି ଦେଇଥିଲା। ସଙ୍ଗୀତ ସଂଯୋଜନା କରିଥିଲେ ଶ୍ରୀର୍ଜନ ଚାଟାର୍ଜୀ ପରେ ପରେ ବିଶ୍ୱନାଥ ସଙ୍ଗୀତାଳୟର ନୃତ୍ୟ ଶିଳ୍ପୀ ସୁଶ୍ରୀ ଦୀକ୍ଷା ରାଉତରାୟ ଓ ସୁଶ୍ରୀ ସ୍ମିତା ମହାରଣାଙ୍କ ଜତି ତାଳ ଓ ବୈରାଗୀ ରାଗରେ ସୂର୍ଯ୍ୟ ଅଷ୍ଟକମ୍ ନୃତ୍ୟ ଅଭିନୟ ଉପସ୍ଥିତ ଦର୍ଶକଙ୍କୁ ବିଭୋର କରିଥିଲା। ନୃତ୍ୟ ସଂଯୋଜନା କରିଥିଲେ ଗୁରୁ ଦୁର୍ଗା ଚରଣ ରଣବୀର, କଟକ ସୁରମନ୍ଦିରର ଗୁରୁ ଡଃ ଜ୍ୟୋତ୍ସ୍ନା ସାହୁ ଆଣ୍ଡ ଗ୍ରୁପଙ୍କ ପରିବେଷିତ ଗଣେଶମ୍, ବର୍ଷାନୁରାଗ ଦଳ ଗତ ନୃତ୍ୟ ପରିବେଷଣ କରି ଦର୍ଶକଙ୍କୁ ବେଶ ପ୍ରଭାବିତ କରିଥିଲା। ପରିଶେଷରେ ଓଡ଼ିଶୀ ଡ୍ୟାନ୍ସ କ୍ରିଏସନ୍ କଳାକାରଙ୍କ ଦ୍ୱାରା ଦଳଗତ ନାରୀ ଓଡ଼ିଶୀ ନୃତ୍ୟ ବେଶ ଚିତାଉାକର୍ଷକ ହୋଇଥିଲା ଓଡ଼ିଶୀ ଡ୍ୟାନ୍ସ କ୍ରିଏସନ୍ ପ୍ରତିଷ୍ଠାତା ନୃତ୍ୟଶିଳ୍ପୀ ପଙ୍କଜ କୁମାର ପ୍ରଧାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅୟୋଜିତ ହୋଇଥିବା ବେଳେ ଅନୁଷ୍ଠାନର ବରିଷ୍ଠ ଛାତ୍ରଛାତ୍ରୀଙ୍କ ଦ୍ୱାରା କାର୍ଯ୍ୟକ୍ରମ ପରିଚାଳନା ହୋଇଥିଲା ଏହି କାର୍ଯ୍ୟକ୍ରମକୁ ଶ୍ରୀନିବାସ ଘଟୁଆରୀ ସଂଯୋଜନା କରିଥିଲେ। ଶେଷରେ ଅନୁଷ୍ଠାନ ପକ୍ଷରୁ କଳାକାର ଓ ମ୍ୟୁଜିସିଆନ୍ଙ୍କୁ ସମ୍ମାନିତ କରାଯାଇଥିଲା।

## ଟିପିସିଓଡିଏଲ୍ ପକ୍ଷରୁ ନୈତିକତା ସପ୍ତାହ ପାଳନର ଶୁଭାରମ୍ଭ
## ଟାଟା ଆଚରଣବିଧି ପାଳନ କରିବାକୁ କର୍ମଚାରୀଙ୍କ ଶପଥ ପାଠ



ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଟାଟା ପାୱାର ଓ ଓଡ଼ିଶା ସରକାରଙ୍କ ଏକ ଯୌଥ ଉଦ୍ୟୋଗ ଟିପି ସେଂଟ୍ରାଲ୍ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍ (ଟିପିସିଓଡିଏଲ୍) ପକ୍ଷରୁ ଟାଟା ଗ୍ରୁପର ପ୍ରତିଷ୍ଠାତା ଶ୍ରୀ ଜାମସେଦଜୀ ନୁସେରୱାନଜୀ ଟାଟାଙ୍କ ଜୟନ୍ତୀ ଅବସରରେ ଆସନ୍ତା ଫେବ୍ରୁଆରି ୨୪ ତାରିଖରୁ ନୈତିକତା ସପ୍ତାହ ୨୦୨୫ ପାଳନ ଆରମ୍ଭ ହୋଇଛି। ନୈତିକ ବ୍ୟବସାୟ ଅଭ୍ୟାସ, ସଚ୍ଚୋଟତା ଏବଂ ସ୍ୱଚ୍ଛତା ପ୍ରତି ଟିପିସିଓଡିଏଲର ଅତୁଟ ପ୍ରତିବଦ୍ଧତାକୁ ଏହି ଉତ୍ସବ ଦୋହରାଉଛି। ଏହି କାର୍ଯ୍ୟକ୍ରମକୁ ଟିପିସିଓଡିଏଲ୍ର ସିଇଓ ତଥା ପ୍ରମୁଖ ନୈତିକ ଅଧିକାରୀ ଅରଭିନ୍ଦ୍ ସିଂହ ଉଦ୍‌ଘାଟନ କରିଥିବା ବେଳେ କମ୍ପାନିର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ଟାଟା ଗ୍ରୁପରେ ନୈତିକ ଉତ୍କର୍ଷତାର ମୂଳଦୁଆ ପକାଇଥିବା ଜାମସେଦଜୀ ନୁସେରୱାନଜୀ ଟାଟାଙ୍କ ଦ୍ୱାରା ଅନୁପ୍ରାଣିତ ହୋଇ ଟିପିସିଓଡିଏଲ୍ ଏହି ନୀତିଗୁଡ଼ିକୁ ଏହାର କାର୍ଯ୍ୟରେ ସମନ୍ୱିତ କରିବା ଜାରି ରଖିଛି । ଏହି ଅବସରରେ ଟିପିସିଓଡିଏଲ୍ର ସିଇଓ ତଥା ପ୍ରଧାନ ନୈତିକ ଅଧିକାରୀ ଅରଭିନ୍ଦ୍ ସିଂହ କହିଛନ୍ତି ଯେ, 'ଟିପିସିଓଡିଏଲ୍ରେ ନୈତିକତା କେବଳ ଏକ ପ୍ରତିଶ୍ରୁତି ନୁହେଁ, ଏହା ଏକ ଜୀବନଶୈଳୀ ଯାହା ଆମ କର୍ମଚାରୀଙ୍କ ଠାରୁ ଆରମ୍ଭ କରି ବିକ୍ରେତା, ଯୋଗାଣକାରୀ ଏବଂ ଆମେ ସେବା କରୁଥିବା ସମୁଦାୟ ପର୍ଯ୍ୟନ୍ତ ବିସ୍ତାରିତ । ନିରନ୍ତର ଏବଂ ଦାୟିତ୍ୱପୂର୍ଣ୍ଣ ଅଭିବୃଦ୍ଧିକୁ ପ୍ରୋତ୍ସାହିତ କରିବା ପାଇଁ ଦୈନିକ ନୈତିକ ମୂଲ୍ୟବୋଧ ବଜାୟ ରଖିବା ଗୁରୁତ୍ୱପୂର୍ଣ୍ଣ ଅଟେ।

## ଭାରତୀୟ ଆଧୁନିକ ଚିତ୍ର ଓ ସମସାମୟିକ ଚିତ୍ରଶିଳ୍ପୀଙ୍କ ବିଷୟରେ ଆଲୋଚନାଚକ୍ର




ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଗତ ୨୨ ଓ ୨୩ ତାରିଖରେ କେନ୍ଦ୍ରିୟ ଆଧୁନିକ କଳା ସଂଗ୍ରହାଳୟ ଓ କେନ୍ଦ୍ର ଲଳିତକଳା ଏକାଡେମୀ ସହ ସରକାରୀ ଚାରୁ ଓ କାରୁକଳା ମହାବିଦ୍ୟାଳୟର ପ୍ରାକ୍ତନୀ ସଂଗଠନ ଆନୁକୁଲ୍ୟରେ ଦୁଇଦିନିଆ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମକୁ ଖଲିକୋଟ କଳା ମହାବିଦ୍ୟାଳୟର ପ୍ରାକ୍ତନୀ ସଂଗଠନର ସାଧାରଣ ସଂପାଦକ ଡଃ ରେବତୀ କାନ୍ତ ମହାରଣା ପରିଚାଳନା କରିଥିଲେ । ପ୍ରଥମ ଦିନରେ ଡଃ. ଅଲେଖ ଚରଣ ସାହୁ, ପଦ୍ମଶ୍ରୀ ବିନୋଦ ମହାରଣା, ଅଦ୍ୱୈତ ଚରଣ ଗଡ଼ନାୟକ(ପଦ୍ମଶ୍ରୀ ମନୋନୀତ), ବୈଜୟନ୍ତ ଦାସ ଏବଂ ବମ୍ବେ କେନ୍ଦ୍ରୀୟ ଆଧୁନିକ କଳା ସଂଗ୍ରହାଳୟର ପୀୟୁଷ ସୁଓ୍ୱଆଲକାଙ୍କ ସହିତ ଭାରତୀୟ ଆଧୁନିକ କଳା ପ୍ରଦର୍ଶନୀର ସଂଯୋଜକ କ୍ଷୀତିସ ଦାସ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ଆଗେଇ ନେଇଥିଲେ। କାର୍ଯ୍ୟକ୍ରମରେ ବରିଷ୍ଠ ଚିତ୍ରଶିଳ୍ପୀ ଜଗଦୀଶ କାନୁନଗୋ, ଜ୍ୟୋତିର୍ମୟୀ କାନୁନଗୋ, ରାମହରି ଜେନା, ଜୟନ୍ତ ଦାସ, କାଳୀ ଚରଣ ପାଢୀ, ଗୌରାଙ୍ଗ ଚରଣ ବାରିକୀ, ଗଜେନ୍ଦ୍ର ସାହୁ, ରବି ରଥ, ପ୍ରଣବ ଅଖଣ୍ଡ, ଚକ୍ରଧର ବେହେରା, ଉମେଶ ନାୟକ, ଶୁକଦେବ ମହାରଣା, ତାରାକାନ୍ତ ପରିଡ଼ା, ଅମୀୟ ଦାସ, ତାପସୀ ମହାନ୍ତି ଯୋଗ ଦେଇଥିଲେ। ସେହିପରି ଦ୍ୱିତୀୟ ଦିନ ଆଲୋଚନା ଚକ୍ରରେ ବିଶିଷ୍ଟ ସାହିତ୍ୟିକ ତଥା ଓଡିଆ ଉତ୍କର୍ଷ କେନ୍ଦ୍ରର ନିର୍ଦ୍ଦେଶକ ପ୍ରଫେସର ବସନ୍ତ ପଣ୍ଡା ଏବଂ କେନ୍ଦ୍ରୀୟ ଲଳିତ କଳା ଏକାଡେମୀ ଆଞ୍ଚଳିକ ସଂପାଦକ ରାମକୃଷ୍ଣ ବେଦାଲା ଆଧୁନିକ ଚିତ୍ରକଳା ଉପରେ ବକ୍ତବ୍ୟ ଉପସ୍ଥାପନା କରିଥିଲେ। ଶେଷରେ ଅଶୋକ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## ପରିକଳ୍ପିତ ମହାନଦୀ ଅବବାହିକା ବିକାଶ ସମ୍ପର୍କରେ ବୈଠକ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଓଡ଼ିଶା ସରକାର, ନଗର ଉନ୍ନୟନ କର୍ତ୍ତୃପକ୍ଷ ଏବଂ ପରିବେଶ ବିଶେଷଜ୍ଞଙ୍କ ସହଯୋଗରେ, ମହାନଦୀ ଜଳପ୍ରାନ୍ତ ପ୍ରକଳ୍ପର ପରିକଳ୍ପନା କାର୍ଯ୍ୟକାରୀ କରିବାକୁ ଯାଉଛନ୍ତି। ଏହି ପରିବର୍ତ୍ତନକାରୀ ପଦକ୍ଷେପ ମହାନଦୀ ନଦୀପ୍ରାନ୍ତକୁ ପୁନଃପରିଭାଷିତ କରିବା ପାଇଁ ସ୍ଥିର କରାଯାଇଛି, ଏହାକୁ ଏକ ସ୍ପନ୍ଦନଶୀଳ, ସ୍ଥାୟୀ ଏବଂ ଅନ୍ତର୍ଭୁକ୍ତ ସ୍ଥାନରେ ପରିଣତ କରିବା ପାଇଁ ଯାହା ପରିବେଶଗତ ସଂରକ୍ଷଣକୁ ସହରାଞ୍ଚଳ ବିକାଶ ସହିତ ମିଶ୍ରଣ କରିବ। ଏହି ପ୍ରକଳ୍ପ ସ୍ଥାନୀୟ ଲୋକଙ୍କ ଜୀବନର ଗୁଣବତ୍ତା ବୃଦ୍ଧି କରିବ, ପର୍ଯ୍ୟଟନକୁ ପ୍ରୋତ୍ସାହିତ କରିବ ଏବଂ ନଦୀର ସମୃଦ୍ଧ ସାଂସ୍କୃତିକ, ଐତିହାସିକ ଏବଂ ପରିବେଶଗତ ଐତିହ୍ୟକୁ ସଂରକ୍ଷଣ କରିବ। ଆଜି ମନ୍ତ୍ରୀ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡକ୍ଟର କୃଷ୍ଣଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଥିଲା।

## ଷଷ୍ଠ ଦିନରେ ସୁଭଦ୍ରା ଶକ୍ତି ମେଳା
# ଏସ୍ଏଚ୍ଜି ସଦସ୍ୟାଙ୍କ ଅଭିନବ କଳାକୌଶଳ ସହ ପରମ୍ପରାକୁ ପ୍ରୋତ୍ସାହନ, ବ୍ୟବସାୟ ୨କୋଟିରୁ ଉର୍ଦ୍ଧ୍ୱ



ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଭୁବନେଶ୍ୱର ସ୍ଥିତ ଜନତା ମଇଦାନରେ ସୁଭଦ୍ରା ଶକ୍ତି ମେଳା ୨୦୨୫ ହଜାର ହଜାର ଦର୍ଶକଙ୍କ ପାଇଁ ପାରମ୍ପରିକ କଳା, ସଂସ୍କୃତି ଓ ଐତିହ୍ୟ ସହ ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟାଙ୍କ ହାତ ତିଆରି ଉତ୍ପାଦର ଏକ କେନ୍ଦ୍ର ସାଜିଥିବା ବେଳେ, ମିଲେଟ୍-ଆଧାରିତ ସ୍ନାକ୍ସ ଓ ନାନା ରକମର ଓଡ଼ିଆ ବ୍ୟଞ୍ଜନର ସ୍ୱାଦ ଜନସମୂହଙ୍କୁ ଆକର୍ଷିତ କରୁଛି। ମେଳାର ୬ଷ୍ଠ ଦିନରେ ପରିଦର୍ଶକଙ୍କ ମଧ୍ୟରେ ମା ମାନଙ୍କ ଦ୍ୱାରା ପ୍ରସ୍ତୁତ ବିଭିନ୍ନ ଘରକରଣା ସାମଗ୍ରୀର ଚାହିଦା ଥିଲା । ଗଜପତି ମୋହନା ବ୍ଲକ୍ ର ନିବେଦିତା ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା ପ୍ରସ୍ତୁତ ଅର୍ଗାନିକ୍ ହାତ ଧୋଇବା ସାବୁନ, ବାସନ ଧୋଇବା ସାବୁନ ଏବଂ ଡିଟରଜେଣ୍ଟ ଦର୍ଶକଙ୍କୁ ବେଶ ଆଦୃତ କରିଥିଲା । ମା' ମାନଙ୍କ ଦ୍ୱାରା ପ୍ରସ୍ତୁତ ଏହି ଘରୋଇ ଉତ୍ପାଦ ଗୁଡିକ ପ୍ରତି ଆଗ୍ରହ ଏହି କ୍ଷେତ୍ରରେ ମହିଳା ଉଦ୍ୟୋଗୀ ମାନଙ୍କ ବ୍ୟବସାୟର ଅଭିବୃଦ୍ଧିକୁ ଦର୍ଶାଉଛି । ମେଳାକୁ ବିଭୁତି ଭୂଷଣ ପ୍ରଧାନ, ବିଧାୟକ, ପରଜଙ୍ଗ ତଥା ସୋଫିଆ ଫିର୍ଦୋଷ, ମାନ୍ୟବର ବିଧାୟିକା, ବାରବାଟୀ-କଟକଙ୍କ ପରିଦର୍ଶନ ଏବଂ ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟାଙ୍କ ସହ ବାର୍ତ୍ତାଳାପ ମା' ମାନଙ୍କୁ ପ୍ରୋତ୍ସାହିତ କରିଥିଲା । ସେମାନେ ବିଭିନ୍ନ ଷ୍ଟଲ୍ ବୁଲି ଦେଖିବା ସହ ମେଳାରେ ପ୍ରଦର୍ଶିତ ଉତ୍ପାଦ ଓ ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟାଙ୍କ କାରିଗରୀର ପ୍ରଶଂସା କରିଥିଲେ। ୬ଷ୍ଠ ସନ୍ଧ୍ୟାର ସାଂସ୍କୃତିକ କାର୍ଯ୍ୟକ୍ରମ ଓଡ଼ିଆ ଐତିହ୍ୟ ଏବଂ ସଙ୍ଗୀତର ଏକ ମିଶ୍ରଣ ଥିଲା । ଦାସକାଠିଆ ମାଧ୍ୟମରେ ଦର୍ଶକ ପାରମ୍ପରିକ ଲୋକକଥାର ଆନନ୍ଦ ଉଠାଇଥିବା ବେଳେ ମନୋମୁଗ୍ଧକର ଗାୟକୀ ଭରା ମେଲୋଡି ଦର୍ଶକମାନଙ୍କ ମନମୋହିତ କରିଥିଲା । ପ୍ରତିଦିନ ସୁଭଦ୍ରା ଶକ୍ତି ମେଳା ୨୦୨୫ ନୂତନ ମାନଦଣ୍ଡ ସ୍ଥାପନ କରିବା ଜାରି ରଖିଛି। ୬ଷ୍ଠ ଦିନ ଶେଷ ସୁଦ୍ଧା, ମୋଟ ୧.୫ ଲକ୍ଷରୁ ଅଧିକ ପରିଦର୍ଶକ ବୁଲି ଥିବା ବେଳେ ସମୁଦାୟ ୨ କୋଟିରୁ ଅଧିକ ବିକ୍ରୟ ରେକର୍ଡ଼ କରାଯାଇଥିଲା ଯାହା କ୍ରେତାମାନଙ୍କ ମଧ୍ୟରେ ସ୍ୱୟଂ ସହାୟକ ଗୋଷ୍ଠୀ ଉତ୍ପାଦଗୁଡ଼ିକର ଅଭୂତପୂର୍ବ ଚାହିଦା ଏବଂ ବୃଦ୍ଧି ପାଉଥିବା ସ୍ୱୀକୃତିକୁ ଦର୍ଶାଉଛି।

ଓଡ଼ିଶା ଭାସ୍କର
ODISHA BHASKAR
ରାଜ୍ୟ ଖବର

ପୃଷ୍ଠା-ଖ
Page-B
ଭୁବନେଶ୍ୱର
Bhubaneswar
୨୮.୦୨.୨୦୨୫
28.02.2025



କଣାସ, (ଭାସ୍କର ନ୍ୟୁଜ୍ ) : କଣାସ ବ୍ଲକର ପୁରପଲ୍ଲୀ, ମଠ, ମନ୍ଦିର ମାନଙ୍କରେ ଶିବରାତ୍ର ମହାସମାରୋହରେ ପାଳିତ ହୋଇଯାଇଛି। ପ୍ରଭାତରୁ ପ୍ରତ୍ୟେକ ଶିବ ମନ୍ଦିରମାନଙ୍କରେ ମହିଳା ଓ ପୁରୁଷମାନେ ଧାଡିରେ ଛିଡା ହୋଇ ଦେବ ଦେବ ମହାଦେବଙ୍କୁ ପୂଜା ଅର୍ଚ୍ଚନା କରିଥିଲେ । ସନ୍ଧ୍ୟାରେ ପ୍ରତ୍ୟେକ ଶିବମନ୍ଦିରମାନଙ୍କରେ ମହିଳା ଓ ପୁରୁଷମାନେ ପ୍ରଦୀପ ପ୍ରଜ୍ୱଳନ କରି ରାତ୍ର ଉଜାଗର ରହିବା ସହିତ ମଧ୍ୟ ରାତ୍ରରେ ମହାଦୀପ ଦର୍ଶନ କରିଥିଲେ । ପ୍ରତ୍ୟେକ ମନ୍ଦିର ମାନଙ୍କରେ ନାମ ସଂକୀର୍ତ୍ତନ ଓ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟମାନ ଅନୁଷ୍ଠିତ ହୋଇଥିଲା । ମହାଦୀପ ଉଠିବା ପରେ ଶ୍ରଦ୍ଧାଳୁମାନେ ପ୍ରସାଦ ଭୋଜନ କରିଥିଲେ । ବିଶେଷଃ କରି କଣାସ ଗ୍ରାମର ଶ୍ରୀ ଲୋକନାଥ, ଦୋକନ୍ଦା ଗ୍ରାମର ବାବା ନୀଳକଣ୍ଠେଶ୍ୱର ଦେବ, ବାଲିପାଟଣା ଗ୍ରାମର ଶ୍ରୀ ଲୋକନାଥ ଦେବ, ବଡାସର ବାବା ବୈଦ୍ୟନାଥ ଦେବ ଓ ପଞ୍ଚମୁଖୀ, ପାଣ୍ଡିକେରାର ବାବା ବୈଦ୍ୟନାଥ ଦେବ, ବାରିମଣ୍ଡଳର ବାବା ଗତୀଶ୍ୱର ଦେବ, ମୋଟରୀର ବାବା ଗତୀଶ୍ୱର ଦେବ, ତ୍ରିଲୋଚନପୁର ଗ୍ରାମର ବାବା କପିଳେଶ୍ୱର ଦେବ, କାତପଡାର ବାବା ନୀଳକଣ୍ଠେଶ୍ୱର ଦେବ, କଣ୍ଡପଡା ଗ୍ରାମର କାଳନ୍ଦୀ ଦେବ, ନୂଆପଡାର ବାଙ୍କେଶ୍ୱର ଦେବ, ସିରେଇର ବାବା ଗତୀଶ୍ୱର, ରୁଦ୍ରିପୁର ବାବା ଆଖଣ୍ଡଳମଣୀ, ଜଙ୍କିଆର ବାବା କପିଳେଶ୍ୱର ଦେବ, କରମଳାର ବାବା ଆଖଣ୍ଡଳମଣୀ, ଗଡିଶାଗୋଡାର ବାବା ହଟକିଶ୍ୱର ଦେବ, ସାହସପୁର ଗ୍ରମର ବାବା ଗତୀଶ୍ୱର ଦେବ, ଚାଇଗରପୁରର ସିଦ୍ଧେଶ୍ୱର ଦେବ, ମାଳିଶାହିର କୁମୁଦେଶ୍ୱର ଦେବ, ଶ୍ରୀମୁକୁନ୍ଦପୁରର ଇଶାନେଶ୍ୱର ଦେବ, ବଡାଲର ହଟକିଶ୍ୱର ଓ ସରିଶ୍ୱର ଦେବ ମନ୍ଦିର ମାନଙ୍କରେ ପ୍ରବଳ ଭିଡ ଲାଗି ରହିଛି ।

# କଣାସରେ ପାନୀୟ ଜଳ ସଙ୍କଟ

କଣାସ, (ଭାସ୍କର ନ୍ୟୁଜ୍ ) : କ୍ରମଶଃ ଖରା ଦିନକୁ ଦିନ ବଢୁଥିବାବେଳେ ଚିଲିକା ଉପକୂଳରେ ଅବସ୍ଥାପିତ କଣାସ ଅଞ୍ଚଳରେ ପାନୀୟ ଜଳ ସଙ୍କଟ ଦେଖାଦେଇଛି । ବ୍ଲକର ୨୮ ଗ୍ରାମପଞ୍ଚାୟତର ୧୩୯ଟି ଗ୍ରାମ ଓ ୧୦୮ ପଡା ଗ୍ରାମରେ ବର୍ଷସାରା ପାନୀୟ ଜଳ ସମସ୍ୟା ଲାଗିରହିଥିବାବେଳେ ଖରାଦିନେ ଏହା ଏପରି ଉତ୍କଟ ରୂପ ଧାରଣ କରେ ଯେ ଜିଲ୍ଲା ଓ ବ୍ଲକ ପ୍ରଶାସନର ମୁଣ୍ଡ ବ୍ୟଥାର କାରଣ ହୋଇପଡେ। ପାନୀୟ ଜଳ ସମସ୍ୟା ସାମାଧାନ ପାଇଁ ଗ୍ରାମ୍ୟ ଜଳ ଯୋଗାଣ ବିଭାଗ ପକ୍ଷରୁ ନଅ ଶହରୁ ଉର୍ଦ୍ଧ୍ୱ ନଳକୂପ ଓ ଷାଠିଏଟି ଗଭୀରକୂପ ଖନନ କରାଯାଇଥିଲା । ପାଞ୍ଚଶହରୁ ଉର୍ଦ୍ଧ୍ୱ ନଳକୂପରେ ଲୁଣି ଜଳ ନିର୍ଗତ ହେବାରୁ ସେଗୁଡିକ ଲୋକମାନେ ବ୍ୟବହାର ନକରିବାରୁ ଅକାମୀ ହୋଇପଡିରହିଛି। ଭୂତଳ ଜଳ ହ୍ରାସ ଯୋଗୁଁ ନଳକୂପମାନଙ୍କରୁ ବାଲିମାଟି ମିଶ୍ରତ ଜଳ ବାହାରୁଛି ଓ ଅନେକ ଗଭୀରକୂପ ଶୁଖି ଗଲାଣି । ପାନୀୟ ଜଳ ସମସ୍ୟାକୁ ନେଇ ଗ୍ରାମ୍ୟ ଜଳ ଯୋଗାଣ ବିଭାଗ ପକ୍ଷରୁ ଦୟା, ରାଜୁଆ, ମଲାଗୁଣୀ, ମକରା, ଲୁଣା ନଦୀର ବେଣାଗାଁ, ଜଙ୍କିଆ, ଗଡିଶାଗୋଡା, କରମଳା, ଅଣ୍ଡାଳସିଂହ, ଗୋପୀନାଥପୁର, ବଡାଲ, ସାହସପୁର, ସୁନାଖେଳା, ଚୁପୁରିଙ୍ଗି, ପାଣ୍ଡିଆକେରା, ଢୋଲପାଟଣା, ଗଡ଼ବଡ଼ପୁଟ ଠାରେ ନଦୀମାନଙ୍କରେ ପାଇପ ଜଳ ଯୋଗାଣ ପ୍ରକଳ୍ପ ନିର୍ମାଣ କରାଯାଇ କେତୋଟି ହାତଗଣତି ଗ୍ରାମକୁ ପାନୀୟ ଜଳ ଯୋଗାଣ କାର୍ଯ୍ୟ ଚାଲୁରହିଛି । ଭୁବନେଶ୍ୱର ଗଙ୍ଗୁଆନାଳ ବିଷାକ୍ତ ଜଳକୁ ଦୟାନଦୀକୁ ଚଢ଼ାଯାଉଥିବାରୁ କିଛି ବର୍ଷ ହେଲା ଦୟାନଦୀ ଜଳ ପାନୀୟ ଉପଯୋଗୀ ହୋଇପାରୁନାହିଁ। ଯାହାଫଳରେ କି ପାନୀୟ ଜଳ ସମସ୍ୟା ଦ୍ୱିଗୁଣିତ ହୋଇପଡିଛି। ଦୀର୍ଘ ବର୍ଷ ହେଲା ପାନୀୟ ଜଳ ସମସ୍ୟାର ସମାଧାନ ପାଇଁ ଚୁପୁରିଙ୍ଗିଠାରେ ମେଗା ପାନୀୟ ଜଳ ପ୍ରକଳ୍ପ ନିର୍ମାଣ କରାଯାଉଥିଲେ ମଧ୍ୟ ତାହା ନିର୍ମାଣ କାର୍ଯ୍ୟ ଘୁଞ୍ଚି ଘୁଞ୍ଚି ଚାଲିଛି । ଏ ସଂପର୍କରେ ଗ୍ରାମ୍ୟ ଜଳ ଯୋଗାଣ ସହକାରୀ ଯନ୍ତ୍ରୀ ରଞ୍ଜନ କୁମାର ସାମନ୍ତରାୟଙ୍କୁ ପଚାରିବାରୁ ସେ କୁହନ୍ତି ପ୍ରତି ବର୍ଷ ପାନୀୟ ଜଳ ସମସ୍ୟା ସୃଷ୍ଟି ହେଉଥିବାରୁ କଣାସ ବ୍ଲକର ପ୍ରତ୍ୟେକ ପଞ୍ଚାୟତକୁ ପଞ୍ଚାୟତ ମାଧ୍ୟମରେ ଅପ୍ରେଲ ୧ ତାରିଖଠାରୁ ଜୁନ ୩୦ ତାରିଖ ପର୍ଯ୍ୟନ୍ତ ଟ୍ୟାଙ୍କର ଯୋଗେ ଜଳ ଯୋଗାଇବା ପାଇଁ ସରକାର ନିର୍ଦ୍ଦେଶ ଥିବାରୁ ଚଳିତବର୍ଷ ଅପ୍ରେଲ ୧ ତାରିଖ ଠାରୁ ଟ୍ୟାଙ୍କର ଯୋଗେ ଜଳ ଯୋଗାଇ ଦିଆଯିବ ।

# ନୂତନ ଖେଳପଡିଆ ଉଦ୍‌ଘାଟିତ



କେନ୍ଦୁଝର, (ଭାସ୍କର ନ୍ୟୁଜ୍ ) : କେନ୍ଦୁଝରଗଡ଼ ସିଦ୍ଧମଠ ଠାରେ ଥିବା ମନୋଜ ମଞ୍ଜରୀ ଶିଶୁଭବନ ଦ୍ୱାରା ପରିଚାଳିତ ଦୃଷ୍ଟିହୀନ ଓ ବଧିର ବିଦ୍ୟାଳୟର ଦିବ୍ୟାଙ୍ଗ ଛାତ୍ରଛାତ୍ରୀମାନଙ୍କ ପାଇଁ ଟାଟା ଷ୍ଟିଲର ଆର୍ଥିକ ଅନୁଦାନରେ ଏକ ନୂତନ ଖେଳପଡ଼ିଆ ନିର୍ମାଣ କରାଯାଇଛି। ତାସହିତ ନବୀକରଣ କରାଯାଇଥିବା ଏକ ଖାଦ୍ୟ ପ୍ରସ୍ତୁତି ଗୃହ ଓ ଡାଇନିଂ ହଲ୍ କେନ୍ଦୁଝରର ଡିଭିଜନାଲ ଫରେଷ୍ଟ ଅଫିସର ଧନରାଜ ଏଚ ଡି ଓ ଟାଟା ଷ୍ଟିଲର ଜେନେରାଲ ମ୍ୟାନେଜର ଅତୁଲ ଭଟନାଗର ମୁଖ୍ୟ ଅତିଥି ଭାବରେ ଯୋଗଦାନକରି ଉଦ୍‌ଘାଟନ କରିଥିଲେ। ମନୋଜ ମଞ୍ଜରୀ ଶିଶୁ ଭବନର ସମ୍ପାଦକ ସତ୍ୟନାରାୟଣ ମିଶ୍ର ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ରହିବା ସହ ସୁଦୂର ପଶ୍ଚିମବଙ୍ଗରୁ ସବୁଜ ଘାସ ଅଣାଯାଇ ପ୍ରସ୍ତୁତ ହୋଇଥିବା ଏହି ଉନ୍ନତମାନର ଖେଳପଡ଼ିଆ ଦିବ୍ୟାଙ୍ଗ ପିଲାମାନଙ୍କୁ ସେମାନଙ୍କ କ୍ରୀଡା ନୈପୁଣ୍ୟତା ପ୍ରଦର୍ଶନ ନିମନ୍ତେ ଅତ୍ୟନ୍ତ ସହାୟକ ହେବ ବୋଲି ମତବ୍ୟକ୍ତ କରିଛନ୍ତି । ଦୁଇଟି ସ୍ୱତନ୍ତ୍ର ବିଦ୍ୟାଳୟର ଅଧୀକ୍ଷକ ମନୋଜ କୁମାର ରଥ ଛାତ୍ରଛାତ୍ରୀମାନଙ୍କ ବିକାଶ ନିମନ୍ତେ ସହଯୋଗର ହାତ ବଢ଼ାଇଥିବାରୁ ଟାଟା ଷ୍ଟିଲ ପରିବାରକୁ ଏବଂ କେନ୍ଦୁଝରର ଡିଏଫ୍‌ଓ ଧନରାଜ ଏଚ୍ ଡିଙ୍କର ଦିବ୍ୟାଙ୍ଗ ପିଲାମାନଙ୍କ ପ୍ରତି ରହିଥିବା ସ୍ନେହ ଓ ସହାନୁଭୂତି ପାଇଁ କୃତଜ୍ଞତା ଜ୍ଞାପନ କରିଥିଲେ । ବଧିର ବିଦ୍ୟାଳୟର ପ୍ରଧାନଶିକ୍ଷକ ଅନନ୍ତ ଚରଣ ସାହୁ ଓ ସମସ୍ତ କର୍ମଚାରୀ ଏହି କାର୍ଯ୍ୟକ୍ରମର ସଫଳତା ପାଇଁ ସହଯୋଗ କରିଥିଲେ।

# ଏଚ୍‌ଏଏଲ ପକ୍ଷରୁ ଭିନ୍ନକ୍ଷମଙ୍କୁ ଟ୍ରାଇ ସାଇକେଲ ବଣ୍ଟନ

ବନ୍ଧୁଗାଁ, (ଭାସ୍କର ନ୍ୟୁଜ୍ ) ବନ୍ଧୁଗାଁ ବ୍ଲକ କାର୍ଯ୍ୟାଳୟ ସଭାଗୃହ ଠାରେ ହାଲ୍ ଏଚ୍‌ଏଏଲ ଏବଂ ଆଲୁମିକ୍ ଆନୁକୂଲ୍ୟରେ ଭିନ୍ନକ୍ଷମ ଓ ବରିଷ୍ଠ ନାଗରିକ ମାନଙ୍କୁ ବିଭିନ୍ନ ପ୍ରକାରର ଉନ୍ନତ ମାନର ସହାୟତା ଉପକରଣ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଗତବର୍ଷ ନଭେମ୍ବର ୧୪ ତାରିଖ ଦିନ ବନ୍ଧୁଗାଁ ବ୍ଲକ ଠାରେ ଭିନ୍ନକ୍ଷମ ସାମର୍ଥ୍ୟ ଶିବିରରେ ୫୦୨ ଜଣ ରେକର୍ଡ଼ ସଂଖ୍ୟକ ଭିନ୍ନକ୍ଷମ ଯୋଗ ଦେଇଥିଲେ। ସେମାନଙ୍କ ମଧ୍ୟରେ ୬୭ ଜଣ ଭିନ୍ନକ୍ଷମ ଏବଂ ବରିଷ୍ଠ ନାଗରିକଙ୍କୁ ଚିହ୍ନଟ କରି ଉନ୍ନତମାନର ସହାୟତା ଉପକରଣ ପ୍ରଦାନ କରାଯିବା ପାଇଁ ଚୟନ କରାଯାଇଥିଲା। ଗୁରୁବାର ଦିନ ସମସ୍ତ ୬୭ ଜଣ ଉପସ୍ଥିତ ଭିନ୍ନକ୍ଷମ ଓ ବରିଷ୍ଠ ନାଗରିକଙ୍କୁ ୧୬୦ରୁ ଉର୍ଦ୍ଧ୍ୱ ଉନ୍ନତମାନର ସହାୟତା ଉପକରଣ ପ୍ରଦାନ କରାଯାଇଥିଲା। ଏହି ଅବସରରେ ବନ୍ଧୁଗାଁ ବ୍ଲକ ଅଧକ୍ଷା ଲକ୍ଷ୍ମୀ ମିଣିଆକା, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅବିନାଶ ବିଶ୍ୱଜିତ ସେଠୀ, ସିଡ଼ିପିଓ ଗୀତାଞ୍ଜଳୀ ମହାରଣା, ସରପଞ୍ଚ ଗୌରୀ ମେଲେକା, ଜାଗାନା ଓ୍ୱାଟାକା, ସନ୍ଧୁରୁ ପିଡିକା ଉପସ୍ଥିତ ରହିଥିଲେ। ଏହା ସହ ହାଲ ଏଚଏଏଲ ଗୁରୁଦତ୍ତ ଲେଙ୍କା, ମନୋରଞ୍ଜନ ଓଝା ଓ ଅରୁଣ ଦାସଙ୍କ ଉପସ୍ଥିତିରେ ଉନ୍ନତ ମାନର ସହାୟତା ଉପକରଣ ବଣ୍ଟନ କରିଥିଲେ। ଏହି କାର୍ଯ୍ୟକ୍ରମକୁ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଦୀପକ କୁମାର ବେଉରିଆ ପରିଚାଳନା କରିଥିଲେ।




# କନ୍ଧମାଳର ବିକାଶ ନେଇ ଇନଭେଷ୍ଟ କନ୍ଧମାଳ -୨୦୨୫ ଉଦ୍‌ଘାଟିତ




କନ୍ଧମାଳ, (ଭାସ୍କର ନ୍ୟୁଜ୍ ) : କନ୍ଧମାଳର ବିକାଶ ନେଇ ୨ ଦିନିଆ 'ଇନଭେଷ୍ଟ କନ୍ଧମାଳ -୨୦୨୫' ଦାରିଙ୍ଗବାଡ଼ିର ଇକୋ ରିଟ୍ରିଟ ଠାରେ ଉଦ୍‌ଘାଟିତ ହୋଇଛି। ଏହି ପୁଞ୍ଜିନିବେଶ ସମ୍ମିଳନୀକୁ ମୁଖ୍ୟ ଅତିଥି ଭାବେ କନ୍ଧମାଳ ସାଂସଦ ସୁକାନ୍ତ ପାଣିଗ୍ରାହୀ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ପୁଞ୍ଜିନିବେଶ ସମ୍ମିଳନୀରେ ରାଜ୍ୟ ତଥା ରାଜ୍ୟ ବାହାରୁ ପାଖାପାଖି ୭୫ ଟି ପ୍ରତିଷ୍ଠିତ ପୁଞ୍ଜିପତି ଯୋଗ ଦେଇଛନ୍ତି। କନ୍ଧମାଳ ଜିଲ୍ଲାରେ ପୁଞ୍ଜି ନିବେଶ କରି ବିକାଶ କରିବାକୁ ପୁଞ୍ଜିପତି ନିଜର ଆଗ୍ରହ ପ୍ରକାଶ କରିଛନ୍ତି। ଏ ନେଇ ଜିଲ୍ଲାପାଳ ଅମ୍ରିତ୍ ଋତୁରାଜ ପୁଞ୍ଜିନିବେଶକାରୀଙ୍କୁ ଜିଲ୍ଲାରେ କେଉଁ ସବୁ କ୍ଷେତ୍ରରେ ପୁଞ୍ଜିନିବେଶ ହୋଇପାରିବ, ସରକାର କ'ଣ ସବୁ ସୁବିଧା ସୁଯୋଗ ଯୋଗାଇ ଦେବେ ସେ ନେଇ ବିସ୍ତୃତ ଭାବେ ତଥ୍ୟ ଉପସ୍ଥାପନ କରିଥିଲେ। ଏହି ସମ୍ମିଳନୀରେ ଯୋଗ ଦେଇଥିବା ପୁଞ୍ଜିପତିମାନେ ଏଭଳି କାର୍ଯ୍ୟକ୍ରମକୁ ଆସି ଖୁସି ଜାହିର କରିବା ସହ କନ୍ଧମାଳରେ ପୁଞ୍ଜିନିବେଶ ପାଇଁ ସେ ଆଗ୍ରହ ଦେଖାଇଛନ୍ତି। ଅନ୍ୟପଟେ ପ୍ରଥମଥର ଲାଗି ଜିଲ୍ଲାରେ ପୁଞ୍ଜିନିବେଶ ସମ୍ମିଳନୀ ଆୟୋଜିତ ହେବା ସହ ଅଞ୍ଚଳର ସାମଗ୍ରିକ ବିକାଶ ହେବ ବୋଲି ସାଂସଦ ସୁକାନ୍ତ ପାଣିଗ୍ରାହୀ କହିଛନ୍ତି। ଏହା ସହ ଅନେକ ପୁଞ୍ଜିପତି ସମ୍ମିଳନୀରେ ଯୋଗ ଦେଇ ପ୍ରଥମ ପର୍ଯ୍ୟାୟରେ ପାଖାପାଖି ୨ ଶହ କୋଟି ବିନିଯୋଗ କରିବା ନେଇ ସହମତି ପ୍ରକାଶ କରିଥିବା କନ୍ଧମାଳ ଜିଲ୍ଲାପାଳ ସୂଚନା ଦେଇଛନ୍ତି। ଏହା ସହ ପୁଞ୍ଜିପତି ନିଜର ଭିତ୍ତିଭୂମି ଦେଖିବା ପାଇଁ ବିଭିନ୍ନ ଅଞ୍ଚଳ ଗସ୍ତ କରି ସରକାରୀ ସ୍ୱୀକୃତୀପ୍ରାପ୍ତ ଜମି ସବୁ ବୁଲି ଦେଖିବା ଆରମ୍ଭ କରିଛନ୍ତି। ତେବେ ଏହି ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଜି. ଉଦୟଗିରି ବିଧାୟକ ପ୍ରଫୁଲ୍ଲ ଚନ୍ଦ୍ର ପ୍ରଧାନ, ଜିଲ୍ଲାପରିଷଦ ଅଧକ୍ଷା ନନ୍ଦିନୀ ମଲିକ, ବ୍ଲକ ଅଧକ୍ଷ ସୁଶାନ୍ତ କୁମାର ପ୍ରଧାନ, ବାଲିଗୁଡ଼ା ଉପଜିଲାପାଳ ଡଃ ରୀନା ପ୍ରଧାନ, ଅତିରିକ୍ତ ଜିଲାପାଳ ରମେଶ ଚନ୍ଦ୍ର ଜେନା, ମୁଖ୍ୟ ଉନ୍ନୟନ ଅଧିକାରୀ ଶମ୍ଭୁନାଥ ନନ୍ଦୀ ପ୍ରମୁଖ ଯୋଗଦେଇଥିଲେ।

# ଗାଡ଼ି ସହ ୧୫ ଲକ୍ଷର କଫ୍‌ସିରପ୍ ଜବତ



ବରଗଡ଼, (ଭାସ୍କର ନ୍ୟୁଜ୍ ) : ବରଗଡ଼ ଅବକାରୀ ମୋବାଇଲ ସ୍କ୍ୱାର୍ଡ୍ ପକ୍ଷରୁ ରାତ୍ରିକାଳୀନ ପେଟ୍ରୋଲିଙ୍ଗ୍ ସମୟରେ ସନ୍ଦେହ ଜନକ ଗତିବିଧିକୁ ଲକ୍ଷ୍ୟ କରି ଅତାବିରା ପିଏସ୍‌ର ଦୁଲମ୍‌ପୁର୍ ନିକଟସ୍ଥ ପୋଡ଼ବାଡ଼ି ଛକ ନିକଟରେ ଏକ ମହିନ୍ଦ୍ରା ଫୋର୍ ହ୍ୱିଲର୍ ଅଟକ ରଖାଯାଇଥିଲା। ପରେ ସେଥିରୁ ୧୫ ଲକ୍ଷ ଟଙ୍କାର ୫୭୯ ବୋତଲ ଓ୍ୱାଇନ୍ ସିରକ୍ସ କଫ୍‌ସିରପ୍ ଓ ୭ ଲିଟର୍ ଅପମିଶ୍ରିତ କଫ୍‌ସିରପ୍ ଜବତ କରାଯାଇଛି । ଏହି ଚଢ଼ାଉ ଅବକାରୀ ଅଧକ୍ଷ ସୁବନ୍ନ କୁମାର ନାୟକଙ୍କ ନିର୍ଦ୍ଦେଶନା ଓ ଇନ୍ସପେକ୍ଟର୍ ରଶ୍ମିତା ଲାକ୍ରା, ଗୋକୁଲ କୁମାର ଧର, ଅମିତ କୁମାର ଦୀପ, ଡେପ୍ୟୁଟି ସୁପରିଟେଣ୍ଡେଣ୍ଟ୍ ଦିବ୍ୟ ରଞ୍ଜନ ରଣା, ଶ୍ରୀକାନ୍ତ ସାହୁଙ୍କ ପରିଚାଳନାରେ କରାଯାଇଥିଲା । ଚୋରା ଚାଲାଣକାରୀ ଖଲିବ୍ ଖାନ୍, ଜାଭେଦ୍ ସଲିମ୍, ଅନିଶ୍ ମହମ୍ମଦଙ୍କୁ ଗିରଫ୍ କରାଯାଇ ୨୧(ବି) ଏନ୍‌ଡିପିସି ଆକ୍ଟରେ କେଶ୍ ରୁଜୁ କରାଯାଇଥିବା ଜଣାପଡ଼ିଛି । ଏପ୍ରକାର ମୋବାଇଲ ଧରପଗଡ଼ ଯୋଗୁଁ ଚୋରାଚାଲାଣକାରୀଙ୍କ ମଧ୍ୟରେ କୋକୁଆଭୟ ସୃଷ୍ଟି ହୋଇଛି।

# ଜିଲ୍ଲାର ସରକାରୀ ହାଇସ୍କୁଲରେ ଖାଲି ପଡିଛି ତିନିଶହରୁ ଅଧିକ ପଦ

**- ଫାଙ୍କା ପଡ଼ିଛି ୭୯ପ୍ରଧାନଶିକ୍ଷକ, ୧୭୫ ସହକାରୀ ଶିକ୍ଷକ ପଦବୀ**
**- ୨୫କିରାଣୀ,୩୫ ପିଅନ ଓ ୧୧ରାତ୍ର ଜଗୁଆଳୀ ପଦ ବି ଖାଲି**

କେନ୍ଦୁଝର, (ଭାସ୍କର ନ୍ୟୁଜ୍ ) : ସରକାରୀ ଶିକ୍ଷା ବ୍ୟବସ୍ଥାକୁ ସଜାଡ଼ିବା ପାଇଁ ଅନେକ ପଦକ୍ଷେପ ଗ୍ରହଣ କରାଯାଉଥିବାବେଳେ ଏହା ବିଶେଷ ଫଳବତୀ ନହେବା ମଧ୍ୟରୁ ଅନ୍ୟତମ କାରଣ ହେଉଛି ଶିକ୍ଷକ ଓ ଶିକ୍ଷା କର୍ମଚାରୀ ପଦ ଖାଲି ରହିବା । ଏକ ସଦ୍ୟତମ ସରକାରୀ ତଥ୍ୟ ଯାହାକି ଫେବୃୟାରୀ ୧ତାରିଖ ପର୍ଯ୍ୟନ୍ତ ଅପଡେଟ ରହିଛି, ସେହି ଅନୁସାରେ ରାଜ୍ୟରେ ମୋଟ ୨ହଜାର ୨୫୦ ପ୍ରଧାନଶିକ୍ଷକ,୫ହଜାର ୧୯୯ ସହକାରୀ ଶିକ୍ଷକ, ୭୭ଜଣ କିରାଣୀ, ୫ହଜାର ୮୮ଟି ପିଅନ ଓ ୧ହଜାର ୫୫୦ଜଣ ରାତ୍ର ଜଗୁଆଳୀ ପଦ ଖାଲି ରହିଛି । ଏହି ତଥ୍ୟ ଅନୁସାରେ କେନ୍ଦୁଝର ଜିଲ୍ଲାର ସରକାରୀ ହାଇସ୍କୁଲରେ ଖାଲି ପଡିଛି ତିନିଶହରୁ ଅଧିକ ପଦ। ୭୯ଜଣ ପ୍ରଧାନଶିକ୍ଷକ, ୧୭୫ଜଣ ସହକାରୀ ଶିକ୍ଷକ ପଦ ଖାଲି ରହିଥିବାବେଳେ ୨୫ଜଣ କିରାଣୀ, ୩୫ଜଣ ପିଅନ ନଥିବାବେଳେ ୧୧ଟି ରାତ୍ର ଜଗୁଆଳୀ ପଦ ଖାଲି ରହିଛି, ଯାହାକି ଏକ ଆଦିବାସୀ ଅଧ୍ୟୁଷିତ ଜିଲ୍ଲାରେ ସରକାରୀ ଶିକ୍ଷା ବ୍ୟବସ୍ଥାକୁ ଅଧୋଗତି ଆଡକୁ ନେଇଯାଉଛି । ମୋଟ ୩୨୫ ପଦ ଫାଙ୍କା ରହିଥିବା ସରକାରୀ ଭାବେ ଜଣାପଡିଛି । ସୂଚନାଯୋଗ୍ୟ ଯେ, କେନ୍ଦୁଝର ଜିଲ୍ଲାରେ ୨୦୫ଟି ସରକାରୀ, ୪୧ଟି ଅନୁଦାନପ୍ରାପ୍ତ, ୧୬୪ଟି ବ୍ଲକ ଗ୍ରାଣ୍ଟ, ୪୦ଟି ସ୍ୱୀକୃତିପ୍ରାପ୍ତ ଓ ୩୧ଟି ଅଣସ୍ୱୀକୃତୀପ୍ରାପ୍ତ ହାଇସ୍କୁଲ ରହିଛି । ଏହାସହିତ କେନ୍ଦୁଝର ଜିଲ୍ଲାରେ ୧୩ଗୋଟି ଓଡିଶା ଆଦର୍ଶ ବିଦ୍ୟାଳୟ ରହିଛି । ସରକାରୀ ହାଇସ୍କୁଲମାନଙ୍କରେ ଶିକ୍ଷକ ଓ ପ୍ରଧାନଶିକ୍ଷକ ଅଭାବ କାରଣରୁ ଏହା ଶିକ୍ଷା ବ୍ୟବସ୍ଥାକୁ ପଙ୍ଗୁ କରିଦେଉଛି। ଏହାର ସୁଯୋଗ ନେଇ ଏବେ ଘରୋଇ ଶିକ୍ଷାନୁଷ୍ଠାନମାନେ ଅଭିଭାବକମାନଙ୍କୁ ପ୍ରାରମ୍ଭିକ ପର୍ଯ୍ୟାୟରେ ଆକର୍ଷିତ କରି ପରେ ମୋଟା ଅଙ୍କରର ଫି ନେଇ ଶୋଷଣ କରୁଛନ୍ତି ଏକଥାକୁ କେହି ବି ଅସ୍ୱୀକାର କରିପାରିବେ ନାହିଁ ।

# ଖତ ଖାଉଛି ଲକ୍ଷ୍ମୀବସ୍ : ଛାତ୍ରଛାତ୍ରୀ ସହ ହଇରାଣ ହେଉଛନ୍ତି ଅଞ୍ଚଳବାସୀ




ମାଲକାନଗିରି, (ଭାସ୍କର ନ୍ୟୁଜ୍ ) : ଗାଁରୁ ବ୍ଲକ୍ ଓ ବ୍ଲକ୍‌ରୁ ଜିଲ୍ଲା ମୁଖ୍ୟାଳୟକୁ ଯାତାୟାତ ସୁବିଧା ପାଇଁ ପୂର୍ବତନ ରାଜ୍ୟ ସରକାର 'ଲକ୍ଷ୍ମୀ' ବସ୍ ସେବା ଭଳି ଏକ ଯୁଗାନ୍ତକାରୀ ଯୋଜନା ଆରମ୍ଭ କରିଥିଲେ । ବିଭିନ୍ନ ଗ୍ରାମରୁ ବ୍ଲକ୍ ମୁଖ୍ୟାଳୟ ଓ ବ୍ଲକ୍‌ରୁ ଜିଲ୍ଲା ମୁଖ୍ୟାଳୟକୁ ଯିବା ଆସିବାରେ ଲୋକଙ୍କ ଅସୁବିଧାକୁ ଉପଲବ୍ଧି କରି ଏପରି ଏକ ମହତ୍ତ୍ୱାକାଂକ୍ଷୀ ପଦକ୍ଷେପ ନିଆଯାଇଥିଲା ଓ ଏଥିରୁ ପ୍ରତିଦିନ ହଜାର ହଜାର ଲୋକ ଉପକୃତ ମଧ ହେଉଥିଲେ। ବିଶେଷକରି ଆଦିବାସୀ ଅଧ୍ୟୁଷିତ ଜିଲ୍ଲାଗୁଡ଼ିକ ପାଇଁ ଏହି ଯୋଜନା ଏକ ବରଦାନ ପାଲଟିଥିଲା। ନୂଆ ସରକାର ଆସିବା ପରେ ଏହି ଯୋଜନାର ଭାଗ୍ୟ ବଦଳି ଯାଇଛି। ପ୍ରଥମେ ଯୋଜନାର ନାଁ ପରିବର୍ତ୍ତନ କରି 'ମୁଖ୍ୟମନ୍ତ୍ରୀ ବସ୍ ସେବା' ଯୋଜନା କରାଯିବା ପରେ ଧୀରେ ଧୀରେ ବସ୍‌ଗୁଡ଼ିକୁ ଅଘୋଷିତ ଭାବେ ବନ୍ଦ କରି ଦିଆଯାଉଛି । ବିନା ସୂଚନାରେ ମାଲକାନଗିରି ଜିଲ୍ଲାରେ ଚଳାଚଳ କରୁଥିବା ୬ଟି ଅତ୍ୟାଧୁନିକ ଏସି ଲକ୍ଷ୍ମୀ ବସ୍‌କୁ ୨୦୨୪ ଅକ୍ଟୋବର ୧୨ ତାରିଖରେ ବନ୍ଦ କରି ଦିଆଯାଇଛି। ଫଳରେ କୋଟି କୋଟି ଟଙ୍କାର ଏହି ବସ୍ ଏବେ ପଡ଼ି ପଡ଼ି ଖତ ଖାଉଛି। ଅନ୍ୟପଟେ ଜିଲ୍ଲାବାସୀ ଏହି ସେବାରୁ ବଞ୍ଚିତ ହେଉଛନ୍ତି। ଏହାକୁ ନେଇ ଲୋକଙ୍କ ମଧ୍ୟରେ ଘୋର୍ ଅସନ୍ତୋଷ ଦେଖାଦେଇଛି। ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମାଲକାନଗିରି ଜିଲ୍ଲାରେ ୪୦ଟି ଲକ୍ଷ୍ମୀ ବସ୍‌ର ଶୁଭାରମ୍ଭ କରିଥିଲେ ସେଥିମଧ୍ୟରୁ ୬ଟି ଅତ୍ୟାଧୁନିକ ଏସି ବସ୍ ଦୈନିକ ବିଭିନ୍ନ ବ୍ଲକ୍‌ରୁ ଯାତ୍ରୀ ନେଇ ଜିଲ୍ଲା ସଦର ମହାକୁମାକୁ ଚଳାଚଳ କରି ଯାତ୍ରୀଙ୍କୁ ସୁଲଭ ମୂଲ୍ୟରେ ସେବା ଯୋଗାଇ ଆସୁଥିଲା। ବିଶେଷ କରି, ମହିଳା ଓ କଲେଜ ଛାତ୍ରଛାତ୍ରୀ ମାତ୍ର ୧୦ ଟଙ୍କାରେ ଏହି ବସ୍‌ରେ ଯାତାୟାତ କରୁଥିଲେ। କିନ୍ତୁ କିଛି ମାସ ବସ୍ ଚାଲିବା ପରେ ବର୍ତ୍ତମାନ ଅନେକ ଦିନ ହେଲା ଏସି ବସ୍ ବନ୍ଦ ହୋଇ ପଡ଼ିରହିଛି । ଜିଲ୍ଲାର କାଲିମେଳା, ପଡ଼ିଆ, ଚିତ୍ରକୋଣ୍ଡା, ଖଇରପୁଟ, ମାଥିଲି, କୋରକୁଣ୍ଡା ୬ଟି ବ୍ଲକ୍ ସଦରରୁ ମାଲକାନଗିରି ଜିଲ୍ଲା ସଦର ମହାକୁମାକୁ ଏହି ବସ୍‌ଗୁଡ଼ିକ ନିୟମିତ ଭାବେ ଚଳାଚଳ କରୁଥିବା ବେଳେ ବର୍ତ୍ତମାନ ଏହା ଖତ ଖାଉଛି। ଏ ସମ୍ପର୍କରେ ମାଲକାନଗିରି ଜିଲ୍ଲା ଲକ୍ଷ୍ମୀ ବସ୍ ପରିବହନ ପରିଚାଳକ ଏଟିଏମ୍‌ଙ୍କୁ ପଚାରିବାରୁ ସେ କହିଥିଲେ, ଜିଲ୍ଲାରେ ପୂର୍ବପରି ବିଭିନ୍ନ ଗ୍ରାମାଞ୍ଚଳରୁ ଗ୍ରାମାଞ୍ଚଳକୁ ପରିବହନ ସେବାରେ ବସ୍‌ଗୁଡ଼ିକ ଚଳାଚଳ କରୁଛି। କେବଳ ବ୍ଲକରୁ ଜିଲ୍ଲା ସଦରକୁ ଚଳାଚଳ କରୁଥିବା ଏସି ବସ୍ ଗୁଡ଼ିକ ବନ୍ଦ ରହିଛି । ଏହାର ପରମିଟ ବାତିଲ ହେବାରୁ ଏହି ସେବା ବନ୍ଦ ଅଛି। ପରେ ସରକାରଙ୍କ ନିର୍ଦ୍ଦେଶ ଆସିଲେ, ଉକ୍ତ ବସ୍‌ଗୁଡ଼ିକ ପୁନଃ ଚଳାଚଳ ଆରମ୍ଭ ହୋଇପାରେ ବୋଲି ଏଟିଏମ କହିଛନ୍ତି। ତେବେ ଏହି ବସ୍ ସେବା ପୁନର୍ବାର ଆରମ୍ଭ ହେଲେ ଆଦିବାସୀ ଅଧୁଷିତ ମାଲକାନଗିରି ଜିଲ୍ଲାବାସୀ ଓ ଶତାଧିକ ଛାତ୍ରଛାତ୍ରୀ ତଥା ମହିଳାମାନେ ବିଶେଷ ଉପକୃତ ହୋଇପାରନ୍ତେ। ଏଣୁ ବନ୍ଦ ହୋଇପଡ଼ିଥିବା ଏସି ବସ୍ ପୁନର୍ବାର ଚଳାଚଳ କରି ଅଞ୍ଚଳବାସୀଙ୍କୁ ସେବା ଯୋଗାଇବା ଦିଗରେ ରାଜ୍ୟ ସରକାର ଗୁରୁତ୍ୱ ଦେବାକୁ ଜିଲ୍ଲାବାସୀ ଦାବି କରିଥିବା ଜଣା ପଡ଼ିଛି।

# ବିଦ୍ୟାଳୟରେ ପାଠ ପଢ଼ାଇଲେ ନୂତନ ପ୍ରକଳ୍ପ ନିର୍ଦ୍ଦେଶକ



ମାଲକାନଗିରି, (ଭାସ୍କର ନ୍ୟୁଜ୍ ) : ମାଲକାନଗିରି ଜିଲ୍ଲା ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାର ନୂତନ ପ୍ରକଳ୍ପ ନିର୍ଦ୍ଦେଶକ ହଳଧର ଶବରଙ୍କ କାର୍ଯ୍ୟରେ ଯୋଗଦାନ। ପ୍ରକଳ୍ପ ନିର୍ଦ୍ଦେଶକ ଶ୍ରୀ ଶବର ମଙ୍ଗଳବାର ଦିନ ମାଲକାନଗିରି ଜିଲ୍ଲାରେ ନିଜ କାର୍ଯ୍ୟଭାର ଗ୍ରହଣ ପରେ ନିଜ କାର୍ଯ୍ୟାଳୟରେ ନ ବସି ସଂସ୍ଥା ଅଧୀନରେ ଚାଲୁଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ତଦାରଖ କରିବା ପାଇଁ ବାହାରି ପଡ଼ିଥିଲେ। ପ୍ରଥମେ ପାଣ୍ଡ୍ରିପାଣି ଅଞ୍ଚଳ ଗସ୍ତ କରି ବିଭିନ୍ନ କାର୍ଯ୍ୟ ପରିଦର୍ଶନ କରିବା ସହିତ ଜାତି ଜନଜାତି ହଷ୍ଟେଲ ବିଦ୍ୟାଳୟରେ ପହଞ୍ଚିଥିଲେ। ମାଟ୍ରିକ ପରୀକ୍ଷାକୁ ଦୃଷ୍ଟିରେ ରଖି ପାଣ୍ଡ୍ରିପାଣି ହଷ୍ଟେଲ ଛାତ୍ରଛାତ୍ରୀ ମାନଙ୍କୁ ପାଠ ପଢ଼ାଇବା ସହ ସମସ୍ତ ଅନ୍ତେବାସୀ ଏବଂ ଶିକ୍ଷକଙ୍କ ସହିତ ବିଦ୍ୟାଳୟ ସମ୍ପର୍କରେ ଆଲୋଚନା କରିଥିଲେ। ପାଠପଢାକୁ ଗୁରୁତ୍ୱ ଦେଇଥିବା ବେଳେ ବିଦ୍ୟାଳୟର ପାରିପାର୍ଶିକ ପରିବେଶ ଶୈକ୍ଷିକ ବାତାବରଣ ପାଇଁ ଶିକ୍ଷକ ମାନଙ୍କୁ ମଧ ତାଗିଦ୍ କରିଥିଲେ। ତେବେ ପ୍ରକଳ୍ପ ନିର୍ଦ୍ଦେଶକଙ୍କ ଏଭଳି କାର୍ଯ୍ୟକୁ ବିଭିନ୍ନ ମହଲରେ ପସନ୍ଦ କରିଥିବା ବେଳେ ଆଗାମୀ ଦିନରେ ଜିଲ୍ଲାରେ ଜନଜାତି ବିଭାଗର ବିଦ୍ୟାଳୟରେ ପାଠ ପଢ଼ାର ମାନ ବୃଦ୍ଧି ପାଇବ ବୋଲି ଅଞ୍ଚଳବାସୀ ଆଶା ପ୍ରକଟ କରିଛନ୍ତି।

# ମହାଆଡ଼ମ୍ବରରେ ପାଳିତ ହୋଇଛି ଶିବରାତ୍ରି

ରାଇଘର, (ଭାସ୍କର ନ୍ୟୁଜ୍) : ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକ ସଦମହକୁମା ସ୍ଥିତ ବାଲୁଙ୍କେଶ୍ୱର ଶୈବ ପୀଠ, ଡିଏନ୍‌କେ ସ୍ଥିତ ଧବଳେଶ୍ୱର ପୀଠ, ପାରୁଆ ସ୍ଥିତ ସର୍ବ ପୁରାତନ ଜଗତେଶ୍ୱର ପୀଠ ସୀମାନ୍ତ ହାଟ ଭରାଣ୍ଡି ତଥା ବ୍ଲକର ସମସ୍ତ ଶୈବ ପୀଠରେ ସାଜସଜା ସହ ଅତି ଆଡମ୍ବର ସହକାରେ ମହାଶିବରାତ୍ରି ଉତ୍ସବ ପାଳନ ହୋଇଯାଇଛି। ଏହି ଅବସରରେ ବାଲୁଙ୍କେଶ୍ୱର ଶୈବ ପୀଠରେ ସକାଳ ପ୍ରାତ୍ ଦର୍ଶନ, ମଙ୍ଗଳ ଆଳତି, ସନ୍ଧ୍ୟା ସମୟରେ ପଣା ଭୋଗ, ରାତ୍ର ସମୟରେ ହରି ହର ଭେଟ ସହ ହରି ସଂକ୍ରିତନ, ରାତ୍ର ଦଶ ଘଣ୍ଟା, ତିରିଶ ମିନିଟ ସମୟରେ ମହା ଦୀପ ଉଠିବା କାର୍ଯ୍ୟ କର୍ମ ଅନୁଷ୍ଟତ ହୋଇଥିବା ବେଳେ ଡିଏନକେ ସ୍ଥିତ ଧବଳେଶ୍ୱର ଶୈବ ପୀଠରେ ସନ୍ଧ୍ୟା ସମୟରେ ଭଜନ ସମାରୋହ, ସହ ସଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ସେଠାରେ ବି ରାତ୍ର ଦଶ, ତିରିଶି ମିନଟ ସମୟରେ ମହାଦୀପ ଉଠିବା ଶହ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇ ଥିଲା। ସମସ୍ତ ଶୈବ ପୀଠରେ ହଜାର ହଜାର ଭକ୍ତଙ୍କ ସମାଗମ ହୋଇଥିବା ଦେଖିବାକୁ ମିଳିଥିଲା।

# ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ନଦୀ ସଂଗଠନର ପ୍ରତିନିଧି ମଣ୍ଡଳୀ

କଣାସ, (ଭାସ୍କର ନ୍ୟୁଜ୍ ) : ମହାନଦୀ ବଞ୍ଚାଓ ଆନ୍ଦୋଳନ, ଦୟା ସୁରକ୍ଷା ଅଭିଯାନ, ଚିଲିକା ବଞ୍ଚାଅ ଅଭିଯାନ, ନିର୍ମଳ ଦୟା, ଓଡିଶା ନଦୀ ସୁରକ୍ଷା ସମିତି, ଓଡିଶା ପରିବେଶ ସମିତି ଇତ୍ୟାଦି ସଂଗଠନର ଆବାହକ ମଣ୍ଡଳୀ ପ୍ରତିନିଧି ଦଳ ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ କରି ଦୟା, ଗଙ୍ଗୁଆ, ମହାନଦୀ ଓ ଚିଲିକା ସୁରକ୍ଷା ବିଷୟରେ ଏକ ଆଲୋଚନା କରିଛନ୍ତି । ଏହି ପ୍ରତିନିଧି ଦଳରେ କୃଷ୍ଣଚନ୍ଦ୍ର ଜଗଦେବ, ସୁଦର୍ଶନ ଦାସ, ସଚିକାନ୍ତ ପ୍ରଧାନ, ଅଶୋକ ପ୍ରଧାନ, ଡକ୍ଟର ଜୟକୃଷ୍ଣ ପାଣିଗ୍ରାହୀ, ବିଜୟ କୁମାର ପ୍ରଧାନ, ପ୍ରସନ୍ନ ବିଷୋଇ, ଆଦିକନ୍ଦ ଶ୍ରୀଚନ୍ଦନ ପ୍ରମୁଖ ଯୋଗ ଦେଇଥିଲେ । ମହାନଦୀ ବଞ୍ଚାଓ ଆନ୍ଦୋଳନର ଆବାହକ, ସୁଦର୍ଶନ ଦାସ- ଦୟା, ଗଙ୍ଗୁଆ, ଚିଲିକା ଓ ଓଡ଼ିଶାର ସମସ୍ତ ନଦୀର ସ୍ଥିତି ସମ୍ପର୍କରେ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କୁ ସଂକ୍ଷିପ୍ତରେ ଅବଗତ କରାଇଥିଲେ । ନିମ୍ନ ଲିଖିତ ଦାବି ବିସ୍ତୃତ ଆଲୋଚନା କରାଯାଇଥିଲା ...
ଦୟା ନଦୀ ପାଣିର ପ୍ରଦୂଷିତ ମାତ୍ରା ଅତ୍ୟନ୍ତ ଗମ୍ଭୀର ଏଥିପାଇଁ ପୁରୀ ଜିଲ୍ଲାର କଣାସ ଅଞ୍ଚଳରେ ହଇଜା ବ୍ୟାପିବା ସହିତ ରୋଗରେ ଶତାଧିକ ଆକ୍ରାନ୍ତ ହୋଇଛନ୍ତି। ଏବଂ ୭ ଜଣଙ୍କର ମୃତ୍ୟୁ ଅତ୍ୟନ୍ତ ଉଦ୍‌ବେଗର ବିଷୟ। ଏହି ପ୍ରଦୂଷଣର ମୁଖ୍ୟକାରଣ ହେଉଛି ଗଙ୍ଗୁଆ ନାଳ, ଯାହା ଦ୍ୱାରା ଭୁବନେଶ୍ୱରର ନାଳ ଓ ନର୍ଦ୍ଦମା ପାଣି ଦୟା ନଦୀକୁ ପ୍ରଦୂଷିତ କରୁଛି । ଦୟା ନଦୀର ପ୍ରଦୂଷିତ ପାଣି ମଧ୍ୟ ଚିଲିକାକୁ ପ୍ରଦୂଷିତ କରୁଛି। ତେଣୁ ଗଙ୍ଗୁଆ ଓ ଦୟାକୁ ପ୍ରଦୂଷଣ ମୁକ୍ତ କରିବା ସହିତ ଦୟା ନଦୀ ଓ ଏହାର ଶାଖା ନଦୀ ଯଥା-ମକରା, ରାଜୁଆ, ଲୁଣା ଇତ୍ୟାଦି ନଦୀର ପୁନଃରୁଦ୍ଧାର, ବେଆଇନ ଜବର ଦଖଲ ମୁକ୍ତ, ରାଜ ଦଳ ନିଷ୍କାସନ ଏବଂ ମାଛ ଧରିବା ପାଇଁ ବେଆଇନ ବସା/ଘେରି ଉଚ୍ଛେଦ କରିବାକୁ ଦାବି କରିଛନ୍ତି। ଦୟା ଓ ଚିଲିକା ମୁହାଁଣ ଖନନ ଓ ବଡଗୋଠ ଠାରେ ଥିବା ତ୍ରିବେଣୀ ସଙ୍ଗମର ପୁନରୁଦ୍ଧାର, ଦୟା ନଦୀ କୂଳରେ ଥିବା ୨୦୦ରୁ ଉର୍ଦ୍ଧ୍ୱ ଗ୍ରାମ ବର୍ତ୍ତମାନ ପାନୀୟ ଜଳ ସଙ୍କଟରେ ସଢୁଛନ୍ତି । ସେମାନଙ୍କ ପାଇଁ ଯଥା ଶୀଘ୍ର ବିକଳ୍ପ ପାନୀୟ ଜଳ ବ୍ୟବସ୍ଥା କରାଯିବା ପାଇଁ ନିବେଦନ କରିଥିଲେ । ସହର, ଜନବସତି, ଡାକ୍ତରଖାନା ଓ କଳକାରଖାନା ଗୁଡିକର ବର୍ଯ୍ୟବସ୍ତୁ ଓ ପାଣି, ନଦୀକୁ ସିଧାସଳଖ ଭାବରେ ଛାଡି ଦିଆଯିବା ଫଳରେ ନଦୀଗୁଡିକ ପ୍ରଦୂଷିତ ହେଉଛି । ଏହାକୁ ବନ୍ଦ କରାଯିବା ସହିତ ଯେଉଁମାନେ ଏହାର ଖିଲାପ କରୁଛନ୍ତି ସେମାନଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରାଯାଇଛି । ପୌରାଣିକ, ଐତିହାସିକ ତଥ୍ୟ ଓ ପ୍ରଶାସନିକ ଦସ୍ତାବିଜରେ ଏହା 'ଏକାମ୍ର ଗଙ୍ଗା' ବା ଗନ୍ଧବତୀ / ଗଙ୍ଗବତୀ ନଦୀ ଭାବରେ ଉଲ୍ଲେଖ ରହିଛି। ଏହା ଦୁର୍ଭାଗ୍ୟ ଜନକ ଯେ ଏକ ସରକାରୀ ଦସ୍ତାବିଜରେ ଏହାକୁ ଗଙ୍ଗୁଆ ନାଳ ଭାବରେ ଆଖ୍ୟାୟିତ କରାଯାଇଛି। ଗଙ୍ଗୁଆକୁ ପୁନଃରୁଦ୍ଧାର ପାଇଁ ବିହିତ ପଦକ୍ଷେପ ନେବା ସହିତ ତୁରନ୍ତ ଏହାକୁ ନଦୀର ମାନ୍ୟତା ଦିଆଯାଉ । ଚିଲିକା ହ୍ରଦ ହେଉଛି ସମଗ୍ର ଏସିଆର ଦ୍ୱିତୀୟ ବୃହତମ ହ୍ରଦ ତଥା ଓଡ଼ିଶାର ପ୍ରାକୃତିକ ସୌନ୍ଦର୍ଯ୍ୟ ଓ ସାମାଜିକ, ଆର୍ଥିକ ତଥା ସାଂସ୍କୃତିକ ଜୀବନର ଏକ ବିଶେଷ ଉପାଦାନ । ଏହି ହ୍ରଦ କ୍ରମଶଃ ପ୍ରଦୂଷିତ ଓ ସଙ୍କୁଚିତ ହେବାରେ ଲାଗିଛି। ପ୍ରାୟ୧୧୦୦ ବର୍ଗ କିଲୋମିଟରରୁ ସଂକୁଚିତ ହୋଇ ୭୫୦ବର୍ଗ କିଲୋମିଟରରେ ସୀମିତ ରହିଛି । ରାମସାର କ୍ଷେତ୍ର ହିସାବରେ ଆନ୍ତର୍ଜାତିକ ମାନ୍ୟତା ପାଇଥିବା ଏହି ହ୍ରଦର ସୁରକ୍ଷା ଅତି ଜରୁରୀ। ଏ ହ୍ରଦ ଉପରେ ସଂପ୍ରତି ସାଗରମାଳା ପ୍ରକଳ୍ପ ଅଧୀନରେ ହେଉଥିବା ଉପକୂଳ ଜାତୀୟ ରାଜପଥ ନିର୍ମାଣ ହବ ବୋଲି ଯୋଜନା ହୋଇଛି । ଚିଲିକା ଉପରେ ଯଦି ପୋଲ ନିର୍ମାଣ ହୁଏ ତେବେ ଚିଲିକାର ଜୈବ ବିବିଧତା ଓ ପର୍ଯ୍ୟାବରଣ ଉପରେ ଗଭୀର କୁପ୍ରଭାବ ପଡିବ। ଏଥିପାଇଁ ପରିବେଶବିତ ମାନଙ୍କୁ ନେଇ ଏକ ଉଚ୍ଚସ୍ତରୀୟ କମିଟି ଗଠନ କରାଯାଉ। ତେଣୁ ଚିଲିକା ଉପରେ ଏହି ଜାତୀୟ ରାଜପଥକୁ ନନେଇ ଏକ ବିକଳ୍ପ ଭାବରେ ଗୋପାଳପୁରରୁ ରମ୍ଭା, ବାଲୁଗାଁ, ଭୂଷଣ୍ଡପୁର ଦେଇ ଜାଗୁଲେଇପଦରରୁ ବ୍ରହ୍ମଗିରି ପର୍ଯ୍ୟନ୍ତ ନିଆଗଲେ ଚିଲିକାରେ କ୍ଷତି ହେବ ନାହିଁ ଏବଂ ଲୋକଙ୍କର ଯାତାୟାତ ସମସ୍ୟା ସମାଧାନ ହୋଇପାରିବ। ମହାନଦୀ ଜଳ ବିବାଦର ସମାଧାନ ପାଇଁ ଯଦି ଆମେ ଟ୍ରିବୁନାଲ ଉପରେ ନିର୍ଭର କରିବା ତେବେ ତାହା ଆମ ପାଇଁ ଆତ୍ମଘାତି ହେବ। ଦେଶରେ ଯେତେ ନଦୀ ଜଳ ବିବାଦ ଟ୍ରିବୁନାଲ ବସିଛି କୌଣସି ଗୋଟିଏ ଜଳ ବିବାଦ ସମାଧାନ ଦିଗରେ ଏହା ସଫଳ ହୋଇଛି ବୋଲି କୁହାଯାଇ ପାରିବନାହିଁ । ତେଣୁ ମହାନଦୀ ଜଳ ବିବାଦର ସମାଧାନ ପାଇଁ ବିକଳ୍ପ ସମାଧାନର ରାସ୍ତା ସରକାର ନେବା ଦରକାର । ବିଶ୍ୱରେ ନ୍ୟାୟିକ ପ୍ରକ୍ରିୟା ବାହାରେ ନଦୀ ଜଳ ବିବାଦ ସମାଧାନର ବିକଳ୍ପ ପନ୍ଥା ଉଦାହରଣ ରହିଛି । କେନ୍ଦ୍ରରେ ଓ ଉଭୟ ଛତିଶଗଡ ଓ ଓଡିଶାରେ ଏବେ ଗୋଟିଏ ଦଳର ସରକାର ହେବାରୁ ଏହି ବିକଳ୍ପ ସମାଧାନର ପନ୍ଥାକୁ ଆପଣେଇ ମହାନଦୀ ଜଳ ବିବାଦର ସମାଧାନ କରିବାକୁ ଆମେ ଦାବି କରୁଛୁ । ଓଡିଶାର ପ୍ରାୟ ସମସ୍ତ ନଦୀଗୁଡିକ ମାତ୍ରାଧିକ ଶୋଷଣ, ପ୍ରଦୂଷଣ ଓ ଜବରଦଖଲ ଶିକାର ହୋଇ ମୃତବତ ଅବସ୍ଥାକୁ ଚାଲିଗଲେଣି। ରାଜ୍ୟର ଜଳ ସମ୍ପଦର ମୁଖ୍ୟ ଉତ୍ସ ହେଉଛି ଆମର ନଦ ନଦୀ । ଏଗୁଡିକର ସୁରକ୍ଷା ପାଇଁ ଏବେଠୁ ପଦକ୍ଷେପ ନ ନେଲେ ଭବିଷ୍ୟତରେ ଓଡିଶା ଗଭୀର ଜଳ ସଙ୍କଟର ସମ୍ମୁଖୀନ ହେବ । ସେଥିପାଇଁ ଏକ 'ନଦୀ ନୀତି' ପ୍ରଣୟନ କରିବା ସହିତ ସରକାର ନଦୀ ଗୁଡିକର ପୁନଃରୁଦ୍ଧାର ପାଇଁ ଏକ 'ନଦୀ ମିଶନ' ଗଢି ତୁରନ୍ତ ପଦକ୍ଷେପ ନେବାପାଇଁ ପ୍ରସ୍ତାବ ଦିଆଯାଇଥିଲା । ଓଡ଼ିଶାରେ କେତେ ନଦନଦୀ ରହିଛି ତା'ର ସବିଶେଷ ତାଲିକା ସରକାରଙ୍କ ପାଖରେ ନାହିଁ । ଓଡ଼ିଶାର ନଦ ନଦୀ ଗୁଡିକର ସାରଣୀ ପ୍ରକାଶ କରିବା ସହିତ ଓଡ଼ିଶାର ବିଭିନ୍ନ ନଦୀର ଶଯ୍ୟା ଓ ପଠାଜମି ଜବର ଦଖଲ ଯୋଗୁଁ ନଦୀ ଗୁଡିକ କେବଳ ସଂକୁଚିତ ହୋଇ ଯାଉଛି, ବର୍ଷା ଦିନେ ଜଳ ନିଷ୍କାସନ ନହେବା ଯୋଗୁଁ ପ୍ରବଳ ବନ୍ୟା ସୃଷ୍ଟି କରୁଛି। ନଦୀ ସୁରକ୍ଷା ପାଇଁ ଓଡିଶାର ପ୍ରତ୍ୟକଟି ନଦୀର ଜମିକୁ ଚିହ୍ନଟ କରିବା ତଥା ନଦୀର ଜମି ନଦୀକୁ ଫେରେଇବାକୁ ଦାବି କରାଯାଇଥିଲା। ମାନ୍ୟବର ମୁଖ୍ୟମନ୍ତ୍ରୀ ପ୍ରାୟ ଏକ ଘଣ୍ଟା ଧରି ଉପରୋକ୍ତ ବିଷୟକୁ ଶୁଣିଲେ ଏବଂ ସକାରାତ୍ମକ ଭାବେ ଗ୍ରହଣ କରି ଆଗାମୀ ଦିନରେ ପଦକ୍ଷପ ନେବାକୁ ପ୍ରତିଶ୍ରୁତି ଦେଇଛନ୍ତି ।



ଓଡ଼ିଶା ଭାସ୍କର
ODISHA BHASKAR
# ରାଜ୍ୟ ଖବର

ପୃଷ୍ଠା-ଗ
Page-C
ଭୁବନେଶ୍ୱର
Bhubaneswar
୨୮.୦୨.୨୦୨୫
28.02.2025



ଜଗତସିଂହପୁର (ଭାସ୍କର ନୀୟୁଜ) ଜିଲ୍ଲାସ୍ତରୀୟ 'ଏଲସିସି ଓ ଆଇସିସି' ପ୍ରଶିକ୍ଷଣ ଓ ଜିଲ୍ଲାସ୍ତରୀୟ ବେଟି ବଚାଅ ଓ ବେଟି ପଢ଼ାଅ ସଚେତନତା କାର୍ଯ୍ୟକ୍ରମ ଜିଲ୍ଲାପାଳଙ୍କ ସଦ୍‌ଭାବନା ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବରେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ, ଡେପୁଟି ଡାଇରେକ୍ଟର ପ୍ଲାନିଂ, ପୌର ପରିଷଦ କାର୍ଯ୍ୟ ନିର୍ବାହୀ ଅଧିକାରୀ, ଏଲ୍‌ଏମ୍‌ଭି, ସହାୟକ ଜିଲ୍ଲାପାଳ, ଉପ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପ୍ରମୁଖ ମଞ୍ଚାସିନ ଥିଲେ। ନାରୀମାନେ କର୍ମକ୍ଷେତ୍ରରେ ଯୌନ ନିର୍ଯାତନାରୁ କିପରି ନିଜକୁ ସୁରକ୍ଷା ଦେବେ ବା ପୋକ୍ସୋ ଆକ୍ଟ ବିଷୟରେ ଅତି ସରଳ ଭାବରେ ସହାୟକ ଜିଲ୍ଲାପାଳ ସୁଶ୍ରୀ କଞ୍ଚିତା କୁମାରୀ ଜେନା ବୁଝାଇଥିଲେ। ଅତିରିକ୍ତ ମୁଖ୍ୟ ଚିକିତ୍ସା ଅଧିକାରୀ ଡ଼ା ପ୍ରମୋଦ କୁମାର ବାରିକ ପିସିପିଏନ୍‌ଡିଟି ଆଇନକୁ ନେଇ ନିଜର ଅଭିଭାଷଣ ରଖିଥିଲେ ଏବଂ ଉପସ୍ଥିତ ଥିବା ଛାତ୍ରଛାତ୍ରୀ ଅଫିସ କର୍ମଚାରୀଙ୍କୁ ବୁଝାଇବା ସହ ଉପଦେଶ ଦେଇଥିଲେ। ପୌର ନିର୍ବାହୀ ଅଧିକାରୀ ସୀମା ଜେନା ମହିଳାମାନେ ସାହସ ରଖିଲେ ଓ ସଚେତନ ହେଲେ ଯେକୌଣସି ଅଭିଯୋଗକୁ ସାହସର ସହ ମୁକାବିଲା କରିପାରିବେ ବୋଲି କହିଥିଲେ। ନିଜ ନିଜ ଅଫିସରେ କିଭଳି 'ଏଲସିସି ଓ ଆଇସିସି' ଗଠନ କରିବେ ତାହା ମଧ୍ୟ ବୁଝାଇଥିଲେ। ରାଧାକୃଷ୍ଣ କ୍ଲବ୍‌ର ନିର୍ଦ୍ଦେଶକ କିପରି ଜଣେ ଅସହାୟ ନାରୀକୁ ସବୁପ୍ରକାର ସହାୟତା ଓ ଆଇନ୍ ଯୋଗାଇ ଦିଆଯାଇ ପାରିବ ସେ ବିଷୟରେ ଆଲୋଚନା କରିଥିଲେ। ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ବିଷ୍ଣୁ ପ୍ରିୟା ସେଠୀ ସ୍ୱାଗତ ଭାଷଣ ଏବଂପ୍ରୋଟେକ୍ସନ୍ ଅଫିସର ଆରତୀ ଆଚାର୍ଯ୍ୟ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ମହିମା ନର୍ସିଂ ଛାତ୍ରଛାତ୍ରୀ, ସମସ୍ତ କାର୍ଯ୍ୟାଳୟର କର୍ମକର୍ତ୍ତା, ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

# ଦୋବଲ ପଞ୍ଚାୟତ କାର୍ଯ୍ୟାଳୟର ଭିତ୍ତିପ୍ରସ୍ତର ସ୍ଥାପନ କଲେ ଉଚ୍ଚଶିକ୍ଷା ମନ୍ତ୍ରୀ



ଧାମନଗର (ଭାସ୍କର ନ୍ୟୁଜ୍) : ଦୋବଲ ପଞ୍ଚାୟତର ନୂତନ କାର୍ଯ୍ୟାଳୟ ନିର୍ମାଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ସୋଧ ଗ୍ରାମର ଧରମ ପଡ଼ିଆ ନିକଟ ସରକାରୀ ଜମିରେ ଏହାର ଶିଳାନ୍ୟାସ କରିଛନ୍ତି ଧାମନଗର ବିଧାୟକ ତଥା ରାଜ୍ୟ ସରକାରଙ୍କ ଉଚ୍ଚଶିକ୍ଷା, କ୍ରୀଡ଼ା ଓ ଯୁବସେବା, ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ। ଆୟୋଜିତ କାର୍ଯ୍ୟକ୍ରମରେ ଦୋବଲ ସରପଞ୍ଚ ଅଶୋକ କୁମାର ପଣ୍ଡା, ସମିତି ସଭ୍ୟା ରୁନିଲତା ସାହୁ ଓ ଧାମନଗର ବିଡିଓ ବନ ବିହାରୀ ଦିନ୍ଦା, ଆଡିସନାଲ୍ ତହସିଲଦାର ସାଇ ସିଲୋନା ଉପସ୍ଥିତ ଥିଲେ। ନୂତନ କାର୍ଯ୍ୟାଳୟ ଗୃହ ନିର୍ମାଣ ପାଇଁ ୩୩ ଲକ୍ଷ ଟଙ୍କାର ବ୍ୟୟ ବରାଦ କରାଯାଇଛି। ତେବେ ୬ ମାସ ମଧ୍ୟରେ ଏହାର ନିର୍ମାଣ କାର୍ଯ୍ୟ ଶେଷ ହେବ ବୋଲି ବ୍ଲକ ପକ୍ଷରୁ କୁହାଯାଇଛି। ୨୦୧୭ ପଞ୍ଚାୟତ ନିର୍ବାଚନ ପୂର୍ବରୁ ଜନସଂଖ୍ୟାକୁ ଦୃଷ୍ଟିରେ ରଖି ଦୋବଲ ପଞ୍ଚାୟତକୁ ଦୁଇ ଭାଗରେ ବିଭକ୍ତ କରାଯାଇଥିଲା। ମୁସ୍ତଫାପୁର ନୂଆ ପଞ୍ଚାୟତର ରୂପ ନେଇଥିଲା। ଅବଶିଷ୍ଟ ଅଞ୍ଚଳକୁ ନେଇ ଦୋବଲ ପଞ୍ଚାୟତ ରହିଥିଲା। ହେଲେ ୨୦୧୭ ପୂର୍ବରୁ ଦୋବଲ ପଞ୍ଚାୟତର କାର୍ଯ୍ୟାଳୟ ମୁସ୍ତଫାପୁର ଅଞ୍ଚଳରେ ଥିବା ହାଟ ପାଖରେ ଥିଲା। ମୁସ୍ତଫାପୁର ନୂଆ ପଞ୍ଚାୟତ ହେବାରୁ ଦୋବଲର ଏହି ପୁରୁଣା ପଞ୍ଚାୟତ କାର୍ଯ୍ୟାଳୟଟି ମୁସ୍ତଫାପୁର ପଞ୍ଚାୟତର କାର୍ଯ୍ୟାଳୟ ଭାବେ କାମ କରିଥିଲା। ସେପଟେ ଦୋବଲର ନିଜସ୍ୱ ପଞ୍ଚାୟତ ଅଫିସ ନଥିଲା। ସେବେଠାରୁ ଏଠାରେ ନୂଆ ପଞ୍ଚାୟତ ଅଫିସ ନିର୍ମାଣ କରିବାକୁ ଦାବି ହୋଇ ଆସୁଥିଲା। ରାଜ୍ୟ ବିଜୁ ଜନତା ଦଳର ସରକାର ଥିଲା ଓ ଦୋବଲରେ ବିଜେଡି ସମର୍ଥିତ ସରପଞ୍ଚ ଥିବାବେଳେ ସୋଧ ଗାଁର ଧରମ ପଡ଼ିଆ ପାଖରେ ନୂତନ ପଞ୍ଚାୟତ ଅଫିସ ନିର୍ମାଣ ପାଇଁ ପଦକ୍ଷେପ ନିଆଯାଇଥିଲା। ଏପରିକି ଜାଗା ମଧ୍ୟ ଚିହ୍ନଟ ହୋଇଥିଲା। ହେଲେ ସେତେବେଳେ ପ୍ରସ୍ତାବିତ ସ୍ଥାନକୁ ଦୋବଲ ଓ ଇଟୁଆ ସାହିର ଲୋକେ ବିରୋଧ କରିଥିଲେ। ତିନି ତିନିଥର ଭୂମି ପୂଜା ପାଇଁ ଚେଷ୍ଟା ହୋଇଥିଲେ ବି ବିରୋଧ ଯୋଗୁଁ ତାହା ବନ୍ଦ ରହିଥିଲା। ଏପରିକି ୨୦୨୧ ମେ ୨୫ରେ ବଡ଼ଧରଣର ହୋ ହଲ୍ଲା ହୋଇଥିଲା। ଉଭୟ ସାହିର ବାସିନ୍ଦାଙ୍କ ମଧ୍ୟରେ ଠେଲାପେଲା ହୋଇଥିଲା। ଯାହାଫଳରେ ପଞ୍ଚାୟତର କାର୍ଯ୍ୟାଳୟ ନିର୍ମାଣ ବନ୍ଦ ରହିଥିଲା। ନିଜସ୍ୱ ପଞ୍ଚାୟତ ଅଫିସ ନଥିବାରୁ ପଞ୍ଚାୟତର କୌଣସି ସରକାରୀ କାର୍ଯ୍ୟ ଠିକରେ ହୋଇ ପାରୁନଥିଲା। ରାସନ ଚାଉଳ ଓ ଭତ୍ତା ପାଇଁ ଲୋକେ ବହୁ ଦୂରକୁ ଯାଉଥିଲେ। ଅନ୍ୟପକ୍ଷରେ ପାଖରେ ଥିବା କମ୍ୟୁନିଟି ସେଣ୍ଟରକୁ ଅସ୍ଥାୟୀ ଭାବେ ଅଫିସ କରାଯାଇଥିଲା। ସେଇଥିରେ କାମ ସବୁ ଚାଲିଥିଲା। ହେଲେ ୨୦୨୨ ପଞ୍ଚାୟତ ନିର୍ବାଚନ ପରେ ନୂଆ ସରପଞ୍ଚ ଏନେଇ ପଦକ୍ଷେପ ନେଇଥିଲେ। ପୁଣି ସେହିବର୍ଷ ଶେଷକୁ ହୋଇଥିବା ଧାମନଗର ଉପନିର୍ବାଚନରେ ବିଜେପି ପ୍ରାର୍ଥୀ ସୂର୍ଯ୍ୟବଂଶୀ ସୂରଜ ନୂଆ ଅଫିସ ନିର୍ମାଣର ପ୍ରତିଶ୍ରୁତି ଦେଇଥିଲେ। ୨୦୨୪ ବିଧାନସଭା ନିର୍ବାଚନରେ ସୂର୍ଯ୍ୟବଂଶୀ ସୂରଜ ପୁନର୍ବାର ବିଜୟୀ ହେବା ସହ ମନ୍ତ୍ରୀ ହେବା ପରେ ପଞ୍ଚାୟତ ଅଫିସ ନିର୍ମାଣ କାର୍ଯ୍ୟକୁ ତ୍ୱରାନ୍ୱିତ କରିଥିଲେ। ଶେଷରେ ନିଜେ ଆସି ଏହାର ଶୁଭ ଦେଇଛନ୍ତି। ଗସ୍ତବେଳେ ଦୋବଲରେ ନିର୍ମିତ କଲ୍ୟାଣ ମଣ୍ଡପକୁ ମଧ୍ୟ ମନ୍ତ୍ରୀ ଲୋକାର୍ପିତ କରିଛନ୍ତି। ଏହାସହ ୫ଟି ପଞ୍ଚାୟତର ମହିଳା ମହାସଂଘ କାର୍ଯ୍ୟାଳୟ, ତିନିଟି ସ୍କୁଲର ଅତିରିକ୍ତ ଶ୍ରେଣୀଗୃହ ନିର୍ମାଣର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି ମନ୍ତ୍ରୀ।

## ଅଜଣା ବାଇକ୍ ଧକ୍କାରେ ବୃଦ୍ଧଙ୍କ ମୃତ୍ୟୁ

କଣିହାଁ (ଭାସ୍କର ନ୍ୟୁଜ୍) : କଣିହାଁ ଥାନା ଅନ୍ତର୍ଗତ ବଡତ୍ରିବିଡା ପଞ୍ଚାୟତ ଅଫିସ ସମ୍ମୁଖରେ ଅଜଣା ବାଇକ ଧକ୍କାରେ ଡମ୍ବରୁ ବେହେରା(୭୨) ନାମକ ଜଣେ ବୃଦ୍ଧଙ୍କ ମୃତ୍ୟୁ ହୋଇଥିବା ଜଣାଯାଇଛି। ତାଙ୍କର ଘର ସେହି ବଡତ୍ରିବିଡା ଗ୍ରାମରେ। ବୁଧବାର ସକାଳ ପ୍ରାୟ ସାଢ଼େ ୯ ଘଟିକା ସମୟରେ ଡମ୍ବରୁ ଗ୍ରାମରୁ ପଞ୍ଚାୟତ ଅଫିସ ସମ୍ମୁଖ ରାସ୍ତାରେ ଚାଲି ଚାଲି ଯାଉଥିବା ବେଳେ ଏକ ଅଜଣା ବାଇକ ଧକ୍କାକରି ଫେରାର ହୋଇଯାଇଥିଲା। ପରେ ଗୁରୁତର ଅବସ୍ଥାରେ ତାଙ୍କୁ କଣିହାଁ ମେଡ଼ିକାଲକୁ ନିଆଯାଇଥିଲା ମାତ୍ର ସେଠାରେ ତାଙ୍କର ମୃତ୍ୟୁ ହୋଇଥିଲା। ଖବର ପାଇ କଣିହାଁ ପୋଲିସ ମେଡ଼ିକାଲରେ ପହଞ୍ଚି ଏକ ମୋକଦ୍ଦମା ରୁଜୁ କରି ଶବ ବ୍ୟବଚ୍ଛେଦ ପାଇଁ ତାଳଚେର ପଠାଇ ତଦନ୍ତ ଚଳାଇଛି।

# ମୁକ୍ତେଶ୍ୱର ପୀଠରେ ମହାଶିବରାତ୍ରି ଜାଗର ଓ ରୁଦ୍ରଯଜ୍ଞ



ପାରାଦୀପ (ଭାସ୍କର ନ୍ୟୁଜ୍) : ପାରାଦୀପର ନୂଆବଜାରସ୍ଥିତ ପୁରାତନ ଶୈବପୀଠ ଶ୍ରୀ ଶ୍ରୀ ମୁକ୍ତେଶ୍ୱର ମନ୍ଦିରରେ ମହାଶିବରାତ୍ରି ଜାଗର ଓ ୧୮ତମ ରୁଦ୍ରଯଜ୍ଞ ବୁଧବାର ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ମନ୍ଦିରର ମୁଖ୍ୟ ପୂଜକ ମାର୍କଣ୍ଡ ଆଚାର୍ଯ୍ୟଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ଏବଂ ମନ୍ଦିର ପରିଚାଳନା କମିଟି ସହଯୋଗରେ ଚଳିତ ଜାଗର ଯାତ୍ରାରେ ଭକ୍ତଙ୍କ ପ୍ରବଳ ଜନସମାଗମ ଦେଖିବାକୁ ମିଳିଥିଲା। ଏହି ଅବସରରେ ଫେବୃଆରୀ ୨୫ ତାରିଖ ମଙ୍ଗଳବାର ଦିନ ଅଙ୍କୁରାରୋପଣ, କଳାସାଧିବାସ, ବୁଧବାର ଘଟ ସ୍ଥାପନ, ସୂର୍ଯ୍ୟପୂଜା ସ୍ୱୟଂ ଦେବଦେବୀଙ୍କର ମଣ୍ଡଳ ପୂଜା ଓ ଆହୁତି, ଗୁରୁବାର ମହାଯଜ୍ଞ, ରୁଦ୍ରଚଣ୍ଡୀ ଓ ସମ୍ପୂଟକ ଚଣ୍ଡୀପାଠ, ଶୁକ୍ରବାର ଗୀତା ସମ୍ପୁଟକ, ଯଜ୍ଞାହୁତୀ, ପୂର୍ଣ୍ଣାହୁତି ଇତ୍ୟାଦି କାର୍ଯ୍ୟକ୍ରମ ଯଥା ରୀତିନୀତି ଅନୁଯାୟୀ ଅନୁଷ୍ଠିତ ହୋଇଥିଲା। ବୁଧବାର ଶିବରାତ୍ରି ଦିବସ ଅବସରରେ ପ୍ରତିକ୍ଷୀତ ମହାଦୀପ ଉଠିବା କାର୍ଯ୍ୟକ୍ରମ ରାତି ୧୧ଟା ୧୫ ମିନିଟ ସମୟରେ କରାଯାଇଥିବା ବେଳେ ସମବେତ ଭକ୍ତଙ୍କ ଓଁ ନମଃ ଶିବାୟ, ଜୟ ଜୟ ଶିବ ଶଙ୍କର ଓ ବମ ବମ ଭୋଲେ ଧ୍ୱନିରେ ସମଗ୍ର ମନ୍ଦିର ଅଞ୍ଚଳ ପ୍ରକମ୍ପିତ ହୋଇଥିଲା। ଏତଦବ୍ୟତୀତ ସନ୍ଧ୍ୟାରେ ସମସ୍ତ ଭକ୍ତଙ୍କ ପାଇଁ ପ୍ରସାଦ ବ୍ୟବସ୍ଥା କରାଯାଇଥିଲା।

# ଅସ୍ତରଙ୍ଗରେ ବେଆଇନ ଚିଙ୍ଗୁଡ଼ି ଘେରିକୁ ନେଇ ଅଶାନ୍ତି

- ଜଳ ପ୍ରଦୂଷଣ ସତ୍ତ୍ୱେ ପ୍ରଶାସନ ନିରବ, ଦାନା ବାନ୍ଧୁଛି ଆନ୍ଦୋଳନ
- ମଶାରୀ ଜାଲ ବ୍ୟବହୃତ ଯାଆଁଳା ମାଫିଆ ଜୋରଦାର ସକ୍ରିୟ



ଅସ୍ତରଙ୍ଗ (ଭାସ୍କର ନ୍ୟୁଜ୍) : ପୁରୀ ଜିଲ୍ଲା ଅସ୍ତରଙ୍ଗ ତହସିଲ ଅଧୀନରେ ମାଛଧରାକୁ କେନ୍ଦ୍ର କରି ମତ୍ସ୍ୟଜୀବୀ ଓ ଅଣମତ୍ସ୍ୟଜୀବୀଙ୍କ ମଧ୍ୟରେ ବହୁବାର ଗଣ୍ଡଗୋଳ ଘଟିଥିବାର ନଜିର ରହିଛି। ଏହାକୁ ରୋକିବା ପାଇଁ ପ୍ରଶାସନ ତରଫରୁ ପଦକ୍ଷେପ ନିଆଯାଇଥିଲେ ସୁଦ୍ଧା ଏଥିନେଇ କୌଣସି ସ୍ଥାୟୀ ପ୍ରତିକାର ହୋଇପାରିନଥିବା ଜଣାଯାଇଛି। ପୁରୀ ଜିଲ୍ଲା ଅସ୍ତରଙ୍ଗ ତଟବର୍ତ୍ତୀ ଅଞ୍ଚଳରେ ମଶାରୀ ଜାଲରେ ଜାଆଁଳ ସହ ମାଟିବନ୍ଧରେ ଘେରି କରାଯାଇ ଚିଙ୍ଗୁଡ଼ି ଚାଷ କରାଯିବାରୁ ଅସ୍ତରଙ୍ଗ ଅଞ୍ଚଳ ଦେଇ ପ୍ରବାହିତ ଦେବୀନଦୀ ବେଳକୁ ବେଳ ସଂକୁଚିତ ହେବାରେ ଲାଗିଛି। ତତ୍‌ସହିତ ଏହି ବେଆଇନି ଚିଙ୍ଗୁଡ଼ି କମ୍ ଦିନରେ ବଢ଼ିବା ପାଇଁ ରାସାୟନିକ ସାମଗ୍ରୀ ମିଶ୍ରିତ ଖାଦ୍ୟ ଦିଆଯାଉଥିବାରୁ ଅସ୍ତରଙ୍ଗ ପାର୍ଶ୍ୱବର୍ତ୍ତୀ ଦେବୀ ନଦୀ ଜଳ ପ୍ରଦୂଷିତ ହେଉଛି। ପୁରୀ ଜିଲ୍ଲା ଅସ୍ତରଙ୍ଗ ଅଞ୍ଚଳର ନଗର, ଝାଡ଼ଲିଙ୍ଗ, ଆଳସାହି, ଛୁରିଆନାଁ, ଶିଶୁଅ, ନୂଆଗଡ, ଅସ୍ତରଙ୍ଗ ଅଞ୍ଚଳରେ କିଛି ଯାଆଁଳ ମାଫିଆ ବେଆଇନ ମଶାରୀ ଜାଲ ଓ ମାଟି ବନ୍ଧରେ ଘେରି କରାଯିବା ନେଇ ସର୍ବଦା ମତ୍ସ୍ୟଜୀବୀ ଓ ଅଣମତ୍ସ୍ୟଜୀବୀଙ୍କ ମଧ୍ୟରେ ବିବାଦ ଲାଗି ରହୁଛି। ଯାହାଫଳରେ ପିଏଫ୍‌ସିଏସ୍ ରାଜ୍ୟ ଫିସଫେଡ଼ରୁ ମତ୍ସ୍ୟଜୀବୀମାନେ ଲିଜ୍ ଆଣିଥିବା ବେଳେ ମାଛ ଧରିବାରୁ ବଞ୍ଚିତ ହୋଇଛନ୍ତି। ତେବେ ଅଣମତ୍ସ୍ୟଜୀବୀଙ୍କ ଏପରି କାର୍ଯ୍ୟକୁ ନେଇ ସମ୍ପୃକ୍ତ ଲିଜ୍ ପାଇଥିବା ବ୍ୟକ୍ତି ବିଶେଷ ବିରୋଧ କରିବା ଫଳରେ ପରିସ୍ଥିତି ଅଣାୟତ୍ତ ହୋଇପଡୁଥିବା ଦେଖିବାକୁ ମିଳୁଛି। ଅସ୍ତରଙ୍ଗ ଚିଙ୍ଗୁଡ଼ି ଆମଦାନୀ ବେଳକୁ ବେଳ ହ୍ରାସ ପାଉଥିବା ବେଳେ ଅଭାବ ମେଣ୍ଟାଇବା ନିମନ୍ତେ କେତେକ ମାଫିଆ ଅସ୍ତରଙ୍ଗ ଦେବୀ ନଦୀତଟରେ ଘେରି କରି ବେଆଇନି ଚିଙ୍ଗୁଡ଼ି ଚାଷ କରିଆସୁଛନ୍ତି। ଏହି ଚିଙ୍ଗୁଡ଼ିରେ ପ୍ରଚୁର ଲାଭ ହେଉଥିବାରୁ ବହୁ ମାଫିଆ ଦିନକୁ ଦିନ ଅଧିକରୁ ଅଧିକ ଘେରି କରି ଅସ୍ତରଙ୍ଗ ପ୍ରାକୃତିକ ସୌନ୍ଦର୍ଯ୍ୟକୁ ନଷ୍ଟ କରି ଚାଲିଛନ୍ତି। ମାତ୍ର ପ୍ରଶାସନ ଏଥିପ୍ରତି ଦୃଷ୍ଟି ନଦେଇ ବିଭିନ୍ନ ଆଳଦେଖାଇ ନିରବ ଦ୍ରଷ୍ଟା ସାଜିବା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ବିଧାନସଭା ଗୃହସମିତି ଓ ରାଜ୍ୟ ଉଚ୍ଚ ନ୍ୟାୟଳୟଙ୍କ ନିର୍ଦ୍ଦେଶ ଅନୁଯାୟୀ ସେଣ୍ଟ୍ରାଲ ରେଗୁଲେସନ ଜୋନର (ସିଆରଜେଡ)ନିୟମ ଉଲ୍ଲଙ୍ଘନ କରି ଅସ୍ତରଙ୍ଗକୁ ସମ୍ପୂର୍ଣ୍ଣ ଘେରିମୁକ୍ତ କରାଯାଉ ନଥିବା ଜଣାଯାଉଛି। ସ୍ଥାନୀୟ ପ୍ରଶାସନ ଏଥିପ୍ରତି ଦୃଷ୍ଟି ନଦେଇ କୁମ୍ଭକର୍ଣ୍ଣ ନିଦ୍ରାରେ ଶୋଇ ରହିବା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ସରକାର ଯଦି ଏ ଦିଗରେ କୌଣସି ପଦକ୍ଷେପ ନନିଅନ୍ତି ଆଗାମୀ ଦିନରେ ଏକାଧିକ ମତ୍ସ୍ୟଜୀବୀ ଏକତ୍ରିତ ହୋଇ ଆଇନକୁ ହାତକୁ ନେବେ ବୋଲି ଚେତାବନୀ ଦେଇଛନ୍ତି।

## ଚିଟ୍‌ଫଣ୍ଡ ଟଙ୍କା ଫେରସ୍ତ ଆଶା ମଉଳିଲାଣି !

ଅସ୍ତରଙ୍ଗ (ଭାସ୍କର ନ୍ୟୁଜ୍) : ବର୍ଷ ପରେ ବର୍ଷ ଗଡୁଛି। ଚିଟ୍‌ଫଣ୍ଡରେ ଠକି ହୋଇ ଛଟପଟ କ୍ଷତିଗ୍ରସ୍ତଙ୍କ ପକେଟକୁ କିନ୍ତୁ ଫେରୁନି ଟଙ୍କା। ଗତ ସରକାର କର୍ପସ ପାଣ୍ଠି ଗଠନ କଲେ। ବିଜେପି ସରକାର କ୍ଷମତାକୁ ଆସିଲେ ଶହେ ଦିନରେ ସବୁ ଚିଟ୍‌ଫଣ୍ଡ କ୍ଷତିଗ୍ରସ୍ତଙ୍କୁ ଟଙ୍କା ଫେରସ୍ତ କରାଯିବ ବୋଲି ପ୍ରତିଶ୍ରୁତି ଦେଲେ। ମାତ୍ର ଦିନ ସିନା ଗଡୁଛି। ସରକାରୀ କଳ ଆନ୍ତରିକତା କି ଇଚ୍ଛାଶକ୍ତି ଦେଖାଉନି। ସେଇମିତି ଚାତକ ପକ୍ଷୀ ଭଳି ଟଙ୍କା ଫେରସ୍ତ ପାଇବାକୁ କ୍ଷତିଗ୍ରସ୍ତ ଜମାକାରୀ ଅପେକ୍ଷା କରି ବସିଛନ୍ତି। ପୁରୀ ଜିଲ୍ଲା ଅସ୍ତରଙ୍ଗ ଅଞ୍ଚଳରେ ସବୁଠି ଚିଟ୍‌ଫଣ୍ଡ ଜମାକାରୀ ଠକେଇର ଶିକାର ହୋଇଛନ୍ତି। କ୍ଷତିଗ୍ରସ୍ତଙ୍କୁ ସରକାର ଟଙ୍କା ଫେରସ୍ତ କରିବେ ବୋଲି ପ୍ରତିଶ୍ରୁତି ଦେଲେ। କମିଶନ ଗଠନ କଲେ। ଲକ୍ଷ ଲକ୍ଷ ଜମାକାରୀ ସତ୍ୟପାଠ ଦାଖଲ କଲେ। ମାତ୍ର କାଁ ଭାଁ କିଛି ଜମାକାରୀଙ୍କୁ (୧୦ ହଜାରରୁ କମ୍) ଟଙ୍କା ଫେରସ୍ତ ହେବା ପରେ ପ୍ରକ୍ରିୟା ବନ୍ଦ ରହିଛି। କ୍ଷତିଗ୍ରସ୍ତ ଅପେକ୍ଷା କରି କରି ହତାଶ ହେଲେଣି। ଟଙ୍କାର ନାଁ ଗନ୍ଧ ନାହିଁ। ନିର୍ବାଚନକୁ ଦୀର୍ଘମାସ ପରେ ଫଳ ଶୂନ। କେବେ ଠାରୁ ପୁଣି କ୍ଷତିଗ୍ରସ୍ତ ଜମାଟଙ୍କା ଫେରସ୍ତ ପାଇବେ ତାହା ପ୍ରଶ୍ନବାଚୀରେ। ଚିଟ୍‌ଫଣ୍ଡ ସଂସ୍ଥାରେ ୧୦ ହଜାର ଟଙ୍କାରୁ ଅଧିକ ଜମା ରଖୁଥିବା ଜମାକାରୀଙ୍କୁ ଟଙ୍କା ମିଳିବା ଆଶା ଦିନକୁ ଦିନ କ୍ଷୀଣ ହେବାରେ ଲାଗିଛି। ଆଇନଗତ ଜଟିଳତା, ଜମାକାରୀ ଚିହ୍ନଟ ନହେବା ଅଡୁଆ। ତଦନ୍ତ କମିଶନଙ୍କ ସୁପାରିଶ ଆଧାରରେ ମାତ୍ର ଅଳ୍ପକିଛି କ୍ଷୁଦ୍ର ଜମାକାରୀଙ୍କୁ ଟଙ୍କା ଫେରସ୍ତ ହୋଇଛି। ଅନ୍ୟମାନେ ଟଙ୍କା ପାଇବେ ନା ନାହିଁ? ଯଦି ପାଇବେ କ'ଣ ଡାଞ୍ଚା ରହିବ ସେନେଇ ସରକାରଙ୍କ ପାଖରେ କୌଣସି ନିର୍ଦ୍ଦିଷ୍ଟ ଉତ୍ତର ନାହିଁ।

# ସମ ହସ୍ପିଟାଲକୁ ଅଚାନକ ପରିଦର୍ଶନ କଲେ ଛତ୍ରପୁର ବିଧାୟକ



ଛତ୍ରପୁର (ଭାସ୍କର ନ୍ୟୁଜ୍): ଛତ୍ରପୁର ଉପକଣ୍ଠ ଶୀତାଳପଲ୍ଲୀ ଠାରେ ଥିବା ସମ ହସ୍ପିଟାଲର କ୍ୟାମ୍ପସ-୩କୁ ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକ ଗୁରୁବାର ଅଚାନକ ପରିଦର୍ଶନ କରିଛନ୍ତି। ବିଧାୟକ ସେଠାକୁ ଯାଇ ସେଠାକାର ଆନୁଷଙ୍ଗିକ ବ୍ୟବସ୍ଥା ଯଥା;ନୂତନ ଭାବେ ଅନକୋଲୋଜି, ଅନକୋସର୍ଜରୀ, ନୂତନ ବିଭାଗ ସ୍ଥାପନ କରିବା, ମେଡିକାଲ ବର୍ଜ୍ୟବସ୍ତୁକୁ ସୁପରିଚାଳନା କାର୍ଯ୍ୟ ପଦ୍ଧତି ଅବଲମ୍ବନ କରି ଏକ ସ୍ୱତନ୍ତ୍ର ବ୍ୟବସ୍ଥା କରିବା ଉପରେ ବିଧାୟକ ଗୁରୁତ୍ୱ ଦେଇଛନ୍ତି। ଏଥିସହ ସ୍ଥାନୀୟ ଅଞ୍ଚଳର କିଡନୀ, ଡାଇବେଟିସ ରୋଗୀଙ୍କୁ ଉତ୍ତମ ଚିକିତ୍ସା ଯୋଗାଇ ଦେବା ସହ ଏହା ପାଇଁ ଅଭିଜ୍ଞ ଡାକ୍ତରଙ୍କୁ ନିଯୁକ୍ତି ପ୍ରଦାନ କରିବା, ନୂତନ ଭାବେ କ୍ୟାଥୋଲ୍ୟାବ ଖୋଲିବା ଏବଂ ସ୍ଥାନୀୟ ମେଧାବୀ ଛାତ୍ରଛାତ୍ରୀଙ୍କ ହିତ ଦୃଷ୍ଟିରୁ ଗୁଣାତ୍ମକ ଶିକ୍ଷାର ବ୍ୟବସ୍ଥା ନିମନ୍ତେ ନୂତନ ମେଡିକାଲ କଲେଜର ପ୍ରତିଷ୍ଠା ଲାଗି ବିଧାୟକ ପରାମର୍ଶ ଦେଇଛନ୍ତି। ଏହାସହ ସେଠାକାର ସମସ୍ତ ବିଭାଗକୁ ବୁଲି ଦେଖିବା, ଓ୍ୱାର୍ଡ ପରିଦର୍ଶନ, ରୋଗୀ ଏବଂ ସ୍ଥାନୀୟ ଲୋକଙ୍କ ଗମନାଗମନ ପାଇଁ ସୁରକ୍ଷିତ ଦୃଷ୍ଟିରୁ ସରକାରଙ୍କ ପକ୍ଷରୁ ସେହି ରୁଟ୍ ଦେଇ ଏକ ସ୍ୱତନ୍ତ୍ର ବସ୍‌ର ବ୍ୟବସ୍ଥା କରିବା, ସରକାରଙ୍କ ଦ୍ୱାରା ଏହି ବ୍ୟବସ୍ଥା କରିବା ପାଇଁ ବିଧାୟକଙ୍କ ତରଫରୁ ପ୍ରତିଶ୍ରୁତି ଦେବା ସହ ମେଡିକାଲ କର୍ତ୍ତୃପକ୍ଷଙ୍କ ସହ ଏହି ଭଳି ଗୁରୁତ୍ୱପୂର୍ଣ୍ଣ ବିଷୟରେ ଆଲୋଚନା କରିଥିଲେ ବୋଲି ସେ ସୂଚନା ଦେଇଛନ୍ତି ।

## ପଞ୍ଚାୟତ ସମିତି ବୈଠକ ଅଧାରୁ ହଟ୍ଟଗୋଳ

# ପାନୀୟ ଜଳ ସମସ୍ୟା ନେଇ ହୋଇପାରିଲାନି ଆଲୋଚନା




କୋରେଇ (ଭାସ୍କର ନ୍ୟୁଜ୍) : ଆଜି କୋରେଇ ବ୍ଲକ କାର୍ଯ୍ୟାଳୟ ପରିସରରେ ଥିବା ସଭା ଗୃହରେ ସପ୍ତମ ପଞ୍ଚାୟତ ସମିତି ବୈଠକ ତଥା ଚତୁର୍ଥ ସାଧାରଣ ବୈଠକ କୋରେଇ ବିଡ଼ିଓଙ୍କ ଆହ୍ୱାନ କ୍ରମେ ଆରମ୍ଭ ହୋଇଥିବା ବେଳେ ଏଥିରେ ବ୍ଲକ ଅଧକ୍ଷା ଜୟନ୍ତୀ ଦଳେଇ ଅଧକ୍ଷତା କରିଥିବା ବେଳେ ସମ୍ମାନିତ ଅତିଥି ଭାବେ ଜିଲ୍ଲା ପରିଷଦ ଅଧକ୍ଷା ନଳିନୀ ପ୍ରଭା ଯେନା, ଜିଲ୍ଲା ପରିଷଦ ସଭ୍ୟ ଉମାକାନ୍ତ ମାଝୀ, ସସ୍ମିତା ତରାଇ ଯୋଗ ଦେଇଥିଲେ। ଆଜିର ବୈଠକରେ ରାଜ୍ୟ ସରକାରଙ୍କର ନୂଆ ଯୋଜନା ବିକଶିତ ଗାଁ-ବିକଶିତ ଓଡ଼ିଶା ଓ ଖରାଦିନ ଆସୁଥିବାରୁ ପାନୀୟ ଜଳ ସମସ୍ୟାର ସମାଧାନ ବିଷୟରେ ଆଲୋଚନା ହେବାକୁ ଥିବାବେଳେ ବୈଠକ ଆରମ୍ଭରୁ ବ୍ଲକ ଉପାଧକ୍ଷଙ୍କ ସମେତ କିଛି ପିଆର୍‌ଆଇ ମେମ୍ବରମାନେ ବିଗତ ଦିନରେ ହୋଇଥିବା କାମର ବିଲ୍ କାହିଁକି ହେଉନାହିଁ, ନୂତନ କାମଗୁଡିକର କାମ ଆମ ଲୋକମାନଙ୍କୁ କାହିଁକି କରିବାକୁ ଦିଆଯାଉ ନାହିଁ ବୋଲି କହି ପାଟିତୁଣ୍ଡ କରିଥିଲେ। କାମଗୁଡିକର ଉପଯୁକ୍ତ ତଦନ୍ତ କରିବା ସହିତ ଠିକ୍ କାମ ହୋଇଥିଲେ ବିଲ୍ ଦିଆଯିବ ଓ ନୂଆ କାମଗୁଡ଼ିକ ସରକାରଙ୍କ ନିୟମ ଅନୁଯାୟୀ ବିଭାଗୀୟ ଅଧିକାରୀଙ୍କ ଦ୍ୱାରା କରାଯିବ ବୋଲି ବିଡ଼ିଓ କହିଥିଲେ। ବିଡ଼ିଓଙ୍କ କଥାକୁ ନଶୁଣି ଉପାଧକ୍ଷଙ୍କ ସମେତ କିଛି ପିଆର୍‌ଆଇ ମେମ୍ବରମାନେ ବିଡ଼ିଓଙ୍କୁ ବିଭିନ୍ନ ପ୍ରକାର ଅସାମ୍ବିଧାନିକ ଭାଷା ପ୍ରୟୋଗ କରିଥିଲେ, ଯାହାକୁ ସେଠାରେ ଉପସ୍ଥିତ ଥିବା ସରକାର ସମର୍ଥିତ ସରପଞ୍ଚ ଓ ସମିତି ସଭ୍ୟ ଅସାମ୍ବିଧାନିକ ଭାଷା ଓ ଦୁର୍ନୀତିକୁ ପ୍ରଶ୍ରୟ ଦିଆଯିବ ନାହିଁ ବୋଲି କହି ବିରୋଧ କରିଥିଲେ। ଯାହାକୁ ନେଇ ବୈଠକରେ ଏକ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇଥିଲା। ପରିସ୍ଥିତି ଏପରି ହୋଇଥିଲା କି କୋରେଇ ପୋଲିସ ଅଧିକାରୀ ରାକେଶ ତ୍ରିପାଠୀ ନିଜେ ସଭାସ୍ଥଳକୁ ଯାଇ ଉଭୟ ପକ୍ଷଙ୍କୁ ବୁଝାସୁଝା କରିଥିଲେ। ଏହା ପରେ ପରେ ବିଜେଡି ଜିଲ୍ଲା ପରିଷଦ ଅଧକ୍ଷା, ବ୍ଲକ ଅଧକ୍ଷା, ଜିଲ୍ଲାପରିଷଦ ସଦସ୍ୟ ଓ ବିଜେଡି ସମର୍ଥିତ ସରପଞ୍ଚ ସମିତି ସଭ୍ୟ ବୈଠକରୁ ଉଠିକି ପାଳେଇଥିଲେ। ଏଠାରେ ପ୍ରଶ୍ନ ଉଠେ କି ପୁରୁଣା କାମ ଗୁଡ଼ିକ ବିଭାଗୀୟ ଅଧିକାରୀଙ୍କ ଦ୍ୱାରା ହୋଇଥିବା ବେଳେ ନିର୍ବାଚିତ ପ୍ରତିନିଧିମାନଙ୍କର ବିଲ୍ ପାଇଁ ଏତେ ଦରଦ କାହିଁକି ? ଶୁଣିବାକୁ ମିଳୁଛି ପୂର୍ବ ସରକାର ଅମଳରେ କୁଆଡ଼େ ପିଆର୍‌ଆଇ ମେମ୍ବରମାନେ ନିଜେ କିମ୍ବା ତାଙ୍କ ସମ୍ପର୍କୀୟମାନେ ଯେନତେନ କାମ କରି ବିଲ ଉଠାଇ ନେବାକୁ ବିଡ଼ିଓଙ୍କୁ ପରୋକ୍ଷରେ ଚାପ ପ୍ରୟୋଗ କରିବା ପାଇଁ ଏ ପ୍ରାୟୋଜିତ କାର୍ଯ୍ୟକ୍ରମ କରିଥିଲେ। ଅନ୍ୟ ପଟେ ଆଜିର ଅଧିବେଶନରେ ନୂଆ ପ୍ରକଳ୍ପ ଗୁଡିକର ମଞ୍ଜୁର ପାଇବାକୁ ଥିବାବେଳେ, ମୁଖ୍ୟତଃ ଜଳ ସମସ୍ୟାର ସମାଧାନ କରାଯାଇଥାନ୍ତା। କିନ୍ତୁ ଦୁଃଖର କଥା ବ୍ଲକ ଅଧକ୍ଷା, ଉପାଧକ୍ଷଙ୍କ ସମେତ କିଛି ପିଆର୍‌ଆଇ ସଦସ୍ୟମାନେ ଏହାର ଗୁରୁତ୍ୱକୁ ଉପଲବ୍ଧି ନକରି ବୈଠକ ଆରମ୍ଭରୁ ଉଠି ଚାଲିଯାଇଥିବା ବେଳେ, ଅଧକ୍ଷା ପୁଣି ଗୃହକୁ ଫେରି ବୈଠକ ବାତିଲ କରାଗଲା କହି ଚାଲିଯାଇଥିଲେ। ଏହାକୁ କୋରେଇର ବୁଦ୍ଧିଜୀବୀ ନାପସନ୍ଦ କରିବା ସହିତ ବ୍ୟକ୍ତିଗତ ସ୍ୱାର୍ଥ ପାଇଁ କିଛିବ୍ୟକ୍ତି କୋରେଇ ବିକାଶରେ ବାଧକ ସାଜିଛନ୍ତି ବୋଲି କହିଛନ୍ତି।

# ୧୫ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର ଗଞ୍ଜେଇ ଜବତ, ୧ ଗିରଫ



କରଞ୍ଜିଆ (ଭାସ୍କର ନ୍ୟୁଜ୍) : ଫୁଲବାଣୀ ଅଞ୍ଚଳରୁ ମହାଶିବରାତ୍ରି ଉପଲକ୍ଷେ ପାଞ୍ଚପୀଡ଼ ଉପଖଣ୍ଡକୁ ଗଞ୍ଜେଇ ଚୋରା ଚାଲାଣ ହେଉଥିବା କରଞ୍ଜିଆ ଅବକାରୀ ବିଭାଗ ପୂର୍ବରୁ ବିଶେଷ ସୂତ୍ରରୁ ଖବର ପାଇଥିଲେ। ଏହା ସହ କରଞ୍ଜିଆ ବ୍ଲକର ବିଭିନ୍ନ ସ୍ଥାନରେ ବେଆଇନ ନିଶା କାରବାର ବୃଦ୍ଧି ପାଉଥିବା ଯୋଗୁଁ ଜିଲ୍ଲା ଅବକାରୀ ଅଧିକ୍ଷକ ପ୍ରଶାନ୍ତ କୁମାର କହଁର ଓ ଉପ ଅଧିକ୍ଷକ ସୌମ୍ୟରଞ୍ଜନ ବେହେରାଙ୍କ ନିର୍ଦ୍ଦେଶ କ୍ରମେ ନୀରିକ୍ଷକ ସଞ୍ଜୟ କୁମାର କାଣ୍ଡିଙ୍କ ନେତୃତ୍ୱରେ କରଞ୍ଜିଆ ଅବକାରୀ ବିଭାଗ ଚଳଚଞ୍ଚଳ ହୋଇ ପଡିଥିଲା। ଏହି ଅବସରରେ ବିଶେଷ ସୂତ୍ରରୁ ଅବକାରୀ ବିଭାଗ ଟାଙ୍ଗିଆ ଗାଁରେ ଗଞ୍ଜେଇ ଚୋରା ଚାଲାଣ ହୋଇ ଗଚ୍ଛିତ ରଖାଯାଇଥିବା ଖବର ପାଇ ଓଆଇସି ରଶ୍ମି ରଞ୍ଜନ ନାୟକ, ଏଏସ୍‌ଆଇ ଫୁଲମଣି ନାଏକଙ୍କ ସହିତ ଏକ ଦଳ ଆଜି ସକାଳୁ ଶୁକୁଳି ବ୍ଲକ ସିଙ୍ଗଡ଼ା ସଂଲଗ୍ନରେ ଥିବା ଟାଙ୍ଗିଆ ଗ୍ରାମରେ ଚଢାଉ କରି ବିକାଶ ଚନ୍ଦ୍ର ଗିରି ନାମକ ଅଭିଯୁକ୍ତଙ୍କ ଘରୁ ୧୫୩ କିଲୋ ଗଞ୍ଜେଇ ଜବତ୍ କରିଥିଲେ। ସେ ଏହି ଘଟଣାରେ ସଂଶ୍ଳିଷ୍ଟ ଥିବାରୁ ତାଙ୍କୁ ଗିରଫ କରି ଅବକାରୀ କେଶ୍ ନମ୍ବର ୭୬/୨୪-୨୫ ରୁଜୁ କରି ଅଭିଯୁକ୍ତଙ୍କୁ ଆଜି ଦିବା ୧୧ ଘଟିକା ସମୟରେ ବାରିପଦା ଏଡିଜେ କୋର୍ଟ ଚାଲାଣ କରିଥିବା କରଞ୍ଜିଆ ଅବକାରୀ ଓଆଇସି ରଶ୍ମି ରଞ୍ଜନ ନାୟକ ସୂଚନା ଦେଇଛନ୍ତି। ଜବତ୍ ଗଞ୍ଜେଇର ଆନୁମାନିକ ମୂଲ୍ୟ ୧୫ ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ହେବ ବୋଲି ପ୍ରକାଶ କରିଛନ୍ତି ଅବକାରୀ ବିଭାଗ। ସପ୍ତାହ ଭିତରେ ଗହିରମଥା ସାମୁଦ୍ରିକ ଅଭୟାରଣ୍ୟରୁ ୫ ଟ୍ରଲର ସହ ୩୦ରୁ ଉର୍ଦ୍ଧ୍ୱ ମତ୍ସ୍ୟଜୀବୀ ଗିରଫ ।

# ରାଶିଫଳ

ଶୁକ୍ରବାର, ୨୮ ଫେବୃଆରୀ ୨୦୨୫



**ମେଷ:** ଦୈନନ୍ଦିନ କାର୍ଯ୍ୟଗୁଡିକ କିଛି ବିପଦ ବହନ କରିପାରେ। ଚାକିରିରେ ସମସ୍ୟା ହୋଇପାରେ। ଯଦି ଆପଣ ଜିଦି କରନ୍ତି ତେବେ, କାହା ସହିତ ବିବାଦ ହେବାର ସମ୍ଭାବନା ଅଛି। ଅଧିକ ଚିନ୍ତାରେ ସମୟ ନଷ୍ଟ କରନ୍ତୁ ନାହିଁ। ହଠାତ୍ ଆପଣ ଅସୁବିଧା ମଧ୍ୟ ବଢ଼ିପାରେ।



**ବୃଷ:** ବ୍ୟବସାୟରେ ବ୍ୟସ୍ତ ରହିବେ। ସାମାଜିକ ସ୍ତରରେ ସମ୍ମାନ ମିଳିବ । କଠିନ ପରିଶ୍ରମ ସହିତ ଟଙ୍କା ରୋଜଗାର କରିବେ। ଗତ କିଛିଦିନ ଧରି ଥିବା ଅସମ୍ପୂର୍ଣ୍ଣ କାମ ସମ୍ପୂର୍ଣ୍ଣ ହେବ। ନୂତନ ଚୁକ୍ତିନାମା କିମ୍ବା ନୂତନ ସମ୍ପର୍କ ଗଠନ ହେବାର ସମ୍ଭାବନା ଅଛି।



**ମିଥୁନ:** ଶୀଘ୍ର କୌଣସି କାମ କରନ୍ତୁ ନାହିଁ। ଧାର୍ମିକ ଏବଂ ସାଂସ୍କୃତିକ ମହୋତ୍ସବରେ ଏକ ଅଂଶ ରହିବେ। ବ୍ୟବସାୟ ଭଲ ହେବ। ଅଫିସରେ ଚାକିରିକୁ ନେଇ ସନ୍ତୁଷ୍ଟ ରହିବେ। ବିନିଯୋଗ ଇତ୍ୟାଦିରେ ଲାଭବାନ ହେବ। ଘର ବାହାରେ ଜୀବନ ଖୁସି ହେବ। ଆର୍ଥିକ ଦିଗ ଦୃଢ ହେବ।



**କର୍କଟ:** କାରବାରରେ ସତର୍କତା ବ୍ୟବହାର କରନ୍ତୁ। ପରିସ୍ଥିତିକୁ ନେଇ ଟଙ୍କା ଚିନ୍ତା କରିବାକୁ ପଡିବ। ଆପଣଙ୍କର ଅନାବଶ୍ୟକ ଖର୍ଚ୍ଚ ହୋଇପାରେ। ଚାକିରି ଏବଂ ବ୍ୟବସାୟରେ ଦ୍ୱନ୍ଦ୍ୱ ବଢିପାରେ। ଟଙ୍କା ମାମଲାରେ ଯତ୍ନବାନ ହେବାକୁ ପଡିବ। ଆପଣଙ୍କ ସ୍ୱାସ୍ଥ୍ୟ ପ୍ରତି ବେପରୁଆ ହୁଅନ୍ତୁ ନାହିଁ ।



**ସିଂହ:** ଆପଣ ମଧୁରବାଣୀ ଦ୍ୱାରା ଯେକୌଣସି କାର୍ଯ୍ୟରେ ବିଜୟୀ ହେବାକୁ ସମର୍ଥ ହେବେ। ପରିବାର ସଦସ୍ୟଙ୍କ ସହିତ ଖୁସିରେ ସମୟ ଅତିବାହିତ କରିବେ। ଆଜି ଭାଗ୍ୟ ଆପଣଙ୍କ ସହିତ ରହିବ। ଆୟର ନୂତନ ଉତ୍ସ ଉତ୍ପନ୍ନ ହୋଇପାରେ।



**କନ୍ୟା:** ପରିବାର ସାହାଯ୍ୟ କରିବେ। ଆପଣଙ୍କର ମାନସିକ ସନ୍ତୁଳିତ ରହିବ ଏବଂ ଏହା ଆପଣଙ୍କ ପାରିବାରିକ ଜୀବନରେ ମଧ୍ୟ ସୁଖ ଆଣିପାରେ। କ୍ୟାରିୟର ଏବଂ ପୁଞ୍ଜି ବିନିଯୋଗ କ୍ଷେତ୍ରରେ ଆପଣ କିଛି ନୂତନ ଏବଂ ମହତ୍ ସୁଯୋଗ ମଧ୍ୟ ପାଇପାରିବେ। ଆପଣ ଟଙ୍କା ଏବଂ ପାରିବାରିକ ପରିସ୍ଥିତି ପ୍ରତି ସମ୍ପୂର୍ଣ୍ଣ ଧ୍ୟାନ ଦେବା ଉଚିତ୍।



**ତୁଳା:** ଆପଣଙ୍କର ଆତ୍ମବିଶ୍ୱାସ ବୃଦ୍ଧି ପାଇବ। ଆପଣ ଲୋକମାନଙ୍କୁ ମଧ୍ୟ ପ୍ରଭାବିତ କରିବେ। ଲୋକମାନେ ଆପଣଙ୍କର ଚିନ୍ତାଧାରାକୁ ପସନ୍ଦ କରିବେ। ଲୋକମାନେ ଆପଣଙ୍କ ପରାମର୍ଶରୁ ଉପକୃତ ହେବେ। ଆପଣ କିଛି ଭଲ ଖବରକୁ ଅପେକ୍ଷା କରିବେ।



**ବିଛା:** ଆପଣଙ୍କର ଜୀବନରେ କିଛି ପରିବର୍ତ୍ତନ କରିବାକୁ ପଡିପାରେ। ପରିବାର ସାହାଯ୍ୟ ମିଳିବ। ଆପଣଙ୍କର ମାନସିକ ସନ୍ତୁଳିତ ରହିବ ଏବଂ ଏହା ଆପଣଙ୍କ ପାରିବାରିକ ଜୀବନରେ ମଧ୍ୟ ସୁଖ ଆଣିପାରେ। କାର୍ଯ୍ୟ ସମାପ୍ତ ହୋଇପାରିବ। ବୁଦ୍ଧିମାନ ଭାବରେ ଷ୍ଟକ୍ ମାର୍କେଟରେ ବିନିଯୋଗ କରନ୍ତୁ।



**ଧନୁ:** ଭାଗ୍ୟ ଆପଣଙ୍କ ସହିତ ରହିପାରେ। ଆପଣଙ୍କୁ ଦେଖା କରୁଥିବା ଲୋକମାନେ ଆପଣଙ୍କୁ କିଛି ନୂଆ ଚେଷ୍ଟା କରିବାକୁ ପ୍ରେରଣା ଦେଇପାରିବେ। ଏହି ସମୟରେ କରାଯାଇଥିବା ପ୍ରୟାସ ସଫଳ ହେବାର ସମ୍ଭାବନା ଅଧିକ। ବୋଧହୁଏ ଆପଣ ଅତିରିକ୍ତ ଦାୟିତ୍ୱ ପାଇବେ କିମ୍ବା ସାମ୍ପ୍ରତିକ ଚାକିରିରେ କାମ କରିପାରନ୍ତି। ଆପଣଙ୍କର ଆୟ ବଢ଼ିବାର ସମ୍ଭାବନା ମଧ୍ୟ ଅଧିକ।



**ମକର:** ଆପଣ ଆଜି ଧୈର୍ଯ୍ୟବାନ ହେବା ଉଚିତ୍। ଟଙ୍କା କ୍ଷେତ୍ରରେ କ୍ଷତି ହୋଇପାରେ। କିଛି ଆଇନଗତ ପ୍ରସଙ୍ଗରେ ଆପଣ ଜଡିତ ହୋଇପାରନ୍ତି। ସମୟର ଯତ୍ନ ନିଅନ୍ତୁ। କିଛି ବିଶେଷ କାର୍ଯ୍ୟ ପାଇଁ ଆପଣଙ୍କୁ ବହୁତ କଠିନ ପରିଶ୍ରମ କରିବାକୁ ପଡିପାରେ । ଆପଣ ମଧ୍ୟ କୌଣସି ଆକସ୍ମିକ ଘଟଣାରେ ତୁରନ୍ତ ନିଷ୍ପତ୍ତି ନେବା ଠାରୁ ଦୂରେଇ ରହିବା ଉଚିତ୍। ଆପଣଙ୍କ ସ୍ୱାସ୍ଥ୍ୟ ସ୍ୱାଭାବିକ ହେବ।



**କୁମ୍ଭ:** ଦୀର୍ଘଦିନ ଧରି ବନ୍ଦ ହୋଇଯାଇଥିବା କାର୍ଯ୍ୟଗୁଡ଼ିକ ସଂପୂର୍ଣ୍ଣ ହେବ। ପାରିବାରିକ ସମ୍ପର୍କ ସୁଦୃଢ଼ ହେବ। ଆପଣଙ୍କର ଭାବମୂର୍ତ୍ତିରେ ଉନ୍ନତି ଆଣିବାକୁ ଆପଣ ଏକ ସୁଯୋଗ ମଧ୍ୟ ପାଇପାରିବେ। ଚିନ୍ତା ସମାପ୍ତ ହୋଇପାରିବ। ଦିନଟି ଆପଣଙ୍କ ପାଇଁ ଉତ୍ସାହଜନକ ଏବଂ ମନୋରଞ୍ଜନ ପୂର୍ଣ୍ଣ ରହିବ।



**ମୀନ:** ଶାରୀରିକ ଭାବରେ ବ୍ୟସ୍ତ ରହିବେ। ଆପଣଙ୍କ କାମରୁ ପଛକୁ ଯାଆନ୍ତୁ ନାହିଁ। ଟଙ୍କା ରୋଜଗାର କରିବାର କିଛି ନୂତନ ଏବଂ ଭଲ ସୁଯୋଗ ମଧ୍ୟ ମିଳିପାରେ। ଆପଣଙ୍କର ଆତ୍ମବିଶ୍ୱାସ ଆଧାରରେ, ଅନ୍ୟମାନଙ୍କ ଠାରୁ ଭିନ୍ନ ପରିଚୟ ସୃଷ୍ଟି କରିବାରେ ସଫଳ ହେବେ। ଆୟ ବୃଦ୍ଧି ପାଇବ। ପିଲାମାନଙ୍କର ଅଗ୍ରଗତିରେ ଖୁସି ହେବେ।



ଜ୍ୟୋତିର୍ବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
ସେକ୍ଟର-୩/୩୦୯, ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯



ନୂଆପଡ଼ା(ଭାସ୍କର ନ୍ୟୁଜ୍): ନୂଆପଡ଼ା ଜିଲ୍ଲାର ପ୍ରତ୍ୟେକ ଶିବାଳୟରେ ମହାଶିବରାତ୍ରୀ ଉତ୍ସବ ଆନନ୍ଦ ଉଲ୍ଲାସରେ ପାଳିତ ହୋଇଯାଇଛି । ଏହି ଅବସରରେ ବିଭିନ୍ନ ଦେବାଳୟରେ ଅସମ୍ଭାଳ ଭିଡ଼ ପରିଲକ୍ଷିତ ହୋଇଥିଲା । ମନ୍ଦିରମାନଙ୍କରେ ପାରମ୍ପରିକ ପୂଜା ଅନୁଷ୍ଠିତ ହେଉଥିବାବେଳେ ସ୍ୱତନ୍ତ୍ର ପୂଜା ମଧ ହେବାର ଦେଖିବାକୁ ମିଳିଥିଲା। ନୂଆପଡ଼ାର ପତୋର ସ୍ଥିତ ଯୋଗେଶ୍ୱର ବାବା, ଖଡିଆଳ ସ୍ଥିତ କୋଶଳେଶ୍ୱର, ତ୍ରିବନ୍ଧ ସ୍ଥିତ ଭୁବନେଶ୍ୱର, ଭାଲୁଡୁଙ୍ଗରି ସ୍ଥିତ ବୁଢ଼ି କୋମନା ସ୍ଥିତ ଭୁବନେଶ୍ୱର ପାତାଳ ଗଙ୍ଗା ସ୍ଥିତ ସିଦ୍ଧେଶ୍ୱର, ହିରାମୁଣ୍ଡା ସ୍ଥିତ ବାଲୁଙ୍କେଶ୍ୱର, ସହ ତିଖଳି ସ୍ଥିତ ଇନ୍ଦ୍ରେଶ୍ୱର, ମନ୍ଦିର ଭିଡ ହୋଇଅଛି । ନୂଆପଡ଼ା, ସିନାପାଲି, କୋମନା, ବୋଡ଼େନ ଏବଂ ଖଡିଆଳର ସମସ୍ତ ଶିବାଳୟ ରେ ବହୁ ଭିଡ ଦେଖିବାକୁ ମିଳିଥିଲା । ପଡୋଶୀ ବରଗଡ଼ ଜିଲ୍ଲାର ନୃସିଂହନାଥ, ବଲାଙ୍ଗୀର ଜିଲ୍ଲା ହରିଶଙ୍କର ମନ୍ଦିରରେ ବ୍ୟାପକ ଭିଡ ହୋଇଅଛି । ଚଟରାଭଟା ସ୍ଥିତ ଶିବ ମନ୍ଦିରରେ ମଧ ଭକ୍ତମାନେ ଭିଡ଼ ଲଗାଇ ପୂଜା ଅର୍ଚ୍ଚନା କରିବାର ଦେଖାଯାଇଥିଲା ।



# ମହାଶିବରାତ୍ରୀରେ ହରିଶଙ୍କରରେ ଶ୍ରଦ୍ଧାଳୁଙ୍କ ଭିଡ଼



ଖପ୍ରାଖୋଲ(ଭାସ୍କର ନ୍ୟୁଜ) : ବଲାଙ୍ଗିର ଜିଲ୍ଲା ଖପ୍ରାଖୋଲ ବ୍ଲକର ପ୍ରମୁଖ ପୁଣ୍ୟ କ୍ଷେତ୍ର ହରିଶଙ୍କର ଠାରେ ମହାଶିବରାତ୍ରୀ ଅବସରରେ ଶ୍ରଦ୍ଧାଳୁଙ୍କ ଭିଡ ଦେଖିବାକୁ ମିଳିଛି । ଦୂରଦୂରାନ୍ତରୁ ହଜାର ହଜାର ଶ୍ରଦ୍ଧାଳୁ ହରିଶଙ୍କର ପହଞ୍ଚି ଚିରସ୍ରୋତା ପାପନାଶିନୀ ଝରଣା ରେ ବୁଡ଼ ପକାଇ ମନ୍ଦିରରେ ଠାକୁର ଦର୍ଶନ କରିଥିଲେ । ଟାଣ ଖରାରେ ମଧ ଶ୍ରଦ୍ଧାଳୁ ମାନେ ଲମ୍ବା ଧାଡ଼ିରେ ରହି ଘଣ୍ଟା ଘଣ୍ଟା ଅପେକ୍ଷା କରି ଠାକୁରଙ୍କ ଦର୍ଶନ କରୁଥିବା ଦେଖାଯାଇଛି । ଏହି ଅବସରରେ ପୂଜକ ମାନେ ହରିଶଙ୍କର ଠାକୁରଙ୍କୁ ସ୍ୱତନ୍ତ୍ର ପୂଜା ନୀତି କରିବା ସହିତ ମଧ ରାତ୍ରୀରେ ମହାଦୀପ ମନ୍ଦିର ଉପରକୁ ଚଢ଼ିଲା ପରେ ଫଳ ମୂଳ ଭୋଗ ଲାଗିକରି ଶ୍ରଦ୍ଧାଳୁଙ୍କୁ ବାଣ୍ଟି ଥିଲେ । ଦିନ ସାରା ଭିଡ଼ ପରିଲକ୍ଷିତ ହୋଇଥିବା ବେଳେ ସନ୍ଧ୍ୟାରେ ସଙ୍କୀର୍ତ୍ତନ ପରିବେଷିତ ହୋଇଥିଲା । ପାଟଣାଗଡ଼ର ସୁର ସଙ୍ଗମ ସାଂସ୍କୃତିକ ଦଳ ତରଫରୁ ଭଜନ ପରିବେଷଣ ହୋଇଥିବା ବେଳେ ଭଜନର ତାନେ ତାନେ ଶ୍ରଦ୍ଧାଳୁ ଝୁମିଥିଲେ । ଏହି ଅବସରରେ ଶାନ୍ତି ଶୃଙ୍ଖଳା ରକ୍ଷା ଓ ଭିଡ ନିୟନ୍ତ୍ରଣ ପାଇଁ ପୋଲିସ ମୁତୟନ ହୋଇଥିବା ବେଳେ ବଲାଙ୍ଗିର ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଜି ମଲ୍ଲିକ, ପାଟଣାଗଡ଼ ଉପଖଣ୍ଡ ଆରକ୍ଷୀ ଅଧିକାରୀ ସଦାନନ୍ଦ ପୁଝାରୀ, ଖପ୍ରାଖୋଲ ଥାନା ଅଧିକାରୀ ନରେନ୍ଦ୍ର ଛତର ପ୍ରମୁଖ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ରହିଥିଲେ । ସେହିପରି ପ୍ରଶାସନ ତରଫରୁ ବିଡ଼ିଓ ବିବେକାନନ୍ଦ ଷଡ଼ଙ୍ଗୀ, ତହସିଲଦାର ଆଦିତ୍ୟ ପ୍ରସାଦ ମିଶ୍ର, ସହକାରୀ ତହସିଲଦାର ସତ୍ୟ ପ୍ରକାଶ ରାଉତରାୟ, ମନ୍ଦିର ପରିଚାଳକ ଗୁପ୍ତେଶ୍ୱର କୁଅଁର ପ୍ରମୁଖ ଉପସ୍ଥିତ ଥିଲେ । ଶିବରାତ୍ରୀ ଅବସରର କନ୍ଦରାଭଟା ତ୍ରିଲିଙ୍ଗେଶ୍ୱର୍ ପୀଠରେ ମଧ ଜନସମାଗମ ହେବା ସହିତ ଅଷ୍ଟପ୍ରହର ନାମ ସଙ୍କୀର୍ତ୍ତନ ଅନୁଷ୍ଠିତ ହୋଇଥିଲା ।

## ପୌରପରିଷଦ କାଉନସିଲ ବୈଠକ

ପାରଳାଖେମୁଣ୍ଡି (ଭାସ୍କର ନ୍ୟୁଜ) : ଗଜପତି ଜିଲ୍ଲା ପାରଳାଖେମୁଣ୍ଡି ସ୍ଥିତ ପୌରପରିଷଦର ବୈଠକ ଗୃହରେ ଅଧ୍ୟକ୍ଷା ନିର୍ମଳା ସେଠୀଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ ମାନ୍ୟବର ପାରଳା ବିଧାୟକ ଶ୍ରୀ ଇଂ. ରୁପେଶ କୁମାର ପାଣିଗ୍ରାହୀ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ । ଏହି ବୈଠକରେ ଆର୍ଥିକ ବର୍ଷ ୨୦୨୪-୨୫ ସକାଶେ ଉନ୍ନତି ମୂଳକ କାର୍ଯ୍ୟ ଖସଡ଼ା ପ୍ରସ୍ତୁତି ସମ୍ବନ୍ଧେ ଏବଂ ଆର୍ଥିକ ବର୍ଷ ୨୦୨୫-୨୬ ପାଇଁ ପ୍ରସ୍ତୁତ କରାଯାଇଥିବା ବଜେଟ ଉପସ୍ଥାପନା ଓ ମଞ୍ଜୁରୀ ବିଷୟରେ ଆଲୋଚନା କରାଯାଇଥିଲା । ଏହି ବୈଠକରେ ବିଧାୟକ ସମେତ ପୌରପରିଷଦ ଅଧ୍ୟକ୍ଷା ନିର୍ମଳା ସେଠୀ, ଉପାଧ୍ୟକ୍ଷ ଲେଙ୍କା ମଧୁ, କାର୍ଯ୍ୟନିର୍ବାହୀ ଅଧିକାରୀ ଗୌରଚନ୍ଦ୍ର ପଟ୍ଟନାୟକ,ବିଜୁ ଜନତା ଦଳର ସମସ୍ତ କାଉନ୍ସିଲର ପ୍ରମୁଖ ଉପସ୍ଥିତ ଥିଲେ । ସମସ୍ତ କାର୍ଯ୍ୟକ୍ରମକୁ ହର ଡି. ଯୁଧିଷ୍ଠିର ପରିଚାଳନା କରିଥିଲେ ।




## ■ ଆଞ୍ଚଳିକ ବିରାଟ ଧନୁଯାତ୍ରା ମହୋତ୍ସବ

# କଂସଙ୍କ ରାଜ ଦରବାର ଉଦ୍‌ଘାଟିତ



ବ୍ରଜରାଜନଗର(ଭାସ୍କର ନ୍ୟୁଜ) : (ଭାସ୍କର ନ୍ୟୁଜ): ଚାନ୍ଦନୀମାଲ ପଞ୍ଚାୟତ ଗ୍ରାମର ୨୭ତମ ମହାଶିବରାତ୍ରି ଜାଗରଯାତ୍ରା ଅବସରରେ ଆଞ୍ଚଳିକ ବିରାଟ ଧନୁଯାତ୍ରା ମହୋତ୍ସବ ଆରମ୍ଭ ହୋଇଯାଇଛି । ଛଅଦିନ ବ୍ୟାପି ଅନୁଷ୍ଠିତ ହେବାକୁ ଥିବା ଏହି ମହୋତ୍ସବ ଆସନ୍ତା ମାର୍ଚ୍ଚ ୨ ତାରିଖ ଉଦ୍‌ଯାପିତ ହେବ । ଏହି ଅବସରରେ କଂସଙ୍କ ରାଜ ଦରବାର ଉଦ୍‌ଘାଟିତ ହୋଇଯାଇଛି । ଉଦ୍ଘାଟନୀ ଉତ୍ସବରେ ବ୍ରଜରାଜନଗର ବନାଞ୍ଚଳ ଅଧିକାରୀ ରେସ୍ମା ଜାମଡ଼ାଲିଆ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିବାବେଳେ ସମ୍ମାନିତ ଅତିଥି ଭାବେ ଗୌଡ଼ମାଲ ସରପଞ୍ଚ ରାଜକୁମାର ସାଏ, ଚାନ୍ଦନୀମାଲ ଗୌନ୍ତିଆ ପ୍ରତାପ ପ୍ରଧାନ, ଆଇନଜୀବୀ ବିଶ୍ୱନାଥ ନାୟକ, ଅରୁଣ ମୁନ୍ଦ୍ରା, ସାମ୍ବାଦିକ ସଂଗ୍ରାମ ସାଏ, ଉପନଚରଣ ସାହୁ, ଚାନ୍ଦନୀମାଲ ମାଧ୍ୟମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ପ୍ରଦୀପ ବଡ଼ାଇ ଯୋଗ ଦେଇଥିଲେ । ଚାନ୍ଦନୀମାଲ ସରପଞ୍ଚ ଲକ୍ଷ୍ମୀଧର ମିଶ୍ର କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିଲେ । ମଞ୍ଚ ପରିଚାଳନା ଆୟୋଜକ କମିଟି ସଭାପତି ପ୍ରମୋଦ ପ୍ରଧାନ କରିଥିଲେ । ଧନୁଯାତ୍ରା ଅବସରରେ ଚାନ୍ଦନୀମାଲ ଯାତ୍ରା ପଡ଼ିଆ ମଥୁରା ନଗରୀ ଓ ଉମା ଶଙ୍କର ମନ୍ଦିର ପଡ଼ିଆକୁ ଗୋପପୁର ଭାବେ ରୂପାନ୍ତରିତ କରାଯାଇଛି । ଆଜି ପ୍ରଥମ ଦିବସରେ ମଥୁରାରେ ମହାରାଜ ଉଗ୍ରସେନଙ୍କ ନଗର ଭ୍ରମଣ, ବାସୁଦେବଙ୍କ ସହିତ ଦେବକୀର ବିବାହ, ଦେବକୀ ବାସୁଦେବଙ୍କୁ କାରାଗାର ପ୍ରେରଣ, ଉଗ୍ରସେନ ମହାରାଜଙ୍କ ଗାଦିଚ୍ୟୁତ, କଂସ ମହାରାଜଙ୍କ ରାଜ୍ୟାଭିଷେକ, କୃଷ୍ଣ ଜନ୍ମ, ବାସୁଦେବ କୃଷ୍ଣକୁ ନେଇ ଗୋପପୁର ଯାତ୍ରା, ବିଜୁଳି କନ୍ୟା ସହ ମଥୁରା ପ୍ରତ୍ୟାବର୍ତ୍ତନ ଆଦି ଦୃଶ୍ୟ ଅଭିନୀତ ହୋଇଥିଲା । ଏହି ଅବସରରେ କଂସ ମହାରାଜ ସାମ୍ବାଦିକ ସଂଗ୍ରାମ ସାଏ ଓ ଉପନ ଚରଣ ସାହୁଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ଆୟୋଜକ କମିଟି ସଭାପତି ପ୍ରମୋଦ ପ୍ରଧାନ, ସମ୍ପାଦକ ପର୍ଶୁରାମ ରୋହିଦାସ, କୋଷାଧ୍ୟକ୍ଷ ଲିଙ୍ଗରାଜ ରୋହିଦାସ ପ୍ରମୁଖ ଆଜିର କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

## ଦଶମଶ୍ରେଣୀ ଛାତ୍ରୀ ପ୍ରସବ ଘଟଣା

# ସମ୍ପର୍କୀୟ ଯୁବକ ଗିରଫ



ମାଲକାନାଗିର(ଭାସ୍କର ନ୍ୟୁଜ୍): ମାଲକାନଗିରି ଜିଲା ଚିତ୍ରକୋଣ୍ଡା ବ୍ଲକର ଅନୁସୂଚିତ ଜାତି ଜନଜାତି ଉଚ୍ଚ ବିଦ୍ୟାଳୟରେ ଛାତ୍ରୀଙ୍କ ପ୍ରସବ ଘଟଣାରେ ସମ୍ପୃକ୍ତ ଥିବା ଜଣେ ଯୁବକଙ୍କୁ ଚିତ୍ରକୋଣ୍ଡା ପୋଲିସ ଗିରଫ ପରେ ବୁଧବାର କୋର୍ଟଚାଲାଣ କରିଛି । ସେ ହେଲେ ଚିତ୍ରକୋଣ୍ଡା ଥାନା ଦିସାରିଗୁଡ଼ା ଗ୍ରାମର ସୁଶାନ୍ତ ଖିଲ (୨୨) ଛାତ୍ରୀଙ୍କ ସମ୍ପର୍କୀୟ । କୋର୍ଟ ଚାଲାଣ ପରେ ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି । ସୂଚନା ଅନୁଯାୟୀ, ଗତ ସୋମବାର ଛାତ୍ରୀ ଜଣକ ମାଟ୍ରିକ୍ ପରୀକ୍ଷା ଦେଇ ଛାତ୍ରୀନିବାସକୁ ଫେରିବା ପରେ ସନ୍ଧ୍ୟାରେ ପ୍ରସବ ଯନ୍ତ୍ରଣା ଅନୁଭବ କରି ଏକ କନ୍ୟା ସନ୍ତାନ ଜନ୍ମ ଦେଇଥିଲେ । ଏହି ଘଟଣା ବିଦ୍ୟାଳୟ କର୍ତ୍ତୃପକ୍ଷ ଜାଣିବା ପରେ ପରିବାରବର୍ଗଙ୍କୁ ଖବର ଦେଇଥିଲେ । ପରିବାର ଲୋକେ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ଦାୟୀକରି ଥାନାରେ ଅଭିଯୋଗ କରିଥିଲେ । ପୋଲିସ ପହଞ୍ଚି ନାବାଳିକାଙ୍କ ସହ ନବଜାତକକୁ ଚିତ୍ରକୋଣ୍ଡା ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ । ପରେ ତାଙ୍କୁ ମାଲକାନଗିରି ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା । ଏହି ଘଟଣାକୁ ନେଇ ଚିତ୍ରକୋଣ୍ଡା ପୋଲିସ ପ୍ରାଥମିକ ତଦନ୍ତ ପରେ ଏଥିରେ ଦିସାରିଗୁଡା ଗ୍ରାମର ସୁଶାନ୍ତଙ୍କ ସମ୍ପୃକ୍ତି ଥିବା ଜାଣି ତାଙ୍କୁ ଥାନାକୁ ଆଣି ଅଟକ ରଖି ତଦନ୍ତ ଚଳାଇଲା ।

# ବାର୍ଷିକ ଉତ୍ସବ ପାଳିତ



ପାରଳାଖେମୁଣ୍ଡି (ଭାସ୍କର ନ୍ୟୁଜ) : ସରକାରୀ ଉଚ୍ଚପ୍ରାଥମିକ ବିଦ୍ୟାଳୟ, ବ୍ରାହ୍ମଣ ସୀତାପୁର (ଗୋଷାଣି ବ୍ଲକ)ଠାରେ ବିଦ୍ୟାଳୟର ବାର୍ଷିକୋତ୍ସବ ମହା ସମାରୋହରେ ପାଳିତ ହୋଇ ସାରିଛି । ଏଥିରେ ମୁଖ୍ୟ ଅତିଥି ଭାବେ କେରାଣ୍ଡି ସରପଞ୍ଚ ୱାଇ. ଦଣ୍ଡପାଣି, ମୁଖ୍ୟବକ୍ତା ଭାବେ ସହ ଗୋଷ୍ଠୀ ଶିକ୍ଷାଧିକାରୀ ଏନ.ଭିମଲ, ସମ୍ମାନିତ ଅତିଥି ଭାବେ ପି. କ୍ରିଷ୍ଣା, ଟି.ଦିଲ୍ଲୀମା, ସିହେଚ. ଗୌରୀ, ଇଞ୍ଜିନିୟର ବିନୋଦ କୁମାର କିସାନ,ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ନିବେଦିତା ପଟ୍ଟନାୟକ ପ୍ରଭୃତି ଯୋଗଦେଇ ପରିଶ୍ରମ ସଫଳତାର ଚାବିକାଠି ସମ୍ପର୍କରେ କାହାଣୀ ମାଧ୍ୟମରେ ବୁଝାଇଥିଲେ । ଗୁଣାତ୍ମକ ପ୍ରାଥମିକ ଶିକ୍ଷାର ପ୍ରଚାର ପ୍ରସାର ପାଇଁ ଶିକ୍ଷକ /ଶିକ୍ଷିକାଙ୍କ ପ୍ରମୁଖ ଭୂମିକା ସମ୍ପର୍କରେ ମଧ ସମସ୍ତ ଅତିଥି ବୁଝାଇଥିଲେ । ପୁରସ୍କାର ବିତରଣ, ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ସମସ୍ତ କାର୍ଯ୍ୟକ୍ରମକୁ ପ୍ରଧାନ ଶିକ୍ଷକ ଭି.ନାରାୟଣ ରାଓ, ଦେବଦତ୍ତ ବେବର୍ତ୍ତା, କବିତା ପାଣିଗ୍ରାହୀ, ସୁକାନ୍ତି ପାଢ଼ୀ, ଧରିତ୍ରୀ ଦାଶ, ଏସ. ସଂଗିତା ପରିଚାଳନା କରିଥିଲେ ।

# କମାଣ୍ଡର ସହ ୫୧୬ କେଜି ଗଞ୍ଜେଇ ଜବତ

କୋରାପୁଟ(ଭାସ୍କର ନ୍ୟୁଜ) : ଗଞ୍ଜେଇ ଚୋରା ଚାଲାଣ ରୋକିବାରେ ନନ୍ଦପୁର ବ୍ଲକ ପାଡୁଆ ଥାନା ପୋଲିସକୁ ମିଳିଛି ବଡ ସଫଳତା । ପୋଲିସ କମାଣ୍ଡର ଜିପ୍ ସହ ୫୧୬ କେଜିରୁ ଉର୍ଦ୍ଧ୍ୱ ଗଞ୍ଜେଇ ଜବତ କରିଛି । ତେବେ ଗାଡି ଚାଳକ ଏବଂ ଗଞ୍ଜେଇ ଚାଲାଣକାରୀ ଫେରାର ହୋଇ ଯାଇଥିବା ଜଣାପଡିଛି । ସୂଚନା ଅନୁଯାୟୀ, ନନ୍ଦପୁର ଏସଡ଼ିପିଓ ଦେବେନ୍ଦ୍ର କୁମାର ମଲ୍ଲିକଙ୍କ ନିର୍ଦ୍ଦେଶକ୍ରମେ ରାତି ୧୧ଟା ସମୟରେ ଏସଆଇ ହିମାଂଶ ବେନିଆ, ଏସଆଇ ରୁଦ୍ର ମାଝିଙ୍କ ସମେତ ପୋଲିସ କର୍ମଚାରୀ ବାଲଡା, ବାଡେଲ ଓ ହାଣ୍ଡିପୁଟ ଅଞ୍ଚଳରେ ପାଟ୍ରୋଲିଂ କରୁଥିଲେ । ଏହି ସମୟରେ ଦୋରା ସୁବୁଲାର ଗାଁ ନିକଟ ଜଙ୍ଗଲରେ ଗଞ୍ଜେଇ ଗଚ୍ଛିତ ରଖାଯାଇଥିବା ବିଶେଷ ସୂତ୍ରରୁ ଖବର ପାଇଥିଲା ପୋଲିସ ଟିମ୍ । ଏହାପରେ ପୋଲିସ ଟିମ୍ ସେହି ସ୍ଥାନରେ ଚଢଉ କରିଥିଲା। ତେବେ ପୋଲିସ ଆସିବା ପୂର୍ବରୁ ଚାଲାଣକାରୀ ଚମ୍ପଟ ମାରିଥିଲେ । ସେଠାରେ ଏକ କମାଣ୍ଡର ଜିପ୍ (ଏପି୧୨ଜି ୧୬୫୧)ରେ ୪ଟି ବସ୍ତାରେ ଗଞ୍ଜେଇ ରହିଥିବାବେଳେ ପାର୍ଶ୍ୱରେ ତଳେ ୩୦ବସ୍ତା ଗଞ୍ଜେଇ ରଖାଯାଇଥିଲା । ପୋଲିସ ସମସ୍ତ ଗଞ୍ଜେଇ ବସ୍ତାଗୁଡିକ ସହ ଗାଡିକୁ ଜବତ କରିଥିଲା । ତହସିଲଦାର ପ୍ରଭାତୀ ଝୋଡିଆଙ୍କ ଉପସ୍ଥିତିରେ ଗଞ୍ଜେଇ ଓଜନ କରିବାରୁ ୫୧୬କେଜି ୮୦୦ଗ୍ରାମ ଥିବା ଜଣାପଡିଛି । ଏନେଇ ଥାନାରେ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଥିବା ପୋଲିସ କହିଛି ।

# ମହାସମାରୋହରେ ଜାଗରଯାତ୍ରା ସଂପନ୍ନ



କୁଚିଣ୍ଡା (ଭାସ୍କର ନ୍ୟୁଜ) :କୁଚିଣ୍ଡାର ବିଭିନ୍ନ ଶୈବପୀଠରେ ମହା ସମାରୋହରେ ଜାଗର ଯାତ୍ରା ସଂପନ୍ନ ହୋଇଅଛି । ଉପାସକ ମହିଳା ଓ ପୁରୁଷ ଭକ୍ତ ଜାଗର ଜାଳି ବସିଥିବାବେଳେ, ଦର୍ଶନ ପାଇଁ ଅସମ୍ଭବ ଭିଡ଼ ପରିଲକ୍ଷିତ ହୋଇଥିଲା । କୁଚିଣ୍ଡା ସହର ଦକ୍ଷିଣ ଦିଗସ୍ଥିତ ବିଶ୍ୱେଶ୍ୱର,ଉତ୍ତରରେ କୁଣ୍ଡେଶ୍ୱର, କିରାଶାସନ ଶିବ ମନ୍ଦିର, ଜୟପୁର ଗଡ଼ ପ୍ରସିଦ୍ଧ ଶୈବପୀଠ , ଜମନକିରା ମୁକ୍ତେଶ୍ୱର ଓ ଶଗଡ଼େଶ୍ୱର ଏବଂ ବାମରାର ସମସ୍ତ ପ୍ରସିଦ୍ଧି ଶୈବପୀଠମାନଙ୍କରେ ଉପାସକ ନିଷ୍ଠାର ସହ ବସିଥିଲେ, ମହାଦୀପ ଉଠିବା ପରେ, ବ୍ରତସଂପନ୍ନ କରି ନିଜ ଘରକୁ ଫେରିଛନ୍ତି । ତେବେ ପ୍ରଭୁଙ୍କ ଦର୍ଶନ ପାଇଁ ଅସମ୍ଭବ ଭିଡ଼ ହୋଇଥିଲା । ଶାନ୍ତି ଶୃଙ୍ଖଳା ନିମନ୍ତେ ସବୁଠି ପୋଲିସ ସୁରକ୍ଷା ବ୍ୟବସ୍ଥାରେ ରହିଥିଲେ । କୌଣସି ଠାରେ ଅପ୍ରୀତିକର ପରିସ୍ଥିତି ହୋଇନଥିବା ଜଣାଯାଇଛି ।

## ଜଗନ୍ନାଥ ମନ୍ଦିରର ପ୍ରତିଷ୍ଠା ଦିବସ



ବ୍ରଜରାଜନଗର(ଭାସ୍କର ନ୍ୟୁଜ): ବ୍ରଜରାଜନଗର ଜଗନ୍ନାଥ ମନ୍ଦିରର ୪୦ ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ଗତ ସୋମବାର ଦିନ କଳସ ସ୍ଥାପନ ଓ ଅଧିବାସ ପରେ ମଙ୍ଗଳବାର ଦିନ ବିଶ୍ୱଶାନ୍ତି ମହାଯଜ୍ଞ ଆରମ୍ଭ ହୋଇ ବୁଧବାର ଦିନ ମହାଶିବରାତ୍ରିରେ ସମାପିତ ହୋଇଛି । ବୁଧବାର ସଂଧ୍ୟାରେ ଯଜ୍ଞ ପୂର୍ଣ୍ଣାହୂତି ବେଳେ ସ୍ଥାନୀୟ ଅଞ୍ଚଳର ଶ୍ରଦ୍ଧାଳୁମାନେ ସାମିଲ ହୋଇଥିଲେ । ବିଶ୍ୱଶାନ୍ତି ମହାଯଜ୍ଞରେ ଦଶରଥ ମିଶ୍ର ଓ ତାଙ୍କ ଧର୍ମପତ୍ନୀ ମୀନତି ମିଶ୍ର କର୍ତ୍ତା ଥିଲେ । ପୁରୀରୁ ଆସିଥିବା ପଣ୍ଡିତ ଗଗନ ଷଡ଼ଙ୍ଗୀ, ଅନିଲ ନନ୍ଦ ଓ କଳ୍ପତରୁ ଶତପଥୀଙ୍କ ତତ୍ତ୍ୱାବଧାନରେ ପୂଜା କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା । ମନ୍ଦିର ପରିଚାଳନା କମିଟି ତରଫରୁ ଯୁଧିଷ୍ଠିର ନାୟକ, ଅର୍ଜୁନ ଧଳ, ଆର୍ତ୍ତତ୍ରାଣ ବେହେରା, ସୁରେଶ ବିଶ୍ୱାଳ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

# ଶୋକ ସଭା

ପାରଳାଖେମୁଣ୍ଡି (ଭାସ୍କର ନ୍ୟୁଜ) : ସ୍ଥାନୀୟ ଉତ୍କଳ ହିତୈଷିଣୀ ସମାଜ ସଭା ଗୃହରେ ଦିବଙ୍ଗତ ମନ୍ମଥ ପାଢ଼ୀଙ୍କ ଏକ ଶୋକସଭା ଉତ୍କଳ ସମ୍ମିଳନୀର ରାଜ୍ୟ ଉପସଭାପତି ଉପାନ୍ତ ପ୍ରହରୀ ପୂର୍ଣ୍ଣଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ସ୍ୱର୍ଗତ ମନ୍ମଥ ପାଢୀ ଏ ମାଟିର ଜଣେ ସାହିତ୍ୟ ସାଧକ ଥିଲେ । ଏହି ବ୍ରହ୍ମପୁର ବାସିନ୍ଦା ଗତକାଲି ସନ୍ଧ୍ୟାରେ ବ୍ରହ୍ମପୁର ଠାରେ ୮୮ବର୍ଷରେ ଦେହାନ୍ତ ହେଲେ । ଜଣେ ଉଚ୍ଚକୋଟିର ସାହିତ୍ୟ ସାଧକ, ସାମାଜିକ କର୍ମୀ ଭାବେ ଦକ୍ଷିଣ ଓଡ଼ିଶାରେ ବେଶ୍ ନାମ କରିପାରିଛନ୍ତି । ସେ ପ୍ରାକ୍ତନ ଉତ୍କଳ ସମ୍ମିଳନୀର ସଭାପତି ମଧ ଥିଲେ । ଜିଲ୍ଲା ଉତ୍କଳ ସମ୍ମିଳନୀର ସଭାପତି ଭାରତ ଭୂଷଣ ମହାନ୍ତି,ସମ୍ପାଦକ ଆଚାର୍ଯ୍ୟ ବିନୋଦ ଚନ୍ଦ୍ର ଜେନା, ସହ ସମ୍ପାଦକ ବିଚିତ୍ରାନନ୍ଦ ବେବର୍ତ୍ତାଙ୍କ ସହ ମୁରଲୀଧର ପରିଛା, ତ୍ରିପତି ପ୍ରସାଦ ପଣ୍ଡା, ଅଶ୍ୱିନୀ ପାଢ଼ୀ, ଜଗଦୀଶ ମହାପାତ୍ର, ସୁରେଶ ଦାସ, ନବୀନ ନାୟକ, ପ୍ରଭୃତି ଯୋଗଦାନକରି ଦିବଂଗତ ପାଢୀଙ୍କୁ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ପ୍ରଦାନ କରିଥିଲେ ।

## ମାଓବାଦୀଙ୍କ ଔଷଧୀୟ ଡମ୍ପ୍ ଓ ଅତ୍ୟାଧୁନିକ ଚକ୍ଷୁ ପରୀକ୍ଷା ମେସିନ୍ ଠାବ

ମାଲକାନଗିରି(ଭାସ୍କର ନ୍ୟୁଜ) : ମାଓ ଦମନ ପାଇଁ ଜାରିଥିବା ତଲାସି ଅଭିଯାନବେଳେ ମାଓବାଦୀଙ୍କ ଔଷଧୀୟ ଓ ଅତ୍ୟାଧୁନିକ ଚିକିତ୍ସା ଉପକରଣ ଗଚ୍ଛିତ ଥିବା ଡମ୍ପ ଠାବ କରି ଅନେକ ସାମଗ୍ରୀ ଜବତ କରିଛି ସୁରକ୍ଷା ବଳ । ସୂଚନା ଅନୁଯାୟୀ ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡର ସୁକୁମା ଜିଲ୍ଲା ଅନ୍ତର୍ଗତ ମିନାଭଟ୍ଟା ଜଙ୍ଗଲରେ ମାଓ ଦମନ ନିମନ୍ତେ ପୋଲିସ ଓ ଯବାନଙ୍କ ଦ୍ୱାରା ମାଓ ଦମନ ନିମନ୍ତେ ତଲାସି ଅଭିଯାନ ଜାରି ରହିଥିଲା । ତେବେ ଏହି ସମୟରେ ଜଙ୍ଗଲ ଭିତରୁ ମାଓବାଦୀଙ୍କ ପକ୍ଷରୁ କରାଯାଇଥିବା ଔଷଧୀୟ ଭଣ୍ଡାର ଠାବ କରିଥିଲେ ଯବାନମାନେ । ଯେଉଁଥିରୁ ଅନେକ ଦାମୀ ଦାମୀ ମେଡିକାଲ ସାମଗ୍ରୀ ମିଳିଛି । ପ୍ରାୟ ୨୦ ଲକ୍ଷ ଟଙ୍କାର ଅତ୍ୟାଧୁନିକ ଚକ୍ଷୁ ପରୀକ୍ଷା କରିବା ଲାଗି ଏକ କମ୍ପ୍ୟୁଟରାଇଜ ମେସିନ ମଧ ସେଠାରୁ ଠାବ ହୋଇଛି । ଯାହା କେବଳ ବଡ ବଡ ଡାକ୍ତରଖାନାରେ ଉପଲବ୍ଧ ହୋଇଥାଏ । ଏହି ମେଡିସିନ୍ ଡମ୍ପ ଠାବ ହେବା ପରେ ଆଖପାଖ ଜଙ୍ଗଲରେ ଅପରେସନକୁ ଜୋରଦାର କରାଯାଇଛି ବୋଲି ସୁକୁମା ଏସ୍‌ପି କିରଣ ଚୌହାନ ସୂଚନା ଦେଇଛନ୍ତି । ତେବେ ଗତ କିଛିଦିନ ହେବ ମାଓ ଅଞ୍ଚଳରେ ପୋଲିସ ଓ ସୁରକ୍ଷାକର୍ମୀଙ୍କ ପକ୍ଷରୁ କରାଯାଇଥିବା ଜୋରଦାର ଅପରେସନରେ ଅନେକ ମାଓବାଦୀ ନିହତ ଓ ଆହତ ହୋଇଥିବାବେଳେ ଜଙ୍ଗଲ ଭିତରେ ରହି ନିଜର ଚିକିତ୍ସା କରିବା ପାଇଁ ଏହି ସବୁ ସାମଗ୍ରୀର ବ୍ୟବହାର କରୁଥିବା ଅନୁମାନ କରାଯାଉଛି ।



# ଜିଲ୍ଲାର ସବୁ ଶୈବପୀଠରେ ମହାଶିବରାତ୍ରୀ ପାଳିତ



କନ୍ଧମାଳ(ଭାସ୍କର ନ୍ୟୁଜ) : ପବିତ୍ର ମହା ଶିବରାତ୍ରୀରେ ସମଗ୍ର କନ୍ଧମାଳ ଜିଲ୍ଲାରେ ସମସ୍ତ ଶୈବପୀଠରେ ଚଳଚଞ୍ଚଳ ଦେଖିବାକୁ ମିଳିଛି । ବିଶେଷ କରି କନ୍ଧମାଳ ଜିଲ୍ଲାର ଚକାପାଦ ବ୍ଲକର ପ୍ରସିଦ୍ଧ ବିରୁପାକ୍ଷ ମନ୍ଦିର ପରିସରରେ ପ୍ରବଳ ଜନଗହଳି ଦେଖିବାକୁ ମିଳିଥିଲା । ଏଥି ସହିତ ଟିକାବାଲି ନିକଟସ୍ଥ ଡୁଙ୍ଗୀ ଠାରେ ଅବସ୍ଥିତ ପ୍ରାଚୀନ ଫୁଟାଲିଙ୍ଗ ମହା ମୃତ୍ୟୁଞ୍ଜୟ ବାବା ଗୁପ୍ତେଶ୍ୱର, ଜଳେଶ୍ୱର ଭୋଳାନାଥ, ପଞ୍ଚ ଲିଙ୍ଗେଶ୍ୱର ମନ୍ଦିରରେ ସକାଳୁ ସକାଳୁ ଭକ୍ତଙ୍କ ଲମ୍ବା ଲାଇନ ଦେଖିବାକୁ ମିଳିଥିଲା । ଦିନ ରାତି ଅଷ୍ଟ ପ୍ରହରୀ ନାମଯଜ୍ଞ ଚାଲୁ ରହିଥିଲା । ଭକ୍ତଙ୍କ ମନୋରଞ୍ଜନ ନିମନ୍ତେ ରାମଦୋଳି , ମୀନାବଜାର ସହ ବିଭିନ୍ନ ଖାଦ୍ୟ ବିପଣି ଷ୍ଟଲ୍ ଖୋଲାଯାଇଛି । ରାତ୍ରି ଜାଗର ନିମନ୍ତେ ଭକ୍ତଙ୍କ ପାଇଁ ସବୁ ପ୍ରକାର ବ୍ୟବସ୍ଥା କରାଯାଇଛି । ମହାଦୀପ ଉଠିବା ପର୍ଯ୍ୟନ୍ତ କିପରି ସମସ୍ତେ ଶାନ୍ତି ଶୃଙ୍ଖଳାର ସହ ଦର୍ଶନ କରିବେ ସେ ନେଇ ଟିକାବାଲି ପୋଲିସ ପକ୍ଷରୁ ପୋଲିସ ମୁତୟନ କରାଯାଇଛି । ସେହିପରି ମାଦିକୁନ୍ଦା ଛକ ଠାରେ ଥିବା ଶୈବ ପୀଠରେ ମଧ ପ୍ରବଳ ଭିଡ ଜମି ଥିବାର ଦେଖିବାକୁ ମିଳିଥିଲା । ହଜାର ହଜାର ଭକ୍ତଙ୍କ ନିମନ୍ତେ ମନ୍ଦିର ପରିସରରେ ଆମ ଟିଭି କନ୍ଧମାଳ ପକ୍ଷରୁ ମିଠା ହାଲୁଆ ପ୍ରସାଦ ବ୍ୟବସ୍ଥା କରାଯାଇଥିଲା । ସାଲୁଙ୍କି ସାହିରେ ଥିବା ମହାଦେବ ମନ୍ଦିର ପରିସରରେ ସନ୍ଧ୍ୟାରେ ମେଲୋଡି କାର୍ଯ୍ୟକ୍ରମ ହୋଇଥିବା ବେଳେ ମହାଦୀପ ଉଠିବା ପରେ ପୌରାଣିକ ନାଟକ ଆରମ୍ଭ ହୋଇଥିଲା ।

# ଘୁମରେଶ୍ୱର ଶୈବପୀଠରେ ଭକ୍ତଙ୍କ ସହ ଦର୍ଶନ କଲେ ବିଧାୟକ



ତେନ୍ତୁଳିଖୁଣ୍ଟି (ଭାସ୍କର ନ୍ୟୁଜ) : ନବରଙ୍ଗପୁର ଜିଲ୍ଲା ତେନ୍ତୁଳିଖୁଣ୍ଟି ବ୍ଲକ ଝରିଗୁମ୍ମା ପଞ୍ଚାୟତ ଅନ୍ତର୍ଗତ ଘୁମରେଶ୍ୱର ଶୈବପୀଠରେ ପ୍ରତ୍ୟେକ ବର୍ଷ ଭଳି ଚଳିତ ବର୍ଷ ମଧ ଧୂମଧାମରେ ମହାଶିବରାତ୍ରି ପାଳିତ ହୋଇଯାଇଛି । ଶୈବ ପୀଠରେ ହଜାର ହଜାର ଭକ୍ତ ଓ ଶ୍ରଦ୍ଧାଳୁମାନେ ଆସି ଦର୍ଶନ କରିଥିଲେ । ଭୋର୍ ୪ଟା ରୁ ନୀତି କାନ୍ତି ଆରମ୍ଭ ହୋଇ ହରିହର ଭେଟ ହୋଇ ଥିଲା । ରାତ୍ର ୯ ଘଣ୍ଟା ସମୟରେ ମହାଦୀପ ଉଠିଲା ପର୍ଯ୍ୟନ୍ତ ସମସ୍ତ କାର୍ଯ୍ୟ ଶାନ୍ତି ଶୃଙ୍ଖଳା ସହ ସମାପନ ହୋଇଥିଲା । ନବରଂଗପୁର ବିଧାୟକ ଗୌରୀଶଙ୍କର ମାଝୀ ଘୁମରେଶ୍ୱର ଶୈବ ପୀଠରେ ପହଞ୍ଚି ମହାଦେବଙ୍କ ଦର୍ଶନ କରି କମିଟି ସଦସ୍ୟ ଓ ଭକ୍ତ ମାନଙ୍କ ସହ ଭାବ ଆଦାନ ପ୍ରଦାନ କରିଥିଲେ । ବିଧାୟକଙ୍କ ସହ ଯୁବ ସରପଞ୍ଚ ମନମୋହନ ଦଳପତି, ଅଞ୍ଚଳ ଗୁମ୍ପା ମଣ୍ଡଳ ସଭାପତି ଅଭିମନ୍ୟୁ ହରିଜନ,ସାଧାରଣ ସମ୍ପାଦକ ଦେବଦାସ ମହାକୁଡ଼,ମଣ୍ଡଳ ପ୍ରତିନିଧି ସୂର୍ଯ୍ୟ ନାରାୟଣ ରନ୍ଧାରି,ସୁଧୀର ବିଷୋୟୀ, ଧବଳୁ ମାଝୀ ତ୍ରିପାଠି ବିଷୋୟୀ ରହିଥିଲେ । ଶୈବପୀଠରେ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ଭିଡ ଓ କମିଟି ସଦସ୍ୟମାନଙ୍କ ଦାୟିତ୍ୱ ଓ ସୁବ୍ୟବସ୍ଥା ଦେଖି ବିଧାୟକ ଶ୍ରୀ ମାଝୀ ଖୁସି ବ୍ୟକ୍ତ କରିଥିଲେ । ଚଳିତ ବର୍ଷ ଘୁମରେଶ୍ୱର ଶୈବ ପୀଠରେ ନବରଙ୍ଗପୁର ଅମରନାଥ ସେବା ସଂଘ ତରଫରୁ ଭକ୍ତମାନଙ୍କ ପାଇଁ ଅନ୍ନ ପ୍ରସାଦ ବଣ୍ଟନ କରାଯାଇ ଥିଲା । ପ୍ରାୟ ୧୦ ହଜାର ରୁ ଉର୍ଦ୍ଧ୍ୱ ଭକ୍ତ ପ୍ରସାଦ ସେବନ କରିଥିଲେ । ଭକ୍ତ ଓ ଶ୍ରଦ୍ଧାଳୁମାନଙ୍କ ପାଇଁ ମନ୍ଦିର ପରିଚାଳନା କମିଟି ଶାନ୍ତି ଶୃଙ୍ଖଳା ପାନୀୟ ଜଳ, ଆଲୋକ , ଟ୍ରାଫିକ ବ୍ୟବସ୍ଥା , ସାଜ ସଜ୍ଜା ସ୍ୱାସ୍ଥ୍ୟସେବା ଭଳି ସମସ୍ତ ସୁବିଧା କରିଥିଲେ । ସ୍ୱାସ୍ଥ୍ୟ ବିଭାଗ, ବିଜୁଳି ବିଭାଗ, ଅଗ୍ନିଶମ ବିଭାଗ, ପୋଲିସ ପ୍ରଶାସନଙ୍କ ପୂର୍ଣ୍ଣ ସହଯୋଗରେ ମହା ଶିବରାତ୍ରୀ ପାଳିତ ହୋଇଥିବାରୁ କମିଟି ତରଫରୁ ସମସ୍ତଙ୍କୁ ଧନ୍ୟବାଦ୍ ଅର୍ପଣ କରିଛନ୍ତି । ସେହିପରି ତେନ୍ତୁଳିଖୁଣ୍ଟି ବ୍ଲକର ଲିଙ୍ଗରାଜ ମନ୍ଦିର, ଲମତାଗୁଡା ଶିବ ମନ୍ଦିର,ସର୍ପ ମୁଣ୍ଡେଶ୍ୱର ମନ୍ଦିର, ମେଣ୍ଟ୍ରି, ଧଣ୍ଡରା, ପାତ୍ର ପୁଟ , କଣ୍ଟାଗାଁ,ଅମଳା ଭଟ୍ଟା, କଂଗ୍ରା, ମାଝୀ ଗୁଡା, ଗତିପୁଟ,କପୂର ସମସ୍ତ ଶିବ ମନ୍ଦିରରେ ମହା ଶିବରାତ୍ରି ପାଳିତ ହେବା ସହ ହଜାର ହଜାର ଭକ୍ତଙ୍କ ସମାବେଶ ଦେଖିବାକୁ ମିଳିଥିଲା ।

# କାର୍ ସହ ୩୦ କିଲୋ ଗଞ୍ଜେଇ ଜବତ, ଜଣେ ଗିରଫ

କନ୍ଧମାଳ(ଭାସ୍କର ନ୍ୟୁଜ) : ଗଞ୍ଜେଇର ଗନ୍ତାଘର ପାଲଟିଛି କନ୍ଧମାଳ । ପ୍ରତିଦିନ କିଛି ଗଞ୍ଜେଇ ଧରାପଡୁଛି । ଅଧିକାଂଶ ଗଞ୍ଜେଇ ମାଫିଆ ପୋଲିସ, ଅବକାରୀ ବିଭାଗର କିଛି ଅଧିକାରୀଙ୍କୁ ଧରି ଅତ୍ୟଧିକ ଗଞ୍ଜେଇ ଚୋରାରେ ପଠାଇ ଦେଉଥିବା ଖବର ମିଳୁଛି । କନ୍ଧମାଳ ଜିଲ୍ଲାରେ କିଛିଦିନ ହେଲା ଗଞ୍ଜେଇ କାରବାର ଉପରେ ରୋକ ଲଗେଇବା ପାଇଁ ଜିଲ୍ଲା ପୋଲିସ ପ୍ରଶାସନ ମୁଖ୍ୟ ଆରକ୍ଷୀ ଅଧିକ୍ଷକ ହରିଶ ବିସିଙ୍କ ନିର୍ଦ୍ଦେଶକ୍ରମେ ବିଭିନ୍ନ ଥାନା ପକ୍ଷରୁ ଚଢ଼ାଉ ଜାରିରହିଛି । ଅନୁରୂପ ଭାବରେ ଗଞ୍ଜେଇ କାରବାରକୁ ନେଇ ସବୁ ବେଳେ ଚର୍ଚ୍ଚାରେ ରହି ଆସୁଥିବା ଫିରିଙ୍ଗିଆ ଥାନା ପକ୍ଷରୁ ମଧ ବିଭିନ୍ନ ଜାଗାରେ ଚଢ଼ାଉ ଜାରିରହିଛି । ଏହି ପରିପ୍ରେକ୍ଷୀରେ ଫିରିଙ୍ଗିଆ ପୋଲିସ ଏକ କାର ସହ ଜଣେ ଆନ୍ତଃରାଜ୍ୟ ଗଞ୍ଜେଇ ମାଫିଆକୁ ଗିରଫ କରିବାରେ ସଫଳ ହୋଇଛି । କାରରୁ ୩୦ କିଲୋ ଗଞ୍ଜେଇ ଜବତ କରିଛି । ସୂଚନା ଅନୁସାରେ ମଙ୍ଗଳବାର ଥାନା ଅଧିକାରୀ ଗୋପୀନାଥ ପ୍ରଧାନଙ୍କ ନିର୍ଦ୍ଦେଶ କ୍ରମେ ଥାନାରେ କାର୍ଯ୍ୟରତ ଏସଆଇ ଅଜୟ କୁମାର ସାହୁ,ଏ ଏସ ଆଇ ପ୍ରମୋଦ କୁମାର ବେହେରାଙ୍କ ସହ ଏକ ଟିମ ପେଟ୍ରୋଲିଂ କରୁଥିବା ସମୟରେ ଫିରିଙ୍ଗିଆ ଫୁଲବାଣୀ ମୁଖ୍ୟ ରାସ୍ତା ମୁଖ୍ୟ ରାସ୍ତାର ଡିଣ୍ଡିରାଗାଁ ଆଦର୍ଶ ବିଦ୍ୟାଳୟ ନିକଟରେ ଫିରିଙ୍ଗିଆ ପଟୁ ଫୁଲବାଣୀ ପଟକୁ ଦ୍ରୁତଗତିରେ ଯାଉଥିବା ଏକ କାରକୁ ସନ୍ଦେହରେ ଅଟକାଇଥିଲେ । ପୋଲିସକୁ ଦେଖି କାରରୁ କିଛି ଲୋକ ଫେରାର ହୋଇଯାଇଥିବା ବେଳେ ଜଣେ ବ୍ୟକ୍ତିଙ୍କୁ ପୋଲିସ କାବୁ କରିବାରେ ସଫଳ ହୋଇଥିଲେ । ପରେ କାରକୁ ଯାଞ୍ଚ କରିବା ସମୟରେ କାର ଡ଼ିକିରୁ ୩୦ କିଲୋ ଗଞ୍ଜେଇ ଜବତ ହୋଇଥିଲା । ଗିରଫ ହୋଇଥିବା ବ୍ୟକ୍ତି ଜଣକ ନୟାଗଡ଼ ଜିଲ୍ଲା ଫତେଗଡ଼ ଥାନା ବଡ଼ସାହି ବାଇଗଣିଆ ଗାଁର ଶଶୀଧର ଦାସ ବୋଲି ଜଣାପଡିଥିବା ବେଳେ ସେ ଜଣେ ପେସାଦାର ଗଞ୍ଜେଇ ମାଫିଆ ବୋଲି ପ୍ରାଥମିକ ତଦନ୍ତରୁ ଜଣାପଡିଥିବା ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି । ଏହି ଘଟଣାରେ ଫିରିଙ୍ଗିଆ ଥାନାରେ ୪୬/୨୦୨୫ରେ ଏକ ମାମଲା ରୁଜୁ କରି ଗଞ୍ଜେଇ ସହ ଗିରଫ ମାଫିଆକୁ କୋର୍ଟ ଚାଲାଣ କରାଯାଇଥିବା ସୂଚନା ଦେଇଛନ୍ତି ଥାନା ଅଧିକାରୀ ଗୋପୀନାଥ ପ୍ରଧାନ ।



# ଶିବରାତ୍ରୀରେ ସାଂସ୍କୃତିକ କାର୍ଯ୍ୟକ୍ରମ

ପାରଳାଖେମୁଣ୍ଡି (ଭାସ୍କର ନ୍ୟୁଜ): ଗଜପତି ଜିଲ୍ଲା ପାରଳାଖେମୁଣ୍ଡି ସ୍ଥିତ ଗୁଣ୍ଡିଚାବାଡ଼ି ଠାରେ ମହା ଶିବରାତ୍ରି ଉପଲକ୍ଷେ ବନ୍ଦେ ମାତରାମ ନୃତ୍ୟ ଏବଂ ସଂଗୀତ ସ୍କୁଲ ତରଫରୁ ଏକ ସାଂସ୍କୃତିକ କାର୍ଯ୍ୟକ୍ରମ ମହାଶିବରାତ୍ରି ଜାଗର ଉତ୍ସବ ଆୟୋଜନ କରଯାଇଥିଲା । ଏହି ଉତ୍ସବରେ ପାରଳା ବିଧାୟକ ଇଂ ରୁପେଶ କୁମାର ପାଣିଗ୍ରାହୀ ମୁଖ୍ୟ ଅତିଥିଭାବେ ଯୋଗଦେବା ସହ ସମସ୍ତ ପାରଳାବାସୀଙ୍କୁ ମହା ଶିବରାତ୍ରିର ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣେଇଥିଲେ ଏବଂ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ପ୍ରଦୀପ ପ୍ରଜ୍ୱଳନ କରି ବିଧାୟକ ଏହି ଉତ୍ସବର ଶୁଭାରମ୍ଭ କରିଥିଲେ । ଏହି ଉତ୍ସବରେ ନୃତ୍ୟ ପରିବେଷଣ କରିଥିବା ଛାତ୍ର ଛାତ୍ରୀମାନଙ୍କୁ ପୁରସ୍କାର ସହ ମାନପତ୍ର ପ୍ରଦାନ କରିଥିଲେ ।





ନୂଆଦିଲ୍ଲୀ: ରାଷ୍ଟ୍ରପତି ଗୁରୁବାର ଅହମ୍ମଦାବାଦରେ ନ୍ୟାସନାଲ ଇନଷ୍ଟିଚ୍ୟୁଟ୍ ଅଫ୍ ଡିଜାଇନର ୪୪ତମ ସମାବର୍ତ୍ତନ ସମାରୋହରେ ଉଦବୋଧନ ଦେବା ଅବସରରେ କହିଛନ୍ତି ଯେ ଡିଜାଇନ, ପରମ୍ପରା ଏବଂ ଆଧୁନିକତା ମଧ୍ୟରେ ଏକ ସେତୁ ଭାବରେ କାର୍ଯ୍ୟ କରେ। ରାଷ୍ଟ୍ରପତି ମୁର୍ମୁ ଭାରତର ସମୃଦ୍ଧ ଡିଜାଇନ ପ୍ରଣାଳୀ, ବିଶେଷକରି ପୁରୁଣା ଏବଂ କମ୍ ଜଣାଶୁଣା ଡିଜାଇନ୍ ଗୁଡ଼ିକର ଅଧ୍ୟୟନ ଏବଂ ଦସ୍ତାବିଜ ଉପରେ ଗୁରୁତ୍ୱାରୋପ କରିଥିଲେ। ସାମାଜିକ ପରିବର୍ତ୍ତନରେ ଡିଜାଇନର ଭୂମିକା ସମ୍ପର୍କରେ ରାଷ୍ଟ୍ରପତି ଭାରତୀୟ ଡିଜାଇନ୍ ଶିଳ୍ପ ଏବଂ ନ୍ୟାସନାଲ ଇନଷ୍ଟିଚ୍ୟୁଟ୍ ଅଫ୍ ଡିଜାଇନ୍ ଭଳି ଅନୁଷ୍ଠାନଗୁଡ଼ିକୁ ସ୍ୱାସ୍ଥ୍ୟସେବା, ପରିମଳ ଏବଂ ଗୃହ ନିର୍ମାଣ ଭଳି ବିଭିନ୍ନ ସାମାଜିକ କ୍ଷେତ୍ରରେ ସମସ୍ୟାର ଅଭିନବ ସମାଧାନ ପ୍ରଦାନ ପାଇଁ ପ୍ରଶଂସା କରିଥିଲେ। ଅମୃତ କାଳରେ ନୂତନ ଭାରତ ନିର୍ମାଣରେ ଯୋଗଦାନ କରିବାକୁ ସେ ଛାତ୍ରଛାତ୍ରୀମାନଙ୍କୁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ଗୁଜୁରାଟର ରାଜ୍ୟପାଳ ଆଚାର୍ଯ୍ୟ ଦେବବ୍ରତ ଏବଂ ମୁଖ୍ୟମନ୍ତ୍ରୀ ଭୂପେନ୍ଦ୍ର ପଟେଲ ମଧ ଉପସ୍ଥିତ ଥିଲେ।

# ଆୟୁଷ କ୍ଷେତ୍ରର ସମୀକ୍ଷା ପାଇଁ ପ୍ରଧାନମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ବୈଠକ

ନୂଆଦିଲ୍ଲୀ : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆୟୁଷ କ୍ଷେତ୍ରର ସମୀକ୍ଷା ପାଇଁ ୭ ଲୋକ କଲ୍ୟାଣ ମାର୍ଗରେ ଏକ ଉଚ୍ଚସ୍ତରୀୟ ବୈଠକରେ ଅଧ୍ୟକ୍ଷତା କରିଛନ୍ତି । ବୈଠକରେ ପ୍ରଧାନମନ୍ତ୍ରୀ ସାମଗ୍ରିକ କଲ୍ୟାଣ ଓ ସ୍ୱାସ୍ଥ୍ୟସେବା, ପାରମ୍ପରିକ ଜ୍ଞାନର ସଂରକ୍ଷଣ ଓ ଦେଶର ସ୍ୱାସ୍ଥ୍ୟ ଇକୋସିଷ୍ଟମରେ ଯୋଗଦାନ କ୍ଷେତ୍ରରେ ଏହାର ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ଆଲୋକପାତ କରିଥିଲେ। ସମୀକ୍ଷା ସମୟରେ, ପ୍ରଧାନମନ୍ତ୍ରୀ ଏହି କ୍ଷେତ୍ରର ଉଲ୍ଲେଖନୀୟ ଯୋଗଦାନ ଉପରେ ଗୁରୁତ୍ୱାରୋପ କରିଥିଲେ, ଯେଉଁଥିରେ ପ୍ରତିଷେଧକ ସ୍ୱାସ୍ଥ୍ୟସେବାକୁ ପ୍ରୋତ୍ସାହିତ କରିବାରେ ଏହାର ଭୂମିକା, ଔଷଧୀୟ ଉଦ୍ଭିଦ ଚାଷ ମାଧ୍ୟମରେ ଗ୍ରାମୀଣ ଅର୍ଥନୀତିକୁ ପ୍ରୋତ୍ସାହିତ କରିବା ଏବଂ ପାରମ୍ପରିକ ଔଷଧରେ ଅଗ୍ରଣୀ ଭାବରେ ଭାରତର ବିଶ୍ୱସ୍ତରୀୟ ସ୍ଥିତିକୁ ବୃଦ୍ଧି କରିବା ଅନ୍ତର୍ଭୁକ୍ତ। ସେ ଏହି କ୍ଷେତ୍ରର ନମନୀୟତା ଏବଂ ଅଭିବୃଦ୍ଧି ଉପରେ ଆଲୋକପାତ କରି ବିଶ୍ୱବ୍ୟାପୀ ଏହାର ବର୍ଦ୍ଧିତ ସ୍ୱୀକୃତି ଏବଂ ସ୍ଥାୟୀ ବିକାଶ ତଥା ନିଯୁକ୍ତି ସୃଷ୍ଟି ପାଇଁ ଏହାର ସମ୍ଭାବନା ବିଷୟରେ ଉଲ୍ଲେଖ କରିଥିଲେ। ପ୍ରଧାନମନ୍ତ୍ରୀ ଗୁରୁତ୍ୱାରୋପ କରି କହିଥିଲେ ଯେ ବିଭିନ୍ନ କ୍ଷେତ୍ରରେ ସରକାରଙ୍କ ସମସ୍ତ କାର୍ଯ୍ୟକଳାପର ଆଧାର ସ୍ୱଚ୍ଛତା ହେବା ଆବଶ୍ୟକ। ସେ ସମସ୍ତ ଅଂଶୀଦାରମାନଙ୍କୁ ବିଶ୍ୱସନୀୟତାର ସର୍ବୋଚ୍ଚ ମାନକ ବଜାୟ ରଖିବାକୁ ନିର୍ଦ୍ଦେଶ ଦେଇଥିଲେ। ଶିକ୍ଷା, ଗବେଷଣା, ଜନସ୍ୱାସ୍ଥ୍ୟ, ଅନ୍ତର୍ଜାତୀୟ ସହଯୋଗ, ବାଣିଜ୍ୟ, ଡିଜିଟାଇଜେସନ୍ ଏବଂ ବିଶ୍ୱ ସମ୍ପ୍ରସାରଣରେ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ହାସଲ କରି ଆୟୁଷ କ୍ଷେତ୍ର ଭାରତର ସ୍ୱାସ୍ଥ୍ୟସେବା ପରିଦୃଶ୍ୟରେ ଏକ ପ୍ରେରକ ଶକ୍ତି ଭାବରେ ଦ୍ରୁତ ଗତିରେ ବିକଶିତ ହୋଇଛି। ସରକାରଙ୍କ ପ୍ରୟାସ ଦ୍ୱାରା ଏହି କ୍ଷେତ୍ର ଅନେକ ଗୁରୁତ୍ୱପୂର୍ଣ୍ଣ ସଫଳତା ହାସଲ କରିଛି, ଯାହା ବିଷୟରେ ପ୍ରଧାନମନ୍ତ୍ରୀଙ୍କୁ ବୈଠକରେ ସୂଚନା ଦିଆଯାଇଥିଲା। ଏହି ବୈଠକରେ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଜଗତ ପ୍ରକାଶ ନଡ୍ଡା, ଆୟୁଷ ମନ୍ତ୍ରଣାଳୟର ରାଷ୍ଟ୍ରମନ୍ତ୍ରୀ (ସ୍ୱାଧୀନ ଦାୟିତ୍ୱ) ତଥା ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟର ରାଷ୍ଟ୍ରମନ୍ତ୍ରୀ ପ୍ରତାପ ରାଓ ଯାଦବ, ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ ଡକ୍ଟର ପି. କେ. ମିଶ୍ର, ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ-୨ ଶ୍ରୀ ଶକ୍ତିକାନ୍ତ ଦାସ, ପ୍ରଧାନମନ୍ତ୍ରୀଙ୍କ ପରାମର୍ଶଦାତା ଶ୍ରୀ ଅମିତ ଖାରେ ଏବଂ ବରିଷ୍ଠ ଅଧିକାରୀମାନେ ଯୋଗ ଦେଇଥିଲେ।

# ହଟିଲା ୩୨ ନେତାଙ୍କ ସୁରକ୍ଷା

ନୂଆଦିଲ୍ଲୀ : ଗୃହ ବିଭାଗର ନିଷ୍ପତ୍ତି କ୍ରମେ କେନ୍ଦ୍ର ସରକାର ୩୨ ନେତା ଓ ଅଧିକାରୀଙ୍କ ସୁରକ୍ଷା ହଟାଇ ଦେଇଛନ୍ତି। ଯେଉଁ ନେତାଙ୍କ ସୁରକ୍ଷା ହଟିଛି ସେଥିରେ ବିଜେପି ନେତା ମଧ ଅଛନ୍ତି ଓ ସେମାନେ ଗତ ଲୋକସଭା ନିର୍ବାଚନରେ ହାରିଥିଲେ। ଏହି ନିଷ୍ପତ୍ତି କେନ୍ଦ୍ର ଗୃହ ମନ୍ତ୍ରାଳୟଙ୍କ ସମୀକ୍ଷା କମିଟି ନେଇଛି। ମନ୍ତ୍ରାଳୟଙ୍କ ଅନୁସାରେ ଏହା ଏକ ନିୟମିତ ପ୍ରକ୍ରିୟା, ଯାହା ସୁରକ୍ଷା ଆବଶ୍ୟକତା ଆକଳନ କରି ଯୋଗାଇ ଦିଆଯାଇଥାଏ। ଏହି ନିଷ୍ପତ୍ତି ଅନୁସାରେ ପଶ୍ଚିମବଙ୍ଗର ୩୨ ବିଜେପି ନେତାଙ୍କ ସୁରକ୍ଷା ହଟିଛି। ଯେଉଁ ନେତାଙ୍କ ସୁରକ୍ଷା ହଟିଛି ସେଥିରେ ପୂର୍ବତନ କେନ୍ଦ୍ର ମନ୍ତ୍ରୀ ଜନ ବାର୍ଲା, ପୂର୍ବତନ ସାଂସଦ ଦଶରଥ ତାର୍କି, ଶଂକୁଦେବ ପଣ୍ଡା, ପୂର୍ବତନ ଆଇପିଏସ ଅଫିସର ଦେବାଶିଷ ଧର ଆଦିଙ୍କ ନାମ ରହିଛି। ଏହା ସହିତ ତାଲିକାରେ ସେହି ନେତାଙ୍କ ନାମ ମଧ ରହିଛି ଯେଉଁମାନେ ଗତ ନିର୍ବାଚନରେ ପରାସ୍ତ ହୋଇଥିଲେ। ଏଥିରେ ଡାୟମଣ୍ଡ ହାର୍ବରର ଅଭିଜିତ ଦାସ ଓ ପୂର୍ବତନ ବିଧାୟକ ଦୀପକ ହଲଦରଙ୍କ ସୁରକ୍ଷା ମଧ ହଟିଛି।



ଦିଲ୍ଲୀର ନବନିର୍ବାଚିତ ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତାଙ୍କୁ ଭେଟି ଅଭିନନ୍ଦନ ଜଣାଇଲେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ

## ଲାଙ୍ଗୁଏଜ୍ ଆଣ୍ଡ୍ ଲର୍ଣ୍ଣିଂ ଫାଉଣ୍ଡେସନର ୧୦ତମ ବାର୍ଷିକ ସମାରୋହ

# ଭାଷା ଭିତ୍ତିକ ଶିକ୍ଷା ଏକ ବିଶ୍ୱସ୍ତରୀୟ ଆହ୍ୱାନ: ଧର୍ମେନ୍ଦ୍ର



ନୂଆଦିଲ୍ଲୀ: ଆମ ସମ୍ବିଧାନ ବହୁ ଭାଷାଭାଷୀ ଶିକ୍ଷାକୁ ପ୍ରୋତ୍ସାହିତ କରିବା ସହ ସମସ୍ତ ଭାରତୀୟ ଭାଷାର ସଂରକ୍ଷଣ ଏବଂ ବିକାଶକୁ ସମର୍ଥନ କରୁଥିବା ବେଳେ ବର୍ତ୍ତମାନ ସମୟରେ ଭାଷା ଭିତ୍ତିକ ଶିକ୍ଷା ଏକ ବିଶ୍ୱସ୍ତରୀୟ ଆହ୍ୱାନ ହୋଇଛି ବୋଲି ଗୁରୁବାର ଲାଙ୍ଗୁଏଜ୍ ଆଣ୍ଡ୍ ଲର୍ଣ୍ଣିଂ ଫାଉଣ୍ଡେସନ (ଏଲଏଲଏଫ)ର ୧୦ତମ ବାର୍ଷିକ ସମାରୋହରେ ଯୋଗଦେବା ଅବସରରେ କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ଶ୍ରୀ ପ୍ରଧାନ କହିଛନ୍ତି ଯେ ୟୁନିସ୍କୋର ଗ୍ଲୋବାଲ ଏଜୁକେସନ ମନିଟରିଂ ରିପୋର୍ଟ ୨୦୧୬ ଅନୁଯାୟୀ, ବିଶ୍ୱର ପ୍ରାୟ ୪୦ ପ୍ରତିଶତ ଲୋକ ଯେଉଁ ଭାଷାରେ ବୁଝନ୍ତି ସେହି ଭାଷାରେ ଶିକ୍ଷା ପାଇ ପାରୁନାହାନ୍ତି । ତେଣୁ ଛାତ୍ରଛାତ୍ରୀମାନେ ଯେଉଁ ଭାଷାରେ ଭଲ ଭାବରେ କହିବେ ଓ ବୁଝିବେ, ସେପରି ଶିକ୍ଷାଦାନ ଓ ଶିକ୍ଷଣକୁ ପ୍ରୋତ୍ସାହିତ କରିବା ପାଇଁ ନୀତିଗତ ହସ୍ତକ୍ଷେପ ନିମନ୍ତେ ଆହ୍ୱାନ ଦେବା ଅଧିକ ଜରୁରୀ। ଜାତୀୟ ଶିକ୍ଷା ନୀତିକୁ ଅକ୍ଷର ଅକ୍ଷରରେ କାର୍ଯ୍ୟକାରୀ କରି ଆମେ ଆମ ଦେଶର ସମଗ୍ର ଶିକ୍ଷା ବ୍ୟବସ୍ଥାରେ ପରିବର୍ତ୍ତନ ଆଣିପାରିବା । ଗୁଣାତ୍ମକ ଭାଷା ଭିତ୍ତିକ ଶିକ୍ଷାର ଉପଲବ୍ଧତାକୁ ସମ୍ପ୍ରସାରଣ କରିପାରିବା । ଦେଶର ପ୍ରତ୍ୟେକ ପିଲା ଯେଉଁ ଭାଷାରେ ବୁଝିପାରୁପାରିବେ, ସେହିଭଳି ଉପଯୁକ୍ତ ବାତାବରଣ ପ୍ରଦାନ କରିପାରିବା । ନିକଟରେ ହୋଇଥିବା ଆସର ରିପୋର୍ଟ ୨୦୨୪ ସର୍ଭେ ମଧ ବିଭିନ୍ନ ରାଜ୍ୟରେ ଶିକ୍ଷଣ ଫଳାଫଳରେ ସକାରାତ୍ମକ ତଥ୍ୟମାନ ଆସିଛି । ଜାତୀୟ ଶିକ୍ଷା ନୀତି ଏହି ପ୍ରସଙ୍ଗକୁ ବହୁତ ଉପରକୁ ନେବ ବୋଲି ସେ କହିଛନ୍ତି। କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଲାଙ୍ଗୁଏଜ୍ ଆଣ୍ଡ୍ ଲର୍ଣ୍ଣିଂ ଫାଉଣ୍ଡେସନକୁ ଏକ ଦଶନ୍ଧିର ଉତ୍କର୍ଷତା ପୂରଣ କରିଥିବାରୁ ଧନ୍ୟବାଦ ଜଣାଇଛନ୍ତି । ସେ କହିଛନ୍ତି ପ୍ରାରମ୍ଭିକ ବୟସର ଶିକ୍ଷାର୍ଥୀମାନଙ୍କ ମଧ୍ୟରେ ମୌଳିକ ଶିକ୍ଷଣ ଦକ୍ଷତା ଏବଂ ବହୁଭାଷାଭାଷୀ ବିକାଶ କରାଇବା ଦିଗରେ ଏହି ସଂସ୍ଥା ସମର୍ପିତ । ଆମର ବିବିଧ ଭାଷା ହେଉଛି ଆମର ସବୁଠାରୁ ବଡ଼ ଶକ୍ତି । ବୌଦ୍ଧିକ ବିକାଶ ସହ ପରିଚୟ ସୃଷ୍ଟି କରିବା ଏବଂ ଆତ୍ମବିଶ୍ୱାସ ଜାଗ୍ରତ କରିବାରେ ଭାଷାଗୁଡିକ ଆମର ଅବିଚ୍ଛେଦ୍ୟ ଅଙ୍ଗ । ଜାତୀୟ ଶିକ୍ଷା ନୀତି ପ୍ରାଥମିକ ଶିକ୍ଷା ସମୟରେ ମାତୃଭାଷାରେ ଶିକ୍ଷାଦାନକୁ ପ୍ରାଥମିକତା ଦେଉଛି । ବିଶେଷ କରି ଲାଙ୍ଗୁଏଜ୍ ଆଣ୍ଡ୍ ଲର୍ଣ୍ଣିଂ ଫାଉଣ୍ଡେସନ ଭଳି ସଂଗଠନକୁ ଆହ୍ୱାନ କରୁଛି ଯେ ସେମାନେ ମିଳିତ ଭାବରେ କାର୍ଯ୍ୟ କରନ୍ତୁ, ଯାହା ଦ୍ୱାରା ଭାରତର ପ୍ରତ୍ୟେକ ପିଲା ଆମ ଭାଷା ଏବଂ ସଂସ୍କୃତି ସହିତ ଜଡ଼ିତ ଏକ ସୁଦୃଢ଼ ମୌଳିକ ଶିକ୍ଷା ପାଇପାରିବେ । ଜନସଂଖ୍ୟାର ବିବିଧ ଭାଷାଗତ ଆବଶ୍ୟକତାକୁ ପୂରଣ କରିବା ଦ୍ୱାରା ହିଁ ବିକଶିତ ଭାରତର ଲକ୍ଷ୍ୟ ସାକାର ହୋଇପାରିବ।

# ଗ୍ରାମ୍ୟ ଅର୍ଥନୀତିକୁ ସୁଦୃଢ଼ କରୁଛି ମନରେଗା : ବିଷ୍ଣୁଦେବ



ରାୟପୁର : ଗ୍ରାମ୍ୟ ନିଯୁକ୍ତି ଗ୍ୟାରେଣ୍ଟି ପରିଷଦର ଏକ ବୈଠକ ଗୁରୁବାର ଛତିଶଗଡ ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ବିଧାନସଭା ପରିସରରେ ଅନୁଷ୍ଠିତ ହୋଇଥିଲା। ମନରେଗା ଯୋଜନାରେ କାର୍ଯ୍ୟକାରୀ କରାଯାଉଥିବା ବିଭିନ୍ନ ଯୋଜନା ଉପରେ ବୈଠକରେ ଆଲୋଚନା କରାଯାଇଥିଲା। ବୈଠକରେ ଶ୍ରୀ ସାଏ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ ଯେ, ଏହି ଯୋଜନାରେ ଯେପରି ଉଚ୍ଚମାନର କାର୍ଯ୍ୟ କରାଯାଇପାରିବ ଓ ସମସ୍ତ କାର୍ଯ୍ୟ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ଶେଷ ହୋଇପାରିବ ସେ ନେଇ ଧ୍ୟାନ ଦେବାକୁ ନିର୍ଦ୍ଦେଶ ଦେଇଥିଲେ। ଏଥିସହ ମନରେଗା ଯୋଜନାରେ ପଞ୍ଜିକୃତ ହୋଇଥିବା ଶ୍ରମିକମାନଙ୍କୁ ନିର୍ଦ୍ଦିଷ୍ଟ ସମୟରେ ସେମାନଙ୍କ ପାଉଣା ପ୍ରଦାନ କରିବାକୁ ସେ ଗୁରୁତ୍ୱ ଦେଇଥିଲେ। ବିଶେଷ କରି ଧରାଶ ଆପ୍ରୋଜ ରୋଡର ନିର୍ମାଣ ଏବଂ ଅମୃତ ସରୋବରର ଭିତ୍ତିଭୂମି ନିର୍ମାଣ କରାଯାଇ କିପରି ଜଳସଂରକ୍ଷଣ କରାଯାଇପାରିବ ତା ଉପରେ ବିଷ୍ଣୁଦେବ ଗୁରୁତ୍ୱ ଦେଇଥିଲେ। ସେ କହିଥିଲେ ଛତିଶଗଡ ସରକାର କେବଳ ନିଯୁକ୍ତି ଉପରେ ଗୁରୁତ୍ୱ ଦେଉନାହାନ୍ତି ବରଂ ଗ୍ରାମ୍ୟ ଅର୍ଥନୀତିକୁ ସଶକ୍ତ କରିବା ପାଇଁ କାର୍ଯ୍ୟ କରାଯାଇପାରିବ ତା' ଉପରେ ଗୁରୁତ୍ୱ ଦେଇଥିଲେ। ମନରେଗା କାର୍ଯ୍ୟକ୍ରମ ଏକ ଦୀର୍ଘକାଳୀନ କାର୍ଯ୍ୟ ହୋଇଥିବାରୁ ଏହା ଗ୍ରାମାଞ୍ଚଳ ଶ୍ରମିକମାନଙ୍କ ପାଇଁ ରୋଜଗାରର ମାଧ୍ୟମ ପାଲଟିବ। ଏହାକୁ ଅଧିକ ସଶକ୍ତ କରାଯାଇ ଗରିବ ଶ୍ରମିକଙ୍କୁ କିପରି ସହାୟତା ଯୋଗାଇ ଦିଆଯାଇପାରିବ ତା' ଉପରେ ଶ୍ରୀ ସାଏ ଫୋକସ କରିଥିଲେ।

### କେନ୍ଦ୍ର ଉପରେ ବର୍ଷିଲେ ମୁଖ୍ୟମନ୍ତ୍ରୀ

# ଆଉ ଏକ ଭାଷା ଯୁଦ୍ଧ ପାଇଁ ପ୍ରସ୍ତୁତ : ଏମ୍‌କେ ଷ୍ଟାଲିନ୍



ଚେନ୍ନାଇ: ଦକ୍ଷିଣରେ ଜାରି ରହିଛି ଭାଷା ଆନ୍ଦୋଳନ। ଏହାରି ମଧ୍ୟରେ କେନ୍ଦ୍ର ସରକାର ହିନ୍ଦୀ ଭାଷା ଲାଗୁ କରିବାକୁ ଏକପ୍ରକାର ବାଧ କରୁଥିବା ନେଇ ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମ୍. କେ. ଷ୍ଟାଲିନ ଅଭିଯୋଗ ଆଣିଛନ୍ତି। ସେ କହିଛନ୍ତି ଯେ ରାଜ୍ୟ ହିନ୍ଦୀ ଭାଷାକୁ ଲାଗୁ କରିବାକୁ ଅନୁମତି ଦେବ ନାହିଁ। ଏଥିସହିତ ତାମିଲ ଏବଂ ଏହାର ସଂସ୍କୃତିକୁ ସୁରକ୍ଷା ଦେବ। ଆମେ ହିନ୍ଦୀ ଭାଷା ଲାଗୁ କରିବାକୁ ନେଇ ବିରୋଧ କରିବୁ। ହିନ୍ଦୀ ଭାଷା ଏକ ମୁଖା ଏବଂ ସଂସ୍କୃତ ହେଉଛି ଏହା ପଛରେ ଲୁକ୍କାୟିତ ଥିବା ମୁହଁ ଭଳି। ଡିଏମକେ ସରକାର ଦାବି କରିଛନ୍ତି ଯେ ଜାତୀୟ ଶିକ୍ଷା ନୀତି (ଏନଇପି) ଅଧୀନରେ ତ୍ରିଭାଷା ଫର୍ମୁଲା ମାଧ୍ୟମରେ ହିନ୍ଦୀ ଲାଗୁ କରିବାକୁ ଚେଷ୍ଟା କରାଯାଉଛି। ତେବେ କେନ୍ଦ୍ର ସରକାର ଏହି ଅଭିଯୋଗକୁ ଖଣ୍ଡନ କରିଛନ୍ତି।

ଚଣ୍ଡିଗଡ଼: ହରିୟାଣା ରାଜନୀତି ସହିତ ଜଡିତ ଏକ ବଡ଼ ଖବର ସାମ୍ନାକୁ ଆସିଛି। ଗୁରୁବାର ହରିୟାଣା କଂଗ୍ରେସ କିଛି ଦଳୀୟ ନେତାଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ଦଳ ପୂର୍ବତନ ବିଧାୟକ ରାମବୀର ସିଂହଙ୍କ ସମେତ ୫ ନେତାଙ୍କୁ ବହିଷ୍କାର କରିଛି। ଏହି ନେତାମାନଙ୍କୁ ଦଳରୁ ୬ବର୍ଷ ପାଇଁ ବହିଷ୍କାର କରାଯାଇଥିଲା। ପୂର୍ବତନ ପଟୌଦି ବିଧାୟକ ରାମବୀର ସିଂହ, ଫରିଦାବାଦରୁ ବିଜୟ କୌଶିକ, ଫରିଦାବାଦର ୱାର୍ଡ ୩୬ରୁ ରାହୁଲ ଚୌଧୁରୀ, ଫରିଦାବାଦର ୱାର୍ଡ ୩୬ ରୁ ପୂଜା ରାଣୀ ଏବଂ ତାଙ୍କ ସ୍ୱାମୀ ରୂପେଶ ମଲିକ। କଂଗ୍ରେସ ସମସ୍ତଙ୍କୁ ଦଳରୁ ବହିଷ୍କାର କରିଥିଲା। କଂଗ୍ରେସ ଏକ ସରକାରୀ ଘୋଷଣା ମାଧ୍ୟମରେ ଗଣମାଧ୍ୟମକୁ ଏହି ଖବର ବିଷୟରେ ସୂଚନା ଦେଇଛି। ୨୦୨୪ ହରିୟାଣା ବିଧାନସଭା ନିର୍ବାଚନରେ କଂଗ୍ରେସକୁ ଏକ ବଡ଼ ପରାଜୟର ସାମ୍ନା କରିବାକୁ ପଡିଥିଲା। ସେବେଠାରୁ ଦଳ ରାଜ୍ୟରେ ଏହାର ସଂଗଠନକୁ ମଜବୁତ କରିବାରେ ବ୍ୟସ୍ତ ଅଛି। ଏହି ସମୟରେ, ଦଳ ଜାଣିବାକୁ ପାଇଲା ଯେ କେତେଜଣ ନେତା ଦଳ ବିରୋଧୀ କାର୍ଯ୍ୟକଳାପରେ ଲିପ୍ତ ଅଛନ୍ତି। ରାଜ୍ୟରେ ପୌର ନିର୍ବାଚନ ପୂର୍ବରୁ ଏହି ନେତାମାନେ ଦଳ ବିରୋଧୀ କାର୍ଯ୍ୟକଳାପରେ ଜଡିତ ଥିବା ସରକାରୀ ଘୋଷଣାରେ କୁହାଯାଇଛି।

# ବାଣିଜ୍ୟ

DSP PENSION FUND

ମୁମ୍ବାଇ: ଡିଏସ୍‌ପି ପେନସନ ଫଣ୍ଡ ମ୍ୟାନେଜର୍ସ ତାଙ୍କ ରିପୋର୍ଟରେ ଭାରତରେ ପେନସନ ପରିଚାଳନା ପରିପ୍ରେକ୍ଷୀରେ ପରିସମ୍ପତ୍ତି (ଏୟୁଏମ)ରେ ଉଲ୍ଲେଖନୀୟ ଅଭିବୃଦ୍ଧି ସମ୍ପର୍କରେ ଭବିଷ୍ୟବାଣୀ କରିଛନ୍ତି। ଏହି ରିପୋର୍ଟ ଅନୁଯାୟୀ ୨୦୩୦ ସୁଦ୍ଧା ମୋଟ ଏୟୁଏମ ୧୧୮ ଟ୍ରିଲିଅନ ଟଙ୍କା ପର୍ଯ୍ୟନ୍ତ ବୃଦ୍ଧି ପାଇବା ଅନୁମାନ କରାଯାଇଛି ଏବଂ ସେଥିରେ ରାଷ୍ଟ୍ରୀୟ ପେନସନ ପ୍ରଣାଳୀ (ଏନପିଏସ)ର ଯୋଗଦାନ ମୋଟ ପରିମାଣର ପ୍ରାୟ ୨୫ ପ୍ରତିଶତ ହେବ। ଏହି ବୃଦ୍ଧି ଭାରତର ଅଭିବୃଦ୍ଧିଶୀଳ ଜନସଂଖ୍ୟା ଏବଂ ତାହାର ପରିଣାମ ସ୍ୱରୂପ ହେବାକୁ ଥିବା ପ୍ରଭାବ ଆଧାର ମୁତାବକ ଅନୁମାନ କରାଯାଇଛି। ଏହି ରିପୋର୍ଟ ସମ୍ପର୍କରେ ମତଦେଇ ଡିଏସପି ପେନସନ ଫଣ୍ଡ ମ୍ୟାନେଜର୍ସର ସିଇଓ ରାହୁଲ ଭଗତ କହିଥିଲେ, 'ଆମର ଦୃଢ ବିଶ୍ୱାସ ଯେ ଭାରତରେ ପେନସନ ବଜାର କ୍ଷିପ୍ର ଗତିରେ ବିକାଶ ପଥରେ ଅଗ୍ରସର ହେଉଛି। ସଠିକ ନୀତିସମୂହ ଏବଂ ବର୍ଦ୍ଧିତ ସଚେତନତା ସହିତ ଏହି ବଜାରରେ ନାଗରିକଙ୍କ ନିମନ୍ତେ ମହତ୍ୱପୂର୍ଣ୍ଣ ମୂଲ୍ୟ ଅନ୍‌ଲକ କରିବା କ୍ଷମତା ରହିଛି। ଆମର ଦୃଢ ବିଶ୍ୱାସ ଯେ ଆମର ମଜଭୁତ ନିବେଶ ପ୍ରକ୍ରିୟା ଏହି କ୍ଷେତ୍ରରେ ଏକ ପ୍ରମୁଖ ଭୂମିକା ନେବାରେ ସହାୟକ ହେବ।

# ମାର୍ଚ୍ଚ ୬ ରୁ ଓଡ଼ିଶା ଖଣି ଓ ଭିତ୍ତିଭୂମି ଇଣ୍ଟରନ୍ୟାସ୍‌ନାଲ ଏକ୍ସପୋ ଆରମ୍ଭ




ଭୁବନେଶ୍ୱର (ଭାସ୍କର ନ୍ୟୁଜ୍): ଚଳିତ ମାସ ମାର୍ଚ୍ଚ ୬ରୁ ୯ ତାରିଖ ପର୍ଯ୍ୟନ୍ତ ବରମୁଣ୍ଡା ପଡ଼ିଆରେ ତୃତୀୟ ଓଡ଼ିଶା ଖଣି ଓ ଭିତ୍ତିଭୂମି ଅନ୍ତର୍ଜାତୀୟ ଏକ୍ସପୋ ଅନୁଷ୍ଠିତ ହେବ। ଫ୍ୟୁଚର୍ସ ଟ୍ରେଡ୍ ଫେୟାର ଆଣ୍ଡ ଇଭେଣ୍ଟସ୍ ପ୍ରାଇଭେଟ୍ ଲିମିଟେଡ୍ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପିଏଚ୍‌ଡି ଚାମ୍ବର ଅଫ୍ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରି, ସ୍କିଲ୍ କାଉନସିଲ୍ ଅଫ୍ ମାଇନିଂ ସେକ୍ଟର୍ ଭଳି ଶିଳ୍ପପତିଏବଂ ଓଡ଼ିଶା ଆସେମ୍ବଲି ଅଫ୍ ସ୍ମଲ ଆଣ୍ଡ ମିଡିଆ ଏଣ୍ଟରପ୍ରାଇଜ(ଓଏସ୍‌ଏମ୍‌ଇ) ସହଯୋଗ କରୁଛନ୍ତି। ଏକ୍ସପୋକୁ ଏନଜିଓ ପାର୍ଟନର ଭାବେ ହେଲ୍ପ, ଇଣ୍ଡି ଟ୍ରି ଏବଂ ନଲେଜ୍ ପାର୍ଟନର ଭାବେ ଅନ୍ୱେଶୀ ଫାଉଣ୍ଡେସନ ସହଯୋଗ କରିସାରିଛି। ଏହି ଅବସରରେ ଫ୍ୟୁଚରେକ୍ସ ଗ୍ରୁପ ସିଏମଡି ସ୍ୱାମୀ ପ୍ରେମ୍ ଅନ୍ୱେଷୀ, ନାଲକୋର ପୂର୍ବତନ ସିମ୍‌ଡି ଏବଂ ବିଶିଷ୍ଟ ଶିଳ୍ପ ପେସାଦାର ଡ. ତପନ କୁମାର ଚାନ୍ଦ, ଆଇଆଇଜି ଗ୍ରୁପର ନିର୍ଦ୍ଦେଶକ ସୁଧାଂଶୁ ଶେଖର ମହାନ୍ତି, ଫ୍ୟୁଚରେକ୍ସ ଗ୍ରୁପର ନିର୍ଦ୍ଦେଶକ ନମିତ ଗୁପ୍ତା, ଏବଂ ଇକ୍ୱିପେଜ ଇନଫ୍ରାକୋର ପ୍ରାଇଭେଟ୍ ଲିମିଟେଡ୍‌ର ପରିଚାଳନା ନିର୍ଦ୍ଦେଶକ ସଞ୍ଜୀବ ନାୟକ ଆଗାମୀ ଏକ୍ସପୋ ଘୋଷଣା କରିବା ପାଇଁ ଏକାଠି ହୋଇଥିଲା। ସେମାନେ ଖଣି ଶିଳ୍ପର ସାମ୍ପ୍ରତିକ ଅଭିବୃଦ୍ଧି ବିଷୟରେ ମଧ ଆଲୋଚନା କରିଥିଲେ ଏବଂ ଏହି ଏକ୍ସପୋ କିପରି ଶିଳ୍ପ ଅଂଶୀଦାରଙ୍କୁ ଉପକୃତ କରିବ ବୋଲି ଆଶା କରାଯାଉଛି ସେ ବିଷୟରେ ସୂଚନା ବାଣ୍ଟିଥିଲେ। ଓଡ଼ିଶାର ରାଜ୍ୟପାଳ ଡ. କମ୍ଭମପତି ହରି ବାବୁ ଉଦଯାପନୀ ଅଧିବେଶନରେ ମୁଖ୍ୟ ଅତିଥି ଭାବେ ଯୋଗ ଦେବେ। ନାଲକୋର ପୂର୍ବତନ ସିଏମ୍‌ଡି ଡ. ତପନ କୁମାର ଚାନ୍ଦ ଏହି କ୍ଷେତ୍ରରେ ଓଡ଼ିଶାର ଭୂମିକା ଉପରେ ଆଲୋକପାତ କରି କହିଥିଲେ, ଖଣି ଖନନ ଓଡ଼ିଶାର ସମୃଦ୍ଧ ଭବିଷ୍ୟତର ପ୍ରବେଶ ଦ୍ୱାର ହୋଇପାରିବ। ୪ ଦିନ ଧରି ଚାଲିବାକୁ ଥିବା ଏହି ମେଗା ଇଭେଣ୍ଟରେ ଭାରତ ତଥା ବିଶ୍ୱର ଖଣି, ନିର୍ମାଣ ଏବଂ ଭିତ୍ତିଭୂମି ଶିଳ୍ପର ବଡ ବଡ ସଂସ୍ଥାମାନେ ଏକାଠି ହେବେ ବୋଲି ଆଶା କରାଯାଉଛି । ଉଦ୍ଭାବନ, ସହଯୋଗ ଏବଂ ବ୍ୟବସାୟିକ ସୁଯୋଗ ଉପରେ ଧ୍ୟାନ ଦେଇ ଏହି ଏକ୍ସପୋ ପ୍ରଦର୍ଶକ ଏବଂ ପର୍ଯ୍ୟଟକଙ୍କୁ ଅତୁଳନୀୟ ମୂଲ୍ୟ ପ୍ରଦାନ କରିବ ବୋଲି ପ୍ରତିଶ୍ରୁତି ଦେଇଛି। ୩ୟ ଓଡ଼ିଶା ଖଣି ଓ ଭିତ୍ତିଭୂମି ଇଣ୍ଟରନ୍ୟାସନାଲ ଏକ୍ସପୋରେ ଖଣି ଓ ଭିତ୍ତିଭୂମି କ୍ଷେତ୍ରର ଉନ୍ନତ ଆବଶ୍ୟକତାକୁ ପୂରଣ କରିବା ପାଇଁ ଅତ୍ୟାଧୁନିକ ଖଣି ଯନ୍ତ୍ରପାତି, ଟେକ୍ନୋଲୋଜି ସମାଧାନ, ସେବା ଓ ଯୋଗାଣ ଉପଲବ୍ଧ ହେବ। ୨୫୦ରୁ ଅଧିକ କମ୍ପାନିଙ୍କ ଅଂଶଗ୍ରହଣରେ ଏହି କାର୍ଯ୍ୟକ୍ରମ ଏହି ଶିଳ୍ପଗୁଡ଼ିକର ଭବିଷ୍ୟତ ରଚନା କରୁଥିବା ସଦ୍ୟତମ ଅଗ୍ରଗତିଦେଖିବା ପାଇଁ ଏକ ପ୍ଲାଟଫର୍ମ ପ୍ରଦାନ କରୁଛି। କେତେକ ପ୍ରମୁଖ ପ୍ରଦର୍ଶକମାନଙ୍କ ମଧ୍ୟରେ ସାନି, ସ୍ୱିଙ୍ଗ ଷ୍ଟିଟର, ଥାଇସେନ୍କ୍ରୁପ୍ ଇଣ୍ଡଷ୍ଟ୍ରିଜ, କେଓ୍ୱାଇବି କମ୍ୟାଟ୍, ଟର୍ସା କ୍ରସର, ହାଇଲଷ୍ଟୋନ୍, ଏମ୍ ବି କ୍ରସର, ଇକ୍ୱିପେଜ, ଓସେନ୍ କନଭେୟାର, ସକ୍ଷମ କାଷ୍ଟିଂ, ତ୍ରିଶୁଳ ଟ୍ରେଡ୍, ଟାଟା ହିଟାଚି, ଦୀପକ ଫର୍ଟିଲାଇଜର୍ସ, ଗୁ ଷ୍ଟିଲ୍ କାଷ୍ଟିଂ, ଏଆରବି ବେୟାରିଂ, ଅର୍ଗାନୋଟେକ୍ ଉପକରଣ ଆଦି ରହିଛି। ଓଡ଼ିଶା, ଛତିଶଗଡ଼, ଆନ୍ଧ୍ରପ୍ରଦେଶ, ମଧ୍ୟପ୍ରଦେଶ, ଝାଡ଼ଖଣ୍ଡ, ରାଜସ୍ଥାନ, ଗୁଜରାଟ, କର୍ଣ୍ଣାଟକ, ତାମିଲନାଡୁ, ମହାରାଷ୍ଟ୍ର, ପଶ୍ଚିମବଙ୍ଗ ଓ ଗୋଆ ସମେତ ଅନେକ ଭାରତୀୟ ରାଜ୍ୟ ସେମାନଙ୍କ ଖଣି ଓ ଭିତ୍ତିଭୂମି କାର୍ଯ୍ୟକଳାପ ପାଇଁ ଜଣାଶୁଣା ଏହି ଏକ୍ସପୋରେ ସକ୍ରିୟ ଭାବେ ଅଂଶଗ୍ରହଣ କରିବେ।

# ଭ୍ରାମ୍ୟମାଣ ବିଦ୍ୟୁତ୍ ଟ୍ରାନ୍ସଫର୍ମର ଶୁଭାରମ୍ଭ କଲା ଟିପିଡବ୍ଲ୍ୟୁଓଡିଏଲ୍



ରାଉରକେଲା: ଟିପିଡବ୍ଲ୍ୟୁଓଡିଏଲ୍ ପକ୍ଷରୁ ରାଉରକେଲା ସହରବାସୀଙ୍କ ପାଇଁ ସ୍ଥିର ଏବଂ ନିରବଚ୍ଛିନ୍ନ ବିଦ୍ୟୁତ୍ ସେବା ଯୋଗାଇ ଦିଆଯିବା ଲାଗି ୫୦୦ କିଲୋଭୋଲ୍ଟ-ଆମ୍ପିୟର କ୍ଷମତା ବିଶିଷ୍ଟ ଏକ ଅତ୍ୟାଧୁନିକ ଭ୍ରାମ୍ୟମାଣ ବିଦ୍ୟୁତ୍ ଟ୍ରାନ୍ସଫର୍ମର ର ଶୁଭାରମ୍ଭ କରାଯାଇଅଛି । ପ୍ରଥମଥର ପାଇଁ ରାଉରକେଲା ସହରରେ ଏହିପରି ଏକ ଭ୍ରାମ୍ୟମାଣ ଟ୍ରାନ୍ସଫର୍ମରର ବ୍ୟବସ୍ଥା କରାଯାଇଅଛି । ଯାହା ବିଦ୍ୟୁତ୍ ଟ୍ରାନ୍ସଫର୍ମର ମରାମତି, ପରିବର୍ତ୍ତନ କିମ୍ବା ନୂତନ ଟ୍ରାନ୍ସଫର୍ମର ସ୍ଥାପନ ପ୍ରକ୍ରିୟାରେ ବୈପ୍ଳବିକ ପରିବର୍ତ୍ତନ ଆଣିବ ବୋଲି ଆଶା କରାଯାଉଅଛି। ବର୍ତ୍ତମାନ, ଏହି ଭ୍ରାମ୍ୟମାଣ ଟ୍ରାନ୍ସଫର୍ମରଟି ରାଉରକେଲା ସହରର ପ୍ରସିଦ୍ଧ ମହୋତ୍ସବ 'ବେଦବ୍ୟାସ ମେଳା' ପାଇଁ ଉତ୍ସର୍ଗୀକୃତ କରାଯାଇଛି । ଯାହା ୨୬ ଫେବୃଆରୀରୁ ୧୦ ମାର୍ଚ୍ଚ, ପର୍ଯ୍ୟନ୍ତ ପାଳିତ ହେବ ଏବଂ ଏହି ଭ୍ରାମ୍ୟମାଣ ଟ୍ରାନ୍ସଫର୍ମରଟି ମେଳା ସମୟରେ ନିର୍ଭରଯୋଗ୍ୟ ବିଦ୍ୟୁତ୍ ଯୋଗାଣ ସୁନିଶ୍ଚିତ କରିବ। ଏହି ଭ୍ରାମ୍ୟମାଣ ଟ୍ରାନ୍ସଫର୍ମରଟି ଟ୍ରାନ୍ସଫର୍ମର ଦ୍ୱାରା ଟ୍ରାନ୍ସଫର୍ମର ମରାମତି, ବଦଳ କିମ୍ବା ନୂତନ ଟ୍ରାନ୍ସଫର୍ମର ସ୍ଥାପନ ସମୟରେ ଉକ୍ତ ଅଞ୍ଚଳରେ ବ୍ୟାଘାତ ହୋଇଥିବା ବିଦ୍ୟୁତ୍ ସେବାକୁ ସ୍ୱାଭାବିକ କରାଯାଇ ପାରିବ। ଏହି ଅବସରରେ, ଟିପିଡବ୍ଲ୍ୟୁଓଡିଏଲର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରବୀଣ ବର୍ମା ପ୍ରକାଶ କରିଛନ୍ତି ଯେ,'ଏହି ଭ୍ରାମ୍ୟମାଣ ଟ୍ରାନ୍ସଫର୍ମରଟି ରାଉରକେଲା ସହର ପାଇଁ ଏକ ବୈପ୍ଳବିକ ପରିବର୍ତ୍ତନ ଆଣିବ। ଯାହା ଆସନ୍ତା ଗ୍ରୀଷ୍ମ ସମୟରେ ଟ୍ରାନ୍ସଫର୍ମର ବିଫଳତା କ୍ଷେତ୍ରରେ ଉଲ୍ଲେଖନୀୟ ଯୋଗଦାନ ଦେବ। ଏହି ଭ୍ରାମ୍ୟମାଣ ଟ୍ରାନ୍ସଫର୍ମର ଦ୍ୱାରା ଆମର ନିରବଚ୍ଛିନ୍ନ ବିଦ୍ୟୁତ୍ ସେବା ପ୍ରଦାନ କରିବାର ପ୍ରତିବଦ୍ଧତା ପୂର୍ବାପେକ୍ଷା ଅଧିକ ଦୃଢ଼ ହୋଇପାରିବ ଏବଂ ବିଦ୍ୟୁତ୍ ବିଫଳତା ସମୟରେ ଆମେ ରାଉରକେଲା ସହରବାସୀଙ୍କ ପାଇଁ ଏକ ଅଭିନବ ସମାଧାନ ପ୍ରଦାନ କରିପାରିବୁ।'

# ସୋଲାର ଷ୍ଟ୍ରୀଟ୍‌ଲାଇଟ ସ୍ଥାପନ କଲା ଏପ୍‌ସିଲନ ଫାଉଣ୍ଡେସନ



ଝାରସୁଗୁଡା (ଭାସ୍କର ନ୍ୟୁଜ୍) : ସ୍ଥାୟୀ ଗ୍ରାମାଂଚଳ ବିକାଶ ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପରେ ଏପ୍‌ସିଲନ ଫାଉଣ୍ଡେଶନନ ପକ୍ଷରୁ ଶ୍ରୀପୁରା ଗ୍ରାମପଂଚାୟତର ଖେରୁଆଲ ଗ୍ରାମରେ ସଫଳତାର ସହ ୫୦ଟି ସୋଲାର-ପରିଚାଳିତ ଷ୍ଟ୍ରିଟଲାଇଟ ଇନ୍‌ଷ୍ଟଲ କରାଯାଇଛି। ଏହି ପଦକ୍ଷେପ ରାତି ସମୟରେ ଉଜ୍ଜ୍ୱଳତା ଓ ସୁରକ୍ଷା ବୃଦ୍ଧି କରିବା ଏବଂ ପରିବେଶ ଅନୁକୂଳ ଶକ୍ତି ସମାଧାନଗୁଡିକୁ ପ୍ରୋତ୍ସାହିତ କରିବା ପାଇଁ ଲକ୍ଷ୍ୟ ରଖିଛି ଯାହା ପ୍ରାୟ ୨୦୦୦ ଗ୍ରାମବାସୀଙ୍କୁ ଉପକୃତ କରିବ। ଜନକଲ୍ୟାଣ ଓ ପରିବେଶ ସ୍ଥାୟିତ୍ୱ ପ୍ରତି ଏହାର ପ୍ରତିବଦ୍ଧତାର ଅଂଶ ଭାବେ ଏପସିଲନ ଫାଉଣ୍ଡେଶନ ପକ୍ଷରୁ ଏକ ଔପଚାରିକ ହସ୍ତାନ୍ତର ସମାରୋହର ଆୟୋଜନ କରାଯାଇଥିଲା ଯେଉଁଥିରେ ମୁଖ୍ୟ ଅତିଥି ଭାବେ ଏମବିକେ ମିଶନ ଶକ୍ତି ସିଆରପିର ଗୀତାଞ୍ଜଳି ଭଇଁସା, ସୁମତି ଭଇଁସା ଓ ସମ୍ପଦିତା ବନ୍ଦିତା ସେଠଙ୍କ ସମେତ ଏପ୍‌ସିଲନ କାର୍ବନ ଅଶୋକା ପ୍ରାଇଭେଟ ଲିମିଟେଡର ପ୍ରୋଗ୍ରାମ ଚେୟାରମ୍ୟାନ ଏବଂ ଫାଇନାନ୍ସ ଓ ଆକାଉଂଟସ ବିଭାଗର ଡିଜିଏମ ଶ୍ରୀଯୁକ୍ତ ହୃଷିକେଶ ଦାସ ଏବଂ ଗ୍ରାମବାସୀମାନେ ଯୋଗ ଦେଇଥିଲେ। ଏହି ଅବସରରେ ଏପସିଲନ ଫାଉଣ୍ଡେଶନର ନିର୍ଦ୍ଦେଶକ ବିକ୍ରମ ହାଣ୍ଡା କହିଛନ୍ତି, 'ଏହି ପଦକ୍ଷେପ ମାଧ୍ୟମରେ ଆମେ ଶ୍ରୀପୁରା ପଂଚାୟତରେ ସୁରକ୍ଷା ଓ ସଂଯୋଗ ବୃଦ୍ଧି କରୁଛୁ ଏବଂ ନବୀକରଣଯୋଗ୍ୟ ଶକ୍ତି ମାଧ୍ୟମରେ ଆତ୍ମନିର୍ଭରଶୀଳତାକୁ ପ୍ରୋତ୍ସାହିତ କରୁଛୁ। ଏହି ସୋଲାର-ପରିଚାଳିତ ଷ୍ଟ୍ରିଟଲାଇଟଗୁଡିକର ଇନ୍‌ଷ୍ଟଲେଶନ ଗ୍ରାମାଂଚଳରେ ବିଦ୍ୟୁତ ଶକ୍ତିର ଅଭାବକୁ ଦୂର କରିବା କ୍ଷେତ୍ରରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ଏହା ସ୍ଥାୟୀ ଭିତ୍ତିଭୂମି ଓ ସମୁଦାୟ ବିକାଶକୁ ପ୍ରୋତ୍ସାହିତ କରିବା କ୍ଷେତ୍ରରେ ସାର୍ବଜନିନ-ଘରୋଇ ସହଭାଗିତାର ମହତ୍ୱକୁ ଆଲୋକିତ କରୁଛି।

# ଇଭି ପକ୍ଷରୁ 'ପ୍ୟୋର ପର୍‌ଫେକ୍ଟ ୧୦' ରେଫେରାଲ ପ୍ରୋଗ୍ରାମର ଶୁଭାରମ୍ଭ

ନୂଆଦିଲ୍ଲୀ: ଇଭି ପକ୍ଷରୁ 'ପ୍ୟୋର ପର୍‌ଫେକ୍ଟ ୧୦' ରେଫେରାଲ ପ୍ରୋଗ୍ରାମର ଶୁଭାରମ୍ଭ ଘୋଷଣା କରାଯାଇଛି। ପ୍ୟୋର ପର୍‌ଫେକ୍ଟ ୧୦ ରେଫେରାଲ ପ୍ରୋଗ୍ରାମ ସମସ୍ତ ବିଦ୍ୟମାନ ପ୍ୟୋର ଇଭି ଗ୍ରାହକଙ୍କ ସମେତ ମାର୍ଚ୍ଚ ୩୧ ତାରିଖ ୨୦୨୫ ସୁଦ୍ଧା କିମ୍ବା ସମ୍ବନ୍ଧିତ ଆଉଟଲେଟଗୁଡିକର ଷ୍ଟକ୍ ଶେଷ ହେବା ପର୍ଯ୍ୟନ୍ତ ଏକ ପ୍ୟୋର ଇଭି ଯାନ କ୍ରୟ କରୁଥିବା ନୂଆ ଗ୍ରାହକ ପାଇଁ ଉପଲବ୍ଧ ରହିବ। ଏହି ସ୍କିମ ଅଧିନରେ ଗ୍ରାହକମାନେ ଏକ ପ୍ୟୋର ଇଭି ଯାନ କ୍ରୟ କରିବା ପାଇଁ ନିଜର ବନ୍ଧୁ ଓ ପରିବାର ଲୋକଙ୍କୁ ରେଫର କରି ୪୦,୦୦୦ ଟଙ୍କା ପର୍ଯ୍ୟନ୍ତ କ୍ୟାଶବ୍ୟାକ ରିୱାର୍ଡ ଜିତିପାରିବେ। ଏହି ପଦକ୍ଷେପ ସମ୍ପର୍କରେ ପ୍ୟୋର୍‌ର ସହ-ପ୍ରତିଷ୍ଠାତା ଓ ସିଇଓ ରୋହିତ ଭଦେରା କହିଛନ୍ତି, 'ଏହି ପଦକ୍ଷେପ କେବଳ ଆମର ଗ୍ରାହକଙ୍କୁ ସେମାନଙ୍କର ବିଶ୍ୱାସ ପାଇଁ ସେମାନଙ୍କୁ ପୁରସ୍କୃତ କରିବ ନାହିଁ ବରଂ ସେମାନଙ୍କୁ ନିଜର ପ୍ରିୟଜନଙ୍କ ସହ ପ୍ୟୋର ଇଭିର ଅନୁଭୂତି ସେୟାର କରିବା ପାଇଁ ସକ୍ଷମ କରିବ। ପ୍ୟୋର ଇଭି କ୍ରୟ କରିବା ପାଇଁ ରେଫର୍ କରି ସେମାନେ ଆକର୍ଷଣୀୟ କ୍ୟାଶବ୍ୟାକ ଇନ୍‌ସେଂଟିଭରୁ ଲାଭାନ୍ୱିତ ହେବା ସହିତ ସ୍ଥାୟୀ ଯାତାୟତର ଏକ ବିଶାଳ ଲକ୍ଷ୍ୟ ପ୍ରତି ଯୋଗଦାନ ଦେଇପାରିବେ।

# ଆଇଡବ୍ଲ୍ୟୁଟି ଟର୍ମିନାଲକୁ ଉଦ୍‌ଘାଟନ କଲେ କେନ୍ଦ୍ରମନ୍ତ୍ରୀ



ନୂଆଦିଲ୍ଲୀ: କେନ୍ଦ୍ର ବନ୍ଦର, ପରିବହନ ଓ ଜଳପଥ ମନ୍ତ୍ରୀ ସର୍ବାନନ୍ଦ ସୋନୱାଲ ଆସାମର ଯୋଗୀଘୋପଠାରେ ରାଷ୍ଟ୍ର ଉଦ୍ଦେଶ୍ୟରେ ସମର୍ପିତ ନୂଆ ଇନ୍‌ଲ୍ୟାଣ୍ଡ ୱାଟରୱେଜ ଟର୍ମିନାଲ (ଟିଡବ୍ଲ୍ୟୁଟି)ର ଉଦ୍‌ଘାଟନ କରିଛନ୍ତି। ଏହି ଟର୍ମିନାଲ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଫେବୃଆରୀ ୨୦୨୧ରେ ଭିତିପ୍ରସ୍ଥର ସ୍ଥାପନ କରିଥିଲେ। ଏହି ଟର୍ମିନାଲ ରଣନୈତିକ ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ କାରଣ ଏହା ଭୁଟାନର ଗେଲେଫୁରୁ ୯୧ କିମି, ବାଂଲାଦେଶ ସୀମାରୁ ୧୦୮ କିମି ଓ ଗୌହାଟୀରୁ ୧୪୭ କିମି ଦୂରତାରେ ଅବସ୍ଥିତ । ଯାହା ଏହାକୁ ବାଂଲାଦେଶ ଓ ଭୁଟାନ ସହ ଦ୍ୱିପାକ୍ଷିକ ବାଣିଜ୍ୟିକ ସହଯୋଗିତା ପାଇଁ ମହତ୍ୱପୂର୍ଣ୍ଣ କରୁଛି। ଯୋଗୀଘୋପ ଟର୍ମିନାଲ ଭାରତ ଓ ବାଂଲାଦେଶ ମଧ୍ୟରେ ପିଆଇଡବ୍ଲ୍ୟୁଟିଆଣ୍ଡଟି ଅଧିନରେ ଅନ୍ୟତମ ଘୋଷିତ ବନ୍ଦର ଅଟେ। ୨୦୨୭ ସୁଦ୍ଧା ଏହି ଟର୍ମିନାଲ ବାର୍ଷିକ ୧/୧ ମିଲିୟନ ଟନର ମାଲ୍ ପରିବହନ କରିବ ବୋଲି ଆଶା କରାଯାଉଛି। ଏହି ଟର୍ମିନାଲର ଉଦ୍‌ଘାଟନ ସମାରୋହରେ କେନ୍ଦ୍ର ମନ୍ତ୍ରୀ ଶ୍ରୀଯୁକ୍ତ ସୋନୱାଲ ବାଂଲାଦେଶକୁ ୧୧୦ ମେଟ୍ରିକ ଟନର କୋଇଲା ପରିବହନ କରୁଥିବା ବାର୍ଜ ଅଜୟ ଓ ଦିକ୍ଷୁ ସହିତ ଏମଭି ପଦ୍ମା ନାଭିଗେଶନ ୨ ଏବଂ ପଥର ଖଣ୍ଡ ପରିବହନ କରୁଥିବା ଏମ୍‌ଭି ତ୍ରିଶୂଳ ଜାହାଜର ଯାତ୍ରାକୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏହି ଅବସରରେ କେନ୍ଦ୍ର ମନ୍ତ୍ରୀ ସର୍ବାନନ୍ଦ ସୋନୱାଲ କହିଥିଲେ, 'ଆଜି ଦେଶର ଜଳପଥ ପରିବହନ କ୍ଷେତ୍ର ପାଇଁ ଏକ ଐତିହାସିକ ଦିନ ଅଟେ କାରଣ ଆମେ ଯୋଗୀଘୋପଠାରେ ଆଇଡବ୍ଲ୍ୟୁଟି ଟର୍ମିନାଲକୁ ଲୋକମାନଙ୍କ ପାଇଁ ଓ ଦେଶ ପାଇଁ ସମର୍ପିତ କରିଛୁ। ୮୨ କୋଟି ଟଙ୍କାରୁ ଅଧିକ ବ୍ୟୟରେ ନିର୍ମିତ ଯୋଗୀଘୋପ ଟର୍ମିନାଲରେ ମାଲ ପରିବହନ ପରିଚାଳନା ପାଇଁ ଇଲେକ୍‌ଟ୍ରିକ ଲେଭେଲ ଲଫିଙ୍ଗ (ଇଏଲଏଲ) କ୍ରେନ ପାଇଁ ଡିଜାଇନ ହୋଇଥିବା ଏକ ଆରସିସି ଜେଟୀ ରହିଛି। ଏହି ଟର୍ମିନାଲରେ ଆଡ୍‌ମିନିଷ୍ଟ୍ରେଟିଭ ବିଲ୍ଡିଙ୍ଗ, କଷ୍ଟମ୍‌ସ ଅଫିସ ବିଲ୍ଡିଂ, ଇମିଗ୍ରେଶନ ଅଫିସ, ଟ୍ରକ ପାର୍କିଂ ଏରିଆ, ୧୧୦୦ ବର୍ଗମିଟର ଅଂଚଳରେ ପରିବ୍ୟାପ୍ତ ଷ୍ଟୋରେଜ ଏରିଆ ସହ ପାୱାର ବ୍ୟାକ୍‌ଅପ ଓ ୧୧,୦୦୦ ବର୍ଗମିଟରର ଓପନ ଷ୍ଟୋରେଜ ସୁବିଧା ରହିଛି। ଏହି ଟର୍ମିନାଲର ଉଦ୍‌ଘାଟନୀ ସମାରୋହରେ ରୟାଲ ଗଭର୍ଣ୍ଣମେଣ୍ଟ ଅଫ୍ ଭୁଟାନର ଶିଳ୍ପ, ବାଣିଜ୍ୟ ଓ ନିଯୁକ୍ତି ମନ୍ତ୍ରୀ ଲ୍ୟୋନପୋ ନାମଗ୍ୟାଲ ଦୋରଜୀ, ଆସାମ ସରକାରଙ୍କ ପଂଚାୟତ ଓ ଗ୍ରାମାଂଚଳ ବିକାଶ ମନ୍ତ୍ରୀ ରିତ କୁମାର ଦାସ, ଆସାମର ଶିଳ୍ପ ଓ ବାଣିଜ୍ୟ, ଉଦ୍ୟୋଗ ମନ୍ତ୍ରୀ ବିମଳ ବୋରା, ଆସାମର ପରିବହନ ମନ୍ତ୍ରୀ ଯୋଗେନ ମୋହନ, ବାରପେଟାର ଏମ୍‌ପି ଫାନି ଭୁଷଣ ଚୌଧୁରୀ, ଧୁବ୍ରିର ଏମ୍‌ପି ରାକିବୁଲ ହୁସୈନ, ଅଭୟପୁରୀ ଦକ୍ଷିଣର ବିଧାୟକ ପ୍ରଦୀପ ସରକାର, ଆଇଡବ୍ଲ୍ୟୁଏଆଇର ଅଧ୍ୟକ୍ଷ ଆଇଏଏସ ବିଜୟ କୁମାର ପ୍ରମୁଖ ଉପସ୍ଥିତ ଥିଲେ।



ନୂଆଦିଲ୍ଲୀ: ପାକିସ୍ତାନ କ୍ରିକେଟ ଦଳକୁ ନେଇ ଏବେ ପାକିସ୍ତାନରେ ଜୋରଦାର ସମାଲୋଚନା କରାଯାଉଛି। ବୋର୍ଡ ପକ୍ଷରୁ ପରିଚାଳନା ଏବଂ ଚୟନ କମିଟି ପର୍ଯ୍ୟନ୍ତ ଏତେ ପରିବର୍ତ୍ତନ ସତ୍ତ୍ୱେ, ପାକିସ୍ତାନ ଦଳରେ ଉନ୍ନତିର କୌଣସି ସଙ୍କେତ ଦେଖିବାକୁ ମିଳିନାହିଁ। ଚାମ୍ପିଅନ୍ସ ଟ୍ରଫିରୁ ପାକିସ୍ତାନ ଦଳକୁ ବାଦ ପଡିବା ନେଇ ସାରା ଦେଶରେ ଏକ ବିତର୍କ ଚାଲିଛି। ଏବେ ଭାରତୀୟ କ୍ରିକେଟର ଯୁବରାଜ ସିଂହଙ୍କ ବାପା ଗୋଟିଏ ବର୍ଷ ମଧ୍ୟରେ ପାକିସ୍ତାନ ଦଳର ସମସ୍ତ ସମସ୍ୟାର ସମାଧାନ କରିବାକୁ ଦାବି କରିଛନ୍ତି।ଯୋଗରାଜ ସିଂହଙ୍କ ଏହି ପ୍ରତିକ୍ରିୟା ଏପରି ଏକ ସମୟରେ ଆସିଛି ଯେତେବେଳେ ୱାସିମ ଆକ୍ରମ ଏବଂ ସୋଏବ ଅଖତରଙ୍କ ପରି ଅନ୍ୟ ଅଭିଜ୍ଞ ପାକିସ୍ତାନୀ କ୍ରିକେଟରମାନେ ନିଜ ନିଜ ଦଳକୁ ସମାଲୋଚନା କରିବାରେ ବ୍ୟସ୍ତ ଅଛନ୍ତି। ଯୋଗରାଜ କହିଛନ୍ତି ଯେ ବୟାନ ଦେବା ପରିବର୍ତ୍ତେ, ଏହି ମହାନ କ୍ରିକେଟରମାନେ ଦଳକୁ ଉନ୍ନତ କରିବା ପାଇଁ କ୍ୟାମ୍ପ କରିବା ଉଚିତ। ଏକ ଗଣମାଧ୍ୟମ ସାକ୍ଷାତକାରରେ ଯୋଗରାଜ ସିଂହ ଗୋଟିଏ ବର୍ଷ ମଧ୍ୟରେ ପାକିସ୍ତାନ ଦଳକୁ ଉନ୍ନତ କରିବାର ଦାବି କରି କହିଥିଲେ, 'ଯଦି ମୁଁ ପାକିସ୍ତାନ ଯାଏ, ତେବେ ମୁଁ ୧୨ ମାସ ମଧ୍ୟରେ ଦଳକୁ ସୁଧାରିଦେବି । ତୁମେ ସମସ୍ତେ ମୋତେ ମିସ୍ କରିବ। ମୁଁ ପ୍ରତିଦିନ ୧୨ ଘଣ୍ଟା ତାଲିମ ଦେଉଛି। ତୁମକୁ ତୁମର ଦେଶବାସୀଙ୍କ ପାଇଁ କଠିନ ପରିଶ୍ରମ କରିବାକୁ ପଡିବ।'

## ଚାମ୍ପିଆନ୍ସ ଟ୍ରଫିରୁ ପାକିସ୍ତାନ ବିଦା ନେଇ ସଂସଦରେ ଖେଳାଳିଙ୍କୁ ପ୍ରଶ୍ନ କରିବେ ପ୍ରଧାନମନ୍ତ୍ରୀ

ଇସଲାମାବାଦ୍: ଚାମ୍ପିଅନ୍ସ ଟ୍ରଫିରେ ଆୟୋଜକ ଦଳର ଖରାପ ପ୍ରଦର୍ଶନ ନେଇ ପାକିସ୍ତାନ ପ୍ରଧାନମନ୍ତ୍ରୀ ଶେହବାଜ ସରିଫ ଖୁବ୍‌ଶୀଘ୍ର ପାକିସ୍ତାନ କ୍ରିକେଟ ବୋର୍ଡ (ପିସିବି) ଏବଂ ଦଳର ଖେଳାଳିମାନଙ୍କ ସହ ଆଲୋଚନା କରିବେ। ରାଜନୈତିକ ପରାମର୍ଶଦାତା ରାଣା ସାନାଉଲ୍ଲା ଏହି ସୂଚନା ଦେଇଛନ୍ତି। ପାକିସ୍ତାନ ସରକାର ଦଳର ଶୀଘ୍ର ବିଦାୟ ନେଇ ଅସନ୍ତୁଷ୍ଟ ଥିବା ସେ କହିଛନ୍ତି। ୨୯ ବର୍ଷ ପରେ ଆଇସିସି ଟୁର୍ନାମେଣ୍ଟ ଆୟୋଜନ କରୁଥିବା ପାକିସ୍ତାନ ଦଳ ଚାମ୍ପିଅନ୍ସ ଟ୍ରଫିରେ ଏକ ଶୋଚନୀୟ ପରାଜୟର ସମ୍ମୁଖୀନ ହୋଇଥିଲା। ମହମ୍ମଦ ରିଜୱାନଙ୍କ ନେତୃତ୍ୱାଧୀନ ଦଳ ନ୍ୟୁଜିଲାଣ୍ଡ ବିପକ୍ଷରେ ପ୍ରଥମ ମ୍ୟାଚ ଖେଳିଥିଲା। ୬୦ ରନରେ ପରାସ୍ତ ହୋଇଥିଲେ। ଗତ ରବିବାର ପାକିସ୍ତାନ ଭାରତୀୟ ଦଳ ସହିତ ମୁହାଁମୁହିଁ ହୋଇଥିଲା। ବିରାଟ କୋହଲିଙ୍କ ଶତକ ବଳରେ ରୋହିତ ଶର୍ମାଙ୍କ ନେତୃତ୍ୱାଧୀନ ଦଳ ସେମାନଙ୍କର ଚିରପ୍ରତିଦ୍ୱନ୍ଦ୍ୱୀମାନଙ୍କୁ ଛଅ ଉଇକେଟରେ ପରାସ୍ତ କରିଥିଲା।

# ୨୦୨୫ ହେବ ଧୋନୀଙ୍କ ଶେଷ ଆଇପିଏଲ୍ !

ଚେନ୍ନାଇ : ଭାରତୀୟ କ୍ରିକେଟ ଟିମର ପୂର୍ବତନ ଅଧିନାୟକ ମହେନ୍ଦ୍ର ସିଂ ଧୋନୀଙ୍କର ୨୦୨୫ ହେବ ଧୋନୀଙ୍କ ଶେଷ ଆଇପିଏଲ୍। କ୍ୟାପଟେନ୍ କୁଲ୍ ସର୍ବଦା କୁଲ୍ ଅନ୍ଦାଜରେ ନଜର ଆସନ୍ତି। ଚୁପ୍ ଚାପ୍ ରହୁଥିବା ଧୋନୀ ଦିନେ ସମସ୍ତଙ୍କୁ ଅବସର ନେଇ ଚକିତ କରିଦେଇଥିଲେ। ଅଷ୍ଟ୍ରେଲିଆ ଟୁରରେ ଟେଷ୍ଟ କ୍ରିକେଟ ଚାଲିଥିବା ସମୟରେ ଅବସର ଘୋଷଣା କରିଥିଲେ ମାହୀ । ୨୦୨୦ ସ୍ୱାଧୀନତା ଦିବସରେ ସେ ହଠାତ୍ ସୋଶିଆଲ ମିଡିଆରେ ଅନ୍ତର୍ଜାତୀୟ କ୍ରିକେଟକୁ ଅଲବିଦା କହିଥିଲେ। ଅନ୍ତର୍ଜାତୀୟ କ୍ରିକେଟକୁ ଅଲବିଦା କହିଥିଲେ ହେଁ ଧୋନି ଆଇପିଏଲ ଖେଳିବା ଜାରି ରଖିଛନ୍ତି। ଆଇପିଏଲର ବହୁତ ସଂସ୍କରଣ ଖେଳିସାରିଛନ୍ତି। ତାଙ୍କ ଅବସରକୁ ନେଇ ଅନେକ ସମୟରେ ଚର୍ଚ୍ଚା ବି ହୁଏ। ତାଙ୍କର ଏହା ଶେଷ ଆଇପିଏଲ୍ ବୋଲି ଖୋଲାଖୋଲି ନକହିଲେ ବି ପରୋକ୍ଷରେ ଦେଇଛନ୍ତି ଇଙ୍ଗିତ । ଆଇପିଏଲ ୨୦୨୫ ତାଙ୍କର ଶେଷ ସଂସ୍କରଣ ବୋଲି ଧୋନି ଫ୍ୟାନ୍ସଙ୍କୁ ଜଣାଇ ଦେଇଛନ୍ତି। କହିବାକୁ ଗଲେ ଧୋନି ଚେନ୍ନାଇ ସୁପର କିଙ୍ଗସର ଆଇପିଏଲ ପ୍ରସ୍ତୁତି ପାଇଁ ଚେନ୍ନାଇ ଆସିଛନ୍ତି। ସେ ପିନ୍ଧିଥିବା ଟି-ଶାର୍ଟରେ ହିଁ ତାଙ୍କ ଅବସରର ସଙ୍କେତ ଦେଇଛନ୍ତି । ଧୋନି ଟି-



### ସଂକେତ ଦେଲା ଟି-ଶାର୍ଟ

ଶାର୍ଟରେ ୱାନ ଲାଷ୍ଟ ଟାଇମ ବା ଶେଷ ଥର ପାଇଁ ଉଲ୍ଲେଖ କରିଛନ୍ତି । କିନ୍ତୁ ଏହାକୁ ଜଣେ ସାଧାରଣ ଲୋକ ଦେଖିଲେ ଜାଣି ପାରିବ ନାହିଁ। କାରଣ ଧୋନି ନିଜ ଷ୍ଟାଇଲରେ ନିଜର ଅବସର ସମ୍ପର୍କରେ ସଙ୍କେତ ଦେଇଛନ୍ତି। ସେ କୋର୍ଡରେ ନିଜ ଟି-ଶାର୍ଟରେ ଉଲ୍ଲେଖ କରିଛନ୍ତି ।ଏହାକୁ ବୁଝିବା ପାଇଁ ଚ୍ୟାଟଜିପିଟିର ସହାୟତା ନିଆଯାଇଥାଏ। ଧୋନିଙ୍କ ଟି-ଶାର୍ଟ ଦେଖି ପ୍ରଥମେ କିଛି ସୋଶିଆଲ ମିଡିଆ ବ୍ୟବହାରକାରୀ ତାଙ୍କ ଅବସର ଚର୍ଚ୍ଚା କରିଥିଲେ।

ଏହାପରେ ତାଙ୍କ ଟି-ଶାର୍ଟରେ ଥିବା ଡଟ ଓ ଡ୍ୟାସକୁ ଓପନ ଏଆଇର ଚ୍ୟାଟଜିପିଟିରେ ଡିକୋଡ କରାଯାଇଛି। ୨୦୦୮ରୁ ଚେନ୍ନାଇ ପାଇଁ ଆଇପିଏଲ ଖେଳି ଆସୁଛନ୍ତି ୪୩ ବର୍ଷୀୟ ଧୋନି । ସେ ଆଇପିଏଲର ସବୁଠାରୁ ବୟସ୍କ ଖେଳାଳି। ତାଙ୍କ ନେତୃତ୍ୱରେ ଚେନ୍ନାଇ ୫ଥର ଚାମ୍ପିୟନ ହୋଇଛି। ୨ ମାସ ଧରି ଆଇପିଏଲ ପାଇଁ ନିଜକୁ ଫିଟ ରଖିବା ପାଇଁ ଧୋନିଙ୍କୁ ୬ରୁ ୮ ମାସ ଅଭ୍ୟାସ କରିବାକୁ ପଡୁଛି। ୨୦୨୫ ଜୁଲାଇରେ ଧୋନି ୪୪ ବର୍ଷରେ ପାଦ ଦେବେ। ତଥାପି ସେ ନିଜର ଫିଟନେସକୁ ମ୍ୟାଚ୍ ପାଇଁ ପ୍ରସ୍ତୁତ କରି ରଖିଛନ୍ତି। ୨୦୨୪ ଆଇପିଏଲରେ ସେ ସମସ୍ତ ୧୪ଟି ଯାକ ମ୍ୟାଚ ଖେଳିଥିଲେ। ୨୨୦ ଷ୍ଟ୍ରାଇକ ରେଟରେ ତାଙ୍କ ବ୍ୟାଟରୁ ୧୬୧ ରନ ବାହାରିଥିଲା। ସେ ନିକଟରେ ହଟଷ୍ଟାର ଷ୍ଟୁଡିଓରେ ଅଭିନେତା ସନୀ ଦେଓଲଙ୍କ ସହ ଭାରତ-ପାକିସ୍ତାନ ମ୍ୟାଚ ଉପଭୋଗ କରୁଥିଲେ । ନିକଟରେ ଏକ ସାକ୍ଷାତକାରରେ କହିଥିଲେ ଫିଟ ରହିବା ଏବଂ ଆଇପିଏଲରେ ଖେଳିବା ପାଇଁ ମୋତେ କଠିନ ପରିଶ୍ରମ କରିବାକୁ ପଡୁଛି । କ୍ରିକେଟରୁ ଅବସର ନେଇଥିଲେ ମଧ୍ୟ ଏବେ ବି ଏହାର ମୋହରୁ ବାହାରି ପାରୁ ନାହିଁ ବୋଲି ଭାରତର ଏହି ସଫଳ ଅଧିନାୟକ ଜଣଙ୍କ କହିଛନ୍ତି ।

# ଚାମ୍ପିଅନ୍ସ ଟ୍ରଫି : ପାକିସ୍ତାନ-ବାଂଲାଦେଶ ମ୍ୟାଚ୍ ବାତିଲ

ରାୱଲପିଣ୍ଡି: ଚାମ୍ପିଅନ୍ସ ଟ୍ରଫି ଇତିହାସରେ ପ୍ରଥମ ଥର ପାଇଁ ଏପରି ଘଟଣା ଘଟିଛି। ଆୟୋଜକ ଦେଶ ଗୋଟିଏ ବି ମ୍ୟାଚ୍ ଜିତି ନପାରି ଟୁର୍ଣ୍ଣାମେଣ୍ଟରୁ ବିଦା ହୋଇଛି। ଚାମ୍ପିଅନ୍ସ ଟ୍ରଫି ୨୦୨୫ର ଆୟୋଜକ ଦେଶ ପାକିସ୍ତାନ ଗ୍ରୁପ ପର୍ଯ୍ୟାୟରୁ ବାଦ୍ ପଡ଼ି ସାରିଛି। ଏଥିରୁ ଲଜ୍ଜାକର କଥା ଦଳ ବିନା କୌଣସି ମ୍ୟାଚ୍ ଜିତି ନିଜର ଅଭିଯାନ ସମାପ୍ତ କରିଛି। ଆଇସିସି ଚାମ୍ପିଅନ୍ସ ଟ୍ରଫି ୨୦୨୫ରେ ପାକିସ୍ତାନ ଓ ବାଂଲାଦେଶ ମଧ୍ୟରେ ହେବାକୁ ଥିବା ନବମ ମୁକାବିଲା ବର୍ଷା କାରଣରୁ ରଦ୍ଦ ହୋଇଛି। ରାୱଲପିଣ୍ଡି କ୍ରିକେଟ୍ ଷ୍ଟାଡିୟମରେ ଲଗାତାର ବର୍ଷା ଓ ଓଦା ଆଉଟ୍ ଫିଲ୍ଡ କାରଣରୁ ଟସ୍ ବି ପଡ଼ି ପାରି ନ ଥିଲା। ଶେଷରେ ବାଧ୍ୟ ହୋଇ ମ୍ୟାଚ୍ ରଦ୍ଦ ଘୋଷଣା କରାଯାଇଛି। ବିନା କୌଣସି ବିଜୟରେ ପାକିସ୍ତାନ ତୃତୀୟ ଥର ଆଇସିସି ଟୁର୍ଣ୍ଣାମେଣ୍ଟର ପ୍ରଥମ ରାଉଣ୍ଡରୁ ବାଦ୍ ପଡ଼ିଛି। ଏହା ପୂର୍ବରୁ ଦଳ ୨୦୨୩ରେ ଦିନିକିଆ ବିଶ୍ୱକପ୍ ଓ ୨୦୨୪ରେ ଟି-୨୦ ବିଶ୍ୱକପ୍‌ରେ ପ୍ରଥମ ରାଉଣ୍ଡରୁ ହିଁ ବାଦ୍ ପଡ଼ିଥିଲା। ବାଂଲାଦେଶ ବି ବିନା କୌଣସି ମ୍ୟାଚ୍ ଜିତି ଟୁର୍ଣ୍ଣାମେଣ୍ଟରୁ ବିଦାୟ ନେଇଛି।



### ଲଜ୍ଜା: ବିନା ମ୍ୟାଚ୍ ଜିତି ଚାମ୍ପିଅନ୍ସ ଟ୍ରଫିରୁ ପାକିସ୍ତାନ ବିଦା

ପାକିସ୍ତାନ ପାଇଁ ଲଜ୍ଜାଜନକ ଏହା ଯେ, ଦଳ ନିଜ ମାଟିରେ ବି ଗୋଟିଏ ହେଲେ ମ୍ୟାଚ୍ ଜିତି ପାରିଲା ନାହିଁ। ନିଜେ ଆୟୋଜକ ଥିବା ପାକିସ୍ତାନ ପ୍ରଥମ ମ୍ୟାଚ୍‌ରେ ନ୍ୟୁଜିଲାଣ୍ଡଠୁ ୬୦ ରନରେ ପରାଜିତ ହୋଇଥିବା ବେଳେ ଦ୍ୱିତୀୟ ମ୍ୟାଚ୍‌ରେ ଭାରତଠୁ ୬ ୱିକେଟ୍‌ରେ ହାରିଥିଲା। ଆଉ ବାଂଲାଦେଶ ବିପକ୍ଷ ଶେଷ ମ୍ୟାଚ୍ ବର୍ଷା ଯୋଗୁଁ ରଦ୍ଦ ହୋଇଛି । ଉଭୟ ପାକିସ୍ତାନ ଓ ବାଂଲାଦେଶକୁ ଗୋଟିଏ ଲେଖାଏଁ ପଏଣ୍ଟ ମିଳିଛି। ଅନ୍ୟପଟେ ବାଂଲାଦେଶର ମଧ୍ୟ ସମାନ ଅବସ୍ଥା। ନିଜର ପ୍ରଥମ ମ୍ୟାଚ୍‌ରେ ଦଳ ଭାରତଠୁ ପରାଜିତ ହୋଇଥିଲା। ଦ୍ୱିତୀୟ ମୁକାବିଲାରେ ବାଂଲାଦେଶକୁ ୫ ୱିକେଟ୍‌ରେ ହରାଇଥିଲା ନ୍ୟୁଜିଲାଣ୍ଡ। ଆଉ ତୃତୀୟ ମ୍ୟାଚ୍ ବର୍ଷା ଯୋଗୁଁ ବାତିଲ ହୋଇଛି । ଉଲ୍ଲେଖନୀୟ ପାକିସ୍ତାନ ଓ ବାଂଲାଦେଶ ପୂର୍ବରୁ ଚାମ୍ପିଅନ୍ସ ଟ୍ରଫି ୨୦୨୫ର ସେମି ଫାଇନାଲ୍ ଦୌଡ଼ରୁ ବାଦ୍ ପଡ଼ି ସାରିଥିଲେ। ଆଠଟି ଦଳକୁ ନେଇ ଆୟୋଜିତ ଚାମ୍ପିଅନ୍ସ ଟ୍ରଫିର ଗ୍ରୁପ ଏରୁ ଭାରତ ଓ ନ୍ୟୁଜିଲାଣ୍ଡ ସେମି ଫାଇନାଲ୍ ପାଇଁ ଯୋଗ୍ୟତ ଅର୍ଜନ କରି ସାରିଛନ୍ତି। ଏହି ଗ୍ରୁପରୁ ପାକିସ୍ତାନ ଓ ବାଂଲାଦେଶ ବିଦା ହୋଇଥିବା ବେଳେ ଗ୍ରୁପ ବିରୁ ଇଂଲଣ୍ଡ ବାଦ୍ ପଡ଼ି ସାରିଛି। ଦକ୍ଷିଣ ଆଫ୍ରିକା, ଅଷ୍ଟ୍ରେଲିଆ ଓ ଆଫଗାନିସ୍ତାନ ମଧ୍ୟରେ ସେମି ପାଇଁ କଡ଼ା ସଂଘର୍ଷ ଦେଖିବାକୁ ମିଳିଛି।

## ସଂଘ ଲଢ଼େଇରେ କୁସ୍ତିଯୋଦ୍ଧା ନିରାଶ



ନୂଆଦିଲ୍ଲୀ: ଭାରତୀୟ କୁସ୍ତି ମହାସଂଘ (ଡବ୍ଲ୍ୟୁଏଫ୍ଆଇ) ଏବଂ ଭାରତ ସରକାରଙ୍କ କ୍ରୀଡ଼ା ମନ୍ତ୍ରଣାଳୟ ମଧ୍ୟରେ ଚାଲିଥିବା ମତଭେଦ କାରଣରୁ କୁସ୍ତିଯୋଦ୍ଧାମାନେ ଏହାର କୁପରିଣତି ଭୋଗୁଛନ୍ତି। ୨୦୨୩ ଡିସେମ୍ବରଠାରୁ ଡବ୍ଲ୍ୟୁଏଫ୍ଆଇକୁ କ୍ରୀଡ଼ା ମନ୍ତ୍ରଣାଳୟ ବାସନ୍ଦ କରିଛି। ସମୟକ୍ରମେ ଆବଶ୍ୟକୀୟ ଦସ୍ତାବିଜ୍ ହସ୍ତାନ୍ତର କରିବାରେ ମହାସଂଘ ବିଫଳ ହେଉଥିବାରୁ ଡବ୍ଲ୍ୟୁଏଫ୍ଆଇକୁ ବାସନ୍ଦ କରିଛି ମନ୍ତ୍ରଣାଳୟ। କିନ୍ତୁ ଖେଳାଳିମାନେ ବିଭିନ୍ନ ଅନ୍ତର୍ଜାତୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବାରୁ ବଞ୍ଚିତ ହେଉଥିବାରୁ କ୍ଷୋଭ ପ୍ରକାଶ କରିଛନ୍ତି। ଶନିବାର ପ୍ରାୟ ୩୦ ଜଣ ଖେଳାଳି ନିଜ ଦାବି ଉପସ୍ଥାପନ କରିବାକୁ କେନ୍ଦ୍ର କ୍ରୀଡ଼ାମନ୍ତ୍ରୀ ମନସୁଖ ମାଣ୍ଡବୀୟଙ୍କ ବାସଭବନ ସମ୍ମୁଖରେ ଏକାଠି ହୋଇଥିଲେ। ମନ୍ତ୍ରୀ କିନ୍ତୁ ଗସ୍ତରେ ଥିବାରୁ ଏମାନେ ନିରାଶ ହୋଇ ଫେରିଛନ୍ତି। ୨୩ ବର୍ଷରୁ କମ୍ ଏସୀୟ ବିଜେତା ସୁନିଲ କୁମାର ଏବଂ ଅନ୍ୟ ବହୁ କୁସ୍ତିଯୋଦ୍ଧା ଏକାଠି ହୋଇଥିଲେ ମଧ୍ୟ ମନ୍ତ୍ରୀଙ୍କୁ ଭେଟିବା ସୁଯୋଗ ପାଇନାହାନ୍ତି। 'ଆଲବାନିଆ ପ୍ରତିଯୋଗିତାରେ ଖେଳି ଆମେ ମାର୍ଚ୍ଚରେ ଖେଳାଯିବାକୁ ଥିବା ଏସୀୟ ପ୍ରତିଯୋଗିତା ଲାଗି ପଏଣ୍ଟ୍ ଅର୍ଜନ କରିବା ଲକ୍ଷ୍ୟରେ ରହିଛୁ। ପୂର୍ବରୁ ଆମକୁ କ୍ରୋଏସିଆରେ ଅନୁଷ୍ଠିତ ବିଶ୍ୱ ରାଙ୍କିଙ୍ଗ୍ ପ୍ରତିଯୋଗିତାରେ ବି ଅଂଶଗ୍ରହଣ ସୁଯୋଗ ମିଳି ନଥିଲା' ବୋଲି ସୁନିଲ ପ୍ରକାଶ କରିଛନ୍ତି। ଗତ ଜାନୁଆରି ୩୦ ତାରିଖରେ ଡବଲ୍ୟୁଏଫଆଇ ଏ ସମ୍ପର୍କିତ ପ୍ରସ୍ତାବକୁ ଭାରତୀୟ କ୍ରୀଡ଼ା ପ୍ରାଧିକରଣ (ସାଇ)କୁ ପ୍ରଦାନ କରିଛି। କିନ୍ତୁ ନିଲମ୍ବିତ ଡବଲ୍ୟୁଏଫ୍ ?ଆଇ ଏବଂ କ୍ରୀଡ଼ା ମନ୍ତ୍ରଣାଳୟ ମଧ୍ୟରେ ମତଭେଦ ଲାଗି ରହିଥିବାରୁ କୌଣସି ସୁଫଳ ବାହାରିପାରିନାହିଁ। କିନ୍ତୁ ଭାରତୀୟ କୁସ୍ତି ସଂଘ (ଡବ୍ଲ୍ୟୁଏଫ୍ଆଇ)କୁ କୁସ୍ତିର ଅନ୍ତର୍ଜାତୀୟ ମହାସଂଘ ୟୁଡବ୍ଲ୍ୟୁଡବ୍ଲ୍ୟୁ ସ୍ୱୀକୃତି ପ୍ରଦାନ ଜାରି ରଖିଛି। ଆଗକୁ ଏକାଧିକ ଅନ୍ତର୍ଜାତୀୟ ପ୍ରତିଯୋଗିତା ଥିବାରୁ ସରକାରଙ୍କ ସକ୍ରିୟ ହସ୍ତକ୍ଷେପ ଆଶା କରିଛନ୍ତି ଖେଳାଳିମାନେ। ସୂଚନାଯୋଗ୍ୟ, ଗତବର୍ଷ ୧୨ ଜଣ ମନୋନୀତ ଖେଳାଳି କ୍ରୀଡ଼ାମନ୍ତ୍ରୀଙ୍କୁ ଭେଟିବା ପରେ ସେମାନଙ୍କୁ ବିଶ୍ୱ ପ୍ରତିଯୋଗିତା ଲାଗି ସରକାର ଅନୁମତି ପ୍ରଦାନ କରିଥିଲେ

# ରେନି କ୍ରିକେଟ୍ ପ୍ରତିଯୋଗିତା ଉଦ୍‌ଘାଟିତ



ବ୍ରଜରାଜନଗର (ଭାସ୍କର ନ୍ୟୁଜ୍) : ଚାନ୍ଦିନୀମାଲ ପଞ୍ଚାୟତ ଚିଚିଣ୍ଡା ଗ୍ରାମ ଖେଳ ପଡ଼ିଆରେ ପଞ୍ଚମ ରେନି କ୍ରିକେଟ ପ୍ରତିଯୋଗିତା ଗୁରୁବାର ଉଦଘାଟିତ ହୋଇଯାଇଛି । ଉଦଘାଟନୀ ମ୍ୟାଚକୁ ଚାନ୍ଦିନୀମାଲ ସରପଞ୍ଚ ଲକ୍ଷ୍ମୀଧର ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦଘାଟନ କରିଥିଲେ। ଅଲ ଓଡ଼ିଶା କରାଟେ ଫାଉଣ୍ଡେସନ ସାଧାରଣ ସଂପାଦକ ବିଶ୍ୱ ଲୋଚନ ଭୋଇ, ଚିଚିଣ୍ଡା ପୂର୍ବତନ କ୍ରିକେଟ ଖେଳାଳି ହରେକୃଷ୍ଣ ପଟେଲ, ଅବସରପ୍ରାପ୍ତ ଶିକ୍ଷକ ଦିଲ୍ଲିପ ପଟେଲ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଥିଲେ। ଉଦଘାଟନୀ ମ୍ୟାଚ ନୂଆଡିହି ଦଳ ଓ ମଧୁବନ ନଗର ଟିମ ମଧ୍ୟରେ ଖେଳା ଯାଇଥିଲା। ମଧୁବନ ନଗର ପ୍ରଥମେ ବ୍ୟାଟିଂ କରି ୧୦ ଓଭରରେ ୩ ୱିକେଟ ହରାଇ ୯୮ ରନ୍ ସଂଗ୍ରହ କରିଥିଲା। ଜବାବରେ ନୂଆଡ଼ିହି ଦଳ ୧୦ ଓଭରରେ ସମସ୍ତ ୱିକେଟ୍ ହରାଇ ୫୯ ରନ୍ ସଂଗ୍ରହ କରିଥିଲେ। ଫଳରେ ମଧୁବନ ନଗର ଦଳ ୩୯ ରନରେ ବିଜୟୀ ହୋଇଥିଲେ। ଗୁଣ ସାଗର ସେଠ, ମାନସ ମହାନନ୍ଦ ଅମ୍ପେୟାର ଦାୟିତ୍ୱ ନିର୍ବାହ କରିଥିଲେ। ସୁରେଶ ପେରେ, ମିଥୁନ ମହାକୁଡ଼, ବିମଳ ପଟେଲ, ସରୋଜ ମିର୍ଦ୍ଧା, ମନୋଜ, ଶୁଭ ନେଟି ସହଯୋଗ କରିଥିଲେ।

### ବାରବାଟୀ ପରେ ୱିମ୍ବଲେରେ ଲିଭିଲା ଲାଇଟ୍

# ଇଂଲଣ୍ଡ-ସ୍ପେନ ମ୍ୟାଚ୍ ବାଧାପ୍ରାପ୍ତ



ଲଣ୍ଡନ : କଟକର ବାରବାଟୀ ଷ୍ଟାଡିୟମରେ ଘଟିଥିବା ଘଟଣାର ପୁନରାବୃତ୍ତି ଲଣ୍ଡନ ସ୍ଥିତ ୱିମ୍ବଲେ ଷ୍ଟାଡିୟମରେ ଘଟିଛି। ବୁଧବାର ଷ୍ଟାଡିୟମରେ କରେଣ୍ଟ ଚାଲିଯିବାରୁ ଇଂଲଣ୍ଡ ଓ ସ୍ପେନ ମହିଳା ଫୁଟବଲ ଦଳ ମଧ୍ୟରେ ଖେଳାଯାଇଥିବା ନେଶନ୍ସ ଲିଗ ମ୍ୟାଚ ବାଧାପ୍ରାପ୍ତ ହୋଇଥିଲା। ୟୁରୋପିଆନ ଚାମ୍ପିୟନ ଇଂଲଣ୍ଡ ପ୍ରଥମାର୍ଦ୍ଧ ସୁଦ୍ଧା ୧-୦ ଗୋଲରେ ଆଗରେ ରହିଥିଲା। ଦ୍ୱିତୀୟାର୍ଦ୍ଧ ଆରମ୍ଭରୁ ଷ୍ଟାଡିୟମରେ ହଠାତ ଅନ୍ଧାର ଛାଇ ଯାଇଥିଲା। ଷ୍ଟାଡିୟମରେ କେବଳ ଡିଜିଟାଲ ବିଜ୍ଞାପନ ହୋର୍ଡିଂ ଓ କର୍ପୋରେଟ ବକ୍ସର ମଧ୍ୟରେ ଲାଇଟ ଜଳୁଥିଲା। ବିକଳ୍ପ ବ୍ୟବସ୍ଥା କରାଯିବା ପରେ ଷ୍ଟାଡିୟମ ଆଲୋକିତ ହୋଇଥିଲା। ଏଥିଯୋଗୁ ମ୍ୟାଚ କିଛି ସମୟ ପାଇଁ ବାଧାପ୍ରାପ୍ତ ହୋଇଥିଲା। ନିକଟରେ ଓଡ଼ିଶାର ବରାବାଟୀ ଷ୍ଟାଡିୟମରେ ଭାରତ ଓ ଇଂଲଣ୍ଡ ମଧ୍ୟରେ ଖେଳାଯାଇଥିବା ଦ୍ୱିତୀୟ ଦିନିକିଆ ମ୍ୟାଚ ହଠାତ ଏକ ଫ୍ଲଡ ଲାଇଟରେ ତ୍ରୁଟି ଯୋଗୁ ମ୍ୟାଚ କିଛି ସମୟ ବାଧା ପ୍ରାପ୍ତ ହୋଇଥିଲା।

## ଡିସିର ମେଣ୍ଟର ହେଲେ ପିଟରସନ୍



ନୂଆଦିଲ୍ଲୀ: ଖବୁ ଶ୍ରୀଘ୍ର ଆଇପିଏଲ୍ ୨୦୨୫ ଆରମ୍ଭ ହେବ। ଏହାପୂର୍ବରୁ ପୂର୍ବତନ ଇଂଲଣ୍ଡ ଅଧିନାୟକ କେଭିନ ପିଟରସେନଙ୍କୁ ଦିଲ୍ଲୀ କ୍ୟାପିଟାଲ୍ସ ଦଳରେ ସାମିଲ କରିଛି। ଫ୍ରାଞ୍ଚାଇଜ ତାଙ୍କୁ ନୂତନ ସିଜିନ ପାଇଁ ନିଜର ମେଣ୍ଟର କରିଛି। ଏନେଇ ଦଳ ଏହାର ଆପ୍‌ରେ ଘୋଷଣା କରିଛି। ଦିଲ୍ଲୀ କ୍ୟାପିଟାଲ୍ସ ଆଇପିଏଲ ୨୦୨୫ ପାଇଁ ହେମାଙ୍ଗ ବଦାନୀଙ୍କୁ ମୁଖ୍ୟ ପ୍ରଶିକ୍ଷକ (ହେଡ୍ କୋଚ୍) ଭାବରେ ନିଯୁକ୍ତ କରିଛି। ସେହିପରି ଇଂଲଣ୍ଡର ଧଳା ବଲ ପ୍ରଶିକ୍ଷକ ଥିବା ମାଥ୍ୟୁ ମଟ ସହାୟକ ପ୍ରଶିକ୍ଷକ ଭୂମିକାରେ ଦେଖାଯିବେ, ଯେତେବେଳେ ଫ୍ରାଞ୍ଚାଇଜ ଭାରତର ଅଭିଜ୍ଞ ପେସର ମୁନାଫ ପଟେଲଙ୍କୁ ବୋଲିଂ ପ୍ରଶିକ୍ଷକ ଭାବରେ ଚୟନ କରିଛି। ଏହା ବ୍ୟତୀତ ଭେଣୁଗୋପାଳ ରାଓ କ୍ରିକେଟ ନିର୍ଦ୍ଦେଶକ ଦାୟିତ୍ୱ ତୁଲାଉଛନ୍ତି। ଏବେ ୪୪ ବର୍ଷୀୟ କେଭିନ ପିଟରସେନ ମଧ୍ୟ ଏହି ପ୍ରଶିକ୍ଷକ ଦଳରେ ପ୍ରବେଶ କରିଛନ୍ତି। ପିଟରସେନ ୨୦୧୪ ସିଜିନରେ ଏହି ଦଳ ପାଇଁ ଖେଳାଳି ଏବଂ ଅଧିନାୟକ ଭାବରେ ଖେଳିଛନ୍ତି। ତାଙ୍କ ଅଧିନାୟକତ୍ୱରେ ଦଳ ୨ଟି ମ୍ୟାଚ ଜିତିପାରିଥିଲା। ପିଟରସେନ ୨୦୦୯ ମସିହାରେ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ପାଇଁ ଆଇପିଏଲ୍‌ରେ ଡେବ୍ୟୁ କରିଥିଲେ। ସେ ଶେଷ ଥର ପାଇଁ ଏହି ଟୁର୍ନାମେଣ୍ଟରେ ୨୦୧୬ ସିଜିନରେ ରାଇଜିଂ ପୁଣେ ସୁପରଜିଆଣ୍ଟସ ପାଇଁ ଖେଳିଥିଲେ। ଏହି ଲିଗରେ ଖେଳୁଥିବା ସମୟରେ ସେ ୩ ଫ୍ରାଞ୍ଚାଇଜ ପକ୍ଷରୁ ଖେଳିଥିଲେ। ଓଟଖ ବ୍ୟତୀତ ସେ ପାକିସ୍ତାନ ସୁପର ଲିଗ୍, ବିଗ୍ ବାଶ ଲିଗ୍ ଏବଂ କାରିବିଆନ୍ ପ୍ରିମିୟର ଲିଗ୍‌ରେ ମଧ୍ୟ ଖେଳିଛନ୍ତି।


**Office of the Executive Engineer**
**Drinking Water & Sanitation Division, Sahibganj**

**Very Short Term Tender e-Procurement Notice (4th Call)**

e-Tender Reference No. :- **DWSD/SAHIBGANJ- 11/2024-25 Date- 27.02.2025**

| Sl. | Name of Work | Name of Scheme | Group No. | Model No. | No. of Schemes | No. of FHTC | Estimated Cost (In Lac) | Earnest Money (In Lac) | Cost of BOQ (In Rs.) | Month |
|---|---|---|---|---|---|---|---|---|---|---|
| 1 | 2 | 3 | 4 | 5 | 6 | | 7 | 8 | 9 | 10 |
| 1 | 1. Construction of rural water supply Scheme with 1.0 HP DC Solar motor pump complete set & Construction of DT/GPT/HYDT/HYGPT (as applicable) Bore well for Tolas/Village/Areas which is not included in MVS and has no electricity or less electricity to supply water 2000 LPH at least 15/30 year for 24x7 supply under JJM in the state of Jharkhand. **(Model-IB)** 2. Construction of rural water supply Scheme with 2 Nos. 1.00 HP DC Solar motor pump complete set for Tolas/ Village/ Areas which is not included in MVS and has no electricity or less electricity on 2 Nos. DT/GPT/HYDT/HYGPT (as applicable) having potential to supply water 2000 LPH maximum at least 15/30 years for 24 x 7 supply under JJM in the state of Jharkhand. **(Model-3)** **3.** Construction of rural water supply Scheme with 2 Nos. 2.00 HP DC Solar motor pump complete set for Tolas/ Village/ A reas which is not included in MVS and no electricity or less electricity on 2 Nos. DT/GPT/HYDT/HYGPT (as applicable) having potential to supply water 2000 LPH maximum at least 15/30 years for 24 x7 supply under JJM in the state of Jharkhand. **(Model-4)** | Topara Group of SVS | SVS-03 | 1B | 21 | 616 | 193.38 | 3.90 | 10000.00 | 6 Months |
| 2 | Date & Time of Publication of Tender on website | | 01.03.2025/ 06:00 P.M | | | | | | | |
| 3 | Last Date & Time for receipt of Bid | | 07.03.2025/ 05:00 P.M | | | | | | | |
| 4 | **Last date/ time of Online submission of Earnest Money and Cost of BOQ** (As per Letter No.-120, dated-03.10.2023 of Secretary to Govt., Information Technology & e-Governance Department, Govt. of Jharkhand) | | 07.03.2025/ 05:00 PM | | | | | | | |
| 5 | Date & Time of Opening of Tender | | 08.03.2025 / 05:00 PM | | | | | | | |
| 6 | Name & address of office inviting tender | | Executive Engineer, Drinking Water & Sanitation Division,Sahibganj, Jharkhand | | | | | | | |
| 7 | Name & address of Opening officer | | Executive Engineer, Drinking Water & Sanitation Division, Sahibganj Jharkhand | | | | | | | |
| 8 | Contact No. of Procurement Office | | 9264195681 | | | | | | | |
| 9 | Helpline No. of e-procurement cell | | 9264195681 | | | | | | | |

**Note:-** •No Claim shall be entertained because of disruption of internet service being used by the bidders. Bidders are advised to upload their bids well in advance to avoid last minute technical snags.
• Further details can be seen on website http://jharkhandtenders.gov.in
•Estimated cost may be increase or decrease.

**Executive Engineer**
**Drinking Water and Sanitation,**
**Division Sahibganj.**

PR 347291 (Drinking Water and Sanitation) 24-25 (D)



**झारखण्ड सरकार**
**ग्रामीण कार्य विभाग, कार्यपालक अभियंता का कार्यालय**
**कम्बाइंड बिल्डींग, ओल्ड चास कोट एरिया, बोकारो।**

**ई– अल्पकालीन पुनर्निविदा आमंत्रण सूचना**

ई– अल्पकालीन निविदा संख्या :- 19/RI/2024-25/RWD/EE/BOKARO दिनांक – 27.02.2025

कार्यपालक अभियंता, ग्रामीण कार्य विभाग, कार्य प्रमंडल, बोकारो द्वारा निम्न विवरण के अनुसार e-procurement पद्धति से निविदा आमंत्रित की जाती है।

| क्र0 सं0 | आईडेन्टी फिकेशन संख्या/पैकेज संख्या | कार्य का नाम | प्राक्कलित राशि (रूपये में) अंक में | अक्षर में | कार्य समाप्ति की अवधि | टेण्डर कॉल नं0 |
|---|---|---|---|---|---|---|
| 1 | RWD/EE/BOKARO/ 50/2024-25 | कुकुरलिलवा आर0ई0ओ0 पथ से जमुनिया स्कूल तक पथ निर्माण कार्य (लम्बाई– 2.000 कि0मी0)। | 1,99,10,000.00 | एक करोड़ निन्यानबे लाख दस हजार रू0 मात्र | 12 माह | द्वितीय |
| 2 | RWD/EE/BOKARO/ 51/2024-25 | पुरनी पोखर से कुजुबेड़ा तक पथ निर्माण कार्य (लम्बाई– 2. 500 कि0मी0)। | 2,29,14,800.00 | दो करोड़ उनतीस लाख चौदह हजार आठ सौ रू0 मात्र | 12 माह | द्वितीय |
| 3 | RWD/EE/BOKARO/ 52/2024-25 | पोटसो पंचायत में भवानी से मंझीया नावाडीह आदिवासी टोला तक पथ निर्माण कार्य (लम्बाई– 2.000 कि0मी0)। | 1,82,00,300.00 | एक करोड़ बयासी लाख तीन सौ रू0 मात्र | 12 माह | द्वितीय |
| 4 | RWD/EE/BOKARO/ 53/2024-25 | तेलो (पश्चिमी में) आर0ई0ओ0 रोड से संगीबहियार तक पथ निर्माण कार्य (लम्बाई– 1.500 कि0मी0)। | 1,28,00,200.00 | एक करोड़ अट्ठाईस लाख दो सौ रू0 मात्र | 09 माह | द्वितीय |

2. वेबसाईट में निविदा प्रकाशन की तिथि:– 07.03.2025
3. ई–निविदा प्राप्ति की अंतिम तिथि एवं समय :– 15.03.2025 अपराह्न 5.00 बजे तक।
4. निविदा खोलने की तिथि एवं समय :– 17.03.2025 अपराह्न 03.30 बजे।
5. निविदा आमंत्रित करने वाले पदाधिकारी का नाम एवं पता :– कार्यपालक अभियंता, ग्रामीण कार्य विभाग, कार्य प्रमंडल, बोकारो, कम्बाइंड बिल्डींग, सिविल एस0डी0ओ0, ऑफिस ओल्ड चास कोट एरिया, चास बोकारो, झारखंड, पिन– 827013
6. ई–निविदा प्रकोष्ठ का दूरभाष सं0– 9431060119

विस्तृत जानकारी के लिए वेबसाईट jharkhandtenders.gov.in में देखा जा सकता है।

**कार्यपालक अभियंता**
**ग्रामीण कार्य विभाग**
**कार्य प्रमंडल, बोकारो।**

PR 347338 (Rural Work Department) 24-25 (D)



**झारखण्ड सरकार ग्रामीण कार्य विभाग कार्यपालक अभियंता का कार्यालय**
**कम्बाइंड बिल्डींग, ओल्ड चास कोट एरिया, बोकारो।**

**ई– अल्पकालीन पुनर्निविदा आमंत्रण सूचना**

ई– अल्पकालीन निविदा संख्या :- 25/RI/2024-25/RWD/EE/BOKARO दिनांक – 27.02.2025

कार्यपालक अभियंता, ग्रामीण कार्य विभाग, कार्य प्रमंडल, बोकारो द्वारा निम्न विवरण के अनुसार e-procurement पद्धति से निविदा आमंत्रित की जाती है।

| क्र0 सं0 | आईडेन्टी फिकेशन संख्या/पैकेज संख्या | कार्य का नाम | प्राक्कलित राशि (रूपये में) अंक में | अक्षर में | कार्य समाप्ति की अवधि | टेण्डर कॉल नं0 |
|---|---|---|---|---|---|---|
| 1 | RWD/EE/BOKARO/ 67/2024-25 | जीतु महतो स्कूल से चिलकीटांड होते हुए ब्राह्मण द्वारिका नीचे टोला तक पथ निर्माण कार्य (लम्बाई– 1.100कि0मी0)। | 1,87,83,200.00 | एक करोड़ सत्तासी लाख तिरासी हजार दो सौ रू0 मात्र | 12 माह | द्वितीय |

2. वेबसाईट में निविदा प्रकाशन की तिथि:– 07.03.2025
3. ई–निविदा प्राप्ति की अंतिम तिथि एवं समय :– 15.03.2025 अपराह्न 5.00 बजे तक।
4. निविदा खोलने की तिथि एवं समय :– 17.03.2025 अपराह्न 03.30 बजे।
5. निविदा आमंत्रित करने वाले पदाधिकारी का नाम एवं पता :– कार्यपालक अभियंता, ग्रामीण कार्य विभाग, कार्य प्रमंडल, बोकारो, कम्बाइंड बिल्डींग, सिविल एस0डी0ओ0, ऑफिस ओल्ड चास कोट एरिया, चास बोकारो, झारखंड, पिन– 827013
6. ई–निविदा प्रकोष्ठ का दूरभाष सं0– 9431060119

विस्तृत जानकारी के लिए वेबसाईट jharkhandtenders.gov.in में देखा जा सकता है।

**कार्यपालक अभियंता**
**ग्रामीण कार्य विभाग कार्य प्रमंडल, बोकारो।**

PR 347337 Rural Work Department(24-25)D



**झारखण्ड सरकार**
**ग्रामीण कार्य विभाग कार्यपालक अभियंता का कार्यालय**
**कम्बाइंड बिल्डींग, ओल्ड चास कोट एरिया, बोकारो**

**ई– अल्पकालीन पुनर्निविदा आमंत्रण सूचना**

ई– अल्पकालीन निविदा संख्या :- 23/RI/2024-25/RWD/EE/BOKARO
दिनांक – 27.02.2025

कार्यपालक अभियंता, ग्रामीण कार्य विभाग, कार्य प्रमंडल, बोकारो द्वारा निम्न विवरण के अनुसार e-procurement पद्धति से निविदा आमंत्रित की जाती है।

| क्र0 सं0 | आईडेन्टी फिकेशन संख्या/पैकेज संख्या | कार्य का नाम | प्राक्कलित राशि (रूपये में) अंक में | अक्षर में | कार्य समाप्ति की अवधि | टेण्डर कॉल नं0 |
|---|---|---|---|---|---|---|
| 1 | RWD/EE/BOKARO/ 58/2024-25 | कालापात्थर पंचायत एन0एच0–32 से सिताराम महतो के घर भाया पंचायत भवन, तेतुलिया बाड़ी तक पथ निर्माण कार्य (लम्बाई– 1.650 कि0मी0)। | 2,17,47,200.00 | दो करोड़ सत्रह लाख सैंतालीस हजार दो सौ रू0 मात्र | 12 माह | द्वितीय |
| 2 | RWD/EE/BOKARO/ 59/2024-25 | नावाडीह पंचायत अंतर्गत परसाबेड़ा हरि मंदिर से जोरिया तक पथ निर्माण कार्य (लम्बाई– 1. 400 कि0मी0)। | 1,63,66,400.00 | एक करोड तिरसठ लाख छियासठ हजार चार सौ रू0 मात्र | 12 माह | द्वितीय |
| 3 | RWD/EE/BOKARO/ 60/2024-25 | पुपुनकी आश्रम से कुम्हरी सालखुडीह पथ तक पथ निर्माण कार्य (लम्बाई– 1.530 कि0मी0)। | 1,82,72,600.00 | एक करोड़ बयासी लाख बहत्तर हजार छः सौ रू0 मात्र | 12 माह | द्वितीय |

2. वेबसाईट में निविदा प्रकाशन की तिथि :– 07.03.2025
3. ई–निविदा प्राप्ति की अंतिम तिथि एवं समय :– 15.03.2025 अपराह्न 5.00 बजे तक।
4. निविदा खोलने की तिथि एवं समय :– 17.03.2025 अपराह्न 03.30 बजे।
5. निविदा आमंत्रित करने वाले पदाधिकारी का नाम एवं पता :– कार्यपालक अभियंता, ग्रामीण कार्य विभाग, कार्य प्रमंडल, बोकारो, कम्बाइंड बिल्डींग, सिविल एस0डी0ओ0, ऑफिस ओल्ड चास कोट एरिया, चास बोकारो, झारखंड, पिन– 827013
6. ई–निविदा प्रकोष्ठ का दूरभाष सं0– 9431060119

विस्तृत जानकारी के लिए वेबसाईट jharkhandtenders.gov.in में देखा जा सकता है।

**कार्यपालक अभियंता**
**ग्रामीण कार्य विभाग,**
**कार्य प्रमंडल, बोकारो।**

PR.NO.347336 Rural Work Department(24-25):D



ଆୟୁର୍ବେଦରେ ଖାଦ୍ୟ ଖାଇବାଠାରୁ ଆରମ୍ଭ କରି ପାଣି ପିଇବା ପର୍ଯ୍ୟନ୍ତ ଅନେକ ନିୟମ ରହିଛି । ଆୟୁର୍ବେଦରେ, ଖାଦ୍ୟ ଖାଇବା ପରେ ତୁରନ୍ତ ପାଣି ପିଇବାକୁ ନିଷେଧ କରାଯାଇଛି। ଅଧିକାଂଶ ଲୋକ ଖାଇବା ସମୟରେ କିମ୍ବା ଖାଇବା ପରେ ତୁରନ୍ତ ପାଣି ପିଅନ୍ତି । କିନ୍ତୁ ଏହା ସ୍ୱାସ୍ଥ୍ୟ ପକ୍ଷେ ହାନିକାରକ ହୋଇଥାଏ । ଖାଦ୍ୟ ଖାଇବାର କେତେ ମିନିଟ ପରେ ପାଣି ପିଇବେ- ଆୟୁର୍ବେଦ ଅନୁସାରେ, ଖାଦ୍ୟ ଖାଇବା ପରେ ତୁରନ୍ତ ପାଣି ପିଇବା ଉଚିତ୍ ନୁହେଁ । ଏହା ପାଚନ ପ୍ରଣାଳୀକୁ କ୍ଷତି ପହଞ୍ଚାଇପାରେ । ଖାଦ୍ୟ ଖାଇବାର ୫୦ ରୁ ୬୦ ମିନିଟ୍ ପରେ ପାଣି ପିଇବା ଉଚିତ । ଖାଇବାର ପ୍ରାୟ ୧ ଘଣ୍ଟା ପରେ ପାଣି ପିଇବା ସ୍ୱାସ୍ଥ୍ୟ ପାଇଁ ଲାଭଦାୟକ । ଯଦି ଆପଣ ଖାଦ୍ୟ ଖାଇବା ପରେ ତୁରନ୍ତ ବହୁତ ଶୋଷ ଅନୁଭବ କରନ୍ତି, ତେବେ ଆପଣ ଅଳ୍ପ ପାଣି ପିଇପାରିବେ । କିନ୍ତୁ ଗୋଟିଏ ଗ୍ଲାସ ପାଣି ପିଇବାରୁ ଦୂରେଇ ରହିବା ଉଚିତ । ଖାଦ୍ୟ ଖାଇବାର ୧ ଘଣ୍ଟା ପରେ ପାଣି ପିଇଲେ କ'ଣ ହୁଏ- ଯଦି ଆପଣ ଖାଇବାର ୫୦ ରୁ ୬୦ ମିନିଟ୍ ପରେ ପାଣି ପିଅନ୍ତି, ତେବେ ଆପଣଙ୍କୁ ଅନେକ ଲାଭ ମିଳିବ। ପ୍ରଥମତଃ ପାଚନ ପ୍ରଣାଳୀ ଶକ୍ତିଶାଳୀ ହେବ । ଖାଇବାର ପ୍ରାୟ ୧ ଘଣ୍ଟା ପରେ ପାଣି ପିଇବା ଦ୍ୱାରା ଗ୍ୟାସ୍, ବଦହଜମୀ ଏବଂ ଏସିଡିଟିର ସମସ୍ୟା ହୁଏ ନାହିଁ । ସେଠାରେ ଶରୀର ଖାଦ୍ୟରୁ ସମସ୍ତ ଆବଶ୍ୟକୀୟ ପୋଷକ ତତ୍ତ୍ୱ ପାଇଥାଏ । ଖାଦ୍ୟ ଖାଇବା ସମୟରେ ପାଣି ପିଇଲେ କଣ ହୁଏ- ଖାଦ୍ୟ ଖାଇବା ପରେ ତୁରନ୍ତ ପାଣି ପିଇବା ଦ୍ୱାରା ଖାଦ୍ୟ ଠିକ୍ ଭାବରେ ହଜମ ହୋଇ ନଥାଏ ।



# ଡନ୍ ୩ରେ ନଜର ଆସିବେ କିଆରା

ଫରହାନ ଅଖତରଙ୍କ ନୂଆ ଫିଲ୍ମ 'ଡନ୍ ୩'କୁ ନେଇ ଏବେ ଚର୍ଚ୍ଚା ଆରମ୍ଭ ହୋଇଛି । ଏହି ଫିଲ୍ମର ପ୍ରି-ପ୍ରଡକ୍ସନ ଚଳିତବର୍ଷ ଆରମ୍ଭ ହେବ ବୋଲି ଫରହାନ କହିଛନ୍ତି । ଏହାସହିତ ଫିଲ୍ମର ହିରୋଇନ କିଏ ହେବେ, ତାହା ମଧ୍ୟ ଖୁଲାସା ହୋଇଛି । ଏହି ଫିଲ୍ମରେ ରଣବୀର ସିଂଙ୍କ ସହିତ କବୀର ସିଂ ଅଭିନେତ୍ରୀ କିଆରା ଆଡଭାନୀ ପ୍ରମୁଖ ଭୂମିକାରେ ନଜର ଆସିବେ । ପୂର୍ବରୁ ଡନ୍ ଫ୍ରାଞ୍ଚାଇଜର ଦୁଇଟି ଯାକ ଫିଲ୍ମ ସୁପରହିଟ୍ ହୋଇଛି । ପୂର୍ବ ଦୁଇଟି ଯାକ ଫିଲ୍ମରେ ଶାହରୁଖ ଖାନ୍ ମୁଖ୍ୟ ଭୂମିକାରେ ନଜର ଆସିଥିଲେ। କିନ୍ତୁ ଏଥର ଡନ-୩ରେ ରଣବୀର ସିଂ ପ୍ରମୁଖ ଭୂମିକାରେ ନଜର ଆସିବେ। ରଣବୀରଙ୍କ ସହିତ ପ୍ରମୁଖ ଭୂମିକାରେ କିଆରା ଆଡଭାନୀ ନଜର ଆସିବେ । ଫରହାନ ଏକ ଇଣ୍ଟରଭ୍ୟୁରେ କହିଛନ୍ତି, ରଣବୀର ସିଂ ଅଭିନୀତ ଡନ୍୩ କୁ ନେଇ ଏବେ କାମ ଚାଲିଛି । ଫିଲ୍ମରେ କାହାଣୀ ଆକ୍ସନରେ ଭରପୂର ରହିଛି । ତେବେ ଏହି ଫିଲ୍ମରେ ବିକ୍ରାନ୍ତ ମେସିଙ୍କୁ ଦେଖିବାକୁ ମିଳିପାରେ ବୋଲି ଖବର ମିଳିଛି । ତେବେ ପୂର୍ବରୁ ଚର୍ଚ୍ଚା ଚାଲିଥିଲା କି, ଡନ୍-୩ ଫିଲ୍ମ ବନ୍ଦ ହୋଇଯାଇଛି । ଆଉ ଫିଲ୍ମ ରିଲିଜ ହେବ ନାହିଁ । ହେଲେ ଫିଲ୍ମ ରିଲିଜ ହେବ , ତାହା ଏବେ ଫରହାନଙ୍କ ଇଣ୍ଟରଭ୍ୟୁରୁ ସ୍ପଷ୍ଟ ହୋଇଛି । ଫିଲ୍ମର ନିର୍ମାଣ ପୂର୍ବରୁ ୨୦୨୪ ଅଗଷ୍ଟ କିମ୍ବା ସେପ୍ଟମ୍ବରରୁ ଆରମ୍ଭ ହୋଇଥାନ୍ତା କିନ୍ତୁ ବିଳମ୍ବ ହେବା ଯୋଗୁଁ ଏହା ଆଗକୁ ନିର୍ମାଣ ହେବ ବୋଲି ଅନୁମାନ କରାଯାଉଛି ।

# ଉପକାରୀ କଳା ହଳଦୀ

## ଋତୁସ୍ରାବ ସମସ୍ୟାରୁ ଦିଏ ମୁକ୍ତି



*ଭାରତୀୟ ଖାଦ୍ୟର ସ୍ୱାଦ ଏବଂ ରଙ୍ଗ ବଢାଉଥିବା ମସଲା ଭିତରେ ହଳଦୀ ଅନ୍ୟତମ। ଖାଦ୍ୟରେ ହଳଦୀର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ହଳଦୀର ବ୍ୟବହାର କେବଳ ରୋଷେଇ ନୁହେଁ ବରଂ ଔଷଧ ଭାବେ ଏହାର ବ୍ୟବହାର କରାଯାଏ । ଆଣ୍ଟିଅକ୍ସିଡାଣ୍ଟରେ ଭରପୂର ହଳଦୀ ଇମ୍ୟୁନିଟିକୁ ବୁଷ୍ଟ କରିଥାଏ । ଆପଣ ହଳଦିଆ ରଙ୍ଗର ହଳଦୀ ବ୍ୟବହାର କରୁଥିବେ ନିଶ୍ଚିତ । କିନ୍ତୁ କେବେ ଆପଣ କଳା ହଳଦୀ ବିଷୟରେ ଶୁଣିଛନ୍ତି କି ? ଏହା ଦେଖିବାକୁ ଅଳ୍ପ ନୀଳ ରଙ୍ଗର ହୋଇଥାଏ। କିନ୍ତୁ ଏହାର ଫାଇଦା ବେଶ୍ ଅଧିକ ରହିଥାଏ ।*

- କଳା ହଳଦୀର ଚେରକୁ ବାଟି ଘା' କିମ୍ବା ସାପ କି ବିଛା କାମୁଡିଥିବା ସ୍ଥାନରେ ଲେପ କଲେ ଉପଶମ ମିଳିଥାଏ।
- ବିଶେଷ କରି ଓଡ଼ିଶା, ପଶ୍ଚିମବଙ୍ଗ, ମଧ୍ୟପ୍ରଦେଶ, ଉତ୍ତରପୂର୍ବ ଅଞ୍ଚଳରେ ମିଳୁଥିବା ଏହି ଦୁର୍ଲଭ ହଳଦୀକୁ ବ୍ୟବହାର କରି କ୍ୟାନସର ଭଳି ରୋଗର ଉପଚାର କରାଯାଇଥାଏ ।
- କଳା ହଳଦୀ କୋଲନ କର୍କଟ ହେବାର ଆଶଙ୍କା ହ୍ରାସ କରିଥାଏ ।
- ଏହି ହଳଦୀରେ ଇଭୁପ୍ରୋଭିନ ଅଧିକ ମାତ୍ରାରେ ରହିଛି ।
- ଏହାଦ୍ୱାରା ପୁରୁଣା ଅର୍ଥରାଇଟିସ ଯନ୍ତ୍ରଣାକୁ ଭଲ କରାଯାଇପାରେ।
- କେବଳ ସେତିକି ନୁହେଁ କୁଣ୍ଡେଇ ହେବା, ପେଟ ସମସ୍ୟା, ଅଲସର, କୋଲନ କ୍ୟାନସର, ଫୁସଫୁସ ଜନିତ ରୋଗକୁ ଦୂର କରିବାରେ ମଧ୍ୟ କଳା ହଳଦୀ ବେଶ୍ ସହାୟକ ହୋଇଥାଏ ।
- ଏହି କଳାହଳଦୀକୁ ଅନେକ ଔଷଧ ତିଆରି କରିବାରେ ମଧ୍ୟ ବ୍ୟବହାର କରାଯାଏ ।
- ଆସ୍ଥମା, କ୍ୟାନସର, ଜ୍ୱର, ବ୍ରଣ, ଆଲର୍ଜି, ମାଇଗ୍ରେସନ, ଲେପ୍ରୋସି ଭଳି ରୋଗର ଉପଚାର ପାଇଁ ତିଆରି କରାଯାଉଥିବା ମେଡିସିନରେ ଏହି ହଳଦୀର ବ୍ୟବହାର ହୁଏ ।
- ଅଧିକାଂଶ ମହିଳା ପିରିୟଡ୍ସ ଜନିତ ଯନ୍ତ୍ରଣାରେ ଛଟପଟ ହୁଅନ୍ତି। ତେବେ ଏଥିରୁ ମୁକ୍ତି ଦେଇଥାଏ କଳା ହଳଦୀ।
- ଗରମ କ୍ଷୀରରେ କଳା ହଳଦୀ ପାଉଡର ପକାଇ ବ୍ୟବହାର କରିବା ଦ୍ୱାରା ଯନ୍ତ୍ରଣା ମଧ୍ୟ କମ୍ ହୋଇଥାଏ।

# ଆସନ୍ତା ବର୍ଷ ଆରମ୍ଭ ହେବ ଶାହ୍ରୁଖଙ୍କ 'ପଠାନ ୨'ର ସୁଟିଂ

ଶାହାରୁଖ ଖାନଙ୍କ ଫିଲ୍ମ ପଠାନ୍ ବକ୍ସ ଅଫିସରେ ୫୪୩.୦୫ କୋଟି ଟଙ୍କା କଲେକ୍ସନ କରିଥିଲା। ତେବେ ବର୍ତ୍ତମାନ ଏହି ଫିଲ୍ମ ର ସିକ୍ୱେଲ୍ ନିର୍ମାଣ ହେବାକୁ ଯାଉଛି। ପଠାନ ୨ରେ ଶାହରୁଖ ଖାନ ଏବଂ ଦୀପିକା ପାଦୁକୋନ ପୁଣି ଥରେ ମୁଖ୍ୟ ଭୂମିକାରେ ନଜର ଆସିବେ।୨୦୨୬ ମସିହା ମାର୍ଚ୍ଚ ମାସ ସୁଦ୍ଧା ପଠାନ ୨ର ସୁଟିଂ ଆରମ୍ଭ ହେବାକୁ ଯାଉଛି କିନ୍ତୁ ସିଦ୍ଧାର୍ଥ ଆନନ୍ଦ ଫିଲ୍ମର ନିର୍ଦ୍ଦେଶନା ଦେବେ ନାହିଁ। ଖବର ଅନୁଯାୟୀ ଆଦିତ୍ୟ ୨୦୨୩ ମସିହାରୁ ପଠାନ୍ ୨ର ସ୍କ୍ରିପ୍ଟ ଉପରେ କାମ କରୁଛନ୍ତି। ତେବେ ପଠାନର ସିକ୍ୱେଲକୁ ଆଗେଇ ନେବା ପାଇଁ ଆଦିତ୍ୟ, ଶ୍ରୀଧର ରାଘବନ ଏବଂ ଆବାସ ଟାୟାରୱାଲାଙ୍କ ସହ ମିଶି ସ୍କ୍ରିପ୍ଟ ତିଆରି କରୁଛନ୍ତି। ପଠାନ୍ ୨ ପାଇଁ ବର୍ତ୍ତମାନ ନିର୍ଦ୍ଦେଶକ ଖୋଜା ଚାଲିଛି କାରଣ ସିଦ୍ଧାର୍ଥ ଆନନ୍ଦଙ୍କର ଡେଟ୍ ଫିକ୍ସ ହୋଇପାରୁ ନାହିଁ। ଯାହାଫଳରେ ସେ ଏହି ସିକ୍ୱେଲରେ ନିର୍ଦ୍ଦେଶନା ଦେଇପାରିବେ ନାହିଁ। ଏବେ ଆଦିତ୍ୟ ଚୋପ୍ରା ଶାହରୁଖ ଖାନଙ୍କ ଏହି ପରବର୍ତ୍ତୀ ଜାସୁସ୍ ମିଶନର ନିର୍ଦ୍ଦେଶନା ପାଇଁ ଏକ ନୂଆ ଭିଜନ ପଛରେ ରହିଛନ୍ତି।

**DECLARATION**
**Form-IV**

Statement about ownership and other particular about news paper 'Odisha Bhaskar'.

| | | |
|---|---|---|
| 1. Place of Publication | : | Zone-D-2/18, SectorA, Mancheswar Industrial Estate, Bhubaneswar-10 |
| 2. Periodicity of It's publication | : | Daily |
| 3. Printer's Name | : | Madhu Mohanty |
| Nationality | : | Indian |
| Address | : | Zone-D -2/18, Sector, A, Mancheswar Industrial Estate, Bhubaneswar-10 |
| 4. Publisher's Name | : | Madhu Mohanty |
| Nationality | : | Indian |
| Address | : | Zone-D -2/18, Sector, A, Mancheswar Industrial Estate, Bhubaneswar-10 |
| 5. Chief Editor's Name | : | Pradosh Pattnaik |
| Nationality | : | Indian |
| Address | : | Zone-D -2/18, Sector, A, Mancheswar Industrial Estate, Bhubaneswar-10 |
| 6. Name and Address of Individuals who own the newspaper and partners or shareholders holding more than one percent of the total capital. | | Tilakraj Publication (P) Ltd, Zone-D -2/18, Sector, A, Mancheswar Industrial Estate, Bhubaneswar-10 |

I, Madhu Mohanty hereby declare that the particulars given above are true to thebest of my knowledge and belief.

Date : 28.02.2025
Place : Bhubaneswar

Madhu Mohanty
Publisher
Odisha Bhaskar





# ଭୂତୁଣୀ ରୂପରେ ମୌନୀ ରାୟ

ସଂଜୟ ଦତ୍ତଙ୍କୁ ଖୁବ୍ ଶୀଘ୍ର ଏକ ହରର୍ କମେଡି 'ଦି ଭୂତ୍ନୀ'ରେ ଦେଖିବାକୁ ମିଳିବ। ନିର୍ମାତା ମହା ଶିବରାତ୍ରିର ସ୍ୱତନ୍ତ୍ର ଉତ୍ସବରେ ଏହାର ଟିଜର ରିଲିଜ୍ ହୋଇଛି। ସିଦ୍ଧାନ୍ତ ସଚ୍ଚଦେବଙ୍କ ନିର୍ଦ୍ଦେଶନାରେ ନିର୍ମିତ ଏହି ଫିଲ୍ମରେ ମୌନୀ ରାୟ, ସନୀ ସିଂହ, ପଲକ ତିୱାରୀ, ଆସିଫ୍ ଖାନ ଏବଂ ବେଉନିକ୍ ମଧ୍ୟ ଅଭିନୟ କରିଛନ୍ତି। ଏହି ଫିଲ୍ମ ୧୮ ଏପ୍ରିଲ ୨୦୨୫ରେ ପ୍ରେକ୍ଷାଳୟରେ ମୁକ୍ତିଲାଭ କରିବାକୁ ସ୍ଥିର ହୋଇଛି। ଟିଜର ଆରମ୍ଭରେ, ସଞ୍ଜୟ ଦତ୍ତ ଭଗବାନ ଶିବଙ୍କ ଶ୍ଳୋକ ଉଚ୍ଚାରଣ କରୁଥିବା ଶୁଣିବାକୁ ମିଳିଛି। ଏହା ପରେ ଭୟଙ୍କର ଶବ୍ଦ ଏବଂ ଅପ୍ରାକୃତିକ କାର୍ଯ୍ୟକଳାପ ସହିତ ଏକ ପୁରୁଣା ମହଲ ଦେଖିବାକୁ ମିଳିଛି। ଏଥିରେ ମୌନୀ ରାୟଙ୍କୁ ଭୂତ ରୂପରେ ଦେଖିବାକୁ ମିଳିଛି। ସେ ଖୁବ୍ ହଇଚଇ ସୃଷ୍ଟି କରୁଥିବା ଦେଖାଯାଇଛି। ସଞ୍ଜୟ ଦତ୍ତଙ୍କୁ ଭୂତ ସହିତ ସଂଘର୍ଷ କରୁଥିବା ଦେଖାଯାଇଛି। ଟିଜର ଅଧିକ ସ୍ପଷ୍ଟ କରୁ ନଥିଲେ ମଧ୍ୟ ଏହା ଖୁବ ଆକର୍ଷଣୀୟ ଲାଗୁଛି। ଚାରି ଦଶନ୍ଧିର ଲମ୍ବା କ୍ୟାରିୟର ଏବଂ ୧୩୫ ରୁ ଅଧିକ ଚଳଚ୍ଚିତ୍ରରେ କାମ କରି ସଞ୍ଜୟ ଦତ୍ତ ବଲିଉଡ୍‌ରେ ଏକ ପରମ୍ପରା ସୃଷ୍ଟି କରିଛନ୍ତି। ତାଙ୍କର ଦମଦାର ଅଭିନୟ ଏବଂ ପରୋପକାରୀ ବ୍ୟକ୍ତିତ୍ୱ ପାଇଁ ଜଣାଶୁଣା ସଞ୍ଜୁ ବାବାଙ୍କର ଜଣେ ପ୍ରଶଂସକ ଅଛନ୍ତି। କାମର କଥା କହିଲେ ସଞ୍ଜୟ ଦତ୍ତଙ୍କୁ ତେଲୁଗୁ ଆକ୍ସନ୍ ଡ୍ରାମା ଫିଲ୍ମ 'ଡବଲ୍ ଆଇସ୍ମାର୍ଟ'ରେ ଶେଷ ଥର ପାଇଁ ଦେଖିବାକୁ ମିଳିଥିଲା। ପୁରୀ ଜଗନ୍ନାଥଙ୍କ ନିର୍ଦ୍ଦେଶନାରେ ନିର୍ମିତ ଏହି ଚଳଚ୍ଚିତ୍ରରେ ମୁଖ୍ୟ ଭୂମିକାରେ ରାମ ପୋଥିନେନି, କାବ୍ୟା ଥାପର ଏବଂ ସୟାଜୀ ସିନ୍ଦେ ଅଭିନୟ କରିଥିଲେ। ଏବେ ସେ ପଞ୍ଜାବୀ ଚଳଚ୍ଚିତ୍ର 'ଶେରାଂ ଦୋ କୌମ୍'ରେ ନଜର ଆସିବେ ଯେଉଁଥିରେ ପଞ୍ଜାବୀ ଅଭିନେତା ଏବଂ ଗାୟକ ଗିପି ଗ୍ରେୱାଲ୍ ମଧ୍ୟ ମୁଖ୍ୟ ଭୂମିକାରେ ଅଛନ୍ତି। ଏହା ବ୍ୟତୀତ ତାଙ୍କର ଏକ ପ୍ୟାନ୍ ଇଣ୍ଡିଆ ରିଲିଜ୍ 'କେଡି: ଦି ଡେଭିଲ୍', କମେଡି ଫିଲ୍ମ 'ହାଉସଫୁଲ୍ ୫' ଏବଂ ରଣବୀର ସିଂହ, ଅକ୍ଷୟ ଖାନ୍ନାଙ୍କ ସହ ଏକ ଅନ୍‌ଟାଇଟଲ୍ଡ ପ୍ରୋଜେକ୍ଟ ଏବଂ ଆକ୍ସନ୍ ଥ୍ରୀଲର 'ବାଗୀ ୪' ମଧ୍ୟ ରହିଛି।

Printed, Published & Owned by **Madhu Mohanty.** Published from and printed at Tilak Raj Publications (P) Ltd., Zone-D-2/18, Sector-A, Mancheswar Industrial Estate, Bhubaneswar-751010, Fax: 2587803,2580150 Phone: 2587802, 2580234(PBX), E-mail: odishabhaskar@yahoo.com, bhaskarfoto@gmail.com, odishabhaskaradvt@gmail.com
ମୁଖ୍ୟ ସମ୍ପାଦକ: **ପ୍ରଦୋଷ ପଟ୍ଟନାୟକ**
Chief Editor: Pradosh Pattanaik

ଓଡ଼ିଶା ଭାସ୍କର
ODISHA BHASKAR
# ରାଜ୍ୟ ଖବର





ନିଆଳି, (ଭାସ୍କର ନ୍ୟୁଜ୍): ନିଆଳି ପଞ୍ଚାୟତ ସମିତି ସଭାଗୃହରେ ବିକଶିତ ଗାଁ' ବିକଶିତ ଓଡିଶା କାର୍ଯ୍ୟକ୍ରମ ପାଇଁ ସ୍ୱତନ୍ତ୍ର ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ପଞ୍ଚାୟତ ସମିତି ଅଧ୍ୟକ୍ଷ ଉମେଶ ଚନ୍ଦ୍ର ବେହେରା ସଭାପତିତ୍ୱ କରିଥିଲେ । ବିଡ଼ିଓ ଧର୍ମ ରଞ୍ଜନ ପଣ୍ଡା, ଏ ବିଡ଼ିଓ ପଲ୍ଲବୀ ରାଉତ, ସହକାରୀ ନିର୍ବାହୀ ଯନ୍ତ୍ରୀ ରାମରଞ୍ଜନ ଭୁଇଁଆ, ସାଂସଦଙ୍କ ପ୍ରତିନିଧି ଜୋତି ରଂଜନ ମହାନ୍ତି, ସମିତି ଉପାଧ୍ୟକ୍ଷା ସ୍ୱର୍ଣ୍ଣ ପ୍ରଭା ରାଉତ ପ୍ରମୁଖ ଜିଲ୍ଲା ପରିଷଦ ସଭ୍ୟ ଓ ବିଭିନ୍ନ ପଂଚାୟତର ସରପଞ୍ଚ ଓ ସମିତି ସଭ୍ୟମାନେ ଯୋଗ ଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ୨୩ ଗୋଟି ପଂଚାୟତରେ ହୋଇଥିବା ଗ୍ରାମସଭାରେ ଗ୍ରାମର ବିକାଶ ନିମନ୍ତେ ଦିଆଯାଇଥିବା ପ୍ରସ୍ତାବକୁ ପଂଚାୟତ ସମିତି ଗ୍ରହଣ କରି ବ୍ଲକ ସହକାରି ନିର୍ବାହୀ ଯନ୍ତ୍ରୀଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀଙ୍କ ସହ କମିଟି ଯାଞ୍ଚ କରି ଏହାର କିଭଳି କାର୍ଯ୍ୟ କରାଯିବ ଏହାର ଆଲୋଚନା କରାଯାଇଥିଲା । ଏହି ଯୋଜନାକୁ ଆଗାମୀ ବର୍ଷରେ କିଭଳି ଭାବରେ ସଫଳ କରାଯିବ ଏ ନେଇ ଆଲୋଚନା କରାଯାଇଥିଲା ।

## ନାରାୟଣ ସ୍ମୃତି ସେବା ଓ ସହିତ୍ୟ ଗବେଷଣା ପରିଷଦର ଆଲୋଚନାଚକ୍ର



ତିହିଡ଼ି, (ଭାସ୍କର ନ୍ୟୁଜ୍): ଭଦ୍ରକ ଜିଲା ତିହିଡ଼ି ବ୍ଲକ କୋହ୍ଲ ସ୍ଥିତ ନାରାୟଣ ସ୍ମୃତି ସେବା ଓ ସାହିତ୍ୟ ଗବେଷଣା ପରିଷଦର ସାୟଂ ଅଧିବେଶନରେ ଶିବଜାଗର ଉପଲକ୍ଷେ ଆଲୋଚନା ସଭା ବିଭୂତି ଭୂଷଣ ସେନାପତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ସମ୍ପାଦିକା ସଂଯୁକ୍ତା ଭାରତୀ ସ୍ୱାଗତ ଭାଷଣ ପ୍ରଦାନ କରିବାପରେ ଚାନ୍ଦବାଲି ବ୍ଲକ ଅତିରିକ୍ତ ଶିକ୍ଷାଧିକାରୀ ସୁରୁଚିପ୍ରଭା ଦାସ ଭିତ୍ତି ପ୍ରବନ୍ଧ ପାଠ କରିଥିଲଲେ । ମୁଖ୍ୟ ଅତିଥି ପଣ୍ଡିତ ଦୈତାରି ମହାପାତ୍ର, ମୁଖ୍ୟ ବକ୍ତା ଶିକ୍ଷାବିତ ପ୍ରଶାନ୍ତ କୁମାର ତ୍ରୀପାଠୀ ତଥା ବରେଣ୍ୟ ଅତିଥି ଭାବରେ ଘଣ୍ଟେଶ୍ୱର ମହାବିଦ୍ୟାଳୟର ଅଧକ୍ଷ ଗୋପାଳ ପ୍ରସାଦ ମହାପାତ୍ର, କବି ଅଭୟକୁମାର ଦାସ, ମଥୁରା ମୋହନ ବେହେରା, ଆଶୁତୋଷ କରଣ, ସୁବାସ ମହାନ୍ତି, ନିତ୍ୟାନନ୍ଦ ମଲ୍ଲିକ, ବଳରାମ ସେନାପତି, ମନସ୍ମିତା ଦାସ ଓ ହରିହର ମଲ୍ଲିକ ପ୍ରଭୃତି ଆଲୋଚନାରେ ଅଂଶ ଗ୍ରହଣକରି ଶିବଜାଗରର ତାତ୍ପର୍ଯ୍ୟ ବିଷୟରେ ଆଲୋଚନା କରିଥିଲେ । ମହାଶିବରାତ୍ରୀ ଉତ୍କଳୀୟ ଧର୍ମୀୟ ଚେତନାର ଅନନ୍ୟ ବିଶିଷ୍ଟ ପର୍ବ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ ।

# ଜବତ ସମ୍ପତ୍ତିକୁ ସୁରକ୍ଷା ଦେବାରେ ବିଫଳ ସିବିଆଇ

ବେତନଟୀ, (ଭାସ୍କର ନ୍ୟୁଜ୍): ରାଜ୍ୟର ବହୁଚର୍ଚ୍ଚିତ ଚିଟଫଣ୍ଡ ମାମଲା ଏବେ ସିବିଆଇ ଅଧୀନରେ ରହିଥିବା ବେଳେ ସିବିଆଇ ମଧ ସମ୍ପତ୍ତିଗୁଡିକୁ ଜବତ କରିଛି । ତେବେ କୋଟିକୋଟି ଟଙ୍କାର ମୂଲ୍ୟବାନ ଜବତ ସମ୍ପତ୍ତିକୁ ସୁରକ୍ଷା ଦେବାରେ ସିବିଆଇ ବିଫଳ ହୋଇଥିବା ବେଳେ ବେତନଟୀ ବ୍ଲକ୍‌ରେ ଥିବା ଏକାଧିକ ଚିଟଫଣ୍ଡ କମ୍ପାନିର ସମ୍ପତ୍ତିକୁ ଲୁଟେରା ହଜମ କରିସାରିଥିବା ବେଳେ ପଡିରହିଥିବା ଜମିରୁ ମାଟି ଏବଂ ମୋରମ ସବୁ ଲୁଟି ସାରିଲେଣି । ଏଭଳି ଘଟଣା ଦେଖିବାକୁ ମିଳିଛି ମୟୂରଭଞ୍ଜ ଜିଲ୍ଲା ବେତନଟୀ ବ୍ଲକ୍ ତଥା ତହସିଲ ଅଧୀନ ଯୁଗୋଳ ଛକର ୧୮ନମ୍ବର ଜାତୀୟ ରାଜପଥ ପାର୍ଶ୍ୱରେ ଦୁର୍ଗାପୁର ମୌଜାରେ । ଚିଟ୍‌ଫଣ୍ଡ କମ୍ପାନୀ କଲିକତା ଓୟାର ଇଣ୍ଡଷ୍ଟ୍ରିଜ ନାମରେ ରହିଛି ୩ ଏକର ୮୫ ଡେସିମିଲ ଜମି । ଏହି ଜମିକୁ ୨୦୦୯ମସିହାରେ ଦାଖଲ ଖାରଜ କେସ ନମ୍ବର ୯୪୫/୦୯ ମୁତାବକ ୨୭ନମ୍ବର ଖାତାରୁ ୪୫ ଡେସିମିଲ ଜମି ଏବଂ ଦାଖଲ ଖାରଜ କେସ ନମ୍ବର ୯୪୬/୦୯ ମୁତାବକ ୬୫ ନମ୍ବର ନିଲାମ କେବେ ହେବ ଏନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଖାତାରୁ ୩ ଏକର ୪୦ ଡେସିମିଲ ଜମି ଏହିଭଳି ମୋଟ ୩ ଏକର ୮୫ ଡେସିମିଲ ଜମି କୋଲକାତା ଓୟାର ଇଣ୍ଡଷ୍ଟ୍ରିଜ ନାମରେ କିଣାଯାଇଥିଲା । ପରବର୍ତ୍ତି ମୁହୂର୍ତ୍ତରେ ୨୦୧୦ ମସିହାରେ ଓଏଲ୍‌ଆର କେସ ନଂ-୧୪୮/୧୦ ଅନୁଯାୟୀ ପ୍ଲଟ୍ ନମ୍ବର ୨୯୪/୩୦୧ ଏବଂ ୨୯୩ରେ ଏହି ସମୁଦାୟ ଜମିକୁ ଘରବାଡ଼ିରେ ପରିଣତ କରାଯାଇଥିଲା । ରାଜ୍ୟରେ ଚିଟ୍‌ଫଣ୍ଡ କମ୍ପାନୀ ମାମଲା ସରଗରମ ହେବାପରେ ପ୍ରଥମେ ରାଜ୍ୟ ସରକାର ଏହାର ତଦନ୍ତଭାର କ୍ରାଇମବ୍ରାଞ୍ଚକୁ ଦେଇଥିବା ବେଳେ ପରବର୍ତ୍ତି ମୁହୂର୍ତ୍ତରେ କେନ୍ଦ୍ରୀୟ ତଦନ୍ତକାରୀ ସଂସ୍ଥା ସିବିଆଇକୁ ହସ୍ତାନ୍ତର କରାଯାଇଥିଲା । ସେତେବେଳେ ସିବିଆଇ ଚିଟ୍‌ଫଣ୍ଡ କମ୍ପାନିଗୁଡ଼ିକର ରାଜ୍ୟରେ ରହିଥିବା ସମସ୍ତ ସ୍ଥାବର ଓ ଅସ୍ଥାବର ସମ୍ପତ୍ତିକୁ ଜବତ କରିଥିଲା । ଇତି ମଧ୍ୟରେ ସିବିଆଇ ଜବତ କରିଥିବା କଲିକତା ଓୟାର ଇଣ୍ଡଷ୍ଟ୍ରିଜର ଯୁଗୋଳ ଛକରେ ଥିବା ଜମିକୁ ସୁରକ୍ଷା ଦିଆଯାଇ ନପାରିବାରୁ ଚୋରମାନେ ବର୍ଷବର୍ଷ ଧରି ଏହାର ଝରକା, କବାଟ, ଲୁହାଟୀଣ, ବଡ଼ବଡ଼ ଲୁହାର ଫାଟକ ସମେତ ବହୁ ମୂଲ୍ୟବାନ ସାମଗ୍ରୀ ଚୋରିକରି ନେଇଗଲେଣି । ଶେଷରେ ଘରେ ଥିବା ଇଟାକାନ୍ଥରୁ ଇଟା ମଧ ଯାହାର ଯେମିତି ଆବଶ୍ୟକ ପଡିଲା ଖୁଲମଖୁଲ୍ଲା ନେଇଗଲେ । ବର୍ତ୍ତମାନ ସେଠାରେ ଏକ ଭଙ୍ଗାଘର ଓ ଭଙ୍ଗା ପାଚେରି ଆବଦ୍ଧ କେବଳ ଜମି ପଡିରହିଛି । ୧୮ନମ୍ବର ଜାତୀୟ ରାଜପଥ ପାର୍ଶ୍ୱରେ ଥିବା କୋଟିକୋଟି ଟଙ୍କା ମୂଲ୍ୟର ଏହି ଜମିରୁ କିଛିବର୍ଷ ହେବ ମୋରମ ଏବଂ ମାଟି ଉତ୍ତୋଳନ ପ୍ରକ୍ରିୟା ଚାଲୁରହିଛି । ଫଳରେ ମୂଲ୍ୟବାନ ଜମି ନିଜର ମହତ୍ତ୍ୱ ଓ ମୂଲ୍ୟ ହରାଇବାକୁ ବସିଲାଣି । ଏଭଳି କ୍ଷେତ୍ରରେ ଜମାକାରୀ ମଧ ନିଜର ଟଙ୍କା କିଭଳି ଫେରିପାଇବେ ସେନେଇ ମଧ ଆଶଙ୍କା ଦେଖାଦେଲାଣି ।

## ରାସ୍ତାର ଉନ୍ନତିକରଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ



ଟାଙ୍ଗୀ, (ଭାସ୍କର ନ୍ୟୁଜ୍): ଖୋର୍ଦ୍ଧା ଜିଲ୍ଲାର ଟାଙ୍ଗୀ ବ୍ଲକ ଅନ୍ତର୍ଗତ ବଡ଼ପୋଖରିଆ ଗ୍ରାମ ଛକଠାରୁ ହଜ ଗ୍ରାମ ପର୍ଯ୍ୟନ୍ତ (ଭାୟା କମାଗୁରୁ ଗ୍ରାମ) ପ୍ରାୟ ୯କୋଟି ଟଙ୍କା ବ୍ୟୟରେ ରାସ୍ତାର ଉନ୍ନତିକରଣ ନିମନ୍ତେ ଭିତ୍ତି ପ୍ରସ୍ତର ସ୍ଥାପନ କରାଯାଇଛି । ଏହି ଉନ୍ନୟନ ମୂଳକ କାର୍ଯ୍ୟ ଦ୍ୱାରା ଉଭୟ ଖୋର୍ଦ୍ଧା ଏବଂ ବେଗୁନିଆ ନିର୍ବାଚନ ମଣ୍ଡଳୀର ଜନସାଧାରଣ ଉପକୃତ ହେବେ ବୋଲି ସାଂସଦ ଓ ବିଧାୟକ ମତବ୍ୟକ୍ତ କରିଥିଲେ ।

## ଚନ୍ଦ୍ରକକ୍ଷେଶ୍ୱର ମନ୍ଦିରରେ ୧୦୦୮ଲିଟର କ୍ଷୀରାଭିଷେକ



କୁକୁଡ଼ାଖଣ୍ଡି, (ଭାସ୍କର ନ୍ୟୁଜ): କୁକୁଡ଼ାଖଣ୍ଡି ବ୍ଲକ୍ ଅନ୍ତର୍ଗତ ବାଇଗଣବାଡି ସ୍ଥିତ ଚନ୍ଦ୍ରକକ୍ଷେଶ୍ୱର ମନ୍ଦିରରେ ମହା ଶିବରାତ୍ର ଉପଲକ୍ଷେ ଶିବ ଲିଙ୍ଗରେ ୧୦୦୮ଲିଟର କ୍ଷୀରାଭିଷେକ ହୋଇଥିଲା । ମନ୍ଦିର ପରିଚାଳନା କମିଟି ତତ୍ତ୍ୱାବଧାନରେ ପୂଜାର୍ଚ୍ଚନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । କ୍ଷୀରାଭିଷେକ କାର୍ଯ୍ୟକ୍ରମରେ ଅତିଥି ଭାବେ କୁକୁଡ଼ାଖଣ୍ଡି ବ୍ଲକ ଉପାଧ୍ୟକ୍ଷା ବିଷ୍ଣୁପ୍ରିୟା ପାତ୍ର, ବାଘଲଟି ସମିତିସଭ୍ୟ ସାରଥୀ ଗୌଡ଼, ମହୁଡ଼ା ସମିତି ସଭ୍ୟ ଜତିନ୍ଦ୍ର ପାତ୍ର, ବାଲିପଡ଼ା ସରପଞ୍ଚ ଝିଲ୍ଲୀ ସେଠି, ଦକ୍ଷିଣପୁର ସମବାୟ ସଭାପତି ସନ୍ତୋଷ ଚୌଧୁରୀ ପ୍ରମୁଖ ଉପସ୍ଥିତ ଥିଲେ । ମନ୍ଦିର ପୂଜକ ଟିଟୁ ରାଉଲ, ଅଶୋକ କୁମାର ପ୍ରହରାଜ ପୂଜାକାର୍ଯ୍ୟ କରିଥିଲେ । ସତ୍ୟବାନ ବିଶୋଇ, ଜିତେନ୍ଦ୍ର ସେଠି, ବୃନ୍ଦାବନ କୋଠିଆ, ଯୁବ ନେତା ରଜିତ ପାତ୍ର, ବାରିକ ପାତ୍ର, ପ୍ରତାପ ଚନ୍ଦ୍ର ମହାନ୍ତି, ପ୍ରଭାକର ପାତ୍ର, ବସନ୍ତ ବିଶୋଇ, କବିର ଡାକୁଆ, ରାଜେନ୍ଦ୍ର ବିଶୋଇ, ରୋହିତ ଦାସଙ୍କ ସମେତ ସ୍ଥାନୀୟ ଗ୍ରାମର ଶତାଧିକ ଭକ୍ତ ବୃନ୍ଦ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

## ଜିନ୍ଦଲ ଫାଉଣ୍ଡେସନ ପକ୍ଷରୁ ଚକ୍ଷୁ ପରୀକ୍ଷା ଶିବିର

କେନ୍ଦୁଝର, (ଭାସ୍କର ନ୍ୟୁଜ୍): ଜିନ୍ଦଲ ଷ୍ଟିଲ ଏଣ୍ଡ୍ ପାୱାର୍ (ଜେଏସପି)ର ସାମାଜିକ ସଂସ୍ଥା ଜିନ୍ଦଲ ଫାଉଣ୍ଡେସନ ପକ୍ଷରୁ କାଶିଆ ଆଇରନ ଏଣ୍ଡ ଡୋଲାମାଇଟ ଖଣି ଅଞ୍ଚଳରେ ଏକ ଦୁଇଦିନିଆ ଚକ୍ଷୁ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି । ଏଲଭିପିଇଆଇ ସହଭାଗିତାରେ ଜିନ୍ଦଲ ଫାଉଣ୍ଡେସନର ଦୃଷ୍ଟି କାର୍ଯ୍ୟକ୍ରମ ଅଧୀନରେ ଅନୁଷ୍ଠିତ ଏହି ପରୀକ୍ଷଣ ଶିବିରକୁ ଭଦ୍ରାସାହି ସରପଞ୍ଚ ପ୍ରମିଳା ନାଏକ ଓ କାଶିଆ ମାଇନ୍ସ ୟୁନିଟ୍ ହେଡ୍ ପ୍ରମୋଦ କୁମାର ପାତ୍ର ଉଦ୍‌ଘାଟନ କରିଥିଲେ । ଏହି କାର୍ଯ୍ୟକ୍ରମରେ ଅନ୍ୟ ବରିଷ୍ଠ ଅଧିକାରୀମାନେ ମଧ ଉପସ୍ଥିତ ଥିଲେ । ଏହି ଶିବିରର ମୋଟ ୪୦୫ଜଣଙ୍କର ଚକ୍ଷୁ ପରୀକ୍ଷା କରାଯାଇଥିଲା । ସେମାନଙ୍କ ମଧ୍ୟରୁ ୩୧୦ଜଣଙ୍କୁ ଚଷମା ପ୍ରଦାନ କରାଯାଇଥିବା ବେଳେ ୪୧ଜଣଙ୍କର ମୋତିଆବିନ୍ଦୁ ଅସ୍ତ୍ରୋପଚାର ପାଇଁ ଚିହ୍ନଟ କରାଯାଇଛି । ଜିନ୍ଦଲ ଫାଉଣ୍ଡେସନ ସହଯୋଗରେ ସେମାନଙ୍କର ଅସ୍ତ୍ରୋପାଚର କରାଯିବ । ଏହି ଶିବିରରେ ସେରେଣ୍ଡା ଓ ଭଦ୍ରାସାହି ପଞ୍ଚାୟତର ୧୦ଟି ଗ୍ରାମର ବାସିନ୍ଦାଙ୍କ ସମେତ ସ୍ଥାନୀୟ ଅଞ୍ଚଳର ଡ୍ରାଇଭର ଓ ଖଣିରେ କାମ କରୁଥିବା କର୍ମଚାରୀଙ୍କ ଚକ୍ଷୁ ପରୀକ୍ଷଣ ହୋଇଥିଲା । ପାରିପାର୍ଶ୍ୱିକ ଅଞ୍ଚଳର ସାମାଜିକ ବିକାଶକୁ ଜିନ୍ଦଲ




ଷ୍ଟିଲ୍ ଏଣ୍ଡ୍ ପାୱାର୍ ସର୍ବାଧିକ ପ୍ରାଥମିକତା ଦେଉଥିବା ବେଳେ ଜିନ୍ଦଲ ଫାଉଣ୍ଡେସନ ଏହି ଲକ୍ଷ୍ୟ ହାସଲ କରିବା ପାଇଁ କାମ କରିଆସୁଛି । ସ୍ଥାନୀୟ ଅଞ୍ଚଳରେ କୃଷି, ସ୍ୱାସ୍ଥ୍ୟ, ଶିକ୍ଷା, ସଂସ୍କୃତି ଓ କ୍ରୀଡ଼ାର ବିକାଶ ପାଇଁ ଜିନ୍ଦଲ ଫାଉଣ୍ଡେସନ ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରୁଛି ।

## ସାମୁଦ୍ରିକ ଅଭୟାରଣ୍ୟରୁ ୫ ଟ୍ରଲର ସହ ୩୦ରୁ ଉର୍ଦ୍ଧ୍ୱ ମତ୍ସ୍ୟଜୀବୀ ଗିରଫ



ରାଜନଗର, (ଭାସ୍କର ନ୍ୟୁଜ୍): ବନବିଭାଗ ଡାଳେ ଡାଳେ ଗଲେ ଚୋରା ମାଛଧରା ଟ୍ରଲର ମାଲିକମାନେ ଅର୍ଥ ପାଇବା ଲୋଭରେ ପତ୍ରପତ୍ର ଯାଉଥିବା ବିଚାର ଦେଖାଦେଇଛି । ଯାହାଦ୍ୱାରା ବନବିଭାଗର ଆଖିରୁ ନିଦ ହଜାଇ ଦେଇଛନ୍ତି ଏହି ବେନୀୟମ ମାଛଧରା ଟ୍ରଲର । ଏପରି ଘଟଣା ଦେଖିବାକୁ ମିଳିଛି କେନ୍ଦ୍ରାପଡା ଜିଲ୍ଲା ରାଜନଗର ବନଖଣ୍ଡ ଅଧିନସ୍ଥ ଗହିର୍ମଥା ସାମୁଦ୍ରିକ ଅଭୟାରଣ୍ୟରେ । ଏଠାରେ ସରକାରଙ୍କର କୋଉଠିନା କୋଉଠି ଆଇନର କୋହଲତା ଥିବାରୁ ବନବିଭାଗର କଟକଣା ସତ୍ତ୍ୱେ ବେନିୟମ ମାଛଧରା ଟ୍ରଲରକୁ ବନବିଭାଗ କାବୁ କରି ଗିରଫ କରି କୋର୍ଟଚାଲାଣ କରାଯାଉଥିଲେ ମଧ ସହଜରେ ଖସି ଯାଉଛନ୍ତି । ଯାହାଫଳରେ ପୁନର୍ବାର ବେନିୟମ ମାଛଧରାରେ ରାହାଜାନୀ ସୃଷ୍ଟିକରି ବନବିଭାଗ କର୍ମଚାରୀଙ୍କୁ ଗୁଳି କରିବାକୁ ପଛାଉ ନଥିବା ନିକଟରେ ଏପରି ଘଟଣାରେ ବନବିଭାଗ କଡ଼ା ଜବାବ ଦେଇ କାବୁ କରିବାରେ ସକ୍ଷମ ହୋଇଥିଲେ । ହେଲେ ଏହି ସପ୍ତାହକ ମଧ୍ୟରେ ଗହିର୍ମଥା ରେଞ୍ଜ ଦାୟିତ୍ୱରେ ଥିବା ଏସିଏଫ ମାନସ ରଞ୍ଜନ ଦାସ ବିଭିନ୍ନ ସମୟରେ ୫ଟି ଟ୍ରଲର ସହ ପ୍ରାୟ ୩୦ରୁ ଉର୍ଦ୍ଧ୍ୱ ମତ୍ସ୍ୟଜୀବୀଙ୍କୁ ଗିରଫ କରି କୋର୍ଟଚାଲାଣ କରିବାରେ ସକ୍ଷମ ହୋଇଛନ୍ତି । ଆଜି ବେନିୟମ ଭାବେ ଗହିର୍ମଥା ଏକିକୁଳା ସାମୁଦ୍ରିକ ଅଭୟାରଣ୍ୟରେ ବେନିୟମ ଭାବେ ମାଛ ମାରୁଥିବା ଏକ ଟ୍ରଲର ସହ କେନ୍ଦ୍ରାପଡ଼ା ଜିଲ୍ଲାର ୯ଜଣ ମତ୍ସ୍ୟଜୀବୀଙ୍କୁ ଏକାକୁଳା ଫରେଷ୍ଟର ସୁରେଶ ଚନ୍ଦ୍ର ପୃଷ୍ଟିଙ୍କ ସମେତ ବନ କର୍ମଚାରୀ ଗିରଫ କରି କୋର୍ଟଚାଲାଣ କରିଥିବା ଏସିଏଫ ମାନସ ରଞ୍ଜନ ଦାସ ସୂଚନା ଦେଇଛନ୍ତି । ଗିରଫ ବ୍ୟକ୍ତି ହେଲେ ବାଦଲ ପାଲ, ତପନ ଜେନା, ଶଙ୍କର ଗିରି, ଶିବଶଙ୍କର ସାହୁ, ଝାଡେଶ୍ୱର ଭୂୟାଁ, ସୁବ୍ରତ ମିସ୍ତ୍ରୀ, ବିଦ୍ୟୁତ ପରମାଣିକ । ଏମାନଙ୍କ ଘର କେନ୍ଦ୍ରାପଡ଼ା ଜିଲ୍ଲାରେ । ଟ୍ରଲର ଜବତ ସହ ଭିଏଚ୍‌ଏଫ ୨, ଜିପିଏସ ୧, ଫିସଫାଣ୍ଡର ୧, ଟ୍ରଲି ନେଟ ୧୨, ମୋବାଇଲି ୨ ଓ ମାଛ ୨୦ କ୍ୱିଣ୍ଟାଲ ଜବତ ହୋଇଥିବା ଏସିଏଫ ଦାସ ସୂଚନା ଦେଇଛନ୍ତି ।

## ଶିବରାତ୍ରି ଉତ୍ସବ ପାଇଁ ବିଳମ୍ବରେ ଖୋଲୁଛି ବିଦ୍ୟାଳୟ

କୋରୁକୋଣ୍ଡା, (ଭାସ୍କର ନ୍ୟୁଜ୍): ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ବ୍ଲକ୍ ଅନ୍ତର୍ଗତ ସୁଳିଆ କଲୋନୀ ପ୍ରାଥମିକ ବିଦ୍ୟାଳୟରେ ଦିନ ୧୦.୧୫ଟା ପର୍ଯ୍ୟନ୍ତ ବନ୍ଦ ରହୁଥିବା ଅଭିଯୋଗ ଉଠିଛି । ଆଜି ଏହି ବିଦ୍ୟାଳୟ ଦିନ ୧୦.୩୦ ପର୍ଯ୍ୟନ୍ତ ତାଲା ଖୋଲାଯାଇନଥିବା ଦେଖିବାକୁ ମିଳିଥିଲା । ଏହି ବିଦ୍ୟାଳୟରେ ପ୍ରଥମ ଶ୍ରେଣୀରୁ ପଞ୍ଚମ ଶ୍ରେଣୀରେ ୩୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଅଧ୍ୟୟନ କରୁଛନ୍ତି । ଉକ୍ତ ବିଦ୍ୟାଳୟରେ ୧ ଜଣ ପ୍ରଧାନ ଶିକ୍ଷକ ଓ ଆଉ ଜଣେ ସହାୟକ ଶିକ୍ଷକ ଭାବେ କାର୍ଯ୍ୟରତ ରହିଛନ୍ତି । ସ୍ଥାନୀୟ ବାସୀଙ୍କ କହିବା ଅନୁଯାୟୀ ଆଜି ଦିନ ୧୦.୧୫ ପର୍ଯ୍ୟନ୍ତ ବିଦ୍ୟାଳୟକୁ ନା ଆସିଛନ୍ତି ପ୍ରଧାନ ଶିକ୍ଷକ, ନା ଆସିଛନ୍ତି ସହାୟକ ଶିକ୍ଷକ । ଯେତେବେଳେ ଶିକ୍ଷକଙ୍କୁ ବିଳମ୍ବର କାରଣ ପଚାରାଗଲା, ସେମାନେ ଉତ୍ତର ଦେଲେ 'ଶିବ ରାତ୍ରି କାରଣରୁ ପିଲାମାନେ ଆସି ନଥିଲେ' । ଅଭିଭାବକ ଏବଂ ଗ୍ରାମବାସୀଙ୍କ କହିବା ଅନୁଯାୟୀ, ଶିକ୍ଷକଙ୍କ ଏଭଳି ଅସବଧାନତା ଯୋଗୁଁ ଛାତ୍ରଛାତ୍ରୀମାନେ ପାଠ ପଢ଼ାରେ ପଛକୁ ରହିଯାଉଛନ୍ତି । ଏହି ଘଟଣା ସମ୍ପର୍କରେ ବ୍ଲକ ଶିକ୍ଷା ଅଧିକାରୀ ଅସିତ ମିସ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି, ଏବଂ ଶୀଘ୍ର ଉଚିତ ପଦକ୍ଷେପ ନେବାକୁ ଗ୍ରାମବାସୀ ଦାବି କରିଛନ୍ତି । ଏନେଇ ବ୍ଲକ୍ ଶିକ୍ଷା ଅଧିକାରୀଙ୍କୁ ପଚାରିବାରୁ, ଏହି ମାମଲାରେ ତଦନ୍ତ କରି ଦାୟୀଙ୍କ ବିରୁଦ୍ଧରେ ଉଚିତ କାର୍ଯ୍ୟାନୁଷ୍ଠାନ ନେବେ ବୋଲି ମିସ୍ତ୍ରୀ କହିଛନ୍ତି । ସୁଳିଆ କଲୋନୀର ଶିକ୍ଷା ଭବିଷ୍ୟତ ଏବେ ଶିକ୍ଷା ବିଭାଗର କାର୍ଯ୍ୟାନୁଷ୍ଠାନ ଉପରେ ନିର୍ଭର କରିଛି ।

## କେନ୍ଦ୍ରାପଡ଼ାର ୧୮୩୧୩ ପିଲା ଦେଲେ ଗଣିତ ପରୀକ୍ଷା

କେନ୍ଦ୍ରାପଡ଼ା, (ଭାସ୍କର ନ୍ୟୁଜ୍): ଆରମ୍ଭ ହୋଇଥିବା ମାଟ୍ରିକ ପରୀକ୍ଷାର ତୃତୀୟ ଦିନରେ କେନ୍ଦ୍ରାପଡା ଜିଲ୍ଲାର ୧୮ହଜାର ୩୧୩ଜଣ ମାଟ୍ରିକ, ମୁକ୍ତ ବିଦ୍ୟାଳୟ ଓ ମଧ୍ୟମା ଛାତ୍ରଛାତ୍ରୀ ଗଣିତ ବିଷୟରେ ପରୀକ୍ଷା ଦେଇଥିବା ଜଣାପଡିଛି । ସେଥିମଧ୍ୟରୁ ବାର୍ଷିକ ମାଟ୍ରିକ ପରୀକ୍ଷା ପାଇଁ ୧୮ହଜାର ୨୧୪ଜଣ ଫର୍ମପୂରଣ କରିଥିବା ବେଳେ ସେଥିମଧ୍ୟରୁ ୧୭ହଜାର ୯୦୪ଜଣ ପରୀକ୍ଷା ଦେଇଥିବା ବେଳେ ୩୧୦ଜଣ ଅନୁପସ୍ଥିତ ଥିଲେ । ମୁକ୍ତ ବିଦ୍ୟାଳୟ ପରୀକ୍ଷା ପାଇଁ ୧୯୧ଜଣ ଫର୍ମପୂରଣ କରିଥିବା ବେଳେ ସେଥିମଧ୍ୟରୁ ୧୮୨ଜଣ ପରୀକ୍ଷା ଦେଇଛନ୍ତି । ୯ଜଣ ଅନୁପସ୍ଥିତ ଅଛନ୍ତି । ସେହିପରି ମଧ୍ୟମା ପରୀକ୍ଷା ପାଇଁ ୨୮୭ଜଣ ଫର୍ମପୂରଣ କରିଥିବା ବେଳେ ସେଥିମଧ୍ୟରୁ ୨୨୭ଜଣ ପରୀକ୍ଷା ଦେଇଛନ୍ତି । ୬୦ଜଣ ଅନୁପସ୍ଥିତ ଅଛନ୍ତି । ଜିଲ୍ଲାର ମୋଟ ୧୮ହଜାର ୩୧୩ଜଣ ଛାତ୍ରଛାତ୍ରୀ ଅର୍ଥାତ୍ ୯୭.୯୭ପ୍ରତିଶତ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିବା ବେଳେ ୩୭୯ଜଣ ଅନୁପସ୍ଥିତ ରହିଥିଲେ ବୋଲି ଜିଲ୍ଲା ଶିକ୍ଷା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି ।

## ବେଦାନ୍ତ ସମ୍ପ୍ରସାରିତ କଲା ଭ୍ରାମ୍ୟମାଣ ଚିକିତ୍ସା ସେବା

ଭୁବନେଶ୍ୱର, (ଭାସ୍କର ନ୍ୟୁଜ୍): ଗୋଷ୍ଠୀ ସ୍ୱାସ୍ଥ୍ୟସେବା ପ୍ରତି ନିଜର ପ୍ରତିବଦ୍ଧତାକୁ ସୁଦୃଢ଼ କରିବା ସହିତ ଆହୁରି ୨୧ଟି ଦୁର୍ଗମ ଗ୍ରାମକୁ ସେବା ପ୍ରଦାନ କରିବାର ଲକ୍ଷ୍ୟ ନେଇ ଭାରତର ସର୍ବବୃହ୍ ଆଲୁମିନିୟମ ଉତ୍ପାଦନକାରୀ ବେଦାନ୍ତ ଏହାର ଭ୍ରାମ୍ୟମାଣ ସ୍ୱାସ୍ଥ୍ୟ ୟୁନିଟ (ଏମ୍ଏଚୟୁ) ସେବାକୁ ଓଡ଼ିଶାର ଆଦିବାସୀ ବହୁଳ ରାୟଗଡା ଜିଲ୍ଲାର କାଶୀପୁର ବ୍ଲକକୁ ସମ୍ପ୍ରସାରିତ କରିଛି । କାଶୀପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର (ସିଏଚସି)ର ମୁଖ୍ୟ ଡାକ୍ତର ନେତ୍ରାନନ୍ଦ ନାୟକ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି, କାଶୀପୁର ଅଞ୍ଚଳର ପ୍ରାୟ ୧୦,୦୦୦ ଲୋକଙ୍କୁ ଏହାର ଭ୍ରାମ୍ୟମାଣ ସ୍ୱାସ୍ଥ୍ୟ ୟୁନିଟ ମାଧ୍ୟମରେ ଗୁଣାତ୍ମକ ସ୍ୱାସ୍ଥ୍ୟସେବା ପ୍ରଦାନ କରିଥିବାରୁ ମୁଁ ବେଦାନ୍ତକୁ ଧନ୍ୟବାଦ ଜଣାଉଛି । ଏହି ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ କେବଳ ଚିକିତ୍ସା ସୁବିଧା ବୃଦ୍ଧି କରିବ ନାହିଁ, ବରଂ ଏକ ସୁସ୍ଥ ସମ୍ପ୍ରଦାୟକୁ ପ୍ରୋତ୍ସାହିତ କରି ସ୍ୱାସ୍ଥ୍ୟ ସଚେତନତା ମଧ ବୃଦ୍ଧି କରିବ । ଗୋଷ୍ଠୀ କଲ୍ୟାଣ ପ୍ରତି କମ୍ପାନୀର ସମର୍ପଣ




ଉପରେ ଗୁରୁତ୍ୱାରୋପ କରି ବେଦାନ୍ତ ଆଲୁମିନିୟମର ମୁଖ୍ୟ ପରିଚାଳନା ଅଧିକାରୀ (ସିଓଓ) ସୁନୀଲ ଗୁପ୍ତା କହିଛନ୍ତି, ଆମେ ବିଶ୍ୱାସ କରୁ ଯେ ଗୁଣାତ୍ମକ ସ୍ୱାସ୍ଥ୍ୟ ସେବା ପାଇବା ଏକ ମୌଳିକ ଅଧିକାର । ଆମର ଭ୍ରାମ୍ୟମାଣ ସ୍ୱାସ୍ଥ୍ୟ ୟୁନିଟ୍ ଏହି ପ୍ରତିବଦ୍ଧତାର ଏକ ପ୍ରମାଣ, ଯାହା ଦେଶର କେତେକ ଅଣସଂରକ୍ଷିତ ଅଞ୍ଚଳକୁ ଅତ୍ୟାବଶ୍ୟକ ଚିକିତ୍ସା ସେବା ଯୋଗାଉଛି । ଏହି ପଦକ୍ଷେପ ମାଧ୍ୟମରେ ଆମେ ଗ୍ରାମୀଣ ସମ୍ପ୍ରଦାୟର ସ୍ୱାସ୍ଥ୍ୟ ଏବଂ କଲ୍ୟାଣ ଉପରେ ସ୍ଥାୟୀ ପ୍ରଭାବ ସୃଷ୍ଟି କରିବାକୁ ଲକ୍ଷ୍ୟ ରଖିଛୁ । ଉଲ୍ଲେଖଯୋଗ୍ୟ ଯେ, ଏଭଳି ଏକ ମାନବୀୟ ପଦକ୍ଷେପ ଦ୍ୱାରା ଦେଶରେ ଅତ୍ୟାବଶ୍ୟକ ଚିକିତ୍ସା ସେବା ପ୍ରଦାନ କରି ବର୍ତ୍ତମାନ ୧୦,୦୦୦ରୁ ଅଧିକ ଲୋକଙ୍କ ଜୀବନ ଉପରେ ସକାରାତ୍ମକ ପ୍ରଭାବ ପକାଉଛି । ଏହା ମଧ ଉଲ୍ଲେଖ କରିବାର ଆବଶ୍ୟକତା ରହିଛି ଯେ ବେଦାନ୍ତ ଆଲୁମିନିୟମ ଶିକ୍ଷା, ସ୍ୱାସ୍ଥ୍ୟସେବା, ସ୍ଥାୟୀ ଜୀବିକା, ଗ୍ରାମୀଣ ଭିତ୍ତିଭୂମି ଏବଂ ତୃଣମୂଳ ସ୍ତରର କ୍ରୀଡା ଏବଂ ସଂସ୍କୃତି ମାଧ୍ୟମରେ ରଣନୀତିକ ପଦକ୍ଷେପ ମାଧ୍ୟମରେ ଓଡ଼ିଶାରେ ପରିବର୍ତ୍ତନ ଆଣିବା ପାଇଁ ପ୍ରତିଶ୍ରୁତି ବଦ୍ଧ । ସ୍ଥାନୀୟ କର୍ତ୍ତୃପକ୍ଷ ଏବଂ ଗୋଷ୍ଠୀ ଅଂଶୀଦାରମାନଙ୍କ ସହିତ ଘନିଷ୍ଠ ସହଯୋଗ କରି, କମ୍ପାନୀ ନିଶ୍ଚିତ କରେ ଯେ ଏହାର ହସ୍ତକ୍ଷେପ ବାସ୍ତବ ସାମାଜିକ-ଅର୍ଥନୈତିକ ପ୍ରଗତି ଆଡ଼କୁ ନେଇଯିବ । ଉଲ୍ଲେଖନୀୟ କଥା ହେଉଛି, ବେଦାନ୍ତର ମହତ୍ତ୍ୱାକାଂକ୍ଷୀ ଏମ୍ଏଚୟୁ ହେଉଛି ଏକ ସ୍ୱତନ୍ତ୍ର ଭ୍ୟାନ୍, ଯେଉଁଥିରେ ଡାକ୍ତର, ନର୍ସ, ଫାର୍ମାସିଷ୍ଟ ଏବଂ ବିଶେଷଜ୍ଞ ମେଡ଼ିକାଲ ଟେକ୍ନିସିଆନ ମାନେ ରହିଛନ୍ତି । ଏହି ସେବାରେ ପ୍ରାଥମିକ ଚିକିତ୍ସା ପରାମର୍ଶ, ରକ୍ତ ପରୀକ୍ଷା, ରକ୍ତଚାପ ପରୀକ୍ଷଣ, ମୌଳିକ ପରୀକ୍ଷା ଏବଂ ସାଧାରଣ ରୋଗ ପାଇଁ ଅତ୍ୟାବଶ୍ୟକ ଔଷଧ ଆଦି ଅନ୍ତର୍ଭୁକ୍ତ ଥିବାବେଳେ ସମସ୍ତ ସେବା ମାଗଣାରେ ପ୍ରଦାନ କରାଯାଇଥାଏ ।

### ଆରପିଏଫ ଦ୍ୱାରା ନାକ୍ରୋଟିକସ୍ ଅପରେସନ୍

ବାଲୁଗାଁ, (ଭାସ୍କର ନ୍ୟୁଜ୍): ଗୁରୁବାର ଅପରାହ୍ନ ୩ଟାରୁ ଅପରାହ୍ନ ୪. ୩୦ ମିନଟ ପର୍ଯ୍ୟନ୍ତ, ଆରପିଏଫ ବାଲୁଗାଁ'ର ତତ୍ତ୍ୱାବଧାନରେ ଅଧିକାରୀ ଏବଂ କର୍ମଚାରୀ ମାନଙ୍କ ଦ୍ୱାରା ଖଲ୍ଲିକୋଟ ଆରଏସରେ ଏକ ଅଭିଯାନ କରାଯାଇଥିଲା । ସନ୍ଧ୍ୟା ୪ଟା ସମୟରେ, ଆରପିଏଫ ପୋଷ୍ଟ ବାଲୁଗାଁ'ର ଦଳ ସାଗର ଗୌଡ଼ା ନାମକ ଜଣେ ଗଞ୍ଜେଇ ବ୍ୟବସାୟୀଙ୍କୁ ଧରିଥିଲେ । ଯିଏକି ୨୪ ବର୍ଷ ବୟସର ଇନ୍ଦିରା ଗୌଡା । ବଡ଼ାଗୁଲା ଦଣ୍ଡା, କବିସୂର୍ଯ୍ୟନଗର, ପିଏସ-କବିସୂର୍ଯ୍ୟନଗର, ଜିଲ୍ଲା-ଗଞ୍ଜାମ, ଖଲ୍ଲିକୋଟ ଆରଏସର ବାସିନ୍ଦା ଅଟନ୍ତି । ସେ ପିଏଫ ନମ୍ବର ୧ ଏବଂ ୨ର ବ୍ରହ୍ମପୁର ଶେଷ ଭାଗରେ ଟ୍ରେନ୍ ଆସିବା ପାଇଁ ଅପେକ୍ଷା କରିଥିଲେ । ତଦନ୍ତ ପରେ ଜଣାପଡିଲା ଯେ ସେ ଗୁପ୍ତ ବ୍ୟବସାୟ ପାଇଁ ତାଙ୍କ ବ୍ୟାଗରେ ସନ୍ଦେହଜନକ ଚୋରା ସାମଗ୍ରୀ ନେଇଯାଉଥିଲେ, ଯାହାକୁ ବାଲୁଗାଁ ରେଳ ଷ୍ଟେସନରୁ ଅହମ୍ମଦାବାଦ ରେଳ ଷ୍ଟେସନକୁ ଚାଲାଣ କରାଯାଉଥିଲା । ଆରପିଏଫ ଖୋର୍ଦ୍ଧାଙ୍କ ଉପସ୍ଥିତିରେ ଏନଡିପିଏସ ଆଇନ ଅନୁଯାୟୀ ସମସ୍ତ ଆଇନଗତ ଔପଚାରିକତା ଘଟଣାସ୍ଥଳେ ସମାପ୍ତ କରାଯାଇଥିଲା । ତାଙ୍କ ପାଖରେ ଥିବା ୦୨ଟି ବସ୍ତାରୁ ପ୍ରାୟ ୯ କିଲୋ ୮୦୦ ମିଲି ଓଜନର ମୋଟ ଜାଲ ଗଞ୍ଜେଇ ଜବତ କରାଯାଇଥିଲା ଏବଂ ପରେ ଏହାକୁ ଜବତ କରାଯାଇଥିଲା । ଜବତ ଗଞ୍ଜେଇ ସହିତ ସମ୍ପୃକ୍ତ ବ୍ୟକ୍ତିଙ୍କୁ ବ୍ରହ୍ମପୁର ଜିଆରପିକୁ ହସ୍ତାନ୍ତର କରାଯାଇଥିଲା ।

## ବିପଦ ସଂକୁଳ ଅବସ୍ଥାରେ ଦେବୀ ନଦୀବନ୍ଧ



ଅସ୍ତରଙ୍ଗ, (ଭାସ୍କର ନ୍ୟୁଜ୍): ଦୁର୍ବଳ ନଦୀବନ୍ଧକୁ ନେଇ ଛାନିଆ ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଅଞ୍ଚଳ ନଈକୁଳିଆ ବାସିନ୍ଦା । ବାରମ୍ବାର ନଦୀ ବନ୍ଧ କାମ ହେଉଥିଲେ ବି ନିମ୍ନମାନର କାମ ହେଉଥିବାରୁ ଗାଡି ଯାତାୟାତ ଫଳରେ ୬ ମାସ ମଧ୍ୟରେ ବିରାଟ କାୟ ଗର୍ତ୍ତ ହୋଇଗଲାଣି । ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଅନ୍ତର୍ଗତ କଣମଣ ଠାରୁ ରାଇବେରୁଆଁ ପର୍ଯ୍ୟନ୍ତ ପ୍ରାୟ ୨କିଲୋମିଟର ରାସ୍ତା ଗୋଟେ ପାର୍ଶ୍ୱ ଦବିଯାଇଥିବା ବେଳେ ଭାରି ଯାନ ଯାତାୟାତ ହୋଇ ରାସ୍ତାସାରା ବିରାଟକାୟ ଗର୍ତ୍ତ ହୋଇଛି । ଓଡ଼ିଶା ଜୀବନରେଖା କୁହାଯାଉଥିବା ମହାନଦୀ ଏକ ପ୍ରମୁଖ ଶାଖା ନଦୀ ହେଉଛି ଦେବୀ । ଜଗତସିଂହପୁର ଜିଲ୍ଲା ଦେଇ ପୁରୀ ଜିଲ୍ଲାରେ ବହିଥିବା ଏହି ନଈ ଅସ୍ତରଙ୍ଗ ଠାରେ ବଙ୍ଗୋପସାଗରରେ ମିଶିଛି । ମହାନଦୀରେ ବନ୍ୟା ଜଳପ୍ରବାହିତ ହେଲେ ସେଥିରୁ ପ୍ରାୟ ଅଧା ଜଳପ୍ରବାହିତ ଦେବୀ ନଦୀ ଦେଇ ନିଷ୍କାସନ ହୁଏ । ପ୍ରତିବର୍ଷ ନଦୀବନ୍ଧ ସୁରକ୍ଷା ପାଇଁ କୋଟିକୋଟି ଟଙ୍କା ଖର୍ଚ୍ଚ ହେଉଛି କିନ୍ତୁ ଠିକାଦାର ଓ ଜଳସମ୍ପଦ ବିଭାଗର କିଛି କର୍ମଚାରୀଙ୍କ ମଧୁଚନ୍ଦ୍ରିକାରେ ନିମ୍ନମାନର କାମ ହେଉଥିବାରୁ ବାରମ୍ବାର ରାସ୍ତା ରେ ବିରାଟ ଗର୍ତ୍ତ ସୃଷ୍ଟି ହେଉଛି । କିଛିଦିନ ତଳେ ବିଭାଗୀୟ ଅଧିକାରୀ ତାଳିପକା କାମ କରି ରାସ୍ତା କାମ ସାରିଥିବା ବେଳେ ପୁନର୍ବାର ରାସ୍ତାରେ ବିରାଟକାୟ ଗର୍ତ୍ତ ହୋଇଛି, ଯାହାକି ଜନସାଧାରଣ ଯାତାୟାତ ଅନେକ ସମସ୍ୟା ସୃଷ୍ଟି ହେଉଛି । ଏ ନେଇ ନିମାପଡା ଜଳସମ୍ପଦ ବିଭାଗ ଅଧିକ୍ଷଣ ଯନ୍ତ୍ରୀ ବୈକୁଣ୍ଠନାଥ ଦଲାଇ କହିଛନ୍ତି କଣମଣରୁ ରାଇବେରୁଆଁ ରାସ୍ତାରେ ପ୍ରତ୍ୟେକ ଦିନ ପଥର ବୋଝେଇ ଭାରି ଯାନ ଯାତାୟାତ କରିବାରୁ ଗର୍ତ୍ତ ସୃଷ୍ଟି ହୋଇଛି ଖୁବ ଶୀଘ୍ର କାମ ହେବ । କେବେ ନଦୀବନ୍ଧ ସମସ୍ୟା ଦୂର ହେଉଛି ତାହା ହିଁ ଅପେକ୍ଷା ।

## ଶିକ୍ଷକଙ୍କ ନିଲମ୍ବନ ଘଟଣାକୁ ବିରୋଧ କରି ଛାତ୍ରଛାତ୍ରୀଙ୍କ ବିରୋଧ ପ୍ରଦର୍ଶନ

ମୁରିବାହାଲ, (ଭାସ୍କର ନ୍ୟୁଜ୍): ବଲାଙ୍ଗୀର ଜିଲ୍ଲା ମୁରିବାହାଲ ବ୍ଲକରେ ମାଟ୍ରିକ ପରୀକ୍ଷା ଅନିୟମିତତା ଅଭିଯୋଗରେ ବଲାଙ୍ଗୀର ଜିଲ୍ଲାପାଳଙ୍କ ନିର୍ଦ୍ଦେଶରେ ଜିଲ୍ଲା ଶିକ୍ଷ୍ୟା ଅଧିକାରୀ ମୁରିବାହାଲ ହଳଦୀ ହାଇସ୍କୁଲ ପ୍ରଧାନ ଶିକ୍ଷକ ତଥା ପରୀକ୍ଷା କେନ୍ଦ୍ର ଅଧିକ୍ଷକ ଉମେଶ ବିଶ୍ୱାଳ ଓ ସହକାରୀ ଶିକ୍ଷୟତ୍ରୀ ବୈଜୟନ୍ତୀ ସୁବୁଦ୍ଧିଙ୍କୁ ନିଲମ୍ବନ କରିଥିଲେ । ଏହାସହ ହଳଦୀ ହାଇସ୍କୁଲ ପରୀକ୍ଷ୍ୟା କେନ୍ଦ୍ରରେ ପରୀକ୍ଷା ପରିଚାଳନା ପାଇଁ ନିୟୋଜିତ ଯମୁନା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଶିକ୍ଷୟତ୍ରୀ ଅଙ୍କିତା ପ୍ରଧାନ, ହଦହଦା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ମନୋଜ କୁମାର ବାଙ୍କେଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ କପିଳେଶ୍ୱର ବେହେରା ଯୁଗୀରତା ପି. ୟୁ. ପି. ଏସ ଶିକ୍ଷକ ସୋମନାଥ ଧଳଙ୍କୁ ନିଲମ୍ବିତ କରିବାକୁ ମୁରିବାହାଲ ଗୋଷ୍ଠୀ ଶିକ୍ଷ୍ୟା ଅଧିକାରୀ ଶାନ୍ତନୁ ପଢିଆରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । କିନ୍ତୁ ଏହି ଖବର ପ୍ରଘଟ ହେବା ପରେ ଜଣେ ଶିକ୍ଷକଙ୍କ ନିଲମ୍ବନ ପ୍ରତିବାଦରେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ରାଜରାସ୍ତାରେ ବନ୍ଦ



କରିବା ଭଳି ପରିସ୍ଥିତି ସୃଷ୍ଟି ହୋଇଥିଲା । ନିଲମ୍ବିତ ହୋଇଥିବା ୬ ଜଣ ଶିକ୍ଷକଙ୍କ ମଧ୍ୟରେ ଯୁଗୀରତା ସ୍କୁଲର ଶିକ୍ଷକ ସୋମନାଥ ଧଳଙ୍କ ନିଲମ୍ବନ ଆଦେଶ ପ୍ରତ୍ୟାହାନ ପ୍ରତିବାଦରେ ଯୁଗୀରତା ସ୍କୁଲର ଛାତ୍ରଛାତ୍ରୀ ମାନେ ୫୯ନମ୍ବର ଜାତୀୟ ରାଜପଥ ଯୁଗୀରଥା ଛକ ଅବରୋଧ କରିଥିଲେ । ଛାତ୍ରଛାତ୍ରୀମାନେ ଅନେକ ସମୟ ରାଜରାସ୍ତା ଅବରୋଧ କରିବା ପରେ ମୁରିବାହାଲ ତହସିଲଦାର ଜଗଦୀଶ କର୍ତ୍ତାମୀ, ମୁରିବାହାଲ ବିଇଓ ଶାନ୍ତନୁ ପଢିଆରୀ, କଣ୍ଟାବାଞ୍ଜି ଏସଡିପିଓ ଲକ୍ଷ୍ମୀନାରାୟଣ ମାରାଣ୍ଡି, ହଳଦୀ ସମିତି ସଭ୍ୟ ଚୁନାମଣି ମହାନନ୍ଦ ଉକ୍ତ ସ୍ଥାନକୁ ପହଞ୍ଚିଥିଲେ । ଅନେକ ସମୟ ବୁଝାସୁଝା କରିବାପରେ ମଧ ଛାତ୍ରଛାତ୍ରୀମାନେ ଜିଦରେ ବସି ରହିଥିଲେ । ଶେଷରେ ଯାହା ଅଭିଯୋଗ ଅଛି ଲିଖିତ ଭାବରେ ଦିଅନ୍ତୁ ଆମେ ଉପରିସ୍ଥ ଅଧିକାରୀଙ୍କୁ ଜଣାଇବୁ ବୋଲି ପ୍ରତିଶୃତି ଦେବାପରେ ଛାତ୍ରଛାତ୍ରୀ ଓ ଅଭିଭାବକ ରାସ୍ତାରୋକରୁ ଓହରିଥିଲେ ।

### ପୂର୍ବତନ ଲେମ୍ପସ ଏମଡିଙ୍କ ପରଲୋକ

ଟେନ୍ତୁଳି ଖୁଣ୍ଟି, (ଭାସ୍କର ନ୍ୟୁଜ୍): ଟେନ୍ତୁଳିଖୁଣ୍ଟି ଲେମ୍ପ୍‌ର ପୂର୍ବତନ ଶାଖା ପରିଚାଳକ ଶରତ ଚନ୍ଦ୍ର ରାଉତ ଗତ ରାତିରେ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଇହଲିଳା ସମ୍ବରଣ କରିଛନ୍ତି । ଏହି ଖବର ଶୁଣିବା ପରେ ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛି । ସେହି ଦୁଃଖଦ ଖବର



ଶୁଣିବା ପରେ ଆଜି ଟେନ୍ତୁଳିଖୁଣ୍ଟି ଲେମ୍ପ୍ସ ଠାରେ ବୋର୍ଡ ମ୍ୟାନେଜମେଣ୍ଟ କମିଟି ଓ କର୍ମଚାରୀଙ୍କ ଦ୍ୱାରା ନୀରବ ପ୍ରାର୍ଥନା କରାଯାଇଥିଲା ଏବଂ ତାଙ୍କର ଅମର ଆତ୍ମାର ସଦ ଗତି କାମନା କରି ଶୋକ ସନ୍ତପ ପରିବାର ଧୈର୍ଯ୍ୟ ରଖିବାକୁ କାମନା କରାଯାଇଥିଲା ।




କଣାସ, (ଭାସ୍କର ନ୍ୟୁଜ୍): ଦୀର୍ଘ ଦେଢ଼ବର୍ଷ ହେବ ବରଗଛ ମୂଳରେ ଜୀବନ କଟିଛି । ଶୀତ, କାକର, ଖରା, ବର୍ଷାରେ ସେ ଜୀବନ ଅତିବାହିତ କରୁଥିଲେ। ଡେଲାଙ୍ଗ ଥାନା ଗୁନୁପୁଟ ଗାଁ ଶେଷ ମୁଣ୍ଡରେ ଥିବା କାଳି କୋଇଲି ବରଗଛ ମୂଳରେ ଯୁବକ ଜଣକ ଅତି ଦୟନୀୟ ଅବସ୍ଥାରେ ଜୀବନ ସହ ସଂଗ୍ରାମ କରୁଥିଲେ। ଆନୁମାନିକ ବୟସ ତାଙ୍କର ୩୫ବର୍ଷ ହେବ ବୋଲି କୁହାଯାଉଛି। ଠିକଣା ତ ଦୂରର କଥା, ସେ କଥା କହି ପାରୁନାହାନ୍ତି। ସ୍ଥାନୀୟ ଅଞ୍ଚଳର ଯୁବ ସମାଜସେବୀ ସର୍ବେଶ୍ୱର ସାହୁ ଏବଂ ତାଙ୍କର ସହଯୋଗୀ ବନ୍ଧୁମାନେ କିଛିଦିନ ହେବ ତାଙ୍କର ସେବା ସହ ଖାଇବାକୁ ଦେଉଥିଲେ। ଏ ସମ୍ପର୍କରେ ଖବରପାଇ କଳିଙ୍ଗ ପେସାଦାର ସାମ୍ବାଦିକ ସଂଘର ସମ୍ପାଦକ ରାଜକିଶୋର ସ୍ୱାଇଁ, ଆଇନଜିବୀ ବିଚିତ୍ରଭୂଷଣ ମହାପାତ୍ର, ସାମ୍ବାଦିକ ଅରୁଣ ରାଉତ ଓ ପ୍ରତାପ ବାରିକ ପ୍ରମୁଖ ଆଜି ସେଠାରେ ପହଞ୍ଚି ଉକ୍ତ ନିରାଶ୍ରୟ ଯୁବକଙ୍କୁ ସେଠାରୁ ଉଦ୍ଧାର କରି କଣାସର ସ୍ୱେଛାସେବୀ ସଂଗଠନ ନୀଳାଚଳ ସେବା ପ୍ରତିଷ୍ଠାନରେ ନେଇ ଛାଡ଼ିଥିଲେ । ଏନେଇ ସ୍ଥାନୀୟ ଅଞ୍ଚଳରେ ପ୍ରଶଂସାର ସୁଅ ଛୁଟିଛି।

# କୃଷକମୋର୍ଚ୍ଚା ସଭାପତିଙ୍କ ବିଭିନ୍ନ କୃଷି ଅଧିକାରୀଙ୍କ କାର୍ଯ୍ୟାଳୟ ପରିଦର୍ଶନ

କେନ୍ଦୁଝର, (ଭାସ୍କର ନ୍ୟୁଜ୍): କୃଷକ କଲ୍ୟାଣକାରୀ ଯୋଜନା ତୃଣମୂଳ ସ୍ତରରେ ଠିକ୍ ଠାକ୍ କାର୍ଯ୍ୟକାରୀ ହେଉଛି କି ନାହିଁ ତାହାର ସଫଳ ରୂପାୟନ ପାଇଁ ଗୁରୁବାର ବିଜେପି କୃଷକ ମୋର୍ଚ୍ଚା ରାଜ୍ୟ ସଭାପତି ମହେଶ୍ୱର ସାହୁ ଓ କରଞ୍ଜିଆ ବିଧାୟକ ପଦ୍ମ ଚରଣ ହାଇବ୍ରୁ ମୟୁରଭଞ୍ଜ ଜିଲ୍ଲା ଠାକୁରମୁଣ୍ଡା, କରଞ୍ଜିଆ ଓ ଶୃକୁଳି ପ୍ରଭୃତି ବ୍ଲକର କୃଷି ଅଧିକାରୀଙ୍କ କାର୍ଯ୍ୟାଳୟ ପରିଦର୍ଶନ କରିଥିଲେ। ଏହି ପରିଦର୍ଶନ ସମୟରେ କରଞ୍ଜିଆ ଜିଲ୍ଲା କୃଷି ଅଧିକାରୀ ରବିନ୍ଦ୍ର କୁମାର ସାହୁ, ଠାକୁରମୁଣ୍ଡା କୃଷି ଅଧିକାରୀ କ୍ଷୀରୋଦ ଚାନ୍ଦ, ବାରିହାଲ କିସ୍କୁଙ୍କ ସମେତ ସମସ୍ତ କୃଷି ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ। ଓଡିଶା ରାଜ୍ୟକୁ ଖାଦ୍ୟଶସ୍ୟରେ ଆତ୍ମନିର୍ଭରଶୀଳ କରିବା ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ



ମାଝି ସରକାର ଚାଷୀମାନଙ୍କୁ ଆଳୁ ବିହନ, ମୁଗ, ବିରି, ଶୋରିଷ, ମଶୁର, ଶୋଲା, ମଟର ଓ ସୂର୍ଯ୍ୟମୁଖୀ ବିହନ ମାଗଣାରେ ଯୋଗାଇ ଦେଉଛନ୍ତି। ତତ୍‌ସହିତ ସାର ଓ କୀଟନାଶକ ମଧ୍ୟ ମାଗଣାରେ ଯୋଗାଇ ଦେଉଛନ୍ତି। ଏହି ସବୁ ଜିନିଷ ସଠିକ ଚାଷୀମାନଙ୍କ ପାଖରେ ପହଞ୍ଚୁଛି କି ନାହିଁ ତାହାର ତଦାରଖ ରାଜ୍ୟ ସଭାପତି ମହେଶ୍ୱର ସାହୁ କରିଥିଲେ। ବିହନ ପାଇ ଚାଷ କରିଥିବା କୋଳିପଶି ଓ ନୂଆଗାଁ କ୍ଷେତକୁ ମଧ୍ୟ ଯାଇ ଆଳୁ ଫସଲ ବୁଲି ଦେଖିଲେ । କରଞ୍ଜିଆ ବ୍ଲକରେ ଚଳିତ ବର୍ଷ ୨୮୧ ଜଣ ଚାଷୀଙ୍କୁ ଏକଶହ ଏକର ଜମିରେ ଆଳୁ ଚାଷ କରି ସଫଳତା ପାଇଛନ୍ତି। ଏହି ପରିଦର୍ଶନ ସମୟରେ କରଞ୍ଜିଆ ବିଧାୟକ ପଦ୍ମଚରଣ ହାଇବ୍ରୁ, ବିଜେପି କୃଷକ ଜିଲ୍ଲା ସଭାପତି ମଦନ ମହାନ୍ତ, ରାଜ୍ୟ କାର୍ଯ୍ୟକରିଣୀ ସଦସ୍ୟ ବିମଳ କୁମାର ସେନାପତି, ଗଗନ ବିହାରୀ ପୃଷ୍ଟି, ରଘୁନାଥ ନାୟକ, ତ୍ରିନାଥ ମହାନ୍ତ, ବିଚ୍ଛେନ୍ଦ ବେହେରା, ଆଶିଷ ପାଣିଗ୍ରାହୀ, କୃଷ୍ଣଚନ୍ଦ୍ର ବାରିକ, ମୁନା ପଲେଇ, ଅନୁପମା ମହାନ୍ତ, ବବିତା ଦାସ, ବାସୁଦେବ ବସା, ବିଶୂନାଥ ମହାନ୍ତ, ବନମାଳୀ ମହାନ୍ତ, ମହେଶ୍ୱର ସା, ଜମୁନା ମୁଣ୍ଡା, ପ୍ରମୁଖଙ୍କ ସମେତ ବହୁ ବରିଷ୍ଠ ନେତୃବୃନ୍ଦଙ୍କ ସମେତ ଶତାଧିକ କାର୍ଯ୍ୟକର୍ତ୍ତା ଓ ଚାଷୀ ଉପସ୍ଥିତ ଥିଲେ।

# ଚୋରି ଅଭିଯୋଗରେ ଦୁଇ ଗିରଫ, ଚୋରି ସାମଗ୍ରୀ ଉଦ୍ଧାର

ଭଞ୍ଜନଗର, (ଭାସ୍କର ନ୍ୟୁଜ୍): ସ୍ଥାନୀୟ ଅଞ୍ଚଳରେ କିଛି ଦୁର୍ବୁତ୍ତ ବିଭିନ୍ନ ମନ୍ଦିରକୁ କରୁଥିଲେ ଟାର୍ଗେଟ। ଗୋଟିଏ ପରେ ଗୋଟିଏ ମନ୍ଦିରରେ କଳାକନା ବୁଲାଉଥିଲେ ଚୋର ଦିନ। ପୋଲିସ ସେମାନଙ୍କର ଟେର୍ ପାଉ ନଥିଲା। ଏଥର କିନ୍ତୁ ଚୋର ଘର, ଅନ୍ଧାର ନଥିଲା। ଖସିଯିବା ପୂର୍ବରୁ ରାତି ପାହିଯାଇଥିଲା। ଲୋକଙ୍କ ହାତରେ ଧରିପଡି, ପୋଲିସ ଦ୍ୱାରା ବନ୍ଧା ହେଲେ ଦୁଇ ଅଭିଯୁକ୍ତ। ଲକ୍ଷାଧିକ ମୂଲ୍ୟର ଚୋରି ସାମଗ୍ରୀ ଉଧାର କରି, ସମ୍ପୃକ୍ତ ମନ୍ଦିର କର୍ତ୍ତୃପକ୍ଷଙ୍କୁ ହସ୍ତାନ୍ତର କରିବା ସହ ଗିରଫ ଦୁଇ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି ପୋଲିସ। ଭଞ୍ଜନଗର ଥାନା ଅନ୍ତର୍ଗତ ଛେଦାଭୁମି ହନୁମାନ ଓ ମାଁ ଅନ୍ନପୂର୍ଣ୍ଣାଙ୍କ ମନ୍ଦିର ସମେତ ଶ୍ରୀରାମନଗରର ସ୍ଥିତ ଶ୍ରୀଅରବିନ୍ଦ ଶକ୍ତିପୀଠ ପରିସରରୁ ମଙ୍ଗଳବାର ଓ ବୁଧବାର ବିଳମ୍ବିତ ରାତିରେ ଚୋରି ହୋଇଥିଲା। ଉଭୟ ମନ୍ଦିରରୁ ପ୍ରାୟ ୩ ଲକ୍ଷ ଟଙ୍କାର ମୂର୍ତ୍ତି ସମେତ ଅନ୍ୟାନ୍ୟ ଜିନିଷ ଚୋରି ହୋଇଥିଲା। ଏହି ମାମଲାରେ ପୋଲିସ ଗୁରୁବାର ଦୁଇ ଜଣଙ୍କୁ ଗିରଫ କରିବା ସହ ସେମାନଙ୍କ ଠାରୁ ଲୁଟ ଜିନିଷ ଉଦ୍ଧାର କରିଛି। ଗିରଫ ଦୁଇଜଣ ହେଲେ ମୁନା ନାଇକ, ରୋଶନ ନାଇକ। ସେମାନଙ୍କ ଘର ବିଛାତିତଇଲା ବୋଲି ଜଣାପଡ଼ିଛି। ଏହି ଘଟଣାକୁ ନେଇ ଭଞ୍ଜନଗର ଥାନା ପରିସରରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି, ଭଞ୍ଜନଗର ଏସଡିପିଓ ସୁଜିତ୍ କୁମାର ନାୟକ। ଅନ୍ୟମାନଙ୍କ ମଧ୍ୟରେ ଥାନାଧିକାରୀ ଜୀବନାନନ୍ଦ ଜେନା, ଏସଆଇ ସମୀର ସେଠୀ ପ୍ରମୁଖ ଉପସ୍ଥିତ ରହିଥିଲେ। ଏସଡିପିଓ ନାୟକଙ୍କ ସୂଚନା ପ୍ରକାରେ, ସମ୍ପୃକ୍ତ ଅଭିଯୁକ୍ତମାନେ ଆଉ କିଛି ଚୋରି ଓ ଅପରାଧିକ ମାମଲାରେ ମଧ୍ୟ ଜଡିତ ଅଛନ୍ତି। ଏନେଇ ତଦନ୍ତ ଚାଲିଛି।



ଏଥିସହ ଗତ ଜାନୁଆରୀ ମାସରେ ଭଞ୍ଜନଗର ସହର ଉପକଣ୍ଠ ସାଇମନ୍ଦିର ଚୋରି ଘଟଣା ସମେତ ଅନ୍ୟାନ୍ୟ ଚୋରି ମାମଲାରେ ସମ୍ପୃକ୍ତ ଥିବା ସନ୍ଦେହରେ ତଦନ୍ତ ଚାଲିଛି। ଯଥାଶୀଘ୍ର ଅନ୍ୟ ଚୋରି ଘଟଣାର ଅଭିଯୁକ୍ତ ମାନଙ୍କୁ ମଧ୍ୟ ଗିରଫ କରାଯିବ ବୋଲି ଏସଡିପିଓ ନାୟକ କହିଥିଲେ। ଖବର ଅନୁସାରେ, ଅଭିଯୁକ୍ତମାନେ ମଙ୍ଗଳବାର ବିଳମ୍ବିତ ରାତିରେ ପ୍ରଥମେ ଅରବିନ୍ଦ ଶକ୍ତିପୀଠ ସହ, ବୁଧବାର ବିଳମ୍ବିତ ରାତିରେ ଛେଦାଭୁମି ନିକଟ ହନୁମାନ ଓ ମାଁ ଅନ୍ନପୂର୍ଣ୍ଣାଙ୍କ ମନ୍ଦିରରୁ ବିଭିନ୍ନ ଜିନିଷ ଚୋରି କରିଥିଲେ। ଲୋକେ ଏନେଇ ସନ୍ଦେହରେ ଅଭିଯୁକ୍ତ ମାନଙ୍କୁ ଠାବ କରି ପଚରାଉଚରା କରିବା ପରେ ଲୁଟ ଜିନିଷ ମିଳିଥିଲା। ଏହାପରେ ପୋଲିସ ସୂଚନା ପାଇ ଘଟଣାସ୍ଥଳରେ ପହଞ୍ଚି ଅଭିଯୁକ୍ତମାନଙ୍କୁ ଗିରଫ କରିଥିଲା। ଏସମସ୍ତ ଘଟଣା ପରେ, ଭଞ୍ଜନଗର ପୋଲିସ ଏବେ, ଚୋରି ରୋକିବା ନେଇ କଡ଼ା ଆଭିମୁଖ୍ୟ ଗ୍ରହଣ କରିଥିବା ସଂକ୍ରାନ୍ତରେ ନିଜର ପ୍ରତିକ୍ରିୟା ରଖିଥିଲେ ଏସଡିପିଓ ନାୟକ।

## ହୃଦରୋଗ ସଚେତନତା ଶିବିର

ରାୟଗଡ଼ା, (ଭାସ୍କର ନ୍ୟୁଜ୍): ରାୟଗଡ଼ା ସାଇ ପ୍ରିୟା ୱାକର୍ସ କ୍ଲବ ପକ୍ଷରୁ ଏକ ହୃଦରୋଗ ସଚେତନତା ଶିବିର ସାଇପ୍ରୀୟା ନଗର ଡ଼କ୍ଟର ଏମ ସୁରେଶ କୁମାର ବିଶିଷ୍ଟ ଚକ୍ଷୁ ଚିକିତ୍ସକ ଙ୍କ ଘରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ କ୍ଲବର ପ୍ରାୟ ୩୦ ଜଣ ସକ୍ରିୟ ସଦସ୍ୟ ଅଂଶଗ୍ରହଣ କରିଥଲେ। ଉକ୍ତ କାର୍ଯ୍ୟକ୍ରମରେ ଜାତୀୟ ସ୍ତରୀୟ ପ୍ରାଥମିକ ଚିକିତ୍ସା ପ୍ରଶିକ୍ଷକ ଡ଼କ୍ଟର ଲକ୍ଷ୍ମୀ ନାରାୟଣ ସାହୁ ମୁଖ୍ୟ ଅତିଥି ରୂପେ ଯୋଗଦେଇ ହୃଦରୋଗର କାରଣ ଓ ପ୍ରତିକାର ବିଷୟରେ ସମସ୍ତଙ୍କୁ ସଚେତନ କରାଇଥିଲେ। କୋଭିଡ ପରବର୍ତ୍ତୀ ସମୟ ଠାରୁ ସମାଜରେ ହୃଦଘାତ ର ସଂଖ୍ୟା ବୃଦ୍ଧି ପାଉଛି। ହୃଦଘାତ୍ ସମୟରେ ସିପିଆର ର ପ୍ରୟୋଗ ବିଷୟ ରେ ସମସ୍ତଙ୍କୁ ପ୍ରଶିକ୍ଷଣ ମଧ୍ୟ ଦେଇଥିଲେ। ଏଣୁ ଧୁମ୍ରପାନ, ମଦ୍ୟପାନ ଓ ମେଧ ବହୁଳ ଠାରୁ ଦୂରେଇବା ନିତାନ୍ତ ଆବଶ୍ୟକ। ସନ୍ତୁଳିତ ଆହାର ଏବଂ ନିୟମିତ ବ୍ୟାୟାମ କରିବାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥଲେ। ନିୟମିତ ବ୍ୟବଧାନରେ ଶରୀରର ଓଜନ, ରକ୍ତଚାପ, ରକ୍ତ ଶର୍କରା ଏବଂ ରକ୍ତ କୋଲେଷ୍ଟ୍ରୋଲ ପରୀକ୍ଷାର ନିହାତି ଆବଶ୍ୟତା ବିଷୟରେ ବୁଝାଇଥିଲେ। କ୍ଲବ ର ସଭାପତି ୱାକର ଶ୍ରୀ କେ ଏସ ଏନ ଶର୍ମା କାର୍ଯ୍ୟକ୍ରମର ଶୁଭାରମ୍ଭ କରିବା ସହ ଡ଼କ୍ଟର ସାହୁଙ୍କୁ ସମ୍ବର୍ଦ୍ଧିତ ମଧ୍ୟ କରିଥଲେ। କ୍ଲବର ପୂର୍ବତନ ସଭାପତି ୱାକାର ଡ଼କ୍ଟର ଏମ ସୁରେଶ କୁମାର ଉପସ୍ଥିତ ରହି ସମସ୍ତ କାର୍ଯ୍ୟକ୍ରମକୁ ତଦାରଖ କରାଇଥିଲେ। ପରିଶେଷରେ ପୂର୍ବତନ ସଭାପତି ୱାକର୍ ଶ୍ରୀ ସୁବାସ ଚନ୍ଦ୍ର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

# ସଚେତନ ନାଗରିକ ମଞ୍ଚ ପକ୍ଷରୁ ବୈଠକ

ତାଳଚେର, (ଭାସ୍କର ନ୍ୟୁଜ୍): ତାଳଚେର ଶିଳ୍ପାଞ୍ଚଳ ଏକ ସମସ୍ୟା ବହୁଳ ଅଞ୍ଚଳ ଭାବେ ପରିଚିତ। ଏଠାରେ କୋଇଲା ଖଣି, ଏନଟିପିସି, ନାଲକୋ, ଏଫ୍ ସି ଆଇ, ଜିନ୍ଦଲ ଭଳି ରାଷ୍ଟ୍ରାୟତ ଉଦ୍ୟୋଗ ସହିତ ଅନେକ ଗୁଡ଼ିଏ ଘୋରୋଇ ଶିଳ୍ପାନୁଷ୍ଠାନଗୁଡ଼ିକ ଗଢିଉଠିଛି। ତେଣେ ଏହିସବୁ କାରଣରୁ ଏଠାରେ ବିସ୍ଥାପିତଙ୍କ ସମସ୍ୟା, ନିଯୁକ୍ତି, ଥଇଥାନ, ପାରିପାର୍ଶ୍ୱିକ ଉନ୍ନୟନ ଇତ୍ୟାଦି ନେଇ ସାଧାରଣ ଲୋକଙ୍କ ସମସ୍ୟା ବଢ଼ିବଢ଼ି ଚାଲିଛି। ଏହାର ସମାଧାନ ନା ଶିଳ୍ପାନୁଷ୍ଠାନ କି ପ୍ରଶାସନ ଓ ଲୋକ ପ୍ରତିନିଧି କେହି ଆନ୍ତରିକତାର ସହ ସମାଧାନ କରୁନାହାନ୍ତି। ତେଣୁ ସଦାସର୍ବଦା ଏହି ଅଞ୍ଚଳ ସମସ୍ୟା ବହୁଳ ଅଞ୍ଚଳ ଭାବେ ରହିଆସିଛି। ଏହାର ନିରାକରଣ ପାଇଁ ପୂର୍ବତନ ସାଂସଦ ମହେଶ ସାହୁଙ୍କ ଆବାହକତ୍ତ୍ୱରେ ତାଳଚେର ସଚେତନ ନାଗରିକ ମଞ୍ଚ ପକ୍ଷରୁ ବରିଷ୍ଠ ସାମ୍ବାଦିକ ଦେବୀ ମିଶ୍ରଙ୍କ ଅଧ୍ୟକ୍ଷତାରେ ସ୍ଥାନୀୟ ପ୍ରେସ କ୍ଲବ ଠାରେଏକ କମିଟି ଗଠନ ହୋଇଥିଲା। ଏଥିରେ ଆବାହକ ଭାବେ ଢେଙ୍କାନାଳ ସାଂସଦ ମହେଶ ସାହୁ, ଯୁଗ୍ମ ଆବାହକ ଭାବେ ଦେବୀ ମିଶ୍ର ଓ ମୁରଲୀ ଧର ସାହୁଙ୍କୁ ଚୟନ କରାଯାଇଥିଲା, କୋଷାଧ୍ୟକ୍ଷ ଭାବେ ଆଡଭୋକେଟ ନିର୍ମଳ ତ୍ରିପାଠୀଙ୍କୁ ମୋନୋନିତ କକରଯାଇ ଆଗାମୀ କାର୍ଯ୍ୟ ପନ୍ଥା ସମ୍ପର୍କରେ ଆଲୋଚନା କରାଯାଇଥିଲା।



ତାଳଚେର ଅଞ୍ଚଳର ବହୁ ବରିଷ୍ଠ ଓକିଲ ବିଭିନ୍ନ ଦଳର ନେତୃମଣ୍ଡଳୀ, ସମାଜସେବୀ ଓ ଗଣମାଧ୍ୟମ ପ୍ରତିନିଧିମାନେ ଏଥିରେ ଯୋଗ ଦେଇ ନିଜର ମତାମତ ଦେଇଥିଲେ। ସମସ୍ୟା ଦୁଡ଼ିକ ମଧ୍ୟରେ ତାଳଚେର ମେଡିକାଲ କଲେଜକୁ ତାଳଚେର ଠାରେ ଯଥାଶୀଘ୍ର ପ୍ରତିଷ୍ଠା କରାଯିବା, ତାଳଚେର ରେ ନୂତନ କୋଇଲା କମ୍ପାନୀ ଖୋଲିବା, ଜମିହରାଙ୍କୁ ଓ ସ୍ଥାନୀୟ ବେକାରଙ୍କୁ ନିଯୁକ୍ତି ପ୍ରଦାନ କରାଯିବା, କୋଇଲା ଖଣି ଅଞ୍ଚଳ ରୁ ଏସମା ଆଇନ ପ୍ରତ୍ୟାହାର କରାଯିବା, ତାଳଚେର ବିଦ୍ୟୁତ୍ ଉପଭୋକ୍ତାଙ୍କୁ ମାଗଣା ବିଜୁଳି ପ୍ରଦାନ କରାଯିବା ଇତ୍ୟାଦିକୁ ଅଗ୍ରାଧିକାର ଭିତ୍ତିରେ ପୂରଣ ନହେଲେ ଆଗାମୀ ଦିନରେ ଏହି ମଞ୍ଚ ଜରିଆରେ ବ୍ୟାପକ ଆନ୍ଦୋଳନ କରାଯିବ ବୋଲି ପ୍ରସ୍ତାବ ନିଆଯାଇଛି। ତେବେ ଆଗାମୀ ମାର୍ଚ୍ଚ ୩ ତାରିଖ ଦିନ ତାଳଚେର ଉପଜିଲ୍ଲାପାଳଙ୍କ ପରିସରରେ ଥିବା ସହିଦ ସ୍ମୃତି ସ୍ତମ୍ଭ ସମ୍ମୁଖରେ ସକାଳ ୧୦ଘଣ୍ଟା ସମୟରୁ ୧୨ଘଣ୍ଟା ପର୍ଯ୍ୟନ୍ତ ଦୁଇଘଣ୍ଟା ଶାନ୍ତିପୂର୍ଣ୍ଣ ଭାବେ ଧାରଣା ଦିଆଯିବାକୁ ମଧ୍ୟ ନିଷ୍ପତ୍ତି ନିଆଯାଉଥିବା ମଞ୍ଚ ପକ୍ଷରୁ କୁହାଯାଇଛି। ଆଜିର ଏହି ବୈଠକରେ ବରିଷ୍ଠ ସାମ୍ବାଦିକ ପୂର୍ଣ୍ଣଚନ୍ଦ୍ର ସାହୁ, ଆଇନଜିବୀ ଯଦୁମଣି ସାହୁ, ପୂର୍ବତନ ନଗରପାଳ କେଶବ ଭୁଟିଆ, ଇଁ ରମେଶ ଚନ୍ଦ୍ରବେହେରା, କଂଗ୍ରେସ ନେତା ରାଜକିଶୋର ସାହୁ, କୁଶ ବିହାରୀ ସାମଲ, କାଳନ୍ଦୀ ସାମଲ, ଲିପୁ ରଥ, ପ୍ରକାଶ ସାହୁ, ସୁଶିଲ ନାଏକ, ପ୍ରଶାନ୍ତ ବେହେରା, ମନମୋହନ ପତି ବାଉରୀ ବନ୍ଧୁ ବେଜ, ସରକାରୀ ଓକିଲ ନିର୍ମଳ ତ୍ରିପାଠୀ, ପ୍ରମୁଖ ଉପସ୍ଥିତ ରହି ନିଜର ମତାମତ ଦେଇଥିଲେ। ବରିଷ୍ଠ ସାମ୍ବାଦିକ ଡକ୍ତର ରଶ୍ମି ରଞ୍ଜନ ମିଶ୍ର ଧନ୍ୟବାଦ୍ ଦେଇଥିଲେ।

# ଦୁର୍ଘଟଣାରେ ଜଣେ ମୃତ ଦୁଇ ଆହତ

ମାଲକାନଗିରି, (ଭାସ୍କର ନ୍ୟୁଜ୍): ଦୃତ ଗତିରେ ଯାଉଥିବା ସମୟରେ ଭାରସାମ୍ୟ ହରାଇ ଗଛକୁ ପିଟିଲା ବାଇକ, ଦୁର୍ଘଟଣାରେ ଜଣେ ଯୁବକର ମୃତ ଘଟିବା ସହିତ ଅନ୍ୟ ଦୁଇ ଜଣ ସାମାନ୍ୟ ଆହତ ହୋଇଛନ୍ତି। ମୃତକ ଯୁବକ ହେଲେ ପିଟାଗାଟା ଗ୍ରାମର ଗଗନ କୁମାର ବାଘ ଓ ଆହତ ହେଲେ ସେହିଗ୍ରାମର ତୋଫାନ ବାଘ, କ୍ରିଷ୍ଣା କ୍ଷିତି ବୋଲି ଜଣାପଡିଛି। ପୁଲିସ ସୂଚନା ଅନୁଯାଇ ଗୁରୁବାର ଅପରାହ୍ନରେ ମାଲକାନଗିରି ଜିଲ୍ଲା ସଦର ମହାକୁମା ଜିଲ୍ଲା ପରିଷଦ କାର୍ଯ୍ୟାଳୟ ନିକଟ ବୁଲାଣି ରାସ୍ତାରେ ଏହି ଦୁର୍ଘଟଣା ଘଟିଛି। ମାଲକାନଗିରି ଥାନା ସ୍ଥିତ ତୁମୁସାପାଲି ପଞ୍ଚାୟତ ପିଟାଗାଟା ଗ୍ରାମର ସୁରେଶ ବାଘଙ୍କ ପୁଅ ଗଗନ କୁମାର ବାଘ (୨୨)। ସେହି ଗ୍ରାମର ତୋଫାନ ବାଘ ଓ କ୍ରିଷ୍ଣା କ୍ଷିତି (୮)ଗୋଟିଏ ହିରୋ ମଟର ସାଇକେଲରେ ଦୃତଗତିରେ ମାଲକାନଗିରିରୁ ନିଜ ଗାଁକୁ ଫେରୁଥିଲେ। ଜିଲ୍ଲା ପରିଷଦ କାର୍ଯ୍ୟଳୟ ବୁଲାଣି ନିକଟରେ ମଟର ସାଇକେଲଟି ଭାରସାମ୍ୟ ହରାଇ ଏକ ଗଛରେ ପିଟି ହୋଇଥିଲା। ଏହି ଦୁର୍ଘଟଣାରେ ତିନିଜଣ ଛିଟିକି ପଡିଯାଇଥିଲେ। ବାଇକ ଆରୋହୀ ଗଗନଙ୍କ ମୁଣ୍ଡ ଓ ଛାତିରେ ଗୁରୁତର ଭାବେ ଆଘାତ ଲାଗିଥିବା ବେଳେ ତୋଫାନ ଓ କ୍ରିଷ୍ଣା ସାମାନ୍ୟ ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ଥାନାକୁ ଫୋନ କରିବାରୁ ସଙ୍ଗେ ସଙ୍ଗେ ମାଲକାନଗିରି ଥାନା ପୁଲିସ ଘଟଣା ସ୍ଥଳରେ ପହଁଚି ଆହତମାନଙ୍କୁ ମାଲକାନଗିରି ଜିଲ୍ଲା ହସ୍ପିଟାଲକୁ ନେଇ ଯାଇଥିଲେ। ହସ୍ପିଟାଲରେ ପହଁଚିବା ପରେ ଡାକ୍ତର ଗଗନକୁ ମୃତ ଘୋଷଣା କରିଛନ୍ତି। ଅନ୍ୟ ଦୁଇଜଣଙ୍କୁ ପ୍ରାଥମିକ ଚିକିତ୍ସା ପରେ ଛାଡି ଦିଆଯିଇଛି। ପୁଲିସ ମୃତ ଶରୀର ଜବତ କରି ଶବ ବ୍ୟବଚ୍ଛେଦ ନିମନ୍ତେ ପଠାଇ ତଦନ୍ତ ଆରମ୍ଭ କରିଥିବା କହିଛନ୍ତି ଥାନା ଅଧିକାରୀ ରିଗାନ୍ କିଣ୍ଡୋ।

## ରାଜ୍ୟ ପୋଲିସ ଦୌଡ଼କୁଦ ପ୍ରତିଯୋଗିତା

କେନ୍ଦୁଝର, (ଭାସ୍କର ନ୍ୟୁଜ୍): କଟକ ବକ୍ସି ବଜାର ପୋଲିସ ଗ୍ରାଉଣ୍ଡ ଠାରେ ଅନୁଷ୍ଠିତ ୭୩ତମ ରାଜ୍ୟ ପୋଲିସ ଦୌଡ଼କୁଦ ପ୍ରତିଯୋଗିତା ୨୦୨୪-୨୫ରେ କେନ୍ଦୁଝର ପୋଲିସ ଆଥଲେଟିକ୍ସ ଦଳ ଏକ ଅସାଧାରଣ ପ୍ରଦର୍ଶନ କରି ୫ ଟି ସ୍ୱର୍ଣ୍ଣ, ୫ଟି ରୌପ୍ୟ ଏବଂ ୩ଟି ବ୍ରୋଞ୍ଜ ପଦକ ଜିତିବା ସହ କେନ୍ଦୁଝର ଦଳ ଦଳଗତ ଭାବେ ଶ୍ରେଷ୍ଠ ପ୍ରଦର୍ଶନ କରିଥିବା ବେଳେ ମହିଳା ଦଳ ଦଳଗତ ଚମ୍ପିୟାନ ଏବଂ ପୁରୁଷ ଦଳ ରନର୍ସ ଅପ ହେବା ସହ କେନ୍ଦୁଝର ଜିଲ୍ଲାର ଗୌରବ ବଢ଼ାଇଛନ୍ତି। ସେମାନଙ୍କର ସଫଳତା ସେମାନଙ୍କୁ ମର୍ଯ୍ୟାଦାଜନକ ଉପାଧି ପ୍ରଦାନ କରିଥିଲା ଯେଉଁଥିରେ କେନ୍ଦୁଝର ଜିଲାପାଳ, ଆରକ୍ଷୀ ଅଧିକ୍ଷକ, ଜିଲ୍ଲା ବନଖଣ୍ଡ ଅଧିକାରୀ ତଥା ଜିଲ୍ଲା ବରିଷ୍ଠ ଅଧିକାରୀମାନେ ଅଭିନନ୍ଦନ ଜଣାଇବା ସହିତ ଖେଳାଳିମାନଙ୍କ ଉତ୍ସର୍ଗୀକୃତ ମନୋଭାବକୁ ପ୍ରଶଂସା କରିଥିଲେ। ଭବିଷ୍ୟତରେ ଆହୁରି ବଡ଼ ସଫଳତା ପାଇଁ ପ୍ରୟାସ କରିବାକୁ ଉତ୍ସାହିତ କରିଥିଲେ।

## ନୂତନ ବିଡିଓଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

ତିହିଡ଼ି, (ଭାସ୍କର ନ୍ୟୁଜ୍): ଭଦ୍ରକ ଜିଲା ତିହିଡ଼ି ବ୍ଲକର ନୂତନ ବିଡିଓ ଭାବେ ନିରଂଜନ ବାରିକ ଯୋଗଦାନ କରିଛନ୍ତି। ସେ ପୁରୀ ଭୂଅର୍ଜନ ଅଧିକାରୀ ଭାବେ ରହି ସୂଚାରୁ ରୂପେ କାର୍ଯ୍ୟ ସମ୍ପାଦନ କରିଥିଲେ। ତାଙ୍କୁ ତିହିଡ଼ି ବିଡିଓ ଭାବେ ସରକାର ନିଯୁକ୍ତି ଦେଇଛନ୍ତି। ସାଧାରଣ ଲୋକମାନଙ୍କର ସମସ୍ୟାକୁ ସେ ଗୁରୁତ୍ୱ ଦେଇ ସମାଧାନ କରିବେ ବୋଲି କହିଛନ୍ତି। ଏହି ପରିପ୍ରେକ୍ଷୀରେ ଗୁରୁବାର ବ୍ଲକ ଗାଁ ସାଥୀ ସଂଘ ପକ୍ଷରୁ ନୂତନ ବିଡିଓ ବାରିକଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଯାଇଥିଲା। ଗାଁ ସାଥୀ ସଂଘର ସଭାପତି ହରେଶ ଚନ୍ଦ୍ର ଖୁଣ୍ଟିଆ, ଉପସଭାପତି ସସ୍ମିତା ବଳ, ବିଶ୍ୱନାଥ ରାଉତ, ସୁଧାକର ମହାଳିକ, ମାମିନା ଦାସ, ସଂଗୀତା ନାୟକ, ଲାବଣ୍ୟ ପଣ୍ଡା, ଉମାକାନ୍ତ ଦାସ, ଅଶ୍ୱିନୀ ପାଢ଼ୀ, ମନମୋହନ ମୁଦୁଲି, ଶୋଭାରାଣୀ ଦାସ, ବୈଲୋଚନ ପାତ୍ର, ଲଳିତ ମୋହନ ମାହୁନ୍ତ ପ୍ରମୁଖ ଗାଁସାଥୀମାନେ ବିଡିଓଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ।

## ନିଖୋଜ ଯୁବକ ଘଟଣାରେ ଅନଶନ ପାଇଁ ନିଷ୍ପତ୍ତି

ନିଶ୍ଚିନ୍ତକୋଇଲି, (ଭାସ୍କର ନ୍ୟୁଜ୍): ମାହାଙ୍ଗା ନିର୍ବାଚନ ମଣ୍ଡଳୀ ଅଧିନସ୍ଥ ନିଶ୍ଚିନ୍ତକୋଇଲି ଗ୍ରାମରୁ ଦାଦନ ଖଟିବାକୁ ଯାଇଥିବା ଯୁବକର ୨୧ ଦିନ ହେଲା ପତା ନମିଳିବା ଘଟଣାକୁ ନେଇ ତାଙ୍କ ପରିବାର ନାନା ଚିନ୍ତାରେ ଭାଙ୍ଗି ପଡିଛନ୍ତି। ନିଶ୍ଚିନ୍ତକୋଇଲି ଥାନା ପୋଲିସ ନାମକୁ ମାତ୍ର ନିଖୋଜ ମାମଲା ରୁଜୁ କରି ହାତବାନ୍ଧି ବସିଛି। ଏହାର ପ୍ରତିବାଦରେ ଆଗାମୀ ମାର୍ଚ୍ଚ ୬ତାରିଖ ଦିନ ତାଙ୍କ ପରିବାର ତରଫରୁ ନିଶ୍ଚିନ୍ତକୋଇଲି ଥାନା ସମ୍ମୁଖରେ ଆମରଣ ଅନଶନ କରାଯିବା ନିମନ୍ତେ ନିଷ୍ପତି ଗ୍ରହଣ କରାଯାଇଥିବାର ଜଣାଯାଇଛି। ସୂଚନା ଥାଉକି ନିଶ୍ଚିନ୍ତକୋଇଲି ଗ୍ରାମର ରବିନ୍ଦ୍ର କୁମାର ଦାସ ଜଣେ ଗରିବ ଶ୍ରେଣୀୟ ଲୋକ ଅଟନ୍ତି। ରବିନ୍ଦ୍ରଙ୍କ ପରିବାର ୨ପୁତ୍ରଙ୍କୁ ନେଇ ଗଠିତ। ରବିନ୍ଦ୍ରଙ୍କ ସାନପୁତ୍ର ସନ୍ତୋଷ କୁମାର ଦାସ(ଟୁନା) ୨୪ ବର୍ଷ ଜଣେ ବେକାର ଯୁବକ ଅଟନ୍ତି। ସ୍ଥାନୀୟ ବଡଖିର ଗ୍ରାମପଂଚାୟତ ଗୋପପୁର ଗ୍ରାମର ଦେବେନ୍ଦ୍ର ସାହୁଙ୍କ ପୁତ୍ର ଅନିଲ କୁମାର ସାହୁ ଅଧିକ ପାରିଶ୍ରମିକ ଦେବାକୁ ନିର୍ଭର ପ୍ରତିଶୃତି ଦେଇ ଗତ ୬ତାରିଖ ଦିନ ସନ୍ତୋଷକୁ ରାଜ୍ୟ ବାହାରକୁ ଦାଦନ ଶ୍ରମିକ ରୂପେ କାମନେଇଥିଲେ। ସନ୍ତୋଷର ପିତା ରବିନ୍ଦ୍ର କୁମାର ଦାସ(ନାଗର) ଏସମ୍ପର୍କରେ ତାଙ୍କର ପୁତ୍ରର ଭଲମନ୍ଦ ବୁଝିବା ନିମନ୍ତେ ଅନିଲ ନିକଟକୁ ଫୋନ କରିଥିଲେ। ତାଙ୍କ ପୁତ୍ରକୁ ଏକ ଟ୍ରେନରେ ଘରକୁ ପଠାଇ ଦେଇଥିବା ଅନିଲ ପ୍ରକାଶ କରିଥିଲେ। ତେବେ ପୁତ୍ର ଘରକୁ ନଫେରିବାରୁ ପରିବାର ଲୋକେ ବିଭିନ୍ନ ସ୍ଥାନରେ ତାଙ୍କୁ ଖୋଜାଖୋଜି କରିଥିଲେ ମଧ୍ୟ ପତା ପାଇନଥିଲେ। ଏସମ୍ପର୍କରେ ସନ୍ତୋଷର ପିତା ନିଶ୍ଚିନ୍ତକୋଇଲି ଥାନାରେ ଲିଖିତ ଅଭିଯୋଗ କରିଥିଲେ। ତେବେ ଥାନା ପୋଲିସ ନାମକୁ ମାତ୍ର ନିଖୋଜ ମାମଲା ରୁଜୁ କରି ହାତବାନ୍ଧି ବସିଛି। ଅପରପକ୍ଷରେ ଠିକାଦାର ଧରାଛୁଆଁ ଦେଉନାହାନ୍ତି। ଏପରିସ୍ଥଳେ ସାନ ଭାଇର ସନ୍ତୋଷକୁ ବିଭିନ୍ନ ସ୍ଥାନରେ ରାତି ଦିନକୁ ଏକ କରି ବଡଭାଇ ହରିଶଙ୍କର ନପାଇ ନିରାଶରେ ଫେରିଥିଲେ। ସାନଭାଇର ସନ୍ଧାନ ନପାଇବା କାରଣରୁ ମାନସିକ ସ୍ତରରେ ଆଘାତ ପାଇ ହୃହଘାତରେ ବଡଭାଇ ହରିଶଙ୍କର (୨୬) ହୃତଘାଦରେ ଅକାଳ ବିୟୋଗ ଘଟିଥିଲା। ତେବେ ପରିବାରର ଏକମାତ୍ର ରୋଜଗାରକ୍ଷମ ଜ୍ୟେଷ୍ଠପୁତ୍ରର ଅକାଳ ବିୟୋଗରେ ପରିବାର ଲୋକେ ମାନସିକ ସ୍ତରରେ ସମ୍ପୂର୍ଣ୍ଣ ଭାଙ୍ଗିପଡିଥିଲା ବେଳେ ସାନପୁତ୍ର ନିଖୋଜ ହେବା ଯୋଗୁ ତାଙ୍କ ପରିବାରରେ ବାପାମାଆ ପୁତ୍ରଚିନ୍ତାରେ ନଖାଇ ନପିଇ ଶଯ୍ୟାଶାୟୀ ହେବାକୁ ବସିଲେଣି। ଏପରିସ୍ଥଳେ ପୋଲିସ ତରଫରୁ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନଥିବା ପ୍ରତିବାଦରେ ଆଗାମୀ ମାର୍ଚ୍ଚ ୬ତାରିଖ ଦିନ ତାଙ୍କର ସପରିବାର ନିଶ୍ଚିନ୍ତକୋଇଲି ଥାନା ସମ୍ମୁଖରେ ଆମରଣ ଅନଶନ କରିବାକୁ ନିଷ୍ପତ୍ତି ଗ୍ରହଣ କରିଥିବାର ଜଣାଯାଇଛି। ଏସମ୍ପର୍କରେ ନିଖୋଜ ସନ୍ତୋଷର ମାଆ ମଞ୍ଜୁଲତା ମାନ୍ୟବର ମୁଖ୍ୟମନ୍ତ୍ରୀ, ଗୃହ ସଚିବ, ମୁଖ୍ୟ ଶାସନ ସଚିବ, ପୋଲିସ ମହାନିର୍ଦ୍ଦେଶକ, ଗ୍ରାମାଞ୍ଚଳ ଏସପି. କଟକ ଜିଲ୍ଲାପାଳ, ଏସଡିପିଓ ସାଲେପୁର, ନିଶ୍ଚିନ୍ତକୋଇଲି ତହସିଲଦାର, ବିଡିଓଙ୍କ ସମେତ ନିଶ୍ଚିନ୍ତକୋଇଲି ଥାନା ଅଧିକାରୀଙ୍କୁ ଲିଖିତ ଆକାରରେ ଜଣାଇଥିବାର ଜଣାଯାଇଛି।

# ମାସିକ ସଡ଼କ ସୁରକ୍ଷା ସମୀକ୍ଷା ବୈଠକ

ବୌଦ୍ଧ, (ଭାସ୍କର ନ୍ୟୁଜ୍): ବୌଦ୍ଧରେ ମାସିକ ସଡକ ସୁରକ୍ଷା ସମୀକ୍ଷା ବୈଠକ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷଠାରେ ଜିଲ୍ଲାପାଳ ସୁବ୍ରତ କୁମାର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଆଞ୍ଚଳିକ ପରିବହନ ଅଧିକାରୀ ଶିଶିର କୁମାର ସାହୁ ଦୁର୍ଘଟଣା ରୋକିବା ପାଇଁ ନିଜ ବିଭାଗ ପକ୍ଷରୁ ନିଆଯାଇଥିବା ବିଭିନ୍ନ ପଦକ୍ଷେପ ସମ୍ପର୍କରେ ବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ। ବାରମ୍ବାର ସମୀକ୍ଷା ସହିତ ଦୁର୍ଘଟଣା ରୋକିବା ଦିଗରେ ବ୍ୟାପକ ସଚେତନତା ଫଳରେ ଜିଲ୍ଲାରେ ଦୁର୍ଘଟଣା ସଂଖ୍ୟା କମିଥିଲେ ମଧ୍ୟ ଯେପରି ଦୁର୍ଘଟଣା ଶୁନ୍ୟ ଜୀବନ ଯାତ୍ରା ହୋଇପାରିବ ସେଥିପାଇଁ ଗୁରୁତ୍ୱ ଦେବାକୁ ଜିଲାପାଳ ପଣ୍ଡା ପରାମର୍ଶ ଦେଇଥିଲେ। ଆଗକୁ ଗ୍ରୀଷ୍ମ ପ୍ରବାହ ଆସୁଥିବାରୁ ଦୁର୍ଘଟଣା ଜନିତ ସତର୍କତା ଅବଲମ୍ବନ କରିବା ସହିତ ସ୍ୱାସ୍ଥ୍ୟ ବିଭାଗ ଓ ଏନଏସି ପକ୍ଷରୁ ପ୍ରଚୁର ପରିମାଣରେ ଓଆରଏସ ଓ ଔଷଧ ମହଜୁଦ ରଖିବା ଏବଂ ପାନୀୟଜଳ ବ୍ୟବସ୍ଥାକୁ ସୁନିଶ୍ଚିତ କରାଇବାକୁ ବୈଠକରେ ଆଲୋଚନା ହୋଇଥିଲା। ପରୀକ୍ଷା ଚାଲିଥିବାରୁ ଜାତୀୟ ରାଜପଥ ଓ ପୂର୍ତ୍ତ ରାସ୍ତା କଡରେ ରହିଥିବା ବିଦ୍ୟାଳୟଗୁଡ଼ିକ ନିକଟରେ ରମ୍ବଲର ନିର୍ମାଣ କରାଯିବାକୁ ବୈଠକରେ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ବୌଦ୍ଧ ସହରର ତିନି ପ୍ରମୁଖ ଶିକ୍ଷାନୁଷ୍ଠାନ ଯୋଗୀନ୍ଦ୍ର ଦେବ ଉଚ୍ଚ ବିଦ୍ୟାଳୟ, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଓ ଜାତୀୟ ରାଜପଥ କଡରେ ଥିବା ଆଦର୍ଶ




ବିଦ୍ୟାଳୟ ନିକଟରେ ତୁରନ୍ତ ରମ୍ବଲର ନିର୍ମାଣ ପାଇଁ ପୂର୍ତ୍ତ ଓ ଜାତୀୟ ରାଜପଥ ବିଭାଗକୁ ବୈଠକରେ ନିର୍ଦ୍ଦେଶ ଦିଆଯାଇଥିଲା। ଦୁର୍ଘଟଣାର ଶିକାର ହେଉଥିବା ଆହତ ବ୍ୟକ୍ତି ମାନଙ୍କୁ ତୁରନ୍ତ ଚିକିତ୍ସା ସେବା ଯୋଗାଇବା ଦିଗରେ ଉଚିତ ପଦକ୍ଷେପ ନେବା ସହିତ ଦୁର୍ଘଟଣା ଗ୍ରସ୍ତଙ୍କୁ ତୁରନ୍ତ ଚିକିତ୍ସା ସେବା ଯୋଗାଇ ଦେବାକୁ ଜିଲାପାଳ ପଣ୍ଡା ପରାମର୍ଶ ଦେଇଥିଲେ। ଆହତମାନଙ୍କୁ ଉଦ୍ଧାର କରି ଚିକିତ୍ସାଳୟ ପହଞ୍ଚାଉଥିବା ବ୍ୟକ୍ତିବିଶେଷ ମାନେ ହଇରାଣ ହେବେନାହିଁ ବରଂ ସରକାର ସେମାନଙ୍କ ପାଇଁ ପୁରସ୍କାର ବ୍ୟବସ୍ଥା କରିଥିବା ନେଇ ସଚେତନତା କରାଯିବା ସହିତ ଡାକ୍ତର ମାନେ ଏ ସମ୍ପର୍କରେ ତୁରନ୍ତ ନିର୍ଦ୍ଧାରିତ ଫର୍ମ ପୂରଣ କରି ଆଞ୍ଚଳିକ ପରିବହନ କାର୍ଯ୍ୟାଳୟକୁ ଅବଗତ କରାଇବାକୁ ଜିଲା ସ୍ୱାସ୍ଥ୍ୟ ବିଭାଗକୁ ବୈଠକରେ ନିର୍ଦ୍ଦେଶ ଦିଆଯାଇଥିଲା। ଦୁର୍ଘଟଣା ପ୍ରବଣ ସ୍ଥାନ ଗୁଡିକୁ ସାଇନବୋର୍ଡ ଦ୍ୱାରା ଚିହ୍ନଟ କରାଯିବା କାର୍ଯ୍ୟ ତୁରନ୍ତ ସମାପନ କରିବା, ବିଭିନ୍ନ ଛକରେ ସିସିଟିଭି ଲଗାଇବା, ରାସ୍ତା ଉପରେ ଜମା ହୋଇ ରହୁଥିବା ଗୃହ ନିର୍ମାଣ ସାମଗ୍ରୀ ହଟାଇବା, ଗାଡି ମୋଟର ଯାଞ୍ଚ ପ୍ରକ୍ରିୟାକୁ କଡାକଡି କରାଯିବା ସହିତ ନିଶାଗ୍ରସ୍ତ ଗାଡିଚାଳକ, ବିନା ହେଲମେଟ୍ ରେ ଯାତ୍ରା ଓ ଅନ୍ୟାନ୍ୟ ଟ୍ରାଫିକ ନିୟମ ଉଲଂଘନକାରୀଙ୍କ ଉପରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ବୈଠକରେ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ଏହି ବୈଠକରେ ଜିଲା ଆରକ୍ଷୀ ଅଧିକ୍ଷକ ନାଗରାଜ ଦେୱରକୋଣ୍ଡା, ଅତିରିକ୍ତ ଜିଲାପାଳ ଅନିରୁଦ୍ଧ ପଧାନ, ପୂର୍ତ୍ତ ବିଭାଗ ଅଧିକ୍ଷଣ ଯନ୍ତ୍ରୀ ସନ୍ଦିପ କୁମାର ଛୁଆଳସିଂହ, ଅତିରିକ୍ତ ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ବି.କେ.ଆର.ସି. ଦେଓ ହେମ୍ବ୍ରମ, ଜାତୀୟ ରାଜପଥ ସହକାରୀ ନିର୍ବାହୀ ଯନ୍ତ୍ରୀ ଖାକେନ ସିଂହ, ଡିଆଇବି ଡିଏସପି ଗୌରାଙ୍ଗ ଚରଣ ସାହୁ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରିତାକାନ୍ତି ବଳିୟାରସିଂହ, ଜିଲା ଶାରିରୀକ ଶିକ୍ଷା ନିରୀକ୍ଷକ ଆନନ୍ଦ କୁମାର ବେହେରା, ଟ୍ରାଫିକ ଇନିସପେକ୍ଟର ଦେବାଶିଷ ନାୟକଙ୍କ ସମେତ ଆଞ୍ଚଳିକ ପରିବହନ ବିଭାଗର କର୍ମଚାରୀ ମାନେ ଉପସ୍ଥିତ ଥିଲେ।

## ଅବକାରୀ ବିଭାଗର ଚଢ଼ାଉ ଦୁଇ ଜଣ ଗିରଫ

ବେତନଟୀ, (ଭାସ୍କର ନ୍ୟୁଜ୍): ଅବକାରୀ ବିଭାଗ ଅଧୀନ ରେ ଆଜି ଚଢାଉ କରି ଦେଶୀ ମଦ ଓ ସ୍କୁଟି ଜବତ କରିବା ସହ ଦୁଇ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି ଅବକାରୀ ବିଭାଗ। ଅଭିଯୁକ୍ତ ମାନେ ହେଲେ ବୈଶିଙ୍ଗା ଥାନା ଅଧୀନ ମାନଗୋବିନ୍ଦପୁର ଗ୍ରାମର ମଙ୍ଗୁଲି ସିଂ ଓ ବାରିପଦା ସଦର ଅଞ୍ଚଳର ମହୋନିଗଞ୍ଜ ଗ୍ରାମ ର ଚାନ୍ଦିନୀ ହେମ୍ବ୍ରମ ବୋଲି ଜଣାପଡିଛି। ଚଢ଼ାଉ ସମୟରେ ଦୁଇ ଜଣଙ୍କ ପାଖରୁ ମୋଟ ଲିଟର ୩୬ ଲିଟର ଦେଶୀ ମଦ ଓ ସ୍କୁଟି ଜବତ କରାଯାଇଛି। ବେତନଟୀ ଅବକାରୀ ଅଧିକାରୀ ପ୍ରକାଶ ସାହୁଙ୍କ ସହ ଅବକାରୀ ବିଭାଗ ର କର୍ମଚାରୀମାନେ ଏହି ଚଢାଉରେ ଉପସ୍ଥିତ ଥିଲେ।

## ଆଇନଜୀବୀ ମହେଶ ପାଟ୍ଟଙ୍କ ପରଲୋକ

ତିହିଡ଼ି, (ଭାସ୍କର ନ୍ୟୁଜ୍): ଭଦ୍ରକ ଜିଲା ତିହିଡ଼ି ବ୍ଲକ ମୁକୁନ୍ଦପୁର ପଞ୍ଚାୟତ ଅଧୀନ ଆରସା ଗ୍ରାମର ବରିଷ୍ଠ ଆଇନଜୀବୀ ମହେଶ ଚନ୍ଦ୍ର ପାଟ୍ଟ (୬୫)ଙ୍କର ବୁଧବାର ବିଳମ୍ବିତ ରାତିରେ ଭୁବନେଶ୍ୱର ସ୍ଥିତ ଏକ ଘରୋଇ ହସ୍ପିଟାଲରେ ପରଲୋକ ହୋଇଯାଇଛି। ବୁଧବାର ସକାଳେ ସେ ଛାତିରେ ଯନ୍ତ୍ରଣା ଅନୁଭବ କରିଥିଲେ। ତାଙ୍କୁ ଚିକିତ୍ସା ପାଇଁ ପ୍ରଥମେ ତିହିଡ଼ି ଓ ପରେ ଭଦ୍ରକ ଡାକ୍ତରଖାନାକୁ ନିଆଯାଇଥିଲା। ସେଠାରେ ତାଙ୍କର ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ତାଙ୍କୁ ଭୁବନେଶ୍ୱର ସ୍ଥିତ ଏକ ଘରୋଇ ହସପିଟାଲରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଛି। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା। ଗୁରୁବାର ତାଙ୍କ ମର ଶରୀରକୁ ଅଣାଯାଇଥିଲା। ଭଦ୍ରକ ଓକିଲ ସଂଘ ଓ ମୋହରିର ସଂଘ ପକ୍ଷରୁ ତାଙ୍କୁ କୋର୍ଟପରିସରରେ ଶ୍ରଦ୍ଧା ସୁମନ ଅର୍ପଣ କରାଯାଇ ଥିଲା।

## ଆଚାର୍ଯ୍ୟ ହରିହର ଦାସଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କଲେ ମୁଖ୍ୟମନ୍ତ୍ରୀ ଓ କେନ୍ଦ୍ରମନ୍ତ୍ରୀ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ମହାନ ସାଧକ ଆଚାର୍ଯ୍ୟ ହରିହର ଦାସଙ୍କୁ ଶ୍ରଦ୍ଧାଂଜଳି ଜ୍ଞାପନ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ଏକ୍ସ ହ୍ୟାଣ୍ଡେଲରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ପଂଚସଖାଙ୍କ ମଧ୍ୟରେ ଅନ୍ୟତମ, ସ୍ୱାଧୀନତା ସଂଗ୍ରାମୀ ତଥା ଓଡ଼ିଆ ଭାଷାର ପ୍ରସାର ପାଇଁ ନିଜ ଜୀବନକୁ ସମର୍ପି ଦେଇଥିବା ମହାନ ସାଧକ ଆଚାର୍ଯ୍ୟ ହରିହର ଦାସଙ୍କ ଜୟନ୍ତୀରେ ଶ୍ରଦ୍ଧାଞ୍ଜଳି। ସ୍ୱାଧୀନତା ସଂଗ୍ରାମ, ଶିକ୍ଷା, ସୁସ୍ଥ ସମାଜ ଗଠନ ସହ ଭୂଦାନ ଆନ୍ଦୋଳନରେ ତାଙ୍କ ଅବଦାନ ସର୍ବଦା ସ୍ମରଣୀୟ। ସେହିପରି ସ୍ୱର୍ଗତ ଆଚାର୍ଯ୍ୟ ହରିହର ଦାସଙ୍କ ସ୍ମୃତିଚାରଣ କରିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ସୋସିଆଲ ମିଡିଆ ଏକ୍ସରେ କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ, ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ, ସାରସ୍ୱତ ସାଧକ ତଥା ସମାଜ ସଂସ୍କାରକ ସ୍ୱର୍ଗତ ଆଚାର୍ଯ୍ୟ ହରିହର ଦାସଙ୍କ ଜୟନ୍ତୀ ଅବସରରେ ଶ୍ରଦ୍ଧାଞ୍ଜଳି।

## ଗଣିତ ବିଷୟରେ ପରୀକ୍ଷା ଦେଲେ ୬୪୨୧ ମାଟ୍ରିକ ପରୀକ୍ଷାର୍ଥୀ, ୧୧୮ ଅନୁପସ୍ଥିତ

ବୌଦ୍ଧ, (ଭାସ୍କର ନ୍ୟୁଜ୍): ବୌଦ୍ଧ ଜିଲ୍ଲାର ୩୩ ଗୋଟି ପରୀକ୍ଷା କେନ୍ଦ୍ରରେ ମାଟ୍ରିକ ପରୀକ୍ଷା ଚାଲିଥିବା ବେଳେ ଆଜି ତୃତୀୟ ଦିନରେ ଗଣିତ ବିଷୟ ପରୀକ୍ଷା ହୋଇଛି। ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ ପରିଚାଳିତ ବାର୍ଷିକ ହାଇସ୍କୁଲ ପରୀକ୍ଷାରେ ରାଜ୍ୟ ମୁକ୍ତ ବିଦ୍ୟାଳୟ ସାର୍ଟିଫିକେଟ ପରୀକ୍ଷା ଓ ସଂସ୍କୃତ ମଧ୍ୟମା ମିଶାଇ ମୋଟ ୬୫୩୯ ପରୀକ୍ଷାର୍ଥୀ ମଧ୍ୟରୁ ୬୪୨୧ ଜଣ ପରୀକ୍ଷାର୍ଥୀ ଗଣିତ ପରୀକ୍ଷା ଦେଇଥିବା ବେଳେ ୧୧୮ ଜଣ ଅନୁପସ୍ଥିତ ରହିଛନ୍ତି। ଗୁରୁବାର ଜିଲ୍ଲା ଶିକ୍ଷା ଅଧିକାରୀ ଟେମଲାଲ ଦୁବେ ବୌଦ୍ଧ ସହରର ଯୋଗୀନ୍ଦ୍ରଦେବ ଉଚ୍ଚ ବିଦ୍ୟାଳୟ, ବଢିଗାଁ ହାଇସ୍କୁଲ, ମେଣ୍ଟିମାଳ ହାଇସ୍କୁଲ, ବାମଣ୍ଡା ହାଇସ୍କୁଲ, ବାବା ବୈଦ୍ୟନାଥ ହାଇସ୍କୁଲ ସରସରା ଓ ଜାନକୀ ବିହାରୀ ମାଉଳିସିଙ୍ଗା ପରୀକ୍ଷା କେନ୍ଦ୍ର ପରିଦର୍ଶନ କରିଥିଲେ। ସମସ୍ତ କେନ୍ଦ୍ରରେ ଶୃଙ୍ଖଳିତ ଭାବେ ପରୀକ୍ଷା ହୋଇଥିବା ଜଣାପଡିଛି।

## ତ୍ରିଦିବସୀୟ ସହସ୍ର ଜ୍ୟୋତିର୍ଲିଙ୍ଗ ଝାଙ୍କିର ଉଦ୍‌ଯାପିତ

ଭଞ୍ଜନଗର, (ଭାସ୍କର ନ୍ୟୁଜ୍): ମହାଶିବରାତ୍ରି ଉପଲକ୍ଷେ ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ତରଫରୁ ଭଞ୍ଜନଗର ଉପସେବା କେନ୍ଦ୍ର ତଥା ନିଳାଦ୍ରୀ ବିହାର ସ୍ଥିତ ଶାନ୍ତି ସ୍ରୋତ ଭବନରେ ଷୋହଳ ଦିନ ବ୍ୟାପି ଶିବ ସନ୍ଦେଶ ଅଭିଯାନ କାର୍ଯ୍ୟକ୍ରମର ସଫଳ ରୂପାୟନ ହୋଇପାରିଛି। ଏଥି ସହିତ ଶେଷ ତିନି ଦିନ ଚୈତନ୍ୟ ଓ ସହସ୍ର ଜ୍ୟୋତିର୍ଲିଙ୍ଗ ଝାଙ୍କିର ଆୟୋଜନ କରାଯାଇଥିଲା। ପ୍ରଥମ ଦିବସରେ ନଗରପାଳ ଗୋପବନ୍ଧୁ ମହାପାତ୍ର ଓ ତହସିଲଦାର ଅବିନାଶ କୁମାର ମୋହୋରଙ୍କ କରକମଳରେ ସହସ୍ର ଜ୍ୟୋତିର୍ଲିଙ୍ଗ ଝାଙ୍କିର ଉଦଘାଟନ କରାଯାଇଥିଲା। ଦ୍ୱିତୀୟ ଦିବସରେ ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ପୂର୍ଣ୍ଣଚନ୍ଦ୍ର ପାଢ଼ୀ, ଗୋଷ୍ଠୀ ଶିକ୍ଷା ଅଧିକାରୀ ଏସ.ଧନଞ୍ଜୟ ସାର୍, ଆଞ୍ଚଳିକ ପରିବହନ ଅଧିକାରୀ ଶୁଭେନ୍ଦୁ ରଞ୍ଜନ ରାୟ, ଅଷ୍ଟମ ସ୍ୱତନ୍ତ୍ର ଭାରତୀୟ ସଂରକ୍ଷିତ ବାହିନୀ ଅଧିକାରୀ ସୁଧାକର ମିଶ୍ର ସାର୍ ଉପସ୍ଥିତ ରହି ସନ୍ଧ୍ୟା ପ୍ରଦୀପ ପ୍ରଜ୍ୱଳନ କରିବା ସହିତ ୮୦ରୁ ଉର୍ଦ୍ଧ୍ୱ ବିଭିନ୍ନ ବିଭାଗର ଅବସରପ୍ରାପ୍ତ କର୍ମଚାରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲ। ତୃତୀୟ ଦିବସର ପୂର୍ବାହ୍ନ ୧୦ ଘଣ୍ଟିକାରେ ଅତିରିକ୍ତ ଜିଲ୍ଲା ଜଜ୍ ଦେବଦତ୍ତ ପଟ୍ଟନାୟକ ଓ ଅତିରିକ୍ତ ଉପ ଜିଲ୍ଲାପାଳ ସୁମନ ଘୋଷଙ୍କ ଦ୍ୱାରା ଶିବ ଧ୍ୱଜା ଉତ୍ତୋଳନ କରାଯାଇଥିଲା। ସନ୍ଧ୍ୟା କାର୍ଯ୍ୟକ୍ରମରେ ଉପଖଣ୍ଡୀୟ ସ୍ୱାସ୍ଥ୍ୟ ବିଭାଗ ଅଧିକାରୀ ଶିତାଂଶୁ ଶେଖର ଶତପଥୀ ଓ ଦକ୍ଷିଣ ଘୁମୁସର ବନ ସୁରକ୍ଷା ଅଧିକାରୀ ବିବେକା ଦାଶ ସାର୍ ଉପସ୍ଥିତ ଥିଲେ। ଏହି ତ୍ରିଦିବସୀୟ କାର୍ଯ୍ୟକ୍ରମରେ ଶିବରାତ୍ରି ତଥା ଭଗବାନ ଶିବଙ୍କ ଜନ୍ମୋତ୍ସବ ପାଳନର ଉଦ୍ଦେଶ୍ୟ ସଂପର୍କରେ କେନ୍ଦ୍ର ସଞ୍ଚାଳିକା ରାଜଯୋଗିନୀ ସନ୍ତୋଷିନୀ ଭଉଣୀ ତାଙ୍କ ବକ୍ତବ୍ୟ ମାଧ୍ୟମରେ ସମସ୍ତ ଅତିଥି, ଶ୍ରଦ୍ଧାଳୁ, ଆଧ୍ୟାତ୍ମିକ ପ୍ରେମୀ ଭାଇଭଉଣୀଙ୍କୁ ଅବଗତ କରାଉଥିଲେ। ଇତି ଅବସରରେ ଭଞ୍ଜନଗର ଓ ବେଲଗୁଣ୍ଠାର ୪୫ଟି ବ୍ରହ୍ମାକୁମାରୀ ପାଠଶାଳାମାନଙ୍କରେ ଶିବ ଧ୍ୱଜା ଉତ୍ତୋଳନ କରାଯାଇ ସ୍ଥାନୀୟ ଲୋକଙ୍କୁ ଶିବରାତ୍ରି ପାଳନର ଉଦ୍ଦେଶ୍ୟ ଓ ସହଜ ରାଜଯୋଗ ଉପରେ ଶିକ୍ଷା ଦିଆଯାଉଥିଲା। ସହସ୍ରାଧିକ ଶ୍ରଦ୍ଧାଳୁ,ଶିବ ଭକ୍ତଙ୍କ ସମାଗମ ହୋଇଥିଲା। ନାଚ, ଗୀତର ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା।

# ୟୁଏଆଇଏଲ୍ ପକ୍ଷରୁ ୪ଟି ଅଙ୍ଗନୱାଡ଼ି କେନ୍ଦ୍ରର ଶୁଭାରମ୍ଭ




ଭବାନୀପାଟଣା, (ଭାସ୍କର ନ୍ୟୁଜ୍ ) : ଉତ୍କଳ ଆଲୁମିନା, ହିଣ୍ଡାଲକୋ ଇଣ୍ଡଷ୍ଟ୍ରିଜ ଆଦିତ୍ୟ ବିର୍ଲାର ଏକ ସହଯୋଗୀ କମ୍ପାନୀ, ଶୈଶବ ଅବସ୍ଥାରେ ଶିକ୍ଷା ତଥା ପ୍ରଯୁକ୍ତିବିଦ୍ୟା ମାଧ୍ୟମରେ ଶିଶୁର ସର୍ବାଙ୍ଗିନ ବିକାଶ ଲକ୍ଷ୍ୟ ନେଇ ଗ୍ରାମାଞ୍ଚଳରେ ପ୍ରମୁଖ ଭୂମିକା ନିର୍ବାହ କରିଛି। ଏହି ପରିପ୍ରେକ୍ଷୀରେ କାଳାହାଣ୍ଡି ଜିଲ୍ଲା ଥୁଆମୁଳ ରାମପୁର ବ୍ଲକ ଅନ୍ତର୍ଗତ ଆଡରୀ ଗ୍ରାମ ପଞ୍ଚାୟତ ଠାରେ କମ୍ପାନୀ ଖଣି ସିଏସ୍ଆର୍ ଅଭିଯାନ ତରଫରୁ ବିଭିନ୍ନ କାର୍ଯ୍ୟକ୍ରମ ଜରିଆରେ ଶିଶୁମାନଙ୍କ ବିକାଶ ସାଧନ ନିମନ୍ତେ ଅବିରତ ଉଦ୍ୟମ ଜାରି ରହିଛି । ଉକ୍ତ ବ୍ଲକରେ ଥିବା ଆଡରୀ ସରକାରୀ ଉଚ୍ଚ ବିଦ୍ୟାଳୟ ଠାରେ କମ୍ପାନୀ ସିଏସ୍ଆର୍ କାର୍ଯ୍ୟକ୍ରମ ଅଧିନସ୍ଥ ଓଡିଆ ପାଠ୍ୟକ୍ରମ ଆଧାରିତ ଡିଜିଟାଲ କ୍ଲାସ ରୁମ୍ ଉଦ୍‌ଘାଟନ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଥୁଆମୁଳ ରାମପୁର ତହସିଲଦାର ନିରୋଜ ବାତ୍ରା ଯୋଗ ଦେଇ ଆନୁଷ୍ଠାନିକ ଭାବେ ଏହାକୁ ଛାତ୍ରଛାତ୍ରୀଙ୍କ ଉଦ୍ଦେଶ୍ୟରେ ଉଦ୍‌ଘାଟନ କରିଛନ୍ତି । ଫଳସ୍ୱରୂପ ବିଦ୍ୟାର୍ଥୀମାନେ କମ୍ପ୍ୟୁଟର ମାଧ୍ୟମରେ ଶିକ୍ଷା ଗ୍ରହଣ କରିବା ସହ ବିଭିନ୍ନ କଠିନ ସାଧ ବିଷୟବସ୍ତୁ ଗୁଡିକୁ ସହଜ ଉପାୟରେ ବୁଝିପାରିବେ ବୋଲି ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରଶ୍ମିରଞ୍ଜନ ସ୍ୱାଇଁଙ୍କ ସମେତ ଅନ୍ୟ ସହକାରୀ ଶିକ୍ଷକ ଓ ଶିକ୍ଷାର୍ଥୀମାନେ ଖୁସି ବ୍ୟକ୍ତ କରିଛନ୍ତି । ଏଥିସହିତ ଉକ୍ତ ବିଦ୍ୟାଳୟରେ ଗଣିତ ପ୍ରୟୋଗଶାଳା ମଧ୍ୟ ଅନୁରୂପ ସ୍ଥାପନ ହୋଇଛି । ଯଦ୍ୱାରା ଛାତ୍ରଛାତ୍ରୀମାନେ ଗଣିତ ସଂକ୍ରାନ୍ତୀୟ ବିଷୟବସ୍ତୁ ଛବି ମାଧ୍ୟମରେ ଦେଖି ଶୁଣି ମନେ ରଖିବା ସହିତ ଜ୍ଞାନ ଆହରଣ କରିପାରିବେ। ଅନ୍ୟପକ୍ଷେ ୟୁଏଆଇଏଲର ସମାଜ ମଙ୍ଗଳକାରୀ ପ୍ରତିବଦ୍ଧତା ଅନ୍ତର୍ଗତ ଅଡରୀ ଗ୍ରାମ ପଞ୍ଚାୟତରେ ଶୈଶବ ଅବସ୍ଥାରେ ଶିଶୁମାନଙ୍କର ବିକାଶକୁ ପ୍ରାଧାନ୍ୟ ଦେଇ ଆହୁରି ୪ଗୋଟି ଅଙ୍ଗନୱାଡ଼ି କେନ୍ଦ୍ର ମଧ୍ୟ ପ୍ରତିଷ୍ଠା କରାଯାଇଛି । ଏହିକ୍ରମରେ ସୂର୍ଯ୍ୟଗଡ, କେନ୍ଦୁମୁଣ୍ଡି, ମାଲିଗାଁ ଓ ଅଡରୀ ଗାଁରେ ଏହି କେନ୍ଦ୍ର ସବୁ ସ୍ଥାପନ କରାଯାଇଛି। ଉକ୍ତ କାର୍ଯ୍ୟକ୍ରମ ଅଭତି ଲର୍ଣ୍ଣ ଭୁବନେଶ୍ୱର, ସହଭାଗିତାରେ ସ୍ଥାପନ କରାଯାଇଥିବା ସ୍ଥଳେ ଆଗାମୀ ଦିନରେ ଏପରି ଅଭିଯାନ ଖଣି ଏବଂ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଜାରି ରହିବ। ଉକ୍ତ କାର୍ଯ୍ୟକ୍ରମ ଖଣି ସିଏସ୍ଆର୍ ମୁଖ୍ୟ ନିହାରିକା ସାହୁଙ୍କ ପ୍ରତ୍ୟକ୍ଷ ନେତୃତ୍ୱରେ ଆୟୋଜିତ ହୋଇଥିବା ବେଳେ ଅଭତି ଲର୍ଣ୍ଣ ପକ୍ଷରୁ ବିକାଶ ସ୍ୱାଇଁ ଏବଂ ସିଏସ୍ଆର୍ ବିଭାଗର ସହକର୍ମୀ ସୁଶାନ୍ତ ଧଳ ଓ ସୁଧୀର ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ମିଥ୍ୟା ବିଲର ଘୋଟାଲା, ଜିଲ୍ଲାପାଳଙ୍କ ଦୃଷ୍ଟି ଓ ନ୍ୟାୟ ପାଇଁ ଦାବି

ନର୍ଲା, (ଭାସ୍କର ନ୍ୟୁଜ୍ ) : କଳାହାଣ୍ଡି ଜିଲ୍ଲା ନର୍ଲା ବ୍ଲକ ୨୬ ଗୋଟି ଗ୍ରାମ ପଞ୍ଚାୟତରେ ୨୬ଟି ଜିପିଏଲଏଫ ରହିଛି। ପ୍ରତି ଜିପିଏଲଏଫରେ ଜଣେ ଲେଖାଏଁ ଏମ୍‌ବିକେ ନିଯୁକ୍ତି ହୋଇଛନ୍ତି। ଏହି ସବୁ ଏମ୍‌ବିକେ ମାନେ ଗ୍ରାମ ପଞ୍ଚାୟତ ସ୍ତରରେ ସିଆର୍‌ପି ମାନଙ୍କୁ ନେଇ ଗ୍ରାମ ପଞ୍ଚାୟତ ସ୍ତରରେ ଗଠନ କରାଯାଇଥିବା ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ମାନଙ୍କ ପ୍ରତ୍ୟେକ କାର୍ଯ୍ୟ ତଦାରଖ କରିବା ସହ ସମସ୍ତ ସରକାରୀ ଯୋଜନାକୁ ତୃଣମୂଳ ସ୍ତରରେ କାର୍ଯ୍ୟ କରିବା ଓ ମହିଳା ମାନଙ୍କୁ ସଶକ୍ତ କରିବା ପାଇଁ ଏମାନଙ୍କୁ ସରକାର ନିୟୋଜିତ କରିଛନ୍ତି। କିନ୍ତୁ ନର୍ଲା ବ୍ଲକରେ ପାଖାପାଖି ଅର୍ଦ୍ଧାଧିକ ଜିପିଏଲର ସଭାନେତ୍ରୀ ସମ୍ପାଦିକା ଏମବିକେ ମାନଙ୍କ ମିଳିଭଗତରେ ଲକ୍ଷ୍ୟପତି ଦିଦି ତାଲିମ ପାଇଁ ଆସିଥିବା ସରକାରୀ ଅର୍ଥକୁ ନିଜ ନିଜ ପାରିବାରିକ ସମ୍ପର୍କୀୟ ମାନଙ୍କ ନାମରେ ହଜାର ହଜାର ଟଙ୍କାର ମିଥ୍ୟା ବିଲ କରି ଅର୍ଥ ଆତ୍ମସାତ କରାଯାଇଥିବା ଭଳି ସଂଗୀନ ଅଭିଯୋଗ ସାମ୍ନାକୁ ଆସୁଛି। ଏପରିକି ୨୦ ଜଣ ମହିଳାଙ୍କୁ ତାଲିମ ଦେଇ ପାଖାପାଖି ୮୦ ଜଣ ମହିଳାଙ୍କ ମିଥ୍ୟା ଦସ୍ତଖତ କରାଯାଇଥିବା ସୂଚନା ରହିଛି। ଏହିସବୁ ଲକ୍ଷ୍ୟପତି ଦିଦି ତାଲିମ ଖର୍ଚ୍ଚ ବିଷୟରେ କୌଣସି ବିସିଆରପିସି ଇସି ମେମ୍ବର କିମ୍ବା ମହିଳା ଗୋଷ୍ଠୀ ସଦସ୍ୟା ମାନଙ୍କୁ ନ ଜଣାଇ ଗୋପନ ରଖି ଅର୍ଥ ତୋସାରପାତ କରାଯାଇଥିବା ଅଭିଯୋଗ ବାରମ୍ବାର ହୋଇଆସୁଥିଲେ ବି ତାଙ୍କ ବିପକ୍ଷରେ କୌଣସି ପ୍ରକାର ବିଭାଗୀୟ କାର୍ଯ୍ୟାନୁଷ୍ଠାନ ହେଉ ନ ଥିବାରୁ ମିଶନ ଶକ୍ତି ମହିଳା ମାନଙ୍କ ମଧ୍ୟରେ ଦିନକୁ ଦିନ ଅସନ୍ତୋଷ ବଢ଼ିବାରେ ଲାଗିଛି। ଏମାନେ ବିଭିନ୍ନ ସମୟରେ ବିଭିନ୍ନ ଯୋଜନାକୁ ବାଟବଣା କରି ଉପରିସ୍ଥ ଅଧିକାରୀଙ୍କ ପକେଟ ଗରମ କରାଇବା ସହ ଜିପିଏଲଫ ସଭାନେତ୍ରୀ ସମ୍ପାଦିକା ଏମବିକେ ମାନଙ୍କ ମିଳିତ ଉଦ୍ୟମରେ ବାମ ଡାହାଣ କରି ନିଜ ନିଜ ପାରିବାରିକ ସମ୍ପର୍କୀୟ ମାନଙ୍କ ନାମରେ ହଜାର ହଜାର ଟଙ୍କା ମିଥ୍ୟା ବିଲ କରି ଅର୍ଥ ଆତ୍ମସାତ କରୁଥିବା ଅଭିଯୋଗ ହୋଇଛି। ବିଗତ ଓ ଚଳିତବର୍ଷ ମଧ୍ୟ ଲକ୍ଷପତି ଦିଦି ମାନଙ୍କୁ ତାଲିମ ଓ ଅନ୍ୟାନ୍ୟ ଖର୍ଚ୍ଚ ପାଇଁ ପ୍ରତି ପଞ୍ଚାୟତକୁ ପାଖାପାଖି ୨୦,୦୦୦/- ରୁ ୪୦୦୦୦ଟଙ୍କା ଖର୍ଚ୍ଚ ପାଇଁ ନିର୍ଦ୍ଦେଶ ରହିଥିଲା। କିନ୍ତୁ ଏହି ସରକାରୀ ଅର୍ଥକୁ କିଛି ଦୁର୍ନୀତି ରାଣୀ ଏମବିକେ ମାନେ ଖର୍ଚ୍ଚ ନ କରି ହଜାର ହଜାର ଟଙ୍କାର ମିଥ୍ୟା ବିଲ ଭାଉଚର୍ ତିଆରି କରି ଏକ ଫାଙ୍କା ଲେଖା ବିହୀନ ବିନିଯୋଗ ପତ୍ର ମାନଙ୍କରେ ସିଆରପି ଏବଂ ଇସି କର୍ମୀ, ଏସଏଚଜି ମହିଳା ମାନଙ୍କୁ ଅନ୍ଧାରରେ ରଖି ଦସ୍ତଖତ କରାଇଥିବା ଅଭିଯୋଗ ହୋଇଛି। ଏପରିକି ମାଣ୍ଡେଲ ଓ ସର୍ଗିଗୁଡା ପଞ୍ଚାୟତରେ ଲେଖା ବିହୀନ ବିନିଯୋଗ ପତ୍ରରେ ଦସ୍ତଖତ ନ କଲେ ଚାକିରିରୁ ବାହାର କରି ଦିଆଯିବ ବୋଲି ଇସି ଓ ସିଆରପି ମାନଙ୍କୁ ଧମକ ଦିଆଯାଇ ଭୟଭିତ କରୁଥିବା ଅଭିଯୋଗ ହୋଇଛି। ଏଭଳି ଏକ ସଙ୍ଗୀନ ମାମଲା ସମଗ୍ର ବ୍ଲକରେ ଚାଲିଥିବା ବେଳେ ମାଣ୍ଡେଲ ଗ୍ରାମ ପଞ୍ଚାୟତରେ ଲକ୍ଷପତି ଦିଦି ତାଲିମ ଅର୍ଥ ଘୋଟାଲାରେ ସମ୍ପୃକ୍ତ ଥିବା ଏମବିକେ ସଂଯୁକ୍ତା ସୁନା ସଭାନେତ୍ରୀ ଗୀତାଞ୍ଜଳି ପୋଢ଼ ସମ୍ପାଦିକା ଚନ୍ଦ୍ରିକା ବିଭାର ଏବଂ ବ୍ଲକ ସଂଯୋଜକ ସନତ କୁମାର ସାହୁଙ୍କ ସମ୍ପୃକ୍ତି ଥିବା ଅଭିଯୋଗ ହାଟରେ ପଡ଼ି ଦାଣ୍ଡରେ ଗଡୁଛି। ଏଣୁ ନର୍ଲା ବ୍ଲକରେ ଲକ୍ଷପତି ଦିଦି ତାଲିମ ପାଇଁ ଆସିଥିବା ସରକାରୀ ଅର୍ଥକୁ ଆତ୍ମସାତ କରି ସରକାରୀ ଯୋଜନାକୁ ବାଟବଣା କରୁଥିବା ପ୍ରକାଶ କରିଛନ୍ତି। ପ୍ରକାଶ ଥାଉ କି ମାଣ୍ଡେଲ ଗ୍ରାମପଞ୍ଚାୟତର ଏମବିକେକୁ ଯେତେବେଳେ ଲକ୍ଷପତି ଦିଦିରେ ହେଉଥିବା ଘୋଟଲା ବିଷୟରେ ସିଆରପି-ସିଏମ ପ୍ରଶ୍ନ କରିବାରୁ ସେ କହିଲେ ବିଏଲସି ସନତ ସାହୁଙ୍କୁ ସବୁ ପଇସା ଦିଆଯାଉଛି ବୋଲି କହିଥିଲେ। ଏଣୁ ଏଥିପ୍ରତି ଜିଲ୍ଲାପାଳ ସ୍ୱତନ୍ତ୍ର ଦୃଷ୍ଟି ଦେବା ସହ ହୋଇଥିବା ମହାଘୋଟାଲାର ଭିଜିଲାନ୍ସ ତଦନ୍ତ ପାଇଁ ନିର୍ଦ୍ଦେଶ ଦେଲେ ଅନେକ ଦୁର୍ନୀତି ଖୋର କର୍ମଚାରୀ ଓ ଅଧିକାରୀଙ୍କ ଅସଲ ମୁଖା ଲୋକ ଲୋଚନକୁ ଆସିବ ବୋଲି ମହିଳା ଗୋଷ୍ଠୀ ସଦସ୍ୟା ମାନେ ଦାବି କରିଛନ୍ତି।

# ବିଭିନ୍ନ ସ୍ଥାନରେ ମହାଶିବରାତ୍ରୀ ପାଳିତ



ନର୍ଲା (ଭାସ୍କର ନ୍ୟୁଜ): କଳାହାଣ୍ଡି ଜିଲ୍ଲା ନର୍ଲା ବ୍ଲକ ଅନ୍ତର୍ଗତ ବୁଢ଼ୀପଦରର ଦେବଗିରି ମଠ ଠାରେ ମହାଶିବରାତ୍ରି ମହା ଆଡ଼ମ୍ବରରେ ପାଳିତ ହୋଇଯାଇଛି। ସକାଳୁ ଦିନ ତମାମ ଏଠାରେ ଭକ୍ତଙ୍କ ଭିଡ଼ ଲାଗି ରହିଥିଲା। ଭକ୍ତ ଓ ଶ୍ରଦ୍ଧାଳୁମାନେ ଗୁମ୍ଫା ମଧ୍ୟକୁ ଯାଇ ମହାଦେବ, ମହାମାୟା ଚଣ୍ଡୀ ଓ ପାର୍ଶ୍ୱ ଦେବାଦେବୀମାନଙ୍କୁ ଦର୍ଶନ କରି ପୂଜାପାଠ କରିଥିଲେ। ଦେବଗିରି ମଠର ମ୍ୟାନେଜିଂ ଟ୍ରଷ୍ଟି ଡ଼. ସୁନୀଲ କୁମାର ଧଙ୍ଗଡାମାଝୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବୁଧବାର ପ୍ରାତଃ ୩.୩୦ରୁ ଦ୍ୱାରଫିଟା, ଆରତୀ, ମଇଲମ, ସୂର୍ଯ୍ୟପୂଜା, ହୋମ ଯଜ୍ଞ, ଚଣ୍ଡିପାଠ ଆଦି ପର୍ଯ୍ୟାୟକ୍ରମେ ହେବା ସହ ଦିନ ତମାମ ଶିବ ଉପାସନା ହୋଇଥିଲା। ରାତିରେ ଭକ୍ତମାନେ ଅଖଣ୍ଡ ଦୀପ ପ୍ରଜ୍ୱଳନ କରି ଜାଗର ଯାତ୍ରା ପାଳନ କରିଛନ୍ତି। ଏବଂ ଗୁରୁବାର ଚଣ୍ଡୀ ପୂଜା ହେବ ବୋଲି ଦେବଗିରି ମଠ ଟ୍ରଷ୍ଟ ବୋର୍ଡ଼ ପକ୍ଷରୁ ସୂଚନା ରହିଛି। ଟ୍ରଷ୍ଟ ବୋର୍ଡ଼ ପକ୍ଷରୁ ଭକ୍ତ ଓ ଶ୍ରଦ୍ଧାଳୁମାନଙ୍କ ଶୃଙ୍ଖଳିତ ଦର୍ଶନ ପାଇଁ ସୁବନ୍ଦୋବସ୍ତ କରାଯାଇଥିଲା। ଏଠାରେ ଉଲ୍ଲେଖଯୋଗ୍ୟ ଯେ, ଦେବଗିରି ପାହାଡ଼ର ଗୁମ୍ଫା ମଧ୍ୟରେ ଥିବା ଶିବ ଲିଙ୍ଗ ଓ କେତେକ ମୂର୍ତ୍ତି ଖ୍ରୀଷ୍ଟପୂର୍ବ ଦ୍ୱିତୀୟ ଶତାବ୍ଦୀର ବୋଲି ଆକଳନ କରାଯାଇଛି। ଦେବଗିରି ମହାକାନ୍ତାର ସଭ୍ୟତାର ରାଜଧାନୀ ଅସୁରଗଡର ପ୍ରତିରକ୍ଷା ଘାଟି ତଥା ଧାର୍ମିକ ଓ ସାଂସ୍କୃତିକ ପୀଠସ୍ଥଳୀ ଭାବେ ଖ୍ୟାତ। ତେବେ ପ୍ରତି ବର୍ଷ ପରି ଚଳିତବର୍ଷ ମଧ୍ୟ ଏଠାରେ ମହାଶିବରାତ୍ରୀ ଉପଲକ୍ଷେ ପ୍ରବଳ ଜନସମାଗମ ପରିଲକ୍ଷିତ ହୋଇଥିଲା। ସେହିପରି ଭାବେ ନର୍ଲା ବ୍ଲକର ଭୀମକେଲା, ବିଲାଟ, କେରାଣ୍ଡିଖୁଣ୍ଟି, ନର୍ଲାରୋଡ, ତୁଲାପଡା, ନର୍ଲା, ଖମ୍ବପଡା, ସାନଗୁଣ୍ଡରୀ, ସରିଆଁ ଆଦି ଅନେକ ଶୈବପୀଠରେ ହର୍ଷୋଲ୍ଲାସର ସହ ମହାଶିବରାତ୍ରୀ ପାଳିତ ହୋଇଯାଇଛି।

କୋକସରା, (ଭାସ୍କର ନ୍ୟୁଜ୍ ): ମହାଶିବରାତ୍ରୀ ଜାଗର ପାଇଁ ବୁଧବାର ଭକ୍ତିମୟ ହୋଇ ଉଠିଛି କୋକସରା ବ୍ଲକର ବିଭିନ୍ନ ଶୈବପୀଠ। ଏହି ଅବସରରେ ଭୋର ସମୟରୁ ମନ୍ଦିର ଗୁଡିକରେ ସ୍ୱତନ୍ତ୍ର ରିତୀନୀତି ଅନୁଯାୟୀ ପୂଜାର୍ଚ୍ଚନା କରାଯାଇଥିବା ବେଳେ ଶ୍ରଦ୍ଧାଳୁ ଭକ୍ତମାନେ ମନ୍ଦିରରେ ଦ୍ୱୀପଜାଳି ମାନସିକ ପୁରଣ ପାଇଁ ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା କରିଛନ୍ତି। ବ୍ଲକର ବଡ଼କେନ୍ଦୁଗୁଡା ଝାରବନ୍ଧ ସ୍ଥିତ ବହୁ ପ୍ରାଚୀନ, କଳାହାଣ୍ଡିର ସର୍ବୋଚ୍ଚ କାଳେଶ୍ୱର ମହାଦେବଙ୍କ ପୀଠରେ ହଜାର ହଜାର ଭକ୍ତଙ୍କ ସମାଗମ ହୋଇଥିଲା। ଶାନ୍ତି ଶୃଙ୍ଖଳା ସହିତ ଶ୍ରଦ୍ଧାଳୁ ଭକ୍ତମାନେ ଯେମିତି ଦର୍ଶନ କରି ପରିବେ ସେନେଇ ମନ୍ଦିର ଟ୍ରଷ୍ଟ ପକ୍ଷରୁ ସ୍ୱତନ୍ତ୍ର ବ୍ୟାରିକେଡ଼ କରାଯାଇ ଧାଡି ମାଧ୍ୟମରେ ମନ୍ଦିରକୁ ଛଡ଼ାଯାଉଥିଲା। ସେହିପରି କୁସୁମଖୁଣ୍ଟି ଶୈବପୀଠରେ ମଧ୍ୟ ଜାଗର ପାଇଁ ଶହଶହ ସଂଖ୍ୟାରେ ଭକ୍ତଙ୍କ ସମାଗମ ଦେଖିବାକୁ ମିଳିଥିଲା। ମନ୍ଦିର ବେଢ଼ାରେ ହାଜର ହଜାର ଭକ୍ତଙ୍କ ସମାଗମ ହୋଇଥିବାବେଳେ ଦୋକାନ ବଜାର ଭିଡ଼ ଲାଗିରହି ଥିଲା। ବ୍ଲକର ମୁଗୁନାପଦର ସ୍ଥିତ କପାଡଦର ଶୈବପୀଠ, ଓଲମା କାଳେଶ୍ୱର ଶୈବପୀଠ, କୁମୁଡାମୁଣ୍ଡା, ସିଉନୀ, ଝରିଆଗୁଡା, ରେଙ୍ଗାଲପାଲି, କୋକସରା, ମୁଷାପାଲି ବଡ଼ପୋଡାଗୁଡା, ଭାଲିଆଯୋର, ଡୁମେରବାହାଲ, ବରାଡଙ୍ଗା, ଲଡୁଗାଁ, ଚିକିଲି, ମୋଟେର, ଘଣ୍ଟିଗୁଡା, ଗୋତମୁଣ୍ଡା, ଡହଗାଁ, କୁମୁଡାମୁଣ୍ଡା, ଡେଙ୍ଗାଗୁଡା, ଖଲିଗଡ଼ ଆଦି ସ୍ଥାନ ମାନଙ୍କରେ ଥିବା ଶୈବପୀଠ ଗୁଡିକରେ ମଧ୍ୟ ଶିବରାତ୍ରୀ ପାଇଁ ଭକ୍ତଙ୍କ ଭିଡ ଲାଗିରହିଥିବା ବେଳେ ହର ହର ମହାଦେବ ଧ୍ୱନିରେ ଗୁଞ୍ଜରିତ ହୋଇ ଉଠିଥିଲା ମନ୍ଦିର ବେଢ଼ା। ଶୈବପୀଠ ଗୁଡିକରେ ଶାନ୍ତିଶୃଙ୍ଖଳା ନିମନ୍ତେ ପରିଚାଳନା କମିଟି ପକ୍ଷରୁ ବ୍ୟପକ ବନ୍ଦୋବସ୍ତ କରାଯାଇଥିବାବେଳେ ପୋଲିସ ପ୍ରଶାସନ ପକ୍ଷରୁ ଆଇଆରବି ଜବାନ ସହ ପୋଲିସ ଫୋର୍ସ ମୁତାୟନ କରାଯାଇଥିଲା। ଜାଗର ଅବସରରେ ବିଭିନ୍ନ ପୀଠରେ ପ୍ରବଚନ, ନାମ ସଂକୀର୍ତ୍ତନ ହୋଇଥିବାବେଳେ ରାତିରେ ସାଂସ୍କୃତିକ କାର୍ଯ୍ୟକ୍ରମ ନାଟକ, ଘୁମୁରା ଆଦି ପରିବେଷଣ ହୋଇଥିଲା।

ଜୁନାଗଡ଼, (ଭାସ୍କର ନ୍ୟୁଜ) : ଜୁନାଗଡର ବିଭିନ୍ନ ଶୈବ ପୀଠ ମାନଙ୍କରେ ମହାଶିବରାତ୍ରି ଧୁମଧାମରେ ପାଳିତ ହୋଇଯାଇଛି। ଜୁନାଗଡ଼ ସହର ସ୍ଥିତ ସମେଶ୍ୱର ମହାଦେବ, ପୋଡା ମହାଦେବ, ଜଳେଶ୍ୱର ମହାଦେବ, ବିଶେଶ୍ୱର ମହାଦେବ ଏବଂ ଜୁନାଗଡ଼ ଅଞ୍ଚଳର ଚଂଚରାଭାଡ଼ି, ହିଂଜିଲି ବାହିଲି, ସାପ ଗଣ୍ଡା, ରାଜପୁର, କୁଟେନ ଗାଁ, କରଚଲା, ଦାସୀ ଗାଁ, ମୁଣ୍ଡରାଗୁଡା, ଚିକିଲି, ଚାରବାହାଲ ଏବଂ ଖସିଗୁଡା ଶୈବ ପୀଠ ମାନଙ୍କରେ ସକାଳୁ ସକାଳୁ ଶ୍ରଦ୍ଧାଳୁ ମାନଙ୍କ ଭିଡ଼ ଦେଖିବାକୁ ମିଳିଥିଲା। ଏହି ମହାଶିବରାତ୍ରି ଅବସରରେ ବିଭିନ୍ନ ଶୈବ ପୀଠ ମାନଙ୍କରେ ସଂକୀର୍ତ୍ତନ ନାମ ଯଜ୍ଞ ଓ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି। ବିଶେଷ କରି ଜୁନାଗଡ଼ ବ୍ଲକର ସାପ ଗଣ୍ଡା, ଚିଟେଇଗୁଡା ଓ ଜୁନାଗଡ଼ ଶୈବ ପୀଠରେ ମହାଦେବଙ୍କ ଦର୍ଶନ ପାଇଁ ଭକ୍ତ ମାନେ ରାତି ସାରା ଜାଗର ଜାଳି ନିଜର ମାନସିକ ପୂରଣ ପାଇଁ ମହାଦେବଙ୍କ ଠାରେ ନିଜକୁ ସମର୍ପିତ କରିଥିଲେ ।



କେସିଙ୍ଗା, (ଭାସ୍କର ନ୍ୟୁଜ୍) : କଳାହାଣ୍ଡି ଜିଲ୍ଲା କେସିଙ୍ଗା ବ୍ଲକ ବେଲଖଣ୍ଡିରେ ପବିତ୍ର ମହା ଶିବରାତ୍ରି ସହିତ ଉଜାଗର ହୋଇଯାଇଛି ଓ ଗତ ରାତି ରେ ଭକ୍ତ ମାନେ ଦୀପ ଜଳାଇ, ଉଜାଗର ରହି ବାବା ଧବଳେଶ୍ୱରଙ୍କୁ ଦର୍ଶନ କରିଥିଲେ ଓ କଳାହାଣ୍ଡି ଜିଲ୍ଲାର ସର୍ବପୁରାତନ ପ୍ରସିଦ୍ଧ ଶୈବ ପୀଠ ସହିତ ସଙ୍ଗମ ସ୍ଥଳୀ ବେଲଖଣ୍ଡି ଧବଳେଶ୍ୱର ପୀଠ, ପ୍ରତ୍ୟେକ ଦିନ ପ୍ରବଳ ଜନ ସମାଗମ ଦେଖିବାକୁ ମିଳିଥିଲା । ବାବାଙ୍କ ଦର୍ଶନ ନିମନ୍ତେ ଭକ୍ତ ମାନେ ଲମ୍ବା ଧାଡିରେ ଛିଡା ହୋଇ ଦର୍ଶନ କରିଥିଲେ । ଏ ବର୍ଷ ବେଲଖଣ୍ଡିର ଏହି ମେଳା ଟିକେ ନିଆରା ହୋଇଥିଲା। ମନ୍ଦିର ପରିସର ସବୁ ଆଡେ ସୁନ୍ଦର ସାଜସଜ୍ଜା ହୋଇଥିବା ବେଳେ, ଅଷ୍ଟ ପ୍ରହର ନାମଯଜ୍ଞ ହୋଇଥିଲା । ତେଲନଦୀ ଭିତରେ ଏକ ପାଦ ଚଲା ରାସ୍ତା, ମେଳା ହେଉଥିବା ସମସ୍ତ ଜାଗାରେ ସୁନ୍ଦର ଆଲୋକ ବ୍ୟବସ୍ଥା, ମିନାବଜାର, ଆକାଶ ଦୋଳି, ଜିକ ଜାକ, ତଥା ମନୋରଞ୍ଜନ ସକାଶେ ଭଳିକି ଭଳି ଦୋଳି ଆସିଥିବା ଦେଖିବାକୁ ମିଳିଥିଲା । ହଜାର ହଜାର ସଂଖ୍ୟାରେ ଭକ୍ତ ବାବା ଙ୍କୁ ଦର୍ଶନ କରି ଥିଲେ । ଶାନ୍ତି ଶୃଙ୍ଖଳା ପାଇଁ ଦୁଇ ପ୍ଲାଟୁନ ଫୋର୍ସ ସହିତ କେସିଙ୍ଗା ଥାନା ଅଧିକାରୀ ଏବଂ ପଲମ ଫାଣ୍ଡି ଅଧିକାରୀ ନିଜେ ଦାୟିତ୍ୱ ନେଇଥ ?ବା ଦେଖିବାକୁ ମିଳିଥିଲା। ସେହିପରି ତହଂଶିର, ଡଙ୍ଗର ମୁର୍ଲି, ଗୁର୍ଜୀମୁଣ୍ଡା, ଅମାଠ, କେସିଙ୍ଗା, ବୋରିଂପଦ୍ର, ପଜ୍କାପଡା, ଲଇତରା ସ୍ଥିତ୍ ଧବଳେଶ୍ୱର ଶୈବପୀଠ, ରେଙ୍ଗାଲି, ଉକଡ଼ୋ, ପାଷ୍ଟିକୁଡ଼ି ଗୋକୁଲେଶ୍ୱର୍ ଆଦି ଶୈବପୀଠ ମାନଙ୍କରେ ବଡ ଧୁମଧାମରେ ବାବାଙ୍କ ପୂଜା ହୋଇଥିଲା। ପ୍ରତ୍ୟେକ ଦିନ ହଜାର ହଜାର ଶ୍ରଦ୍ଧାଳୁ ମାନେ ପୂଜାର୍ଚ୍ଚନା କରି ପ୍ରଭୁ କୃପା ଲାଭକରିଥିଲେ ।

# ଲାଞ୍ଜିଗଡ ବ୍ଲକରେ ନୂତନ ଗୋଷ୍ଠୀ ଶିକ୍ଷାଧିକାରୀ ନିଯୁକ୍ତ



ଲାଞ୍ଜିଗଡ, (ଭାସ୍କର ନ୍ୟୁଜ): ଲାଞ୍ଜିଗଡ ବ୍ଲକରେ ନୂତନ ଗୋଷ୍ଠୀ ଶିକ୍ଷାଧିକାରୀ ଭାବେ ଯୋଗ ଦେଇଛନ୍ତି ରୁଷିଆ ମେହେର। ସେ ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ଯୋଗଦେବା ଅବସରରେ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ସୁଢଲଦେବ ମୁଣ୍ଡ, ଭାରତ ଭୂଷଣ ସାହୁ, ଲକ୍ଷ୍ମୀପ୍ରିୟା ମୁଦୁଲି, ସମସ୍ତ ସିଆରସିସି, ଶିକ୍ଷକ ସଂଘର କର୍ମକର୍ତ୍ତାଙ୍କ ସହିତ କାର୍ଯ୍ୟାଳୟର କର୍ମଚାରୀମାନେ ତାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ଏହି ଅବସରରେ ବକ୍ତବ୍ୟ ରଖି ଶ୍ରୀ ମେହେର ଲାଞ୍ଜିଗଡ ବ୍ଲକ ଅଞ୍ଚଳରେ ଶିକ୍ଷା ଓ ଶୈକ୍ଷିକ ବାତାବରଣ ତିଆରି କରିବା ତାଙ୍କର ପ୍ରଥମ ପଦକ୍ଷେପ ହେବ ବୋଲି କହିବା ସହିତ ଶିକ୍ଷାର ଉନ୍ନତି ପାଇଁ ସମସ୍ତଙ୍କ ସହଯୋଗ ଲୋଡ଼ା ବୋଲି ସେ କହିଥିଲେ। ସୂଚନାଯୋଗ୍ୟ, ଲାଞ୍ଜିଗଡ ବ୍ଲକରେ କାର୍ଯ୍ୟରତ ଗୋଷ୍ଠୀ ଶିକ୍ଷାଧିକାରୀ ନମିତାରାଣୀ ଭୋଇଙ୍କ ମାତୃତ୍ୱ ଛୁଟି ପରେ ସଦର ଗୋଷ୍ଠୀ ଶିକ୍ଷାଧିକାରୀ ଆଚାରି ଶବର ବ୍ଲକର ଅତିରିକ୍ତ ଦାୟିତ୍ୱ ତୁଲାଉଥିଲେ। ତେବେ ଶ୍ରୀମତୀ ଭୋଇ ଇତିମଧ୍ୟରେ ଯୋଗଦେବା ପୂର୍ବରୁ ତାଙ୍କର ବଦଳି ବଲାଙ୍ଗୀର ଜିଲ୍ଲା ଗୁଡଭେଲା ବ୍ଲକକୁ ହେବାରୁ ସେଠାରେ ନିଯୁକ୍ତ ଶ୍ରୀ ମେହେରଙ୍କୁ ଲାଞ୍ଜିଗଡରେ ଅବସ୍ଥାପିତ କରାଯାଇଛି।

# ଆଇନଜୀବୀ ଶ୍ରୀନିବାସ ଅଗ୍ରୱାଲଙ୍କ ପରଲୋକ

ଧର୍ମଗଡ଼ (ଭାସ୍କର ନ୍ୟୁଜ୍ ) : ଧର୍ମଗଡ ଅଞ୍ଚଳର ବର୍ଷୀୟାନ ଆଇନଜୀବୀ, ବରିଷ୍ଠ ନାଗରିକ ଶ୍ରୀନିବାସ ଅଗ୍ରୱାଲଙ୍କ ୮୨ ବର୍ଷ ବୟସରେ ପରଲୋକ ହୋଇଯାଇଛି। ମଙ୍ଗଳବାର ଅପରାହ୍ନ ୪.୪୫ ମି ସମୟରେ ସ୍ଥାନୀୟ ଡାକ୍ତରଖାନାରେ ବାର୍ଦ୍ଧକ୍ୟ ଜନିତ କାରଣରୁ ତାଙ୍କର ପରଲୋକ ଘଟିଛି। ସେ ଜଣେ ପରୋପକାରୀ ତଥା ମେଳାପି ବ୍ୟକ୍ତି ତଥା ଅଭିଜ୍ଞ ଆଇନଜୀବୀ ଭାବେ ସମଗ୍ର ଅଞ୍ଚଳରେ ପରିଚିତ ଥିଲେ। ଜଗନ୍ନାଥ ସେବା ସମିତିର ଅଧ୍ୟକ୍ଷ ସାମ୍ବାଦିକ ବିଷ୍ଣୁ ପ୍ରସାଦ ଅଗ୍ରୱାଲଙ୍କ ସେ ବଡ ବାପା ଅଟନ୍ତି। ମୃତ୍ୟୁ ସମୟରେ ତାଙ୍କ ନିକଟରେ ଧର୍ମ ପତ୍ନୀ ମୀରା ଦେବୀ ଅଗ୍ରୱାଲ, ପୁଅ ଆନନ୍ଦ ଅଗ୍ରୱାଲ, ପୁତ୍ରବଧୂ ମମତା ଅଗ୍ରୱାଲ, ନାତି ନାତୁଣୀ ଓ ପରିବାର ବର୍ଗ ଉପସ୍ଥିତ ଥିଲେ। ତାଙ୍କର ବିୟୋଗରେ ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛି। ତାଙ୍କ ମୃତ୍ୟୁରେ ଧର୍ମଗଡ଼ ବିଧାୟକ ସୁଧୀର ରଞ୍ଜନ ପଟ୍ଟଯୋଶୀ ସମେତ ଅଞ୍ଚଳର ବିଭିନ୍ନ ସଂଗଠନ ଧର୍ମଗଡ଼ ଓକିଲ ସଙ୍ଘ ସହରର ବହୁ ବିଶିଷ୍ଟ ବ୍ୟକ୍ତି ବିଶେଷ ପକ୍ଷରୁ ତାଙ୍କର ଅମର ଆତ୍ମାର ସଦଗତି କାମନା କରିବା ସହ ଶୋକ ବ୍ୟକ୍ତ କରିଛନ୍ତି।

# କୁକୁଡ଼ା ଯାଆଁଳା ଯୋଗାଣରେ ଦୁର୍ନୀତି !

## ପଞ୍ଜିକୃତ ହିତାଧିକାରୀଙ୍କୁ ମିଳିଲା ନାହିଁ ଯାଆଁଳା-ଲୋକେ ଅସନ୍ତୋଷ

ଧର୍ମଗଡ଼ (ଭାସ୍କର ନ୍ୟୁଜ) : ପ୍ରାଣୀ ଚିକିତ୍ସା ବିଭାଗ ଅଧୀନରେ ଗତ କିଛି ମାସ ତଳେ ଗାଁ ଗାଁରେ କୁକୁଡ଼ା ଯାଆଁଳା ଯୋଗାଣ ପାଇଁ ବ୍ୟବସ୍ଥା କରାଯାଇଛି। ହେଲେ ପଞ୍ଜିକୃତ ହିତାଧିକାରୀଙ୍କୁ ଦିଆଯାଇ ନ ଥିବା ଓ ଦୁର୍ନୀତି ହୋଇଥିବା ଅଭିଯୋଗ ହେଉଛି। ସୂଚନା ଯେ ବିଭାଗ କର୍ମଚାରୀଙ୍କ ମାଧ୍ୟମରେ ଗାଁ ଗାଁ ବୁଲି ହିତାଧିକାରୀ ଚିହ୍ନଟ କରିବା ସହ ପଞ୍ଜିକୃତ କରାଯାଇଥିଲା। ହେଲେ ଶତାଧିକ ହିତାଧିକାରୀଙ୍କୁ କୁକୁଡ଼ା ଯାଆଁଳା ଯୋଗାଣରୁ ବାଦ ଦିଆଯାଇଥିବା ନେଇ ଲୋକଙ୍କ ଭିତରେ ଅସନ୍ତୋଷ ଦେଖା ଯାଇଛି। ବିଭାଗର ସୂଚନା ମତେ ଧର୍ମଗଡ଼ ବ୍ଲକର ସର୍ବମୋଟ ୧୨୫ଜଣ ହିତାଧିକାରୀଙ୍କୁ ୨୫ଟି କୁକୁଡ଼ା ଯାଆଁଳା ବଣ୍ଟନ କରିଥିବା କୁହାଯାଉଥିବା ବେଳେ ପ୍ରକୃତରେ ହିତାଧିକାରୀଙ୍କୁ ୮-୧୦ଟି ଯାଆଁଳା ଦେଇଥିବା ଅଭିଯୋଗ ହେଉଛି। ତାହାବି ଚିହ୍ନା ମୁହଁ ଦେଖି କର୍ମଚାରୀ ମାନେ ବଣ୍ଟନ କରିଥିବା ନେଇ ଲୋକଙ୍କ ଭିତରେ ଉଦବେଗ ପ୍ରକାଶ ପାଇଛି। ଲୋକଙ୍କ କହିବା ମତେ ଜୟନ୍ତପୁର, ଛଞ୍ଚାଣବାହେଲି, ବେହେରାଗୁଡା ଆଦି ସ୍ଥାନ ମାନଙ୍କରେ ସନ୍ଧ୍ୟା ସମୟରେ ବିଭାଗ କର୍ମଚାରୀ ଆସି ବଣ୍ଟନ କରିଥିଲେ। ତେବେ ୨-୩ଜଣ ହିତାଧିକାରୀଙ୍କୁ କୁକୁଡ଼ା ଯାଆଁଳା କେବଳ ୬-୧୦ଟି ବଣ୍ଟନ କରି ଫେରି ଯାଇଥିଲେ। ଅପେକ୍ଷାରେ ଥିବା ଶତାଧିକ ହିତାଧିକାରୀ ଶେଷରେ ନିରାଶ ହୋଇ ଘରକୁ ଫେରି ଯାଇଥିଲେ। ତେବେ ବିଭାଗ ବଲାଙ୍ଗୀରର ଏକ ଫାର୍ମ ଠାରୁ ସରକାରୀ ଦର ଗୋଟାଏ ଯାଆଁଳା ପିଛା ୪୫ଟଙ୍କା ଦେଇ କ୍ରୟ କରି ଲୋକଙ୍କୁ ଯୋଗାଇ ଥିବା କୁହାଯାଏ। ହେଲେ ବଣ୍ଟନରେ ଅନିୟମତା ଓ ନିର୍ଦ୍ଧାରିତ ଯୋଗାଣରୁ କମ ଦେବା ସମେତ ପଞ୍ଜିକୃତ ହିତାଧିକାରୀଙ୍କୁ ନ ଦେବା ନିହାତି ଦୁର୍ନୀତି ହୋଇଥିବା ଅନୁମାନ କରାଯାଏ। ଜିଲ୍ଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ତଦନ୍ତ କଲେ ସତ୍ୟାସତ୍ୟ ପ୍ରକାଶ ପାଇବ ବୋଲି ମତ ପ୍ରକାଶ ପାଉଛି। ଅନ୍ୟପଟେ ଏହାର ଉଚ୍ଚସ୍ତରୀୟ ତଦନ୍ତ ପାଇଁ ସାଧାରଣରେ ଦାବି ହେଉଛି।

# ଗ୍ରାମ୍ୟ ଜଳଯୋଗାଣ କର୍ମୀଙ୍କ କାର୍ଯ୍ୟ ବନ୍ଦ ଆନ୍ଦୋଳନ

## ସପ୍ତାହେ ହେଲା ଜଳଯୋଗାଣ ବାଧାପ୍ରାପ୍ତ : ବିକଳ୍ପ ବ୍ୟବସ୍ଥା ପାଇଁ ନିର୍ଦ୍ଦେଶ ଦେଲେ ବ୍ଲକ ପ୍ରଶାସନ

ଲାଞ୍ଜିଗଡ଼, (ଭାସ୍କର ନ୍ୟୁଜ) : ଦରମା, ଭତ୍ତା, ସ୍ଥାୟୀ ନିଯୁକ୍ତି ଓ ବୀମାଭୁକ୍ତ କରିବା ଦାବିରେ ୨୦ ତାରିଖରୁ କାର୍ଯ୍ୟ ବନ୍ଦ ଆନ୍ଦୋଳନ ଜାରି ରଖିଛନ୍ତି ଗ୍ରାମ୍ୟ ଜଳ ଯୋଗାଣ କର୍ମଚାରୀ। ନିଜର ଦାବି ପୂରଣ ନହେବା ପର୍ଯ୍ୟନ୍ତ ଅନିର୍ଦ୍ଦିଷ୍ଟ କାଳ ପାଇଁ ସେମାନେ କାର୍ଯ୍ୟ ବନ୍ଦ କରିଛନ୍ତି। ଯାହା ଫଳରେ କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ବ୍ଲକ ଅଞ୍ଚଳର ଗ୍ରାମାଞ୍ଚଳରେ ଜଳଯୋଗାଣ ବାଧାପ୍ରାପ୍ତ ହୋଇଛି। ବ୍ଲକର ୨୬ ଗୋଟି ଗ୍ରାମପଞ୍ଚାୟତରେ ସମୁଦାୟ ୫୭ ଗୋଟି ବସୁଧା ପ୍ରକଳ୍ପ ଥିବାବେଳେ ୬୭ ଜଣ ଜଳ ଯୋଗାଣ କର୍ମଚାରୀ ଓ ପମ୍ପ ଡ୍ରାଇଭର ରହିଛନ୍ତି। ତେବେ ଦୀର୍ଘ ବର୍ଷ ଧରି ସେମାନେ ଦାବି କରୁଥିବା ସତ୍ତ୍ୱେ ସେମାନଙ୍କ ଦାବି ପୂରଣ ହେଉନାହିଁ। ଏହାକୁ ନେଇ ରାଜ୍ୟ ସଂଘର ଡାକରାରେ ଜଳ ଯୋଗାଣ କର୍ମଚାରୀମାନେ କାର୍ଯ୍ୟ ବନ୍ଦ ଆନ୍ଦୋଳନ କରିଛନ୍ତି। ଗ୍ରୀଷ୍ମଋତୁ ପାଖେଇ ଆସୁଥିବାବେଳେ ବ୍ଲକର ଗ୍ରାମାଞ୍ଚଳରେ ଜଳକଷ୍ଟ ଏକ ପ୍ରମୁଖ ସମସ୍ୟା ପାଲଟିଛି। ଏହି ସମୟରେ ପାନୀୟ ଜଳ ଯୋଗାଣ ବାଧାପ୍ରାପ୍ତ ହେବା ଯୋଗୁଁ ଲୋକେ ନାହିଁ ନଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏନେଇ ପଞ୍ଚାୟତ ସମିତି ବୈଠକରେ ସଭ୍ୟସଭ୍ୟାମାନେ ଉଦବେଗ ପ୍ରକାଶ କରିଥିବାବେଳେ ଜଳ ଯୋଗାଣକୁ ଗୁରୁତର ସହିତ ନେଇଛି ଲାଞ୍ଜିଗଡ ବ୍ଲକ ପ୍ରଶାସନ। ଲାଞ୍ଜିଗଡ ବିଡିଓ ଶଶାଙ୍କ ପାତ୍ର ବ୍ଲକର ସମସ୍ତ ପଞ୍ଚାୟତକୁ ଜଳଯୋଗାଣ ପାଇଁ ତୁରନ୍ତ ବିକଳ୍ପ ବ୍ୟବସ୍ଥା କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ଗ୍ରାମ୍ୟ ଜଳ ଯୋଗାଣ ବିଭାଗର ସହକାରୀ ନିର୍ବାହୀ ଯନ୍ତ୍ରୀ ଦଶମତ ମାଝୀ ବ୍ଲକର ସମସ୍ତ ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କ ସହିତ ଯୋଗାଯୋଗ କରି ପାନୀୟ ଜଳଯୋଗାଣ ବ୍ୟବସ୍ଥାକୁ ନିୟମିତ କରିବାକୁ ପଦକ୍ଷେପ ନେଉଥିବା ଜଣାପଡିଛି। ଆଜି ସୁଦ୍ଧା ବ୍ଲକର କିଛି ପଞ୍ଚାୟତରେ ପାନୀୟ ଜଳ ଯୋଗାଣ ସ୍ୱାଭାବିକ ହୋଇଥିବାବେଳେ ଅନ୍ୟ ସବୁ ପଞ୍ଚାୟତରେ ଆଗାମି କିଚି ଦିନରେ ପାନୀୟ ଜଳ ଯୋଗାଣ ସ୍ୱାଭାବିକ ହୋଇଯିବ ବୋଲି ବିଡିଓ ଶ୍ରୀ ପାତ୍ର ପ୍ରକାଶ କରିଛନ୍ତି।

# ରାଶିଫଳ

ଶୁକ୍ରବାର, ୨୮ ଫେବୃଆରୀ ୨୦୨୫



**ମେଷ:** ଦୈନ୍ୟନ୍ଦିନ କାର୍ଯ୍ୟଗୁଡିକ କିଛି ବିପଦ ବହନ କରିପାରେ। ଚାକିରିରେ ସମସ୍ୟା ହୋଇପାରେ। ଯଦି ଆପଣ ଜିଦି କରନ୍ତି ତେବେ, କାହା ସହିତ ବିବାଦ ହେବାର ସମ୍ଭାବନା ଅଛି । ଅଧିକ ଚିନ୍ତାରେ ସମୟ ନଷ୍ଟ କରନ୍ତୁ ନାହିଁ । ହଠାତ୍ ଆପଣ ଅସୁବିଧା ମଧ୍ୟ ବଢ଼ିପାରେ ।



**ବୃଷ:** ବ୍ୟବସାୟରେ ବ୍ୟସ୍ତ ରହିବେ। ସାମାଜିକ ସ୍ତରରେ ସମ୍ମାନ ମିଳିବ । କଠିନ ପରିଶ୍ରମ ସହିତ ଟଙ୍କା ରୋଜଗାର କରିବେ। ଗତ କିଛି ଦିନ ଧରି ଥିବା ଅସମ୍ପୂର୍ଣ୍ଣ କାମ ସଂପୂର୍ଣ୍ଣ ହେବ। ନୂତନ ଚୁକ୍ତିନାମା କିମ୍ବା ନୂତନ ସମ୍ପର୍କ ଗଠନ ହେବାର ସମ୍ଭାବନା ଅଛି।



**ମିଥୁନ:** ଶୀଘ୍ର କୈଣସି କାମ କରନ୍ତୁ ନାହିଁ । ଧାର୍ମିକ ଏବଂ ସାଂସ୍କୃତିକ ମହୋତ୍ସବରେ ଏକ ଅଂଶ ରହିବେ । ବ୍ୟବସାୟ ଭଲ କରିବ। ଅଫିସରେ ଚାକିରିକୁ ନେଇ ସନ୍ତୁଷ୍ଟ ରହିବେ। ବିନିଯୋଗ ଇତ୍ୟାଦିରେ ଲାଭବାନ ହେବ। ଘର ବାହାରେ ଜୀବନ ଖୁସି ହେବ। ଆର୍ଥିକ ଦିଗ ଦୃଢ଼ ହେବ।



**କର୍କଟ:** କାରବାରରେ ସତର୍କତା ବ୍ୟବହାର କରନ୍ତୁ। ପରିସ୍ଥିତିକୁ ନେଇ ଟଙ୍କା ଚିନ୍ତା କରିବାକୁ ପଡିବ। ଆପଣଙ୍କର ଅନାବଶ୍ୟକ ଖର୍ଚ୍ଚ ହୋଇପାରେ। ଚାକିରି ଏବଂ ବ୍ୟବସାୟରେ ଦ୍ୱନ୍ଦ୍ୱ ବଢ଼ିପାରେ। ଟଙ୍କା ମାମଲାରେ ଯତ୍ନବାନ ହେବାକୁ ପଡିବ । ଆପଣଙ୍କ ସ୍ୱାସ୍ଥ୍ୟ ପ୍ରତି ବେପରୁଆ ହୁଅନ୍ତୁ ନାହିଁ ।



**ସିଂହ:** ଆପଣ ମଧୁରବାଣୀ ଦ୍ୱାରା ଯେକୌଣସି କାର୍ଯ୍ୟରେ ବିଜୟୀ ହେବାକୁ ସମର୍ଥ ହେବେ। ପରିବାର ସଦସ୍ୟଙ୍କ ସହିତ ଖୁସିରେ ସମୟ ଅତିବାହିତ କରିବେ। ଆଜି ଭାଗ୍ୟ ଆପଣଙ୍କ ସହିତ ରହିବ। ଆୟର ନୂତନ ଉତ୍ସ ଉତ୍ପନ୍ନ ହୋଇପାରେ।



**କନ୍ୟା:** ପରିବାର ସାହାଯ୍ୟ କରିବେ । ଆପଣଙ୍କର ମାନସିକ ସନ୍ତୁଳିତ ରହିବ ଏବଂ ଏହା ଆପଣଙ୍କ ପାରିବାରିକ ଜୀବନରେ ମଧ୍ୟ ସୁଖ ଆଣିପାରେ । କ୍ୟାରିୟର ଏବଂ ପୁଞ୍ଜି ବିନିଯୋଗ କ୍ଷେତ୍ରରେ ଆପଣ କିଛି ନୂତନ ଏବଂ ମହତ୍ ସୁଯୋଗ ମଧ୍ୟ ପାଇପାରିବେ। ଆପଣ ଟଙ୍କା ଏବଂ ପାରିବାରିକ ପରିସ୍ଥିତି ପ୍ରତି ସମ୍ପୂର୍ଣ୍ଣ ଧ୍ୟାନ ଦେବା ଉଚିତ୍ ।



**ତୁଳା:** ଆପଣଙ୍କର ଆତ୍ମବିଶ୍ୱାସ ବୃଦ୍ଧି ପାଇବ। ଆପଣ ଲୋକମାନଙ୍କୁ ମଧ୍ୟ ପ୍ରଭାବିତ କରିବେ। ଲୋକମାନେ ଆପଣଙ୍କର ଚିନ୍ତାଧାରାକୁ ପସନ୍ଦ କରିବେ। ଲୋକମାନେ ଆପଣଙ୍କ ପରାମର୍ଶରୁ ଉପକୃତ ହେବେ। ଆପଣ କିଛି ଭଲ ଖବରକୁ ଅପେକ୍ଷା କରିବେ।



**ବିଛା:** ଆପଣଙ୍କର ଜୀବନରେ କିଛି ପରିବର୍ତ୍ତନ କରିବାକୁ ପଡିପାରେ। ପରିବାର ସାହାଯ୍ୟ ମିଳିବ। ଆପଣଙ୍କର ମାନସିକ ସନ୍ତୁଳିତ ରହିବ ଏବଂ ଏହା ଆପଣଙ୍କ ପାରିବାରିକ ଜୀବନରେ ମଧ୍ୟ ସୁଖ ଆଣିପାରେ। କାର୍ଯ୍ୟ ସମାପ୍ତ ହୋଇପାରିବ। ବୁଦ୍ଧିମାନ ଭାବରେ ଷ୍ଟକ୍ ମାର୍କେଟରେ ବିନିଯୋଗ କରନ୍ତୁ।



**ଧନୁ:** ଭାଗ୍ୟ ଆପଣଙ୍କ ସହିତ ରହିପାରେ। ଆପଣଙ୍କୁ ଦେଖା କରୁଥିବା ଲୋକମାନେ ଆପଣଙ୍କୁ କିଛି ନୂଆ ଚେଷ୍ଟା କରିବାକୁ ପ୍ରେରଣା ଦେଇପାରିବେ। ଏହି ସମୟରେ କରାଯାଇଥିବା ପ୍ରୟାସ ସଫଳ ହେବାର ସମ୍ଭାବନା ଅଧିକ। ବୋଧହୁଏ ଆପଣ ଅତିରିକ୍ତ ଦାୟିତ୍ୱ ପାଇବେ କିମ୍ବା ସାମ୍ପ୍ରତିକ ଚାକିରିରେ କାମ କରିବ। ଆପଣଙ୍କର ଆୟ ବଢ଼ିବାର ସମ୍ଭାବନା ମଧ୍ୟ ଅଧିକ।



**ମକର:** ଆପଣ ଆଜି ଧର୍ଯ୍ୟବାନ ହେବା ଉଚିତ୍। ଟଙ୍କା କ୍ଷେତ୍ରରେ କ୍ଷତି ହୋଇପାରେ। କିଛି ଆଇନଗତ ପ୍ରସଙ୍ଗରେ ଆପଣ ଜଡିତ ହୋଇପାରନ୍ତି। ସମୟର ଯତ୍ନ ନିଅନ୍ତୁ । କିଛି ବିଶେଷ କାର୍ଯ୍ୟ ପାଇଁ ଆପଣଙ୍କୁ ବହୁତ କଠିନ ପରିଶ୍ରମ କରିବାକୁ ପଡିପାରେ । ଆପଣ ମଧ୍ୟ କୈଣସି ଆକସ୍ମିକ ଘଟଣାରେ ତୁରନ୍ତ ନିଷ୍ପତ୍ତି ନେବା ଠାରୁ ଦୂରେଇ ରହିବା ଉଚିତ୍ । ଆପଣଙ୍କ ସ୍ୱାସ୍ଥ୍ୟ ସ୍ୱାଭାବିକ ହେବ। ସାମାନ୍ୟ ଥକ୍କା ମଧ୍ୟ ହୋଇପାରେ।



**କୁମ୍ଭ:** ଦିନ ଧରି ବନ୍ଦ ହୋଇଯାଇଥିବା କାର୍ଯ୍ୟଗୁଡ଼ିକ ମଧ୍ୟ ସଂପୂର୍ଣ୍ଣ ହୋଇପାରିବ। ପାରିବାରିକ ସମ୍ପର୍କ ଆନ୍ତରିକ ହେବ। ଆପଣଙ୍କର ଭାବମୂର୍ତ୍ତିରେ ଉନ୍ନତି ଆଣିବାକୁ ଆପଣ ଏକ ସୁଯୋଗ ମଧ୍ୟ ପାଇପାରିବେ । ଚିନ୍ତା ସମାପ୍ତ ହୋଇପାରିବ । ଦିନଟି ଆପଣଙ୍କ ପାଇଁ ଉତ୍ସାହଜନକ ଏବଂ ମନୋରଞ୍ଜନ ଜାରି ରହିବ ।



**ମୀନ:** ଶାରୀରିକ ଭାବରେ ବ୍ୟସ୍ତ ରହିବେ। ଆପଣଙ୍କ କାମରୁ ପଛକୁ ଯାଅନ୍ତୁ ନାହିଁ । ଟଙ୍କା ରୋଜଗାର କରିବାର କିଛି ନୂତନ ଏବଂ ଭଲ ସୁଯୋଗ ମଧ୍ୟ ମିଳିପାରେ । ଆପଣଙ୍କର ଆତ୍ମବିଶ୍ୱାସ ଆଧାରରେ, ଅନ୍ୟମାନଙ୍କଠାରୁ ଭିନ୍ନ ପରିଚୟ ସୃଷ୍ଟି କରିବାରେ ସଫଳ ହୋଇପାରିବ। ଆୟ ବୃଦ୍ଧି ପାଇବ। ପିଲାମାନଙ୍କର ଅଗ୍ରଗତିରେ ଖୁସି ହେବେ ।



ଜ୍ୟୋତିଷ ଗୁରୁ

ଜ୍ୟୋତିର୍ବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
ସେକ୍ଟର-୩/୩୦୯, ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯

ଓଡ଼ିଶା ଭାସ୍କର
ODISHA BHASKAR

# ରାଜ୍ୟ ଖବର





ରଗଡି(ଭାସ୍କର ନ୍ୟୁଜ୍): ଯାତ୍ରା କଳା ସାହିତ୍ୟ ସଂସ୍କୃତିକୁ ରୁଦ୍ଧିମନ୍ତ କରେ । ନାଟକ ସମାଜର ଦର୍ପଣ । ବର୍ତ୍ତମାନ ଯାତ୍ରାର ପରିଭାଷା ବଦଳିଯାଇଛି । ଏଥିପ୍ରତି ଯତ୍ନବାନ ହେବାର ଆବଶ୍ୟକତା ରହିଛି । କୋରେଇ ବ୍ଲକ ଅନ୍ତର୍ଗତ ପଛିକୋଟ ପଞ୍ଚାୟତ ଖମିଗାଁ ଚଣ୍ଡିମାତା କଳା ପରିଷଦ ପକ୍ଷରୁ ଆୟୋଜିତ ଦୁଇଦିନିଆ ନାଟକ ଉତ୍ସବର ସୋମବାର ଉଦଘାଟନୀ ରଜନୀରେ ଯୋଗଦେଇ ଅତିଥି ଏହି କଥା ମତବ୍ୟକ୍ତ କରିଛନ୍ତି । ଜୟଦେବ ମଲ୍ଲିକଙ୍କ ସଭାପତିତ୍ୱ ରେ ବିଶିଷ୍ଟ ପାଲା ଗାୟକ ତଥା ସାହିତ୍ୟିକ ବୈଲୋଚନ ହୋତା ମଞ୍ଚକୁ ଉଦ୍‌ଘାଟନ କରିଥିଲେ । ମୁଖ୍ୟବକ୍ତା ଯଲିଉଡର ସୁନାମଧନ୍ୟ କଣ୍ଠଶିଳ୍ପୀ ପ୍ରଦୀପ ଖୁଣ୍ଟିଆ, ସମ୍ମାନିତ ଅତିଥି ବରିଷ୍ଠ ସାମ୍ବାଦିକ ପବିତ୍ର ମୋହନ ରାଉତରାୟ ଓ ଯାତ୍ରା କଳାକାର ଗୟାଧର ପରିଡା ପ୍ରମୁଖ ଯୋଗ ଦେଇଥିଲେ । ଗ୍ରାମାଞ୍ଚଳରେ ଯାତ୍ରାନୁଷ୍ଠାନ କମି ଆସୁଥିବାବେଳେ ଯୁବକମାନଙ୍କ ଦ୍ୱାରା ଏଭଳି ଆୟୋଜନକୁ ଗ୍ରାମର ବିଶିଷ୍ଟ ବ୍ୟକ୍ତି ସୁରେଶ କୁମାର ମଲ୍ଲିକ ଓ ଶ୍ୟାମସୁନ୍ଦର ଜେନା ପ୍ରଶଂସା କରିଥିଲେ । ଏହି ଅବସରରେ ଗ୍ରାମର କେତେକ ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ପ୍ରଥମ ରାତିରେ ଅଧ୍ୟାପକ ଅରୁଣ କୁମାର ମିଶ୍ରଙ୍କ ରଚନା ଓ ନିର୍ଦ୍ଦେଶନାରେ ନାଟକ 'ଦୁଃଖ ପସରାରେ ସୁଖ ସଉଦା' ଓ ଦ୍ୱିତୀୟ ରଜନୀରେ ଶ୍ୟାମ ସୁନ୍ଦର ଜେନାଙ୍କ ନିର୍ଦ୍ଦେଶନାରେ 'ଲୁହରେ ଲେଖା ମୋ କପାଳ ରେଖା' ନାଟକ ମଞ୍ଚସ୍ଥ ହୋଇଥିଲା ।

## ରୁଦ୍ରେଶ୍ୱର ମହାଦେବ ଓ ପ୍ରଭୁ ଗୋରେଖନାଥଙ୍କୁ ଦର୍ଶନକଲେ ହଜାର ହଜାର ଭକ୍ତ



ରଘୁନାଥପୁର (ଭାସ୍କର ନ୍ୟୁଜ୍): ପବିତ୍ର ମହାଶିବରାତ୍ରୀ ତଥା ଜାଗର ଉପଲକ୍ଷ ରଘୁନାଥପୁର ଅଞ୍ଚଳର ବିଭିନ୍ନ ଶୈବଢ଼ୀଠ ଚଳଚଞ୍ଚଳ ହୋଇ ଉଠିଛି। ପ୍ରଭୁଙ୍କର ପ୍ରହରକୁ ପ୍ରହର ନିତିକାନ୍ତି ସହିତ ଦର୍ଶନ ମଧ ଚାଲୁରହିଛି। ରଘୁନାଥପୁର ପଞ୍ଚାୟତର ସ୍ଥାନୀୟ କୋରକରା ଗ୍ରାମର ବହୁପୁରାତନ ଶୈବପୀଠ ପ୍ରଭୁ ରୁଦ୍ରେଶ୍ୱର ମହାଦେବ ମନ୍ଦିରରେ ଦିନତମାମ ଭକ୍ତଙ୍କ ଭିଡଲାଗି ରହିଥିବାବେଳେ ରାତିରେ ଭକ୍ତମାନେ ଉଜାଗର ରହି ଦୀପ ଜାଳିବା ସହ ମହାଦୀପ ଦର୍ଶନ କରିଥିଲେ। ଭୋର ୫ଘଟିକାରେ ପ୍ରଭୁଙ୍କର ମହାସ୍ନାନ ଆଳତୀ, ମାର୍ଜନା, ମଧ୍ୟାନିତି ପରେ ପହୁଡ ପଡି ଅପରାହ୍ନ ୩ଟାରେ ପହୁଡଫିଟା ନୀତିପରେ ସନ୍ଧ୍ୟାରେ ଆଳତୀ କରାଯାଇ ମହାଦୀପ ପାଇଁ ଆବାହନ କରାଯାଇଥିଲା। ରାତି ୧୧ଟାରେ ଚାରିକର୍ମ କରାଯାଇ ଭୋର ୫ଟାରେ ମହାଦୀପ ଉଠିଥିଲା। ଏଥିରେ ମନ୍ଦିର ଟ୍ରଷ୍ଟବୋର୍ଡ, ଗ୍ରାମବାସୀ ଓ ଅଞ୍ଚଳର ବିଭିନ୍ନ ସ୍ୱେଚ୍ଛାସେବୀ ସଙ୍ଗଠନ ସାହାଯ୍ୟ ସହଯୋଗ ପ୍ରଦାନ କରିଥିଲେ। ମନ୍ଦିର ପରିସରକୁ ଫୁଲରେ ସୁସଜ୍ଜିତ କରାଯାଇଥିଲା। ଏହି ବ୍ଲକ ସ୍ଥିତ କେରକେରା ଗ୍ରାମର ପ୍ରସିଦ୍ଧ ବିଭୂତି କ୍ଷେତ୍ର ପ୍ରଭୁ ଗୋରଖନାଥଙ୍କ ପୀଠରେ ଦିନ ତମାମ ଭକ୍ତମାନଙ୍କ ପ୍ରବଳ ଗହଳି ଲାଗିରହିଥିବା ବେଳେ ରାତିରେ ଏହି ଭିଡ଼ ଦୁଇଗୁଣିତ ହୋଇଥିଲା। ଭକ୍ତମାନେ ଭିଡକୁ ଦେଖି ପ୍ରଶାସନ ପକ୍ଷରୁ ଧାଡିଦର୍ଶନ ବ୍ୟବସ୍ଥା କରାଯାଇଥିଲା। ହଜାର ହଜାର ଭକ୍ତ ଉଜାଗର ରହି ଦୀପ ଜାଳି ପ୍ରଭୁଙ୍କ ଆଶିଷ ଭିକ୍ଷା କରିଥିଲେ। ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀ ଶୌର୍ଯ୍ୟ ରଂଜନ ପରିଡାଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଠିକ ନଥାଇ ମଧ ସ୍ଥାନୀୟ ସମାଜସେବୀ ଆଇନଜୀବୀ ଜୀବନ ବଲ୍ଲଭ ମହାନ୍ତିଙ୍କ ସହ ସେ ପୀଠର ସମସ୍ତ କାର୍ଯ୍ୟ ତଦାରଖ କରିଥିଲେ। ଆଇନ ଶୃଙ୍ଖଳା ରକ୍ଷାକରିବା ପାଇଁ ମାଜିଷ୍ଟ୍ରେଟ ଭାବେ ରଘୁନାଥପୁର ଅତିରିକ୍ତ ତହସିଲଦାର ତପନ କୁମାର ପରିଡା ରହିଥିବାବେଳେ ତିର୍ତ୍ତୋଲ ପୋଲିସ କର୍ମଚାରୀ ନିୟୋଜିତ ରହିଥିଲେ। ପୀଠରେ ରାତି ୧୦ଟା ୩୦ରେ ମହାଦୀପ ଉଠିଥିଲା। ସେହିପରି ଉତ୍ତରକୂଳ ପ୍ରସିଦ୍ଧ ଶୈବପୀଠ ନୀଳକଣ୍ଠେଶ୍ୱର, ଜଗନ୍ନାଥପୁର ସ୍ୱପ୍ନେଶ୍ୱର, ଧରାଧରପୁର ହରିହର ପିଠ, ସିର୍ଲୋ ବୁଢାଲିଙ୍ଗଶ୍ୱର, ଅରଙ୍ଗ ମୁଗେଇ ଶ୍ୱର, ରାଧାନଗର ବିଶେଶ୍ୱର, କପାଳେଶ୍ୱର, ଗୁଆଳିପୁର ସଦାଶିବ, ସାଦେଇପୁର ଉଦ୍ରେଶ୍ୱର, ବରାଗୋଳ ଇସାଣେ ଶ୍ୱର, ଗୋଠିଣା ସିଦ୍ଧହରିହର, ଶଙ୍କରେ ଶ୍ୱର, ତରିକୁନ୍ଦ ଉତେରଶ୍ୱର, ବିରିଡି ଅଷ୍ଟଶମ୍ଭୁ ମହଦେବ, ବିଓଁଳ ଗଡେଶ୍ୱର ମହାଦେବଙ୍କ ପୀଠରେ ଶିବରାତ୍ରୀ ଓ ଜାଗର ଯାତ୍ରା ମହାସମାରୋହରେ ପାଳିତ ହୋଇଛି।

## ହାଇମାଷ୍ଟ ଲାଇଟ ଲୋକାର୍ପିତ

ବ୍ରଜରାଜନଗର(ଭାସ୍କର ନ୍ୟୁଜ୍): ଲୋଇସିଂହ ଗ୍ରାମପଞ୍ଚାୟତ ଅନ୍ତର୍ଗତ ବାରଖଣ୍ଡିଆ ଗ୍ରାମ ବୁଧବାର ବଜାର ଛକ ଏବଂ ଲୋଇସିଂହ ଗ୍ରାମ ମହୁଲଟୁଡା ଛକ ଠାରେ ୨ ଗୋଟି ହାଇମାଷ୍ଟ ଲାଇଟକୁ ଲୋଇସିଂହ ସରପଞ୍ଚ ସନାତନ ରୋହିଦାସ ଲୋକାର୍ପିତ କରିଛନ୍ତି। ଏହି ଲାଇଟ୍ ସ୍ଥାପନ ଯୋଗୁଁ ସ୍ଥାନୀୟ ଅଞ୍ଚଳର ବଜାର ବ୍ୟବସ୍ଥା ସୁଦୃଢ଼ ହେବା ସହ ଜନ ସାଧାରଣ ଉପକୃତ ହେଇ ପାରିବେ ବୋଲି ସରପଞ୍ଚ ସନାତନ ରୋହିଦାସ କହିଛନ୍ତି। ଲୋକାର୍ପଣ କାର୍ଯ୍ୟକ୍ରମରେ କୋଇଲଗା ୱାର୍ଡ ସଭ୍ୟ ମଦନ ରୋହିଦାସ, ସୁରେନ୍ଦ୍ର ପ୍ରଧାନ, ସୁନିଲ ବାରିକ , ରମେଶ ଗର୍ଡିଆ, ସିଆରପି ତିଳୋତ୍ତମା ରୋହିଦାସ, ପୁଷ୍ପାଞ୍ଜଳି ନାଏକ, ଜିତେନ୍ଦ୍ର ନାଏକ ସମେତ ଶତାଧିକ ବ୍ୟକ୍ତି ଉପସ୍ଥିତ ଥିଲେ।

## ଜାଗରରେ ଉତ୍ସବମୁଖର ଶୈବପୀଠ



ନିଆଳି (ଭାସ୍କର ନ୍ୟୁଜ୍): ପବିତ୍ର ଜାଗର ଅବସରରେ ନିଆଳିର ବିଭିନ୍ନ ଶୈବପୀଠଗୁଡ଼ିକ ହୋଇଉଠିଛି ଚଳ ଚଞ୍ଚଳ ଓ ଉତ୍ସବ ମୁଖର। ପ୍ରତ୍ୟେକ ଶୈବ ପୀଠରେ ସାଜସଜା ଭକ୍ତମାନଙ୍କୁ ଅକୃଷ୍ଟ କରିବା ସହ ମନ୍ତ୍ରପାଠ ଧ୍ୱନିରେ ଗୁଞ୍ଜରିତ ହୋଇଛି ସମଗ୍ର ପରିବେଶ। ଆଧ୍ୟାତ୍ମିକ ଓ ଭକ୍ତି ଭାବନା ଓତଃପ୍ରୋତ ଭାବେ ଜଡିତ କରିଛି ଭକ୍ତ ଓ ଭଗବାନଙ୍କୁ। ଏହି ମହାଶିବ ରାତ୍ରି ସାଜିଛି ଭକ୍ତମାନଙ୍କ ପାଇଁ ମହାନ୍ ଅନୁଭବ। ଭକ୍ତମାନଙ୍କ ଏକତ୍ରିତ ତଥା ସମାଗମ ଭକ୍ତ ମାନେ ଏହି ଶିବରାତ୍ରୀରେ ନିଜର ବିଭିନ୍ନ ଆଶା ଓ ଆକାଂକ୍ଷା ସହ ସହ ପାଳନ କରୁଛନ୍ତି ଶିବରାତ୍ରି। ଏହି ମହାଶିବ ରାତ୍ରିରେ କାଷ୍ଠା ରଖି ଜାଗର ଜାଳି ଭଗବାନଙ୍କ ପାଖରେ ନିଜର ଆସ୍ଥା ପରିପ୍ରକାଶ କରୁଛନ୍ତି ଭକ୍ତ। ଏହି ଅବସରରେ ନିଆଳିର ବିଭିନ୍ନ ଶୈବପୀଠ ଯଥା ନିଆଳିର ଆରାଧ୍ୟ ଦେବତା ଶୋଭନେଶ୍ୱର, ଅନ୍ଧ କପିଳେଶ୍ୱର, ପହଂଗାର ବାଲୁଙ୍ଗେଶ୍ୱର, ମାଧବରେ ଭିମେଶ୍ୱର, ସଡାନ୍ୱରେ ତ୍ରିଲୋଚନେଶ୍ୱର, କରଞ୍ଜରେ ସ୍ୱପ୍ନେଶ୍ୱର ଓ ଜଳାରପୁରର ସୋମନାଥ ପୀଠରେ ଜମିଛି ଭକ୍ତମାନଙ୍କ ଭିଡ଼। ଭକ୍ତ ମାନେ ଶ୍ରଦ୍ଧାର ସହ ବିଭିନ୍ନ ଫଳ, ପୁଷ୍ପ ନୈବେଦ୍ୟ ପ୍ରଦାନ କରି ଦେବ ଦେବ ମହାଦେବ ମନ୍ଦିରରେ ଜାଗର ଜାଳି ନିଜ ମନର ଆକାଂକ୍ଷାକୁ ଭଗବାନଙ୍କ ନିକଟରେ ପ୍ରକଟ କରିଥାନ୍ତି। ଅନେକ ଶୈବ ପୀଠରେ ଯଜ୍ଞ ସହ ପ୍ରସାଦର ବ୍ୟବସ୍ଥା ମଧ କରାଯାଇଥିଲା। ଭକ୍ତ ମାନଙ୍କ ସୁରକ୍ଷା ପାଇଁ ମଧ ପ୍ରଶାସନ ବିଭାଗ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରାଯାଇଛି। ଭକ୍ତମାନଙ୍କ ମଧ୍ୟରେ ଶାନ୍ତି ଶୃଙ୍ଖଳା ବଜାୟ ରଖିବା ପାଇଁ ତୀକ୍ଷ୍ଣ ଦୃଷ୍ଟି ମଧ ରଖିଛନ୍ତି ନିଆଳି ପ୍ରଶାସନ।

## ଘୁଟୁରୁ ଉଚ୍ଚପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ



କେନ୍ଦୁଝର(ଭାସ୍କର ନ୍ୟୁଜ୍): କେନ୍ଦୁଝରଗଡ ନିକଟବର୍ତ୍ତୀ ଘୁଟୁରୁ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ହିମାଦ୍ରୀ ପତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟ ଅତିଥି ଭାବେ ବିଦ୍ୟାଳୟର ପୂର୍ବତନ ଛାତ୍ର ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆର ଅଧିକାରୀ ଭୋଳାନାଥ ବେହେରା ଯୋଗ ଦେଇଥିଲେ । ଶିରିଶପାଳ କ୍ଲଷ୍ଟରର ସିଆରସିସି ତିଳୋତ୍ତମା ସାହୁ ସମ୍ମାନୀତ ଅତିଥି ଭାବେ ମଂଚାସୀନ ଥିଲେ । ପରିଚାଳନା ସମିତିର ଅଧକ୍ଷ ପ୍ରଦୀପ କୁମାର ଯେନା ଓ ସଂଯୋଜକ ରାଜେନ୍ଦ୍ର କୁମାର ନାଏକ ତଥା ବିଦୁରାଣୀ ବେହେରା ଅଂଶଗ୍ରହଣ କରିଥିଲେ । ମୁଖ୍ୟ ଅତିଥି ଶ୍ରୀ ବେହେରା ଛାତ୍ରଛାତ୍ରୀମାନଙ୍କୁ ପାଠ ପଢି ଉତ୍ତମ ନାଗରିକ ହେବାକୁ ପରାମର୍ଶ ଦେଇଥିଲେ। ଅତିଥିମାନଙ୍କ ଦ୍ୱାରା ପୁରସ୍କାର ବିତରଣ କରାଯାଇଥିଲା । ଏଥିରେ ବିଦ୍ୟାଳୟର ଶିକ୍ଷୟିତ୍ରୀ ଫୁଲନରାଣୀ ମହାନ୍ତ, ସସ୍ମିତା ସାହୁ ମଂଚ ପରିଚାଳନା କରିଥିଲେ । ଶ୍ରେଷ୍ଠ ଛାତ୍ର ଭାବେ ଅଷ୍ଟମ ଶ୍ରେଣୀର ସୁମନ କୁମାର ଲାଗୁରୀଙ୍କୁ ପୁରସ୍କୃତ କରାଯାଇଥିଲା । ଶିକ୍ଷକ ଜିତେନ୍ଦ୍ର ନାଏକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ଶିକ୍ଷୟିତ୍ରୀ ନର୍ମଦା ସାମଲ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ।

## ବୁଦ୍ଧେଶ୍ୱର ମନ୍ଦିରରେ ୫ ହଜାର ଭକ୍ତ ଜାଳିଲେ ଜାଗର ଦୀପ



ଭୁବନ(ଭାସ୍କର ନ୍ୟୁଜ): ଢେଙ୍କାନାଳ ଜିଲ୍ଲାର ଅନ୍ୟତମ ପ୍ରସିଦ୍ଧ ଶୈବପୀଠ ଭୁବନର ଆରାଧ ଦେବତା ବାବା ବୁଦ୍ଧେଶ୍ୱର ମନ୍ଦିର ରେ ହଜାର ହଜାର ଭକ୍ତ ଜାଗର ପାଳି ଦୀପ ଜାଳିଥିଲେ। ପ୍ରାତଃ ସମୟରୁ ଅପରାହ୍ନ ପର୍ଯ୍ୟନ୍ତ ଶ୍ରଦ୍ଧାଳୁ ଭକ୍ତମାନେ ଧାଡ଼ିରେ ଠିଆ ହୋଇ ବାବା ବୁଦ୍ଧେଶ୍ୱରଙ୍କୁ ଦର୍ଶନ କରିବା ସହ ନିଜର ତଥା ନିଜ ପରିବାରର ମଙ୍ଗଳ କାମନା କରି ଦୀପ ଜାଳିଥିଲେ । ସନ୍ଧ୍ୟା ପରଠାରୁ ମନ୍ଦିର ପରିସରରେ ଧୀରେ ଧୀରେ ଭକ୍ତଙ୍କ ଭିଡ ବଢିବାରେ ଲାଗିଛି ଓ ମନ୍ଦିର ଚତୁପାର୍ଶ୍ୱରେ ଶୈବଭକ୍ତମାନେ ଦୀପ ଜାଳି ନିଷ୍ଠାର ସହ ବସିଥିବା ଦେଖିବାକୁ ମିଳିଥିଲା। ମନ୍ଦିର ପରିଚାଳନା କମିଟି ତରଫରୁ ଜାଗର ଯାତ୍ରାକୁ ସରସ ସୁନ୍ଦର ଓ ଶୃଙ୍ଖଳିତ କରିବାକୁ ସମସ୍ତ ପ୍ରକାର ପ୍ରଚେଷ୍ଟା କରାଯାଇଛି । ମୁଖ୍ୟ ପୁରୋହିତଙ୍କ ତତ୍ତ୍ୱାବଧାନରେ ରାତ୍ର ସାଢ଼େ ୩ ଘଟିକା ସମୟରେ ମହାଦୀପ ଉଠିବ ବୋଲି ଚୁଡାନ୍ତ ହୋଇଛି । ସନ୍ଧ୍ୟା ପରଠାରୁ ଅହୋରାତ୍ର ଭଜନ ସନ୍ଧ୍ୟା ଅନୁଷ୍ଠିତ ହେଉଛି । ଏନ୍ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଲୋକନାଥ ବେଜ ମାଜିଷ୍ଟ୍ରେଟ ଦାୟିତ୍ୱ ନିର୍ବାହ କରୁଥିବା ବେଳେ ଭୁବନ ଥାନାଧିକାରୀ ଧୀରେନ୍ଦ୍ର କୁମାର ସ୍ୱାଇଁ ଙ୍କ ତତ୍ତ୍ୱାବଧାନରେ ପୋଲିସ କର୍ମଚାରୀମାନେ ଶାନ୍ତି ଶୃଙ୍ଖଳା ରକ୍ଷା ନିମନ୍ତେ ନିୟୋଜିତ ହୋଇଛନ୍ତି । ଭୁବନ ବିଜ୍ଞାପିତ ଅଞ୍ଚଳ ପରିଷଦ ତରଫରୁ ଥଣ୍ଡା ପାନୀୟ ଜଳ ବ୍ୟବସ୍ଥା କରାଯାଇଥିବା ବେଳେ ସ୍ୱଚ୍ଛ ସର୍ବେକ୍ଷଣ -୨୦୨୪ ଷ୍ଟଲ୍ କରାଯାଇ ଲୋକଙ୍କ ମତାମତ ସଂଗ୍ରହ କରାଯାଇଥିଲା । ମନ୍ଦିର ପରିଚାଳନା କମିଟି ଓ ଖୁସି ବାଣ୍ଟିବା ସେବା ସଂଗଠନ ତରଫରୁ ସମସ୍ତ ପ୍ରକାର ସେବାକାର୍ଯ୍ୟ କରାଯାଉଥିବା ଦେଖିବାକୁ ମିଳିଥିଲା । ଅନୁରୂପ ଭାବେ ଭୁବନ ଛତାମଠ ପରିସରରେ କାଶୀ ବିଶ୍ୱନାଥ, ଗୋଡ଼ିପୋଖରୀ ସ୍ଥିତ ଆଖଣ୍ଡଳମଣି ମନ୍ଦିର, ନୂଆଭୁବନ ଶିବ ମନ୍ଦିର ସମେତ ବ୍ଲକର ନୀଳକଣ୍ଠପୁର ସ୍ୱପ୍ନେଶ୍ୱର ମନ୍ଦିର, ଯମୁନାକୋଟର ଜମୁନେଶ୍ୱର, ଓଡ଼ିଶାର ଝରଣେଶ୍ୱର ଶିବ ମନ୍ଦିର, ବ୍ରହ୍ମକୁଣ୍ଡ,ଚର୍ଚ୍ଚିକା ପୀଠ, ଜିରାଳର ଜଳେଶ୍ୱର ପ୍ରଭୃତି ଶିବ ମନ୍ଦିରରେ ଜାଗର ପାଳିତ ହୋଇଯାଇଛି।

## ହୃଦ୍‌ଘାତରେ ଶିକ୍ଷୟିତ୍ରୀଙ୍କ ପରଲୋକ



ରଘୁନାଥପୁର(ଭାସ୍କର ନ୍ୟୁଜ୍): ମାନସିକ ଯନ୍ତ୍ରଣା ଯୋଗୁଁ ରଘୁନାଥପୁର ଶିକ୍ଷା ମଣ୍ଡଳ ଅନ୍ତର୍ଗତ ଏରଡଙ୍ଗ ସରକାରୀ ପ୍ରାଥମିକ ବିଦ୍ୟାଳୟର ଶିକ୍ଷୟିତ୍ରୀ କଳ୍ପନା ମହାପାତ୍ର (୫୧)ଙ୍କ ଗତ ୨୫ତାରିଖରେ ମୃତ୍ୟୁ ହୋଇଥିବା ଜଣାଯାଇଛି। ପ୍ରକାଶ ଥାଉକି, ଗତ ଡ଼ିସେମ୍ବର ମାସରୁ ରାଜ୍ୟରେ ଗଣ ଶିକ୍ଷକ, ଏକ୍ସ କ୍ୟାଡର,ଇଭି ଭଲେଣ୍ଟିଅର, କଳା ଶିକ୍ଷକ ଓ ଗୀତ ଶିକ୍ଷକମାନେ ବେତନ ନପାଇ ବିଭିନ୍ନ ପ୍ରକାର ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବା ବହୁ ଗଣମାଧ୍ୟମରେ ପ୍ରକାଶିତ ହୋଇଆସୁଛି। ଏଥିପାଇଁ ସଂପୃକ୍ତ ଶିକ୍ଷକ ଓ ଶିକ୍ଷୟିତ୍ରୀମାନେ ବହୁ ମାନସିକ ଚାପର ବଶବର୍ତ୍ତୀ ହେଉଥିବା ବେଳେ ଗତ ସୋମବାର ଦିନ ଏରଡଙ୍ଗ ସରକାରୀ ପ୍ରାଥମିକ ବିଦ୍ୟାଳୟର ଶିକ୍ଷୟିତ୍ରୀ କଳ୍ପନା ମହାପାତ୍ର ସ୍କୁଲକୁ ଯିବା ସମୟରେ ହୃଦଘାତରେ ମୃତ୍ୟୁବରଣ କରିଛନ୍ତି। ତେବେ ଦରମା ନପାଇ ଦୀର୍ଘ ଦୁଇମାସ ହେବ ତାଙ୍କ ମାଆ ବହୁ ମାନସିକ ଚାପରେ ରହୁଥିବା ଉକ୍ତ ଶିକ୍ଷୟିତ୍ରୀଙ୍କ ପୁଅ ଆଶୁତୋଷ ପଣ୍ଡା ଗଣମାଧ୍ୟମ ପ୍ରତିନିଧିଙ୍କ ନିକଟରେ ପ୍ରକାଶ କରିଛନ୍ତି। ଏ ସଂକ୍ରାନ୍ତରେ ରଘୁନାଥପୁର ମଣ୍ଡଳ ଶିକ୍ଷାଧିକାରୀ ବିଜୟ କୁମାର ସ୍ୱାଇଁଙ୍କୁ ଯୋଗାଯୋଗ କରିବାରୁ ଏହି ଘଟଣାରେ ସେ ଗଭୀର ଦୁଃଖ ପ୍ରକାଶ କରିବା ସହିତ ଦରମା ଦେବା ପାଇଁ ଉପରୁ କୌଣସି ଆଲଟମେଣ୍ଟ ଆସିନଥିବା ଜଣାଇଛନ୍ତି।

## ମହାବିନାୟକ ଓ ଓଲାଶୁଣୀ ପୀଠକୁ ୭କୋଟି ଟଙ୍କା ମଞ୍ଜୁର

ବଡ଼ଚଣା (ଭାସ୍କର ନ୍ୟୁଜ୍): ମହା ଶିବରାତ୍ରୀ ଅବ୍ୟ ବହିତ ପୂର୍ବରୁ ଯାଜପୁର ଜିଲ୍ଲାର ପ୍ରସିଦ୍ଧ ଶୈବ ପୀଠ ମହାବିନାୟକ ପୀଠର ଉନ୍ନୟନ ଲାଗି ୫କୋଟି ଟଙ୍କା ଓ ସନ୍ଥ ଅରକ୍ଷିତ ଦାସଙ୍କ ସାଧନା ପୀଠ ଓଲାଶୁଣୀ ର ଉନ୍ନତି କରଣ ପାଇଁ ୨କୋଟି ଟଙ୍କା ମଞ୍ଜୁର କରାଯାଇଛି। ବଡଚଣା ବିଧାୟକ ଅମର ନାୟକ ଙ୍କ ପ୍ରସ୍ତାବ କ୍ରମେ ଏହି ଦୁଇ ପ୍ରମୁଖ ପର୍ଯ୍ୟଟନ ସ୍ଥଳୀ କୁ ମୋଟ୍ ୭କୋଟି ଟଙ୍କା ମଞ୍ଜୁର କରି ପର୍ଯ୍ୟଟନ ବିଭାଗ ଅର୍ଥ ପୈଠ କରିଛି। ବିଧାୟକ ଅମର କୁମାର ନାୟକ ଏହି ଦୁଇ ପୀଠ ସହ ଅନ୍ୟ ପୀଠ ଗୁଡ଼ିକର ସାମଗ୍ରିକ ବିକାଶ ପାଇଁ ନିଜ ତରଫରୁ ଡିପିଆର୍ ପ୍ରସ୍ତୁତ କରି ରାଜ୍ୟ ପର୍ଯ୍ୟଟନ ବିଭାଗ ନିକଟରେ ପ୍ରସ୍ତାବ ରଖିବା ସହିତ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଓ ପର୍ଯ୍ୟଟନ ବିଭାଗ ମନ୍ତ୍ରୀ ତଥା ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡାଙ୍କ ନିକଟରେ ଦାବି ଉପସ୍ଥାପନ କରିଥଲେ। ବିଧାୟକଙ୍କ ପ୍ରୟାସରେ ମହାଶିବରାତ୍ରୀ ଠିକ ପୂର୍ବ ସନ୍ଧ୍ୟାରେ ମହାବିନାୟକ ପୀଠର ବିକାଶ ପାଇଁ ୫କୋଟି ଟଙ୍କା ର ମଞ୍ଜୁରୀ ପତ୍ର ହସ୍ତଗତ ହୋଇଥିବାରୁ ସ୍ଥାନୀୟ ଅଞ୍ଚଳରେ ଖୁସିର ଲହରୀ ଖେଳିଯାଇଛି। ଅଞ୍ଚଳବାସୀଙ୍କ ତରଫରୁ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ଓ ସ୍ଥାନୀୟ ବିଧାୟକ ଅମର ନାୟକଙ୍କୁ ଧନ୍ୟବାଦ୍ ଅର୍ପଣ କରାଯାଇଛି।

### — ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନା —

## ଶିରିଡି -ନାସିକ ଅଭିମୁଖେ ଆଧାତ୍ମିକ ଯାତ୍ରା ଆରମ୍ଭ କଲେ ୧୮୪ ବରିଷ୍ଠ ନାଗରିକ



ବାରିପଦ(ଭାସ୍କର ନ୍ୟୁଜ୍): ରାଜ୍ୟ ସରକାରଙ୍କ ବରିଷ୍ଠ ନାଗରିକ ତୀର୍ଥ ଯାତ୍ରା ଯୋଜନାରେ ରାଜ୍ୟର ବରିଷ୍ଠ ନାଗରିକ ବିଶେଷ କରି ଯେଉଁ ମାନେ ଆର୍ଥିକ ଦୃଷ୍ଟି ରୁ ଦୁର୍ବଳ ତଥା ଅନ୍ୟାନ୍ୟ ଆନୁସଙ୍ଗିକ ସମସ୍ୟା ହେତୁ ତୀର୍ଥଯାତ୍ରା ରୁ ବଂଚିତ ହେଉଥିଲେ ସେମାନେ ବିଭିନ୍ନ ତୀର୍ଥ ସ୍ଥାନ ଦର୍ଶନ କରିବା ପାଇଁ ସୁଯୋଗ ପାଉଛନ୍ତି ଏବଂ ରାଜ୍ୟ ସରକାରଙ୍କ ଉକ୍ତ ଯୋଜନା ବରିଷ୍ଠ ନାଗରିକଙ୍କ ପାଇଁ ବେଶ ସହାୟକ ହେବା ସହିତ ସେମାନଙ୍କ ମନରେ ଆନନ୍ଦ, ଉତ୍ସାହ ଆଣିଦେଇ ପାରିଛି। ଚଳିତ ବର୍ଷ ଓଡିଶା ସରକାର ଙ୍କ ପର୍ଯ୍ୟଟନ ବିଭାଗ ଓ ମୟୂରଭଞ୍ଜ ଜିଲ୍ଲା ପ୍ରଶାସନ ତରଫରୁ ୧୮୪ଜଣ ବରିଷ୍ଠ ନାଗରିକ ଏହି ତୀର୍ଥ ଯାତ୍ରା ପାଇଁ ମନୋନୀତ ହୋଇ ଆଜି ଅପରାହ୍ନ ୪ଘଟିକା ସମୟରେ ବାରିପଦା ସ୍ଥିତ ଷ୍ଟାଡିଅମ ବାରିପଦା ଠାରୁ ଶିରିଡି-ନାସିକ ଅଭିମୁଖେ ତୀର୍ଥ ଯାତ୍ରା ଆରମ୍ଭ କରିଛନ୍ତି ।ଏହି ଅବସରରେ ଜିଲ୍ଲା ପର୍ଯ୍ୟଟନ ଅଧିକାରିଣୀ ସତ୍ୟଭାମା ବେହେରାଙ୍କ ତତ୍ତ୍ୱାବଧାନ ରେ ଏକ ଶୁଭାରମ୍ଭ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ବିଧାୟକ ବାରିପଦା ପ୍ରକାଶ ସୋରେନ, ବିଧାୟକ ସାରସକଣା ଭାଦବ ହାଁସଦା, ମୟୁରଭଞ୍ଜ ମହାରାଜା ପ୍ରବୀଣ ଚନ୍ଦ୍ର ଭଞ୍ଜଦେଓ, ଅତିରିକ୍ତ ଜିଲ୍ଲାପାଳ ନେତ୍ରାନନ୍ଦ ମଲ୍ଲିକ ଓ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଦୀପକ କୁମାର ପ୍ରମୁଖ ଉପସ୍ଥିତ ରହି ବରିଷ୍ଠ ନାଗରିକମାନଙ୍କୁ ପୁଷ୍ପ ଗୁଚ୍ଛ ଓ ଫୁଲମାଳ ପିନ୍ଧାଇ ସମ୍ମାନଭରା ଶୁଭେଚ୍ଛା ଜଣାଇବା ସହ ସେମାନଙ୍କ ପାଇଁ ଏହି ଆଧାତ୍ମିକ ତୀର୍ଥ ଯାତ୍ରାର ସଫଳ ଓ ଶୁଭପ୍ରଦ ହେବା ନେଇ ମଙ୍ଗଳ କାମନା କରିବା ସହିତ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ପ୍ରକାଶ ଥାଉକି ସମ୍ପୃକ୍ତ ବ୍ଲକ ପ୍ରଶାସନ ତରଫରୁ ସେମାନଙ୍କୁ ମୟୁରଭଞ୍ଜ ଏଥେଲେଟିକ ଆସୋସିଏସନ କନଫରେନ୍ସ ହଲ ନିକଟରେ ପହଞ୍ଚା ଯିବାପରେ ସେମାନଙ୍କ ଯାତ୍ରା ପାଇଁ ସ୍ୱାସ୍ଥ୍ୟ ପରୀକ୍ଷା ସହିତ ଅନ୍ୟାନ୍ୟ ଆନୁସଙ୍ଗିକ ଔପଚାରିକ ବ୍ୟବସ୍ଥାକୁ ସମ୍ପନ୍ନ କରାଯିବା ପରେ ୫ ଗୋଟି ବସ ଯୋଗେ ଦାୟିତ୍ୱସମ୍ପନ୍ନ ୫ ଜଣ ନୋଡାଲ ଅଧିକାରୀଙ୍କ ତତ୍ତ୍ୱାବଧାନ ରେ ବାଲେଶ୍ୱର ଅଭିମୁଖେ ଯାତ୍ରା କରିଛନ୍ତି। ଆଜି ବାଲେଶ୍ୱର ଠାରେ ରାତ୍ର ରହଣି ପରେ ଆସନ୍ତା କାଲି ତା ୨୭-୦୨-୨୫ରିଖ ସେମାନେ ସ୍ୱତନ୍ତ୍ର ଟ୍ରେନ ଯୋଗେ ଶିରିଡି ଓ ନାସିକ ଅଭିମୁଖେ ଯାତ୍ରା କରିବେ। ଯାତ୍ରା ସମୟରେ ବରିଷ୍ଠ ନାଗରିକଙ୍କ ସୁବିଧା ପାଇଁ ଜିଲ୍ଲା ପ୍ରଶାସନ ତରଫରୁ ନିଯୁକ୍ତ ହୋଇଥିବା ୫ ଜଣ ନୋଡାଲ ଅଧିକାରୀ ଯାତ୍ରା ସମୟରେ ନିୟମିତ ସମୟ ବ୍ୟବଧାନରେ ଜିଲ୍ଲା ପ୍ରଶାସନ ସହିତ ଯୋଗାଯୋଗ କରିବା ସହିତ ହ୍ୱାଟସଆପ୍ ଗ୍ରୁପ ଜରିଆରେ ଫଟୋ ଓ ତଥ୍ୟ ଅବଗତ କରାଇବେ। ଉକ୍ତ ବରିଷ୍ଠ ନାଗରିକଙ୍କ ତୀର୍ଥ ଯାତ୍ରା ଶେଷ ହେଲାପରେ ପୁଣି ସ୍ୱତନ୍ତ୍ର ଟ୍ରେନ ଯୋଗେ ବାଲେଶ୍ୱର ରେଳ ଷ୍ଟେସନକୁ ୦୪-୦୩-୨୦୨୫ ରିଖ ପ୍ରତ୍ୟାବର୍ତ୍ତନ କରିବେ ଏବଂ ଜିଲ୍ଲା ପ୍ରଶାସନ ଦ୍ୱାରା ବ୍ୟବସ୍ଥା କରାଯାଇଥିବା ବସ ଯୋଗେ ସେମାନଙ୍କୁ ପୁଣି ବାଲେଶ୍ୱରରୁ ବାରିପଦା ଅଣାଯିବ ଏବଂ ବାରିପଦାରେ ପହଞ୍ଚିବା ପରେ ସମ୍ପୃକ୍ତ ବ୍ଲକ ପ୍ରଶାସନଙ୍କ ତରଫରୁ କରାଯାଇଥିବା ବ୍ୟବସ୍ଥା ଅନୁସାରେ ସେମାନଙ୍କୁ ନିଜ ନିଜ ଘରକୁ ପହଞ୍ଚାଇବା ପର୍ଯ୍ୟନ୍ତ ଜିଲ୍ଲା ପ୍ରଶାସନ ତରଫରୁ ଆନୁସଙ୍ଗିକ ବ୍ୟବସ୍ଥା କରାଯାଇଛି ବୋଲି ଅତିରିକ୍ତ ଜିଲ୍ଲାପାଳ ମଲ୍ଲିକ ପ୍ରକାଶ କରିଥିଲେ। ଆଜିର ଏହି କାର୍ଯ୍ୟକ୍ରମରେ ଜିଲ୍ଲା ସଂସ୍କୃତି ଅଧିକାରୀ, ଅନନ୍ତ ପ୍ରସାଦ ସେଠି, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ବିକାଶ ରଞ୍ଜନ ମହାନ୍ତି ଓ ଅନ୍ୟାନ୍ୟ ପଦାଧିକାରୀ ସମେତ ବିଭିନ୍ନ ଗଣମାଧ୍ୟମ ପ୍ରତିନିଧି ମାନେ ଉପସ୍ଥିତ ଥିବାବେଳେ ଜିଲ୍ଲା ପର୍ଯ୍ୟଟନ କାର୍ଯ୍ୟାଳୟର କର୍ମଚାରୀ ମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ରାସାୟନିକ ବିପର୍ଯ୍ୟୟ ମକଡ୍ରିଲ



କୋରାପୁଟ(ଭାସ୍କର ନ୍ୟୁଜ) : ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଟେବୁଲଟପ୍ ଏକ୍ସରସାଇଜ କୋରାପୁଟ ଜିଲ୍ଲାପାଳ ଭି. କୀର୍ତ୍ତିଭାସନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ରାସାୟନିକ ବିପର୍ଯ୍ୟୟ ସମୟରେ ଉଦ୍ଧାର ଏବଂ ସ୍ଥାନାନ୍ତରଣ ଉପରେ ଗୁରୁତ୍ୱାରୋପ କରିବା ସହିତ ଏଭଳି ମକଡ୍ରିଲ ବିପର୍ଯ୍ୟୟ ମୁକାବିଲା ଲାଗି ଆମକୁ ଆଗୁଆ ପ୍ରସ୍ତୁତ କରିଥାଏ ବୋଲି ଜିଲ୍ଲାପାଳ ମତବ୍ୟକ୍ତ କରିଥିଲେ । ଉକ୍ତ ଟେବୁଲଟପ୍ ଏକ୍ସରସାଇଜକୁ ଏନ୍‌ଡିଏମ୍‌ଏ ଏବଂ ଓଏସଡିଏମଏର ଅଧିକାରୀମାନେ ଭିଡିଓ ସମ୍ମିଳନୀ ମାଧ୍ୟମରେ ପରିଚାଳନା କରିଥିଲେ । ଏଥିରେ କୋରାପୁଟ ଉପଜିଲ୍ଲାପାଳ ପ୍ରେମଲାଲ ହିଆଲ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସ୍ୱରାଜ୍ୟ ଶିଶା, ଏଏସପି ମନୋବ୍ରତା ଶତପଥୀ, ଅଗ୍ନିଶମ , ଓଡ୍ରାଫ ବାହିନୀ, ପୋଲିସ ବିଭାଗର ଅଧିକାରୀ, ବିଡିଓ, ଆଞ୍ଚଳିକ ପରିବହନ ଅଧିକାରୀ, ଯୋଗାଣ ସହାୟକ ଅଧିକାରୀ, ସ୍ୱାସ୍ଥ୍ୟ ବିଭାଗ ଅଧିକାରୀ , କାରଖାନା ଓ ବାଷ୍ପିତ ଅଧିକାରୀ, ରାଜ୍ୟ ପରିବେଶ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଅଧିକାରୀ ଏବଂ ନାଲକୋର ଅଧିକାରୀମାନେ ଉପସ୍ଥିତ ଥିଲେ। କୋରାପୁଟ ଉପଜିଲ୍ଲାପାଳ ଏହାକୁ ପରିଚାଳନା କରିଥଲେ ।

## ଅପହର୍ତ୍ତାଙ୍କୁ ଧରିବାକୁ ୨ ଲକ୍ଷ ଟଙ୍କାର ଅର୍ଥ ରାଶି ଘୋଷଣା

କେନ୍ଦୁଝର(ଭାସ୍କର ନ୍ୟୁଜ୍): କେନ୍ଦୁଝର ଜିଲ୍ଲା ବଡବିଲ ସ୍ଥିତ ଗ୍ରେୱାଲ କମ୍ପାନୀର ଉପସଭାପତି ନିମାନନ୍ଦ ପ୍ରଧାନଙ୍କୁ ଗତ ୧୨ ତାରିଖ ସନ୍ଧ୍ୟାରେ ଅପହରଣ ହୋଇଥିଲା । ଅପହରଣକାରୀ ତାଙ୍କୁ ମୁକ୍ତିଜାମିନ ରଖି ୨ କୋଟି ଟଙ୍କା ଦାବି କରିଥିଲେ । ପରେ ୬୦ ଲକ୍ଷ ଟଙ୍କା ପାଇବା ପରେ ୧ସପ୍ତାହ ପରେ ତାଙ୍କୁ ଛାଡିଥିଲେ । ଏହି ଘଟଣାରେ ପୋଲିସ ତଦନ୍ତ କରି ୭ଜଣ ଅଭିଯୁକ୍ତଙ୍କୁ ୨୧ ତାରିଖ ଦିନ ଗିରଫ କରି ସେମାନଙ୍କ ଠାରୁ ୫୦ ଲକ୍ଷ ୯୦ ହଜାର ଟଙ୍କା ଜବତ୍ କରିଥିଲା । ଏହି ଅପହରଣର ମୁଖ୍ୟ ଅଭିଯୁକ୍ତ ଝାଡଖଣ୍ଡର କୁଖ୍ୟାତ ଅପରାଧି ବାବୁ ଖାଁ ଓରଫ ସାଦାବ ଖାଁ(୪୦) କୌଶଳକ୍ରମେ ଚମ୍ପଟ ମାରିଥିଲା । ଗିରଫ ୭ଜଣଙ୍କ ମଧ୍ୟରୁ ସଦାବ ଖାଁ ର ଭଉଣୀ ଫାରହା ପରବିନ ରହିଛି । ନିମାନନ୍ଦ ପ୍ରଧାନଙ୍କ ପରିବାର ଲୋକଙ୍କ ଠାରୁ ସାଦାବ ଖାଁ ଟଙ୍କା ନେବା ପରେ ଭଉଣୀ ନିକଟରେ ରଖିଥିଲା । ସଦାବ ଖାଁ ନାମରେ ଓଡିଶା ଏବଂ ଝାଡଖଣ୍ଡ ରାଜ୍ୟର ବିଭିନ୍ନ ଥାନାରେ ୭ଟି ମାମଲା ରହିଛି । ଅପହରଣ ଏବଂ ହତ୍ୟା ଭଳି ସଙ୍ଗିନ ମାମଲା ସାଦାବ ଖାଁ ନାମରେ ରହିଛି । ସେ ଏକ ଗ୍ୟାଙ୍ଗ କରି ଦୀର୍ଘ ବର୍ଷ ଧରି ଅପରାଧ କରି ଆସୁଥିଲା। ୨୦୨୦ ମସିହା ନଭେମ୍ବର ମାସ ପ୍ରଥମ ସପ୍ତାହରେ ସୁନ୍ଦରଗଡ ଜିଲ୍ଲା ବୀରମିତ୍ରପୁର ଥାନା ବୀରମିତ୍ରପୁର ଅଞ୍ଚଳରେ ଜଣେ ବ୍ୟବସାୟୀଙ୍କୁ ଅପହରଣ କରି ମୁକ୍ତିଜାମିନ ରଖି ୧କୋଟି ଟଙ୍କା ଦାବି କରିଥିଲା । ୮୦ଲକ୍ଷ ଟଙ୍କା ପାଇବା ପରେ ବ୍ୟବସାୟୀଙ୍କୁ ମୁକ୍ତି କରିଥିଲା । ସାଦାବ ଖାଁ କୁ ଧରିବା ପାଇଁ କେନ୍ଦୁଝର ପୋଲିସ ଦକ୍ଷ ପୋଲିସ ଅଧିକାରୀଙ୍କୁ ନେଇ ୨ ଟିମରେ ଦ୍ୱାରା ବିଭିନ୍ନ ସ୍ଥାନରେ ଚଢାଉ କରିବା ସହ ଝାଡଖଣ୍ଡ ରାଜ୍ୟର ଚାଇଁବସା, ରାଂଚି, ଚକ୍ରଧରପୁର, ଜାମସେଦପୁର, ଜାମଦା, ନୂଆମୁଣ୍ଡି ଆଦି ବିଭିନ୍ନ ସ୍ଥାନର ଛକ ବଜାର ଆଦି ଜନଗହଳିପୂର୍ଣ୍ଣ ସ୍ଥାନରେ ପୋଷ୍ଟର ମାରି ସ୍ଥାନୀୟ ଲୋକଙ୍କ ସହଯୋଗ ଲୋଡିଛି । ସାଦାବ ଖାଁ କୁ ଧରିବାରେ ସୂଚନା ଦେଲେ ପୋଲିସ ପକ୍ଷରୁ ୨ଲକ୍ଷ ଟଙ୍କାର ପୁରସ୍କାର ରାଶି ଘୋଷଣା କରାଯାଇଛି ।

## ହନୁମାନ ମନ୍ଦିରର ବାର୍ଷିକ ଉତ୍ସବ ଓ ରାଧାକୃଷ୍ଣ ମନ୍ଦିରର ପ୍ରତିଷ୍ଠା ଲାଗି କଳସ ଯାତ୍ରା



ପରଜଙ୍ଗ (ଭାସ୍କର ନ୍ୟୁଜ୍): ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ବ୍ଲକ ବାରିହାପୁର ଗ୍ରାମ ବାବା ଗୋବିନ୍ଦାସ ମଠ ପରିସରରେ ବାବା ସିଦ୍ଧେଶ୍ୱର ଶୈବ ପୀଠ ରହିଥିବା ବେଳେ,ମଠ ପ୍ରାଙ୍ଗଣରେ ଆଜକୁ ୫ ବର୍ଷ ଧରି ଗ୍ରାମବାସୀଙ୍କ ଦ୍ୱାରା ନିର୍ମିତ ବିଶାଳ ହନୁମାନଙ୍କ ମୂର୍ତ୍ତି ସ୍ଥାପନ କରାଯାଇଛି। ପବିତ୍ର ମହାଶିବରାତ୍ରୀ ଦିବସରେ ଗ୍ରାମବାସୀଙ୍କ ପୂର୍ଣ୍ଣ ସହଯୋଗରେ ବୁଧବାର ହନୁମାନଙ୍କ ପଞ୍ଚମ ବାର୍ଷିକ ଉତ୍ସବ ମହାସମାରୋହରେ ପାଳନ କରାଯାଇଥିବା ବେଳେ,ହନୁମାନଙ୍କ ମୂର୍ତ୍ତି ନିକଟକୁ ଲାଗି ନୂତନ ଭାବେ ରାଧାକୃଷ୍ଣଙ୍କ ମନ୍ଦିର ସ୍ଥାପନ କରାଯାଇଛି ।ଯାହାଫଳରେ ହନୁମାନଙ୍କର ବାର୍ଷିକ ଉତ୍ସବ ସାଙ୍ଗକୁ ରାଧାକୃଷ୍ଣଙ୍କ ମନ୍ଦିର ସ୍ଥାପନ କରିବା ପାଇଁ ବିଶାଳ କଳସ ଯାତ୍ରାର ଆୟୋଜନ କରାଯାଇଥିଲା । ଗ୍ରାମ ନିକଟରେ ଯାଇଥିବା ରେଙ୍ଗାଳି ବାମ ପାର୍ଶ୍ୱ ମୁଖ୍ୟ କେନାଲରୁ ଗ୍ରାମର ଶତାଧିକ ମହିଳା ଓ ପୁରୁଷ ମାନେ କଳସରେ ପାଣି ଧରି କୀର୍ତ୍ତନ ମଣ୍ଡଳୀ, ଘଣ୍ଟ ବାଦ୍ୟ, ପଞ୍ଜାବୀ ବାଜା ଓ ସାଉଣ୍ଡ ବଜେଇ ମନ୍ଦିର ଅଭିମୁଖେ କଳସ ଯାତ୍ରା ବାହାରି ଗାଁ ପରିକ୍ରମା କରି କଳସ ଗୁଡ଼ିକ ଉଭୟ ମନ୍ଦିରରେ ସ୍ଥାପନ କରିଥିଲେ । ଗ୍ରାମର ଯୁବ ସମାଜସେବୀ ଅରୁଣ କୁମାର ସାହୁ ଓ ସହଧର୍ମିଣୀ ତଥା ପଞ୍ଚାୟତ ସରପଞ୍ଚ ସସ୍ମିତା ସାହୁ କର୍ତ୍ତା ଦାୟିତ୍ୱ ନିର୍ବାହ କରିଥିବାବେଳେ ରାଧାନାଥ ଚାନ୍ଦ ଓ ଅନ୍ୟ ସହଯୋଗୀ ପୂଜକ ରୀତିନୀତି ଅନୁସାରେ ପୂଜାର୍ଚ୍ଚନା ଓ ହୋମ ଯଜ୍ଞ କରିଥିଲେ । ମନ୍ଦିର ପରିସରରେ ଗୋଟିଏ ଦିଗରେ ଜାଗର ଲାଗି ଭକ୍ତମାନଙ୍କ ସମାଗମ ଦେଖିବାକୁ ମିଳିଥିବାବେଳେ ଅନ୍ୟ ଦିଗରେ ହନୁମାନ ମନ୍ଦିର ଓ ରାଧାକୃଷ୍ଣ ମନ୍ଦିରେ ପ୍ରତିଷ୍ଠା ପାଇଁ ପରିବେଶ ଉତ୍ସବ ମୁଖର ହୋଇଉଠିଥିଲା । ମନ୍ଦିର ପରିସରରେ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ଅନୁଷ୍ଠିତ ହୋଇଥିଲା। ହଜାର ହଜାର ଭକ୍ତ ମାନଙ୍କ ପାଇଁ ଦିନ ତମାମ ପ୍ରସାଦ ସେବନର ଆୟୋଜନ କରାଯାଇଥିଲା । ଉତ୍ସବ କୁ ଗ୍ରାମବାସୀ, ମନ୍ଦିର ପରିଚାଳନା କମିଟି, ବୋଲବମ୍ ଭକ୍ତ ଓ ଗ୍ରାମର ଯୁବକ ମାନଙ୍କ ସହଯୋଗରେ ଶୃଙ୍ଖଳାର ସହିତ ସମାପନ କରାଯାଇଥିଲା

## ମହାଶିବରାତ୍ରୀରେ ଉତ୍ସବମୁଖର ମହାବିନାୟକ ଶୈବ ପୀଠ, ୪୦ହଜାର ଶ୍ରଦ୍ଧାଳୁ କଲେ ଦୀପଦାନ



ଚଣ୍ଡିଖୋଲ(ଭାସ୍କର ନ୍ୟୁଜ୍): ଓଡ଼ିଶାର ପ୍ରସିଦ୍ଧ ଶୈବପୀଠ ମଧ୍ୟରୁ ଅନ୍ୟତମ ଯାଜପୁର ଜିଲ୍ଲା ବଡଚଣା ବ୍ଲକ୍ ଅନ୍ତର୍ଗତ ମହାବିନାୟକ ପୀଠରେ ପୂର୍ବ ନିର୍ଦ୍ଧାରିତ ରୀତି ନୀତି ଅନୁଯାୟୀ ଭୋର ୪ଟା ରୁ ଦୁଆର ଖୋଲା, ମଙ୍ଗଳ ଆଳତି, ମହାସ୍ନାନ ବଲଭୋଗ, ରୁଦ୍ରାଭିଷେକ ଆଦି ରୀତି କାନ୍ତି ପରେ ଶ୍ରଦ୍ଧାଳୁମାନଙ୍କ ଦର୍ଶନ ପାଇଁ ସାହାଣ ମେଳା ଖୋଲା ଯାଇଥିଲା। ଓମ୍ ନମଃ ଶିବାୟ, ମହା ମୃତ୍ୟୁଞ୍ଜୟ ମନ୍ତ୍ରରେ ଗଗନ ପବନ ପ୍ରକମ୍ପିତ ହୋଇଥିଲା। ଶ୍ରଦ୍ଧାଳୁମାନଙ୍କ ଶୃଙ୍ଖଳିତ ଓ ସୁରକ୍ଷିତ ଦର୍ଶନ ପାଇଁ ବ୍ୟାରିକେଡ୍‌ର ବ୍ୟବସ୍ଥା କରାଯାଇଥିଲା। ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ବଡଚଣା ପୋଲିସ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ପ୍ରାତଃ ସମୟରୁ ଶ୍ରଦ୍ଧାଳୁମାନଙ୍କ ଭିଡ଼ ପରିଲକ୍ଷିତ ହୋଇଥିଲା। ଦର୍ଶନ ପରେ ଭକ୍ତମାନେ ମିନା ବଜାରରେ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ କ୍ରୟ କରୁଥିବାର ଦେଖିବାକୁ ମିଳିଥିଲା। ବଡଚଣା ବିଧାୟକ ଅମର କୁମାର ନାୟକ ସପତ୍ନୀକଙ୍କ ସହିତ ମହାବିନାୟକ ପୀଠରେ ପଞ୍ଚ ଦେବତା ଙ୍କୁ ପୂଜାର୍ଚ୍ଚନା କରି ବଡଚଣାବାସୀଙ୍କ ସୁଖ ସମୃଦ୍ଧି କାମନା କରିଥିଲେ। ଏଠାରେ ପାଞ୍ଚଦିନ ବ୍ୟାପି ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହୋଇଥିଲା। ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନ ପକ୍ଷରୁ ଶ୍ରଦ୍ଧାଳୁ ମାନଙ୍କ ପାଇଁ ଦହି ସର୍ବତ ବଣ୍ଟନ କରାଯାଉଥିବାର ଦେଖିବାକୁ ମିଳିଥିଲା। ସନ୍ଧ୍ୟାରେ ଜାଗର ଜାଳିବା ଓ ମହାଦୀପ ଦେଖିବାକୁ ଭକ୍ତମାନେ ଭିଡ ଜମାଇଥିଲେ। ରାତ୍ର ୧୨ଟା ସମୟରେ ମହାଦୀପ ଉଠିବା ପାଇଁ ମନ୍ଦିର ପରିଚାଳନା କମିଟି ପକ୍ଷରୁ ସୂଚନା ଦିଆଯାଇଛି। ଭକ୍ତମାନଙ୍କ ମନୋରଞ୍ଜନ ନିମନ୍ତେ ଓଡ଼ିଶାର ପ୍ରତିଷ୍ଠିତ ଗାୟକ ଗାୟିକାମାନଙ୍କୁ ନେଇ ଭଜନ କୀର୍ତ୍ତନ ପ୍ରବଚନ ଆୟୋଜିତ ହୋଇଥିଲା। ଆଜିର ଦିନରେ ପ୍ରାୟ ୪୦ହଜାର ଶ୍ରଦ୍ଧାଳୁ ମହାବିନାୟକ ପୀଠରେ ପଞ୍ଚ ଦେବତା ଙ୍କୁ ପୂଜାର୍ଚ୍ଚନା କରିଥିଲେ। ଆଗାମୀ ତିନିଦିନ ଧରି ଏଠାରେ ଜାଗର ମେଳା ଚାଲିବ।